ଧରିତ୍ରୀ 50 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୪/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, October 24/2024 Page 16 ₹ 7.00 SAMBALPUR

୫୦ଶ ଭାଗ ୩୨୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 329 ମୂଲ୍ୟ₹୭/-

# ଭିତରକନିକାରୁ ଧାମରା ମଧ୍ୟରେ ମାଡ଼ ହେବ 'ଦାନା'

**ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା (ଦାନା) ଓଡ଼ିଶାକୁ ମାଡ଼ି ଆସୁଛି। ଏହା ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ)ର ରୂପ ନେଇ କେନ୍ଦ୍ରାପଡ଼ା ଜିଲାର ଭିତରକନିକାଠାରୁ ଭଦ୍ରକ ଜିଲାର ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବ। ୨୪ ତାରିଖ ସନ୍ଧ୍ୟାରୁ ୨୫ ତାରିଖ ସକାଳ ମଧ୍ୟରେ 'ଦାନା' ଲ୍ୟାଣ୍ଡଫଲ୍ କରିବାକୁ ଥିବାବେଳେ ଏହି ସମୟରେ ପବନ ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବ। ୩ ଜିଲା କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ବେଶି ପ୍ରଭାବିତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ବୁଧବାର ସ୍ପଷ୍ଟ କରିଛି। ସରକାରଙ୍କ ପକ୍ଷରୁ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବାବେଳେ ବାତ୍ୟା ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭଳି ବିଭିନ୍ନ ଅନୁଷ୍ଠାନକୁ ୨୪ ଓ ୨୫ ତାରିଖ ୨ ଦିନ ପାଇଁ ବନ୍ଦ ରଖାଯିବା ଭଳି କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଓଡ଼ିଶା ସିଭିଲ୍ ସର୍ଭିସ ପ୍ରିଲିମିନାରୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।**




ଭୁବନେଶ୍ୱର,୨୩।୧୦(ଅନିଲ ଦାସ)

ବାତ୍ୟା 'ଦାନା' ଉତ୍ତର ପଶ୍ଚିମ ଦିଗରେ ୧୨ କିଲୋମିଟର ବେଗରେ ଗତି କରୁଛି। ପାରାଦୀପଠାରୁ ଏହା ୪୦୦ କିଲୋମିଟର ଦୂରରେ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆହୁରି ଭୟଙ୍କର ରୂପ ଧାରଣ କରି ଉତ୍ତର ପଶ୍ଚିମ ଦିଗରେ ଗତିକରି ଭିତରକନିକା ଏବଂ ଧାମରା ମଧ୍ୟ ଦେଇ ସ୍ଥଳଭାଗରେ ଅତିକ୍ରମ କରିବ। ବାତ୍ୟା ପ୍ରଭାବରେ ୨୪ ତାରିଖରେ ମୟୂରଭଞ୍ଜ, କଟକ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।

## ■ ୭ ଜିଲାକୁ ରେଡ୍‌ୱାର୍ଣ୍ଣିଂ

ଏହିସବୁ ଜିଲାରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ରେଡ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ☞ପୃଷ୍ଠା-୪

# ଆଜି ସନ୍ଧ୍ୟାରୁ ବିମାନ ଚଳାଚଳ ବାତିଲ

ଭୁବନେଶ୍ୱର,୨୩।୧୦ (ଅନୁରାଧା ମହାରଣା)

ବାତ୍ୟା ପାଇଁ ପୂର୍ବରୁ ପଶ୍ଚିମବଙ୍ଗରେ ସମସ୍ତ ବିମାନ ସେବା ବାତିଲ କରାଯାଇଥିବାବେଳେ ଏବେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ମଧ୍ୟ ବିମାନ ଚଳାଚଳକୁ ସ୍ଥଗିତ ଘୋଷଣା କରିଛି। ଗୁରୁବାର ଅପରାହ୍ନ ୫ଟାରୁ ୨୫ ତାରିଖ ଶୁକ୍ରବାର ସକାଳ ୯ଟା ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ ବୋଲି ଭୁବନେଶ୍ୱର ବିଜୁ ☞ପୃଷ୍ଠା-୪

# ଶାନ୍ତି, ସ୍ଥାୟୀ ସମ୍ପର୍କକୁ ଗୁରୁତ୍ୱ

## ୫ ବର୍ଷ ପରେ ମୋଦି-ଜିନ୍‌ପିଙ୍ଗ୍ ଦ୍ୱିପାକ୍ଷିକ ଆଲୋଚନା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

କାଜାନ,୨୩।୧୦(ପି.ଟି.)

ରୁଷିଆର କାଜାନ ସହରରେ ୧୬ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ବୁଧବାର ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ସୀମାରେ ଶାନ୍ତି, ପାରସ୍ପରିକ ବିଶ୍ୱାସ ଏବଂ ସମ୍ମାନକୁ ପ୍ରାଥମିକତା ଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ଚାଇନା ରାଷ୍ଟ୍ରପତିଙ୍କୁ କହିଛନ୍ତି। ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ପାଟ୍ରୋଲିଂ ପାଇଁ ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିବାରୁ ଉଭୟ ନେତା ☞ପୃଷ୍ଠା-୪

# ଓସିଏସ୍ ପ୍ରିଲିମ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୨୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ପ୍ରିଲିମ ପରୀକ୍ଷା-୨୦୨୩କୁ ସ୍ଥଗିତ ରଖାଯାଇଛି। ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଏ ନେଇ ବୁଧବାର ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ତାରିଖ ନେଇ ୭ଦିନ ପରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓପିଏସ୍‌ସି ପକ୍ଷରୁ ଜାରି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ପରୀକ୍ଷାର୍ଥୀମାନେ ଏ ସମ୍ପର୍କରେ ଅଧିକ ସୂଚନା ଜାଣିବାକୁ ଚାହୁଁଥିଲେ ଓପିଏସ୍‌ସିର ୱେବ୍‌ସାଇଟ୍ http://opsc.gov.in/କୁ ଯାଇପାରିବେ ବୋଲି କୁହାଯାଇଛି।

**ଆଜିର ସମ୍ପାଦକୀୟ**

## ପୁନର୍ଜନ୍ମ ବିଶ୍ୱାସ

**ସୁଭଦ୍ରା: ୨.୭୭ ଲକ୍ଷ ଖାରଜ ଆବେଦନର ପୁନର୍ବିଚାର ହେବ**

୩

# ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା, ଅନ୍ୟ ସଦସ୍ୟଙ୍କୁ ଦାୟିତ୍ୱରୁ ହଟାଇଲେ ସରକାର

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ରାଜ୍ୟ ସରକାର ବୁଧବାର ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଏବଂ ସମସ୍ତ ସଦସ୍ୟଙ୍କୁ ସେମାନଙ୍କ ଦାୟିତ୍ୱ ବରଖାସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ମୁତାବକ, ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତି ବେହେରା ଓ ଅନ୍ୟ ୪ ସଦସ୍ୟଙ୍କୁ ପଦରୁ ହଟାଇ ଦିଆଯାଇଛି। ଏନେଇ ଖୁବ୍‌ଶୀଘ୍ର ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯିବ। ବିଜେଡି ନେତ୍ରୀ ମିନତି ବେହେରାଙ୍କୁ ୨୦୨୨ ଅକ୍ଟୋବରରେ ଦ୍ୱିତୀୟ ଥର ଲାଗି କମିଶନର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଦିଆଯାଇଥିଲା। ୨୦୨୩ରେ ଅନ୍ୟ ୪ ଜଣଙ୍କୁ ଆୟୋଗର ସଦସ୍ୟା ଭାବେ ନିଯୁକ୍ତି ମିଳିଥିଲା। ଭାଜପା ସରକାର କ୍ଷମତାକୁ ଆସିବା ☞ପୃଷ୍ଠା-୪

# ୮୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବେ ସରକାର

**କୃଷକ ସମୃଦ୍ଧି ଯୋଜନା, ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ କ୍ୟାବିନେଟ୍ ମୋହର**

## ■ ପଞ୍ଜୀକୃତ ଚାଷୀଙ୍କଠାରୁ ୩୧୦୦ ଟଙ୍କାରେ କିଣାଯିବ ଧାନ

ଭୁବନେଶ୍ୱର,୨୩।୧୦(ଅନିଲ ଦାସ)

ରାଜ୍ୟ ସରକାର ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ୮୦ଲକ୍ଷ ମେଟ୍ରିକ ଟନ୍ ଧାନ(୫୪ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଖରିଫ ଋତୁରେ ୬୬ ଲକ୍ଷ ଓ ରବିରେ ୧୪ ଲକ୍ଷ ମେଟ୍ରିକ୍ ଧାନ ସଂଗ୍ରହ ହେବ। ଏହାଠାରୁ ଅଧିକ ଧାନ ଯଦି ପଞ୍ଜୀକୃତ ଚାଷୀଙ୍କଠାରୁ ମଣ୍ଡିକୁ ଆସିବ ତେବେ ତାହାକୁ ମଧ୍ୟ ରାଜ୍ୟ ସରକାର କ୍ରୟ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ୨୦୨୪-୨୫କୁ ଅନୁମୋଦନ କରାଯାଇଛି।

ବୈଠକର ସୂଚନା ଅନୁଯାୟୀ ୨୦୨୪ ନଭେମ୍ବରରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଖରିଫ ଧାନ ଓ ମେ'-ଜୁନ୍ ମାସରେ ରବି ଧାନ ସଂଗ୍ରହ କରାଯିବ। ଏହି ସମୟସୀମା ମଧ୍ୟରେ ଜିଲାପାଳମାନେ ସେମାନଙ୍କର ଧାନ ସଂଗ୍ରହର ଅବଧି ନିର୍ଣ୍ଣୟ କରିବେ। ଧାନ କ୍ରୟ ଧାର୍ଯ୍ୟ ପରିମାଣରେ ପରିବର୍ତ୍ତନ ପାଇଁ ମନ୍ତ୍ରୀସ୍ତରୀୟ ସବ୍‌କମିଟି ନିଷ୍ପତ୍ତି ନେବେ। ସରକାରଙ୍କୁ ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ☞ପୃଷ୍ଠା-୪



## ପ୍ରଭାବହୀନ ପରିବେଶ ଆଇନ

# କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୩।୧୦(ପି.ଟି.)**



ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ାପୋଡ଼ି ଯୋଗୁ ଦିଲ୍ଲୀର ବାୟୁ ପ୍ରଦୂଷଣ କ୍ରମେ ଉକ୍ରଟ ରୂପ ଧାରଣ କରୁଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ପରିବେଶ ସୁରକ୍ଷା ଆଇନକୁ 'ଦନ୍ତହୀନ' କରାଯାଇଥିବାରୁ ବୁଧବାର କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ନଡ଼ାପୋଡ଼ି ରୋକିବା ପାଇଁ ସିଏକ୍ୟୁଏମ୍ ଅଧିନିୟମରେ ରହିଥିବା ଜରିମାନା ବ୍ୟବସ୍ଥା ଏପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ ହୋଇନାହିଁ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା, ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ଅଗଷ୍ଟାଇନ୍ ଜର୍ଜ ମସିଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଦିଲ୍ଲୀର ବାୟୁମାନ ଦିନକୁ ଦିନ ଅଧିକ ଖରାପ ହେଉଥିବାବେଳେ ଆଇନ ଅନୁପାଳନ ନ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବାରେ ବିଫଳତା ଆଦି ପାଇଁ ସର୍ବୋଚ୍ଚ ଅଦାଲତ ପଞ୍ଜାବ ଓ ହରିୟାଣା ସରକାରଙ୍କୁ ମଧ ଭର୍ତ୍ସନା କରିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ଲାଗି କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜ୍‌ମେଣ୍ଟ ଇନ୍ ନ୍ୟାଶନାଲ କ୍ୟାପିଟାଲ ରିଜିଅନ୍ ଆଣ୍ଡ ଆଡଜର୍ନିଂ ଏରିଆ ଆକ୍ଟ (ସିଏକ୍ୟୁଏମ୍), ୨୦୨୧ ପ୍ରସ୍ତୁତ ହୋଇଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ନଡ଼ାପୋଡ଼ି ପାଇଁ ଦଣ୍ଡବିଧାନ ନିମନ୍ତେ ଉକ୍ତ ଅଧିନିୟମର ଧାରା-୧୫ ଦଶ ଦିନ ମଧ୍ୟରେ ଜାରି ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଦାଲତରେ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି କହିଥିଲେ। ଏଥିପାଇଁ ଜଣେ ଆଡଜୁଡିକେଟିଂ ଅଫିସର ନିଯୁକ୍ତ ହେବେ ଏବଂ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାୟୁ ମାନ ପରିଚାଳନା ଆୟୋଗ ଏନେଇ ପଞ୍ଜାବ ଓ ହରିୟାଣାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ଅଫିସରଙ୍କୁ ନୋଟିସ ଜାରି କରି କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି ସ୍ପଷ୍ଟୀକରଣ ମାଗିଛନ୍ତି ବୋଲି ଭଟି କହିଥିଲେ। ସିଏକ୍ୟୁଏମ୍ ଅଧ୍ୟକ୍ଷ ଉକ୍ତ ଅଫିସରମାନଙ୍କ ଉପରେ ଦୋଷ ନ ଲଦି ବାସ୍ତବତା ଜଣାନ୍ତୁ ବୋଲି ଖଣ୍ଡପୀଠ ଭଟିଙ୍କୁ କହିଥିଲେ।

### ନଡ଼ାପୋଡ଼ି ପାଇଁ ପଞ୍ଜାବ, ହରିୟାଣାକୁ ଭର୍ତ୍ସନା

ପଞ୍ଜାବର ଅମୃତସର, ଫିରୋଜପୁର, ପଟିଆଲା, ସାଙ୍ଗୁର ସମେତ ଅନେକ ଜିଲାରେ ନଡ଼ାପୋଡ଼ି ଘଟଣାରେ ଶତାଧିକ ମାମଲା ରୁଜୁ ହୋଇଛି। ନଡ଼ା ପୋଡୁଥିବା ଆଇନ ଉଲ୍ଲଂଘନକାରୀମାନଙ୍କ ବିରୋଧରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଖଣ୍ଡପୀଠ ଗତ ୧୬ ତାରିଖରେ ପ୍ରଶ୍ନ କରିବା ସହ ପଞ୍ଜାବ ଓ ହରିୟାଣାର ମୁଖ୍ୟ ସଚିବମାନଙ୍କୁ ବୁଧବାର ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନଡ଼ାପୋଡ଼ି ରୋକିବା ପାଇଁ ଉଭୟ ରାଜ୍ୟ ସରକାରଙ୍କ ଲୋକଦେଖାଣିଆ ପଦକ୍ଷେପକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। କେତେଜଣ ଚାଷୀଙ୍କୁ ଅନୁକମ୍ପା ଦେଖାଇବାକୁ ଯାଇ ହରିୟାଣା ସରକାର ନିଜେ ପ୍ରସ୍ତୁତ କରିଥିବା ନୀତି କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ନେଇ ଖଣ୍ଡପୀଠ ସମାଲୋଚନା କରିଛନ୍ତି।

# ବିମାନକୁ ବୋମା ଧମକ : ଏକ୍ସକୁ କେନ୍ଦ୍ରର ସମାଲୋଚନା



**ନୂଆଦିଲ୍ଲୀ,୨୩।୧୦**

ସପ୍ତାହେ ମଧ୍ୟରେ ଶତାଧିକ ବିମାନକୁ ବୋମାଧମକ ମିଳିଥିବାବେଳେ ସେଥିରୁ ଅଧିକାଂଶ ଧମକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ ଜରିଆରେ ଆସିଛି। ଏଥିପାଇଁ କେନ୍ଦ୍ର ସରକାର ବୁଧବାର ଉକ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ବର୍ଷିଛନ୍ତି। ଏକ୍ସ ଅପରାଧକୁ ଉସୁକାଉଥିବା ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟର ଯୁଗ୍ମ ସଚିବ ସଙ୍କେତ ଏସ୍ ଭୋଣ୍ଡବେ କହିଛନ୍ତି। ହୋକ୍ସ କଲ୍‌କୁ ନେଇ ସେ ବୁଧବାର ଏୟାରଲାଇନ୍ସ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ପ୍ରତିନିଧିମାନଙ୍କ ସହ ଭର୍ଚୁଆଲ ବୈଠକ କରିଥିଲେ। ଏଭଳି ହୋକ୍ସ କଲ୍ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ବୋଲି ଯୁଗ୍ମ ସଚିବ ଏକ୍ସ'ର ପ୍ରତିନିଧିଙ୍କୁ ପ୍ରଶ୍ନ କରିଥିଲେ।

ସୂଚନାଯୋଗ୍ୟ, ସପ୍ତାହେ ମଧ୍ୟରେ ଭାରତୀୟ ଏୟାରଲାଇନ୍ସ ପରିଚାଳିତ ୧୬୦ରୁ ଊର୍ଦ୍ଧ୍ୱ ବିମାନକୁ ବୋମାରେ ଉଡ଼ାଇଦେବା ପାଇଁ ଧମକ ମିଳିଲାଣି। ମଙ୍ଗଳବାର ଇଣ୍ଡିଗୋ, ଭିସ୍ତାରା ଏବଂ ଏୟାର ଇଣ୍ଡିଆର ୩୦ରୁ ଅଧିକ ବିମାନକୁ ଏଭଳି ହୋକ୍ସ କଲ୍ ଆସିଥିଲା। ଏଭଳି ଧମକ ଯୋଗୁ ଏୟାରଲାଇନ୍ସଗୁଡ଼ିକୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଅନୁସରଣ କରିବାକୁ ପଡୁଛି। କର୍ତ୍ତୃପକ୍ଷଙ୍କୁ ସତର୍କ କରାଯିବା ସହ ସୁରକ୍ଷା ପ୍ରୋଟୋକଲ୍‌ର ଅନୁପାଳନ କରାଯାଉଛି। ବୋମା ଧମକ ହୋକ୍ସ କଲ୍ ରୋକିବା ନିମନ୍ତେ କେନ୍ଦ୍ର ସରକାର ଆଇନରେ ସଂଶୋଧନ ପାଇଁ ଯୋଜନା କରୁଛନ୍ତି।

# ଆତଙ୍କବାଦରେ ଦୋମୁହାଁ ନୀତିର ସ୍ଥାନ ନାହିଁ

**କାଜାନ,୨୩।୧୦(ପି.ଟି.)**

ବ୍ରିକ୍ସ ସମ୍ମିଳନୀରେ ଆତଙ୍କବାଦର ମୁକାବିଲା ପାଇଁ ସମସ୍ତେ ଏକଜୁଟ୍ ହେବା ସହ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋର୍ ଦେଇଛନ୍ତି। ଆତଙ୍କବାଦ ମୁକାବିଲାରେ ଦୋମୁହାଁ ନୀତିର ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ଯୁବବର୍ଗଙ୍କୁ କଟ୍ଟରପନ୍ଥୀରୁ ରୋକିବା ଦିଗରେ ସକ୍ରିୟ ପଦକ୍ଷେପ ନେବାକୁ ହେବ ବୋଲି ୧୬ତମ ବ୍ରିକ୍ସ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଇରାନର ମାସୌଦ ପେଜେଶକିଆନ୍ ପ୍ରମୁଖ ବିଶ୍ୱନେତାମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପାକିସ୍ତାନୀ ଆତଙ୍କବାଦୀମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଜାତିସଂଘର ଅନେକ ପ୍ରସ୍ତାବକୁ ଚାଇନା ଅଟକାଉଥିବାରୁ ଆତଙ୍କବାଦ ବିରୋଧୀ ଲଢ଼େଇରେ ଦୋମୁହାଁ ନୀତିର ସ୍ଥାନ ନାହିଁ ବୋଲି ମୋଦି ବେଜିଂକୁ ଲକ୍ଷ୍ୟ କରି କହିଛନ୍ତି। ଅନ୍ତର୍ଜାତୀୟ ଆତଙ୍କବାଦୀ ଉପରେ ଜାତିସଂଘରେ ବିସ୍ତୃତ ଆଲୋଚନା ପାଇଁ ସମସ୍ତେ ଏକାଠି କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ସେହିପରି ସାଇବର ସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସୁରକ୍ଷିତ ଉପଯୋଗ ପାଇଁ ବୈଶ୍ୱିକ ନିୟନ୍ତ୍ରଣ ଦିଗରେ ଏକତ୍ର କାର୍ଯ୍ୟ କରିବା ଆବଶ୍ୟକତା ରହିଛି। ଏହି ଅବସରରେ ବ୍ରିକ୍ସରେ ଅଧିକ ସଂଖ୍ୟାରେ ନୂଆ ରାଷ୍ଟ୍ରଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏନେଇ ସହମତିରେ ସମସ୍ତ ନିଷ୍ପତ୍ତି ନିଆଯିବା ସହ ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ସମ୍ମାନ ମିଳିବା ଆବଶ୍ୟକ। ଗତବର୍ଷ ଜୋହାନ୍ସବର୍ଗ ସମିଟ୍‌ରେ ଗୃହୀତ ନିୟମାବଳୀକୁ ସମସ୍ତ ସଦସ୍ୟ ଓ ସହଯୋଗୀ ରାଷ୍ଟ୍ର ପାଳନ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଭାରତ ଆଲୋଚନାକୁ ସମର୍ଥନ କରେ, ଯୁଦ୍ଧକୁ ନୁହେଁ: ମୋଦି


ନରେନ୍ଦ୍ର ମୋଦି

ଭାରତ ଆଲୋଚନା ଓ କୂଟନୀତିକୁ ସମର୍ଥନ କରେ, ଯୁଦ୍ଧକୁ ନୁହେଁ ବୋଲି ବୁଧବାର ବ୍ରିକ୍ସ ସମିଟ୍‌ରେ ମୋଦି କହିଛନ୍ତି। ଶାନ୍ତିପୂର୍ଣ୍ଣ ବୁଝାମଣା ଜରିଆରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ, ଆର୍ଥିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ହେଉଛି ବର୍ତ୍ତମାନର ବଡ଼ ଚ୍ୟାଲେଞ୍ଜ। ବିଶ୍ୱକୁ ଠିକ୍ ମାର୍ଗରେ ଆଗେଇନେବାରେ ବ୍ରିକ୍ସ ସକାରାତ୍ମକ ଭୂମିକା ନେଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୋଭିଡ୍ ଭଳି ଚ୍ୟାଲେଞ୍ଜକୁ ଆମେ ମୁକାବିଲା କରିପାରିଥିଲେ। ତେଣୁ ଆମ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ସୁରକ୍ଷିତ ସୁଦୃଢ଼ ଏବଂ ସମୃଦ୍ଧ ଭବିଷ୍ୟତକୁ ସୁନିଶ୍ଚିତ କରିବା ଦିଗରେ ନୂତନ ସୁଯୋଗ ସୃଷ୍ଟି କରିବାରେ ଆମେ ନିଶ୍ଚିତ ସମର୍ଥ ହେବା ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# କଶ୍ମୀରରେ ଆତଙ୍କବାଦୀ ନିଯୁକ୍ତି ଯୋଜନା ପଣ୍ଡ

**ଶ୍ରୀନଗର,୨୩।୧୦**

ଜମ୍ମୁ-କଶ୍ମୀରରେ ଲଶ୍କର-ଇ-ତୋଇବାର ଶାଖା ତେହରିକ୍-ଲାବାଇକ-ୟା-ମୁସ୍‌ଲିମ୍ ଆତଙ୍କବାଦୀ ସଂଗଠନରେ ଯୁବକମାନଙ୍କୁ ନିଯୁକ୍ତି ଯୋଜନା ଚାଲିଥିବାବେଳ ପୋଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ୍ ଏହାକୁ ପଣ୍ଡ କରିଦେଇଛି। ୭ ଜିଲାର ୧୦ଟି ସ୍ଥାନରେ ଚଢ଼ାଉ କରାଯାଇ ଉକ୍ତ ଆତଙ୍କବାଦୀ ନିଯୁକ୍ତି ମଡ୍ୟୁଲ୍‌ର ପର୍ଦ୍ଦାଫାଶ କରାଯାଇଥିଲା। 'ବାବା ହମାସ୍' ଭାବେ ପରିଚିତ ପାକିସ୍ତାନୀ ଲଶ୍କର ହ୍ୟାଣ୍ଡଲର କଶ୍ମୀର ଯୁବକମାନଙ୍କୁ କଟ୍ଟରପନ୍ଥୀ କରିବା ସହ ଆତଙ୍କବାଦୀ କାର୍ଯ୍ୟ ପାଇଁ ନିଯୁକ୍ତ କରୁଥିଲେ। ଗତ ରବିବାର ଗନ୍ଦରବାଲ ଜିଲାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୪୦ ଜଣଙ୍କୁ ଜେରା କଲାଣି।

### ବେଙ୍ଗାଲୁରୁ ବିଲ୍ଡିଂ ଭୁଶୁଡ଼ିବା ଘଟଣା: ମାଲିକ ଗିରଫ

# ମୃତ୍ୟୁସଂଖ୍ୟା ୮କୁ ବଢ଼ିଲା

**ବେଙ୍ଗାଲୁରୁ, ୨୩।୧୦**

ଉତ୍ତର ବେଙ୍ଗାଲୁରୁର ହେନ୍ନୁରସ୍ଥିତ ବାବୁସାପାଲ୍ୟାଠାରେ ନିର୍ମାଣାଧୀନ ୬ ମହଲା ବିଲ୍ଡିଂ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି। ଅଗ୍ନିଶମ ବାହିନୀ ୧୩ ଜଣଙ୍କୁ ଉଦ୍ଧାର କରିଛି। ବିଲ୍ଡିଂ ନିର୍ମାଣରେ ଅବହେଳା ଅଭିଯୋଗରେ ଏହାର ମାଲିକ ମଞ୍ଜୁନାଥ ରେଡ୍ଡୀଙ୍କୁ ବେଙ୍ଗାଲୁରୁ ପୋଲିସ ଗିରଫ କରିଛି। ବିଲ୍ଡିଂ ଭୁଶୁଡ଼ିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣା ପଡ଼ି ନ ଥିବାବେଳେ ପୋଲିସର ତଦନ୍ତ ଜାରି ରହିଛି। ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିଲ୍ଡିଂ ନିର୍ମାଣରେ ବହୁ ଅନିୟମିତତା ହୋଇଛି।

# ବାଂଲାଦେଶ ରାଷ୍ଟ୍ରପତିଙ୍କ ବହିଷ୍କାର ଦାବି


ବାଂଲାଦେଶ ରାଷ୍ଟ୍ରପତିଙ୍କ ବହିଷ୍କାର ଦାବିରେ ହଜାର ହଜାର ବିକ୍ଷୋଭକାରୀ ଢାକାସ୍ଥିତ ବଙ୍ଗଭବନରେ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି।

**ଢାକା,୨୩।୧୦**

ବାଂଲାଦେଶର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଉପରେ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଜୋର୍ ଧରିଛି। ଶାହାବୁଦ୍ଦିନଙ୍କ ବହିଷ୍କାର ଦାବିକରି ହଜାର ହଜାର ବିକ୍ଷୋଭକାରୀ ମଙ୍ଗଳବାର ତାଙ୍କ ଢାକାସ୍ଥିତ ବାସଭବନ ବଙ୍ଗଭବନ ପରିସରରେ ଧସେଇ ପଶିଥିଲେ। ଫଳରେ ବାଂଲାଦେଶରେ ସାନି ଉତ୍ତେଜନା ସୃଷ୍ଟି ହୋଇଛି। ଗତ ଜୁଲାଇ ଏବଂ ଅଗଷ୍ଟରେ ଶେଖ୍ ହାସିନା ସରକାର ବିରୋଧରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେବା ସହ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ରାଜନୈତିକ ସଙ୍କଟ ଦେଖାଦେବାରୁ ଶେଖ୍ ହାସିନା ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇ ଆସିଥିଲେ। ଗତ ସପ୍ତାହରେ ବାଂଲାଦେଶର ଦୈନିକ ଖବରକାଗଜ ମାନବ ଜମିନକୁ ଏକ ସାକ୍ଷାତ୍‌କାର ଦେଇ ରାଷ୍ଟ୍ରପତି ଶାହାବୁଦ୍ଦିନ କହିଥିଲେ, ହାସିନା ଦେଶ ଛାଡ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ନେଇ ତାଙ୍କ ପାଖରେ କୌଣସି ଦସ୍ତାବିଜ୍ ପ୍ରମାଣ ନାହିଁ। ହାସିନାଙ୍କ ଇସ୍ତଫା ସମ୍ପର୍କରେ ରାଷ୍ଟ୍ରପତି ମିଛ ବିବୃତି ଦେଇଥିବା ଅଭିଯୋଗ କରି ତାଙ୍କ ବିରୋଧରେ ଆନ୍ଦୋଳନ ଜୋର୍ ଧରିଛି।

### ବାସଭବନରେ ପଶିଲେ ବିକ୍ଷୋଭକାରୀ

ବିଭିନ୍ନ ବ୍ୟାନରରେ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି ବଙ୍ଗଭବନରେ ପ୍ରବେଶ ପାଇଁ ଉଦ୍ୟମ କଲାବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ସାଉଣ୍ଡ ଗ୍ରେନେଡ୍ ଫାୟାର କରିଥିଲା। ଗୁଳିମାଡ଼ରେ ୨ ଜଣ ଏବଂ ସାଉଣ୍ଡ ଗ୍ରେନେଡ୍ ମାଡ଼ରେ ଜଣେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସେନା ହସ୍ତକ୍ଷେପ କରିବାରୁ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଥିଲା। ବଙ୍ଗଭବନ ଫାଟକ ଛାଡ଼ି ଚାଲିଯିବାକୁ ସେନା ପକ୍ଷରୁ ମାଇକ ଯୋଗେ ନିବେଦନ କରାଯାଇଥିଲା। ହାସିନାଙ୍କୁ ବହିଷ୍କାର ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଣ୍ଟି-ଡିସ୍‌କ୍ରିମିନେଶନ ଷ୍ଟୁଡେଣ୍ଟ ମୁଭ୍‌ମେଣ୍ଟ ଶାହାବୁଦ୍ଦିନଙ୍କ ବହିଷ୍କାର ଦାବିରେ ସେଣ୍ଟ୍ରାଲ ଶହୀଦ ମିନାର ଆଗରେ ର୍‍ୟାଲିର ଆୟୋଜନ କରିଥିଲା। ବାଂଲାଦେଶ ସମ୍ବିଧାନକୁ ରଦ୍ଦ କରିବା ସମେତ ଆନ୍ଦୋଳନକାରୀମାନେ ୫ ଦଫା ଦାବି ଉପସ୍ଥାପନ କରିଛନ୍ତି। ଏଥିସହିତ ଶାହାବୁଦ୍ଦିନଙ୍କ ବହିଷ୍କାର ପାଇଁ ସେମାନେ ୭ ଦିନିଆ ମହଲତ ଦେଇଛନ୍ତି।

# ଔଦ୍ୟୋଗିକ ଆଲ୍‌କୋହଲ ନିୟନ୍ତ୍ରଣ କ୍ଷମତା ରାଜ୍ୟର ରହିଛି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୩।୧୦(ପି.ଟି.)**

ଶିଳ୍ପସଂସ୍ଥା ପାଇଁ ଉଦ୍ଦିଷ୍ଟ ଆଲ୍‌କୋହଲ ଉତ୍ପାଦନ ଏବଂ ଯୋଗାଣକୁ ନିୟନ୍ତ୍ରଣ କରିବା କ୍ଷମତା ରାଜ୍ୟଗୁଡ଼ିକର ରହିଛି ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ୯ ଜଣିଆ ପୀଠ ୮:୧ ସଂଖ୍ୟାଗରିଷ୍ଠତାରେ ଉକ୍ତ ରାୟ ପ୍ରଦାନ କରିଛନ୍ତି। ସମ୍ବିଧାନର ସପ୍ତମ ପରିଚ୍ଛେଦର ରାଜ୍ୟ ତାଲିକା ଏଣ୍ଟ୍ରି-୮ରେ ରହିଥିବା 'ନିଶାଯୁକ୍ତ ମଦ' ଶବ୍ଦକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ହୃଷୀକେଶ ରାୟ, ଅଭୟ ଏସ୍. ଓକା, ଜେ.ବି. ପର୍ଡିୱାଲା, ମନୋଜ ମିଶ୍ରା, ଉଜ୍ଜଳ ଭୂୟାଁ, ସତୀଶ ଚନ୍ଦ୍ର ଶର୍ମା, ଅଗଷ୍ଟାଇନ ଜର୍ଜ ମସି ଏବଂ ବି.ଭି. ନାଗରତ୍ନା ରହିଛନ୍ତି। ଅନ୍ୟ ବିଚାରପତିମାନେ ରାଜ୍ୟ ସରକାରଙ୍କର ନିୟନ୍ତ୍ରଣ କ୍ଷମତା ରହିଥିବା ସପକ୍ଷରେ ମତ ଦେଇଥିଲେ। ଅନ୍ୟପକ୍ଷରେ ଔଦ୍ୟୋଗିକ ଆଲ୍‌କୋହଲକୁ ନିୟନ୍ତ୍ରଣ କରିବାର ବୈଧାନିକ କ୍ଷମତା ରାଜ୍ୟଗୁଡ଼ିକର ନାହିଁ ବୋଲି ଜଷ୍ଟିସ୍ ନାଗରତ୍ନା କହିଥିଲେ। ସୁପ୍ରିମକୋର୍ଟଙ୍କ ବୃହତ୍ତର ପୀଠଙ୍କ ରାୟ ପରେ ୧୯୯୦ରେ ସିନ୍ଥେଟିକ୍ସ ଆଣ୍ଡ କେମିକାଲ୍ସ ଲିଃ ବନାମ ଉତ୍ତରପ୍ରଦେଶ ସରକାର ମାମଲାରେ ୭ ଜଣିଆ ପୀଠଙ୍କ ରାୟ ଖାରଜ ହୋଇଯାଇଛି। ଇଣ୍ଡଷ୍ଟ୍ରିଆଲ ଆଲକୋହଲ୍‌ର ଉତ୍ପାଦନ ନିୟନ୍ତ୍ରଣ କରିବା କ୍ଷମତା କେନ୍ଦ୍ର ସରକାରଙ୍କର ରହିଥିବା ସେତେବେଳେ ୭ ଜଣିଆ ପୀଠ ରାୟ ଦେଇଥିଲେ।

# ୭୭% ଭାରତୀୟ ଶିଶୁଙ୍କ ଖାଦ୍ୟରେ ବିବିଧତାର ଅଭାବ

**ନୂଆଦିଲ୍ଲୀ, ୨୩।୧୦**

ଭାରତରେ ୬ରୁ ୨୩ ମାସ ବୟସର ୭୭% ଶିଶୁଙ୍କ ଖାଦ୍ୟରେ ବିବିଧତାର ଅଭାବ ଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକୀୟ ବିବିଧତାର ଅଭାବ ରହିଛି। ଉତ୍ତରପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ପରି ରାଜ୍ୟରେ ୮୦%ରୁ ଅଧିକ ଶିଶୁଙ୍କ ଖାଦ୍ୟରେ ବିବିଧତାର ଅଭାବ ରହିଥିବା ବୁଧବାର ନ୍ୟାଶ୍‌ନାଲ ମେଡିକାଲ ଜର୍ନାଲ ଅଫ୍ ଇଣ୍ଡିଆରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି। ଡବ୍ଲ୍ୟୁଏଚ୍‌ଓର ସର୍ବନିମ୍ନ ଖାଦ୍ୟ ବିବିଧତା(ଏମ୍‌ଡିଡି) ସ୍କୋର ଅନୁଯାୟୀ, ଯଦି ଶିଶୁଙ୍କୁ ସ୍ତନ୍ୟପାନ ସହ ଅଣ୍ଡା, ଡାଲି, ବାଦାମ, ଫଳ, ପନିପରିବା ଆଦି ଅତି କମ୍‌ରେ ୫ ପ୍ରକାରର ଖାଦ୍ୟ ସମୂହ ଖାଇବାକୁ ଦିଆଯାଏ, ତେବେ ସେମାନଙ୍କ ଖାଦ୍ୟରେ ବିବିଧତା ରହିଛି ବୋଲି ଧରାଯିବ।

# ବିଜୟୱାଡ଼ାରେ ଉଡ଼ିଲା ୫୫୦୦ ଡ୍ରୋନ୍

**ଅମରାବତୀ, ୨୩।୧୦**

ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ାସ୍ଥିତ ପୁନ୍ନାମୀ ଘାଟଠାରେ ବୁଧବାର ଐତିହାସିକ ମେଗା ଡ୍ରୋନ୍ ଶୋ'ଆୟୋଜିତ ହୋଇଥିଲା। ଏହି ଶୋ'ରେ ୫୫୦୦ ଡ୍ରୋନ୍ ଆକାଶରେ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଶୋ ୫ଟି ବିଭିନ୍ନ ଶ୍ରେଣୀରେ ଗିନିଜ୍ ବୁକ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଛି। ଜିଡବ୍ଲ୍ୟୁଆର୍ ପ୍ରତିନିଧି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ପ୍ରମାଣପତ୍ର ଦେଇଛନ୍ତି।

### ଏକସଙ୍ଗେ ୫ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ଡ୍ରୋନ୍‌କୁ ବ୍ୟବହାର କରି ବଡ଼ ଗ୍ରହ ପ୍ରସ୍ତୁତ କରିବା, ନଦୀରେ ସବୁଠାରୁ ବଡ଼ ଲ୍ୟାଣ୍ଡମାର୍କ ସୃଷ୍ଟି କରିବା, ସବୁଠାରୁ ବଡ଼ ବିମାନ କରିବା, ଡ୍ରୋନ୍ ସାହାଯ୍ୟରେ ସର୍ବବୃହତ୍ ଜାତୀୟ ପତାକା ପ୍ରସ୍ତୁତ କରିବା ଏବଂ ଆକାଶମାର୍ଗରୁ ସବୁଠୁ ବଡ଼ ଲୋଗୋ ପ୍ରସ୍ତୁତ କରିବା ଆଦି ଶ୍ରେଣୀରେ ଏହି ଶୋ'କୁ ଜିଡବ୍ଲ୍ୟୁଆର ମାନ୍ୟତା ମିଳିଛି।



# ଆଜି ୬ ଗ୍ରହାଣୁ ପୃଥିବୀ ନିକଟ ଦେଇ ଅତିକ୍ରମ କରିବ

**ୱାଶିଂଟନ, ୨୩।୧୦**

ପୃଥିବୀ ନିକଟ ଦେଇ ୬ କ୍ଷୁଦ୍ର ଗ୍ରହ ଗୁରୁବାର ଅତିକ୍ରମ କରିବ ବୋଲି ଆମେରିକୀୟ ମହାକାଶ ସଂସ୍ଥା(ନାସା) ସୂଚନା ଦେଇଛି। ନାସା ପକ୍ଷରୁ ଉକ୍ତ କ୍ଷୁଦ୍ର ଗ୍ରହଗୁଡ଼ିକୁ ଚିହ୍ନଟ କରାଯାଇଛି। ଯଦିଓ ଏ ସମସ୍ତ କ୍ଷୁଦ୍ର ଗ୍ରହ ପୃଥିବୀ ପାଇଁ ବିପଦ ସୃଷ୍ଟି କରୁନାହିଁ ତଥାପି ପୃଥିବୀଠାରୁ ସେମାନଙ୍କର ନିକଟତର ହେବା ଦ୍ୱାରା ପୃଥିବୀ ନିକଟବର୍ତ୍ତୀ ବସ୍ତୁ(ଏନ୍‌ଇଓ)ର ବ୍ୟାପକ ଅଧ୍ୟୟନ ପାଇଁ ଏହି କ୍ଷୁଦ୍ର ଗ୍ରହଗୁଡ଼ିକୁ ମନିଟରିଂ କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ନାସା କହିଛି।

ନାସାର ସୂଚନା ଅନୁଯାୟୀ, ପ୍ରାୟ ୪୬୦ କୋଟି ବର୍ଷ ତଳେ ସୌର ପ୍ରଣାଳୀର ପ୍ରାରମ୍ଭିକ ଗଠନ ସମୟରେ ଏହାର ପଥର ଏବଂ ବାୟୁହୀନ ଅବଶିଷ୍ଟାଂଶଗୁଡ଼ିକ କ୍ଷୁଦ୍ର ଗ୍ରହ ଭାବେ ଧରାଯାଇଥାଏ। ସାଧାରଣତଃ କ୍ଷୁଦ୍ର ଗ୍ରହଗୁଡ଼ିକ ମୁଖ୍ୟତଃ ମଙ୍ଗଳ ଏବଂ ବୃହସ୍ପତି ଗ୍ରହ ମଧ୍ୟରେ ଥିବା ଆଷ୍ଟେରଏଡ୍ ବେଲ୍ଟରେ ମିଳିଥାଏ ଏବଂ ଏଗୁଡ଼ିକ ପ୍ରାୟତଃ ସୂର୍ଯ୍ୟର ପରିକ୍ରମା କରିଥାଏ। ଗ୍ରହଗୁଡ଼ିକଠାରୁ ଓଲଟା କ୍ଷୁଦ୍ର ଗ୍ରହଗୁଡ଼ିକ ସାଧାରଣତଃ ବାୟୁମଣ୍ଡଳ, ଆଗ୍ନେୟଗିରି କିମ୍ବା ପ୍ଲେଟ ଟେକ୍ଟୋନିକ୍ସ ପରି ଭୌଗୋଳିକ ପ୍ରକ୍ରିୟାକୁ ପ୍ରଦର୍ଶନ କରିବା ପାଇଁ ବହୁତ ଛୋଟ ହୋଇଥାଏ। ସୌର ପ୍ରଣାଳୀରେ ଲକ୍ଷାଧିକ ସଂଖ୍ୟାରେ କ୍ଷୁଦ୍ର ଗ୍ରହ ରହିଛନ୍ତି, ଯେଉଁମାନଙ୍କର ଆକାର ଛୋଟ ପଥର ଠାରୁ ଆରମ୍ଭ କରି ୧୦୦ କିଲୋମିଟର ପର୍ଯ୍ୟନ୍ତ ବଡ଼ ପିଣ୍ଡ ସଦୃଶ ହୋଇଥାଏ।



ଗୁରୁବାର କ୍ଷୁଦ୍ର ଗ୍ରହ '୨୦୨୩ଟିଜି୧୪' ପୃଥିବୀଠାରୁ ୨୫ ଲକ୍ଷ କି.ମି.ର ସର୍ବନିମ୍ନ ଦୂରତା ଦେଇ ଅତିକ୍ରମ କରିବ ବୋଲି ନାସା କହିଛି। ୧୮ରୁ ୪୧ ମିଟର ଆନୁମାନିକ ବ୍ୟାସ ବିଶିଷ୍ଟ ଏହି କ୍ଷୁଦ୍ର ଗ୍ରହ ଅପେକ୍ଷାକୃତ ଛୋଟ ହୋଇଥିବାବେଳେ ଏହା ୬.୯ କି.ମି ପ୍ରତି ସେକେଣ୍ଡ ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସୁଛି। ସେହିପରି ଗୁରୁବାର ପୃଥିବୀ ନିକଟ ଦେଇ ଗତି କରୁଥିବା ସମସ୍ତ ୬ କ୍ଷୁଦ୍ର ଗ୍ରହଗୁଡ଼ିକ ମଧ୍ୟରୁ ୩୬୩୩୦୫(୨୦୦୨ଏନ୍‌ଭି୧୬) ନାମକ ଆଷ୍ଟେରଏଡ୍ ସବୁଠାରୁ ବଡ଼। ଏହାର ଆକାର ୫୮୦ ଫୁଟ(ପ୍ରାୟ ୧୭୫ ମିଟର) ହୋଇଥିବାବେଳେ ବ୍ୟାସ ୧୪୦ ମିଟରରୁ ୩୧୦ ମିଟର ମଧ୍ୟରେ ରହିଛି। ଗୁରୁବାର ଏହି କ୍ଷୁଦ୍ର ଗ୍ରହ ପୃଥିବୀଠାରୁ ୪୫ ଲକ୍ଷ ୨୦ ହଜାର କି.ମି. ଦୂରତା ଦେଇ ଅତିକ୍ରମ କରିବ ବୋଲି ନାସା କହିଛି। ତେବେ ବିରାଟ ଆକାର ସତ୍ତ୍ୱେ ମଧ ଏହି କ୍ଷୁଦ୍ର ଗ୍ରହ ୪.୮୭ କିଲୋମିଟର ପ୍ରତି ସେକେଣ୍ଡ ବେଗରେ ପୃଥିବୀ ଆଡ଼କୁ ମାଡ଼ି ଆସୁଛି। ସେହିପରି ପୃଥିବୀ ନିକଟ ଦେଇ ଗତି କରିବାକୁ ଥିବା ଅନ୍ୟ ୪ କ୍ଷୁଦ୍ର ଗ୍ରହ ହେଉଛି, '୨୦୧୫ଏଚ୍‌ଏମ୍୧', '୨୦୨୪ଟିପି୧୭', '୨୦୨୪ ଟିଆର୬' ଏବଂ '୨୦୨୧ ୟୁଇ୨'। ଏହି ୪ କ୍ଷୁଦ୍ର ଗ୍ରହ ପୃଥିବୀଠାରୁ ୪୫ରୁ ୫୬ ଲକ୍ଷ କିଲୋମିଟର ଦୂରତାରେ ଅତିକ୍ରମ କରିବେ। ଏମାନଙ୍କର ବ୍ୟାସ ୩୦ରୁ ୯୨ ମିଟର ପର୍ଯ୍ୟନ୍ତ ରହିଛି।

# ନବଯୁଗ ପ୍ରଗତିବାଦୀ ସାହିତ୍ୟର ସ୍ରଷ୍ଟା ଥିଲେ ଭଗବତୀ ଚରଣ ପାଣିଗ୍ରାହୀ

କଟକ,୨୩।୧୦ (କାର୍ତ୍ତିକ ସାହୁ)

ଜଣେ ମହାନ୍ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ପ୍ରଜା ଆନ୍ଦୋଳନର ଅନ୍ୟତମ ମହାରଥୀ ଭାବେ ଭଗବତୀ ଚରଣ ପାଣିଗ୍ରାହୀ ନେତୃତ୍ୱ ନେଇଥିଲେ। ସେ ଥିଲେ ନବଯୁଗ ପ୍ରଗତିବାଦୀ ସାହିତ୍ୟର ସ୍ରଷ୍ଟା। ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କ ସେବାରେ ସେ ଜୀବନକୁ ଉତ୍ସର୍ଗ କରିଥିବାବେଳେ ୩୫ ବର୍ଷରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଚାଷୀ ମୂଲିଆ ଆନ୍ଦୋଳନର କାଣ୍ଡାରୀ, ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ଭାବେ ଭଗବତୀ ଚରଣ ଜନମାନସରେ ବେଶ୍ ପରିଚୟ ଲାଭ କରିଥିଲେ ବୋଲି ତାଙ୍କର ୮୧ତମ ସ୍ମୃତି ସମାରୋହରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି।

କଟକ ସତୀଚଉରାଠାରେ ଶ୍ରମିକ ନେତା କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସିଡିଏରେ ଥିବା ଭଗବତୀ ପାର୍କରେ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବେ ବୋଲି ଘୋଷଣା କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ସିପିଆଇ(ଏମ୍) ନେତା ରବିନାରାୟଣ ମଲ୍ଲିକ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ନେତା ଖଗେଶ୍ୱର ସେଠୀ, ସମତା ମଞ୍ଚର ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମ୍‌ର ପ୍ରଶାନ୍ତ ଦାସ, କୃଷକ ନେତା କ୍ଷୀରୋଦ ସିଂହଦେଓ, ଶିକ୍ଷକ ନେତା ବିବେକାନନ୍ଦ ଦାଶ, ଆଡ୍‌ଭୋକେଟ୍ ଭିକାରି ଦାସ, କୃଷ୍ଣପ୍ରିୟା ମିଶ୍ର, ସୁଶାନ୍ତ ମହାପାତ୍ର, ଜୟନ୍ତ ଦାସ, ପ୍ରଦୀପ ଷଡଙ୍ଗୀ, ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ଓ ଅଭୟ ପଟ୍ଟନାୟକ ଭଗବତୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ସିପିଆଇ ଜିଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଅଶୋକ ତା, ସାନନ୍ଦ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୧ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଅବସରରେ ବୁଧବାର କଟକ ସତୀଚଉରା ଶ୍ମଶାନରେ ଥିବା ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।

# ସୁଭଦ୍ରା: ୨.୬୭ ଲକ୍ଷ ଖାରଜ ଆବେଦନର ପୁନର୍ବିଚାର ହେବ

**ଗାଇଡଲାଇନ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ**

**ଏଟିଏମ୍ କାର୍ଡ ମିଳିବ ନାହିଁ**

ଭୁବନେଶ୍ୱର,୨୩।୧୦ (ଅନିଲ ଦାସ)

'ସୁଭଦ୍ରା'ଯୋଜନାକୁ ଅଧିକ ସରଳ କରିବା ପାଇଁ ରାଜ୍ୟ ସରକାର ଗାଇଡଲାଇନରେ ସଂଶୋଧନ ଆଣିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ବୁଧବାର ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ଓ ଆବେଦନରେ ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ସୁଭଦ୍ରା ଗାଇଡଲାଇନକୁ ସଂଶୋଧନ କରାଯାଇଛି। ବିଶେଷକରି ଖାରଜ ହୋଇଥିବା ୨.୬୭ ଲକ୍ଷ ଆବେଦନଗୁଡ଼ିକୁ ସୁଭଦ୍ରା କିସ୍ତି ଅର୍ଥ ପ୍ରଦାନ ପାଇଁ ପୁନର୍ବିଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

'ସୁଭଦ୍ରା' ଯୋଜନାକୁ ୨୦୨୪ ଅଗଷ୍ଟ ୨୨ରେ କ୍ୟାବିନେଟ୍ ଅନୁମୋଦନ କରିଥିଲେ। ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଏହି ଯୋଜନାରେ ୫ ବର୍ଷ ପାଇଁ ବଜେଟରେ ୫୫,୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ପୋର୍ଟାଲରେ ୧ କୋଟିରୁ ଅଧିକ ଆବେଦନକାରୀ ନାମ ପଞ୍ଜୀକରଣ କରିସାରିଛନ୍ତି। ମୋଟ ୨ଟି ପର୍ଯ୍ୟାୟରେ ୬୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଅନୁମୋଦନ କରାଯାଇଛି।

ସୁଭଦ୍ରା ଯୋଜନାର ଗାଇଡ୍‌ଲାଇନ୍‌ରେ 'ଇ-କେୱାଇସି' ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ର ଡାଟାବେସକୁ ବିଚାରକୁ ନିଆଯାଉଥିଲା। ରାଶନ କାର୍ଡ ପାଇ ନ ଥିବା ବହୁ ଯୋଗ୍ୟ ହିତାଧିକାରୀ 'ସୁଭଦ୍ରା' ପାଇଁ ଆବେଦନ କରିଥିବା ବେଳେ ସେମାନଙ୍କର ଆବେଦନ ଖାରଜ ହୋଇଯାଇଥିଲା, ଯାହାକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏବେ ରାଜ୍ୟ ସରକାର ଓକାକ୍ ଦେଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ରାଶନ କାର୍ଡ ଡାଟାବେସରେ ମେଳ କରିବାର ମାନଦଣ୍ଡକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ସେପ୍ଟେମ୍ବର ୮ରୁ ୧୩ତାରିଖ ପର୍ଯ୍ୟନ୍ତ 'ଆଧାର' ଇ-କେୱାଇସି ମଡ୍ୟୁଲରୁ ସୁଭଦ୍ରା ପୋର୍ଟାଲକୁ ଅଲଗା କରି ରାଶନ କାର୍ଡ ଡାଟାବେସ ମାଧ୍ୟମରେ ଇ-କେୱାଇସି ଯାଞ୍ଚ କରାଯାଇଥିଲା। ଏବେ ହିତାଧିକାରୀ ଚୟନ ପାଇଁ 'ଆଧାର' ଇ-କେୱାଇସି ମଡ୍ୟୁଲକୁ ସରକାର ବ୍ୟବହାର କରିବେ। ଏହି ବୈଷୟିକ କାରଣ ପାଇଁ ଖାରଜ ହୋଇଥିବା ୨.୬୭ ଲକ୍ଷ ଆବେଦନର ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ।

ସଂଶୋଧିତ ଗାଇଡ ଲାଇନରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ବିଏଲ୍‌ଏସ୍‌ସି ଏବଂ ୟୁଏଲ୍‌ଏସ୍‌ସିରେ ୨ଜଣ ସିଭିଲ୍ ସୋସାଇଟି (ଅଣ ଆନୁଷ୍ଠାନିକ) ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି, ଯେଉଁମାନେ ବ୍ଲକ/ସହରାଞ୍ଚଳ ସ୍ତରୀୟ ଯାଞ୍ଚ କମିଟିର ସମ୍ପୃକ୍ତ ଅଧ୍ୟକ୍ଷମାନଙ୍କ ଦ୍ୱାରା ମନୋନୀତ ହେବେ। ସୁଭଦ୍ରା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରିବାର ଏକ ମାଧ୍ୟମ ଭାବେ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି(ସିବିଡିସି)କୁ ଅନ୍ତର୍ଭୁକ୍ତ କରିବା, ସୁଭଦ୍ରା ପାଇଁ ଏଟିଏମ କମ୍ ଡେବିଟ କାର୍ଡ ପ୍ରଦାନ ନ କରିବା, ୨୦୨୪ ସେପ୍ଟେମ୍ବର ୮ ତାରିଖରୁ ୧୩ ପର୍ଯ୍ୟନ୍ତ ଆଧାର ଇ-କେୱାଇସି ମଡ୍ୟୁଲରୁ ପୋର୍ଟାଲକୁ ଅଲଗା କରିବା ଏବଂ ଏହା ବଦଳରେ ଏନ୍‌ଏଫ୍‌ଏସ୍‌ଏ ଏବଂ ପିଏମ୍ କିଷାନ ଭଳି ଅନ୍ୟ ଡାଟାବେସ୍ ମାଧ୍ୟମରେ ଇ-କେୱାଇସି ଯାଞ୍ଚ ବିଏଲ୍‌ଏସ୍‌ସି ଏବଂ ୟୁଏଲ୍‌ଏସ୍‌ସିରେ ବ୍ଲକ ଏବଂ ସହରାଞ୍ଚଳ ସ୍ତରୀୟ ଯାଞ୍ଚ କମିଟିର ଅଧ୍ୟକ୍ଷମାନଙ୍କ ଦ୍ୱାରା କରାଯିବ।

# ଭାରତ-ଅଷ୍ଟ୍ରେଲିଆ ମିଳିତ ସହଯୋଗ ବିଶ୍ୱ ଆହ୍ୱାନର ସମାଧାନ କରିବ: ଧର୍ମେନ୍ଦ୍ର

**'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'କୁ ସମ୍ବୋଧିତକଲେ କେନ୍ଦ୍ରମନ୍ତ୍ରୀ**

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ଭାରତ ଓ ଅଷ୍ଟ୍ରେଲିଆର ମିଳିତ ସହଯୋଗ ୨ ଦେଶର ଜ୍ଞାନ ବ୍ୟବସ୍ଥାକୁ ଆଗକୁ ନେବ। ବିଶ୍ୱ ଆହ୍ୱାନର ସମାଧାନ ପାଇଁ ଜ୍ଞାନକୌଶଳର ଉପଯୋଗ କରିପାରିବ। ଛାତ୍ରୀଛାତ୍ରଙ୍କ ପାଇଁ ଇନୋଭେଶନ ଏବଂ ଉଦ୍ୟମିତା କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିପାରିବ। ବିଶ୍ୱ-ବନ୍ଧୁ ହିସାବରେ ଭାରତ ମାନବ କେନ୍ଦ୍ରିତ ବିକାଶରେ ବିଶ୍ୱସ୍ତ ଅଂଶୀଦାର ହେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଅଷ୍ଟ୍ରେଲିଆର ମେଲବୋର୍ନଠାରେ ଆୟୋଜିତ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୁଦୃଢ଼ ଏବଂ ବିକଶିତ ଭାଗୀଦାରିକୁ ପ୍ରଶଂସାକରି ସେ କହିଛନ୍ତି, ଏହି ଦ୍ୱିପାକ୍ଷିକ ସହଯୋଗ ଉଭୟ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବ। ଚତୁର୍ଥ ଶିଳ୍ପ ବିପ୍ଳବରେ ଏପରି ଶିକ୍ଷା ହେବା ଆବଶ୍ୟକ, ଯେଉଁ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ପ୍ରଯୁକ୍ତିବିଦ୍ୟାର ସୃଷ୍ଟିକର୍ତ୍ତା ଏବଂ ପରିଚାଳକ ହେବା ପାଇଁ ପ୍ରସ୍ତୁତ କରିବ। ଭାରତର ଜାତୀୟ ଶିକ୍ଷାନୀତି ପରିବର୍ତ୍ତିତ ଚାକିରି ବଜାର ସହ ଯୋଡ଼ିହେବା ପାଇଁ ଡିଜିଟାଲ ସାକ୍ଷରତା, ସଫ୍ଟ ସ୍କିଲ୍, କ୍ରିଟିକାଲ ଥିଙ୍କିଙ୍ଗ୍ ଏବଂ ଇଣ୍ଟରଡିସିପ୍ଲିନାରି ଷ୍ଟଡିଜ୍ ଉପରେ ଗୁରୁତ୍ୱାରୋପକରି ଏକ ଢାଞ୍ଚା ପ୍ରଦାନ କରିଛି। ଶିକ୍ଷା କ୍ଷେତ୍ରରେ ସହଯୋଗ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମୂଳଦୁଆ ବୋଲି ଶିକ୍ଷାମନ୍ତ୍ରୀ ପ୍ରକାଶ କରିଛନ୍ତି। ଜାତୀୟ ଶିକ୍ଷାନୀତି ଅନୁସାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏକ ଦକ୍ଷତାଭିତ୍ତିକ ଢାଞ୍ଚାରେ ପରିଣତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଜାତୀୟ ଶିକ୍ଷାନୀତି କିପରି ଭାରତ ଶିକ୍ଷଣ ଦୃଶ୍ୟପଟକୁ ସମ୍ଭାବନାର ଏକ ପାୱାର ହାଉସରେ ପରିଣତ କରିଛି, ତାହା ଉପରେ କେନ୍ଦ୍ରମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ଭାରତ-ଅଷ୍ଟ୍ରେଲିଆର ଦୀର୍ଘମିଆଦୀ ସମ୍ପର୍କ ଦ୍ୱାରା ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଭାରତକୁ ମିଳିବାକୁ ଥିବା ଲାଭ ଉପରେ ମଧ୍ୟ ଆଲୋଚନା ହୋଇଛି। ଭାରତରେ ଅଷ୍ଟ୍ରେଲୀୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପ୍ରତିଷ୍ଠା କେବଳ ଆରମ୍ଭ ମାତ୍ର, ଏହାଦ୍ୱାରା ଆଗାମୀ ଦିନରେ ଅନେକ ସମ୍ଭାବନା ବାସ୍ତବରେ ପ୍ରତିଫଳିତ ହେବ ବୋଲି ସେ କହିଛନ୍ତି।



ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାରଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ପୋଖରୀରେ ବୁଡ଼ିଗଲେ ମା', ୨ ପିଲା

ଢେଙ୍କିକୋଟ,୨୩।୧୦ (ନୀଳମଣି ମଣ୍ଡଳ)

ମା'ଙ୍କ ସହ ହସ ଖୁସିରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଅସାବଧାନତାବଶତଃ ଉଭଣୀ, ଭାଇ ପୋଖରୀର ଗଭୀର ଜଳକୁ ପଳାଇଥିଲେ। ଏହା ଦେଖି ୨ ପିଲାଙ୍କୁ ବଞ୍ଚାଇବା ପାଇଁ ପୋଖରୀକୁ ଡେଇଁ ପଡ଼ିଥିଲେ ମା'। ଶେଷରେ ୨ ପିଲାଙ୍କ ସହ ତାଙ୍କର ସଲିଳ ସମାଧି ଘଟିଥିଲା। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ବଡ଼ ମସିଣାବିଲା ପଞ୍ଚାୟତ ପାଣପଶି ଗ୍ରାମରେ ଘଟିଯାଇଛି।

ସୂଚନା ଅନୁଯାୟୀ, ଗ୍ରାମର ପ୍ରଫୁଲ୍ଲ ମହାକୁଡ଼ଙ୍କ ସ୍ତ୍ରୀ କାମିନୀ(୨୯), ପୁଅ ଓମ୍ ପ୍ରକାଶ (୮), ଝିଅ ସୁନିତା (୬) ଓ ଅଢ଼େଇ ବର୍ଷର ପୁଅଙ୍କୁ ସାଥିରେ ଧରି ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କାମିନୀ ଶୌଚହେବା ପାଇଁ ଯାଇଥିବା ବେଳେ ୨ ପିଲା ପୋଖରୀ କୂଳରେ ଗାଧୋଉଥିଲେ। ଅସାବଧାନତାବଶତଃ ଦୁହେଁ ଗଭୀର ଜଳକୁ ଚାଲିଯାଇଥିଲେ। କାମିନୀ ଦେଖିବା ପରେ ଛୁଆଙ୍କୁ ବଞ୍ଚାଇବାକୁ ପୋଖରୀକୁ ଡେଇଁ ପଡ଼ିଥିଲେ। ପୋଖରୀ ନିକଟରେ ଥିବା ଅଢ଼େଇ ବର୍ଷର ପୁଅ ଯାଇ ଘର ଲୋକଙ୍କୁ ଡାକି ଆଣିଥିଲା। ପରିବାର ସଦସ୍ୟ ଓ ଗାଁ ଲୋକେ ଦୁଇ ପିଲା ଏବଂ ମା'ଙ୍କୁ ଉଦ୍ଧାରକରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନା ପଠାଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୫/୨୪) ରୁଜୁକରି ତଦନ୍ତ କରୁଛି। ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଡିସେମ୍ବର ୨୩ରୁ ଯୁକ୍ତ ୨ ଇଣ୍ଟରନାଲ: ଏଥର ନୂଆ ଢାଞ୍ଚାରେ ପରୀକ୍ଷା

ଭୁବନେଶ୍ୱର,୨୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଡିସେମ୍ବର ୨୩ରୁ ୩୦ ଯାଏ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ହେବ। ସେହିପରି ଜାନୁଆରୀ ୨ରୁ ୧୨ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଇଣ୍ଟରନାଲ ପରୀକ୍ଷା ପାଇଁ ୪୫ ମିନିଟ ଓ ପ୍ରୋଜେକ୍ଟ ପେପର ପାଇଁ ୨ ଘଣ୍ଟା ସମୟ ଦିଆଯିବ। ସେହିପରି ୧୫ ମାର୍କ ବିଶିଷ୍ଟ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ୨ଘଣ୍ଟା ଏବଂ ୩୦ରୁ ଅଧିକ ମାର୍କର ପରୀକ୍ଷା ପାଇଁ ୩ଘଣ୍ଟା ସମୟ ଦିଆଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗୁରୁତ୍ୱ ଦେଇଛି। ପରୀକ୍ଷା ପୂର୍ବରୁ ଏନେଇ ସୁନିଶ୍ଚିତ କରିବାକୁ ସମସ୍ତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଲିଖିତ ପରୀକ୍ଷାର ସୂଚୀ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଫେବୃଆରୀ ୧୫ରୁ ମାର୍ଚ୍ଚ ୨୦ ମଧ୍ୟରେ ବାର୍ଷିକ ପରୀକ୍ଷା କରିବା ପାଇଁ ଯୋଜନା ରହିଛି।

୨୦୨୫ରେ ଯୁକ୍ତ ୨ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଶ୍ନପତ୍ର ଢାଞ୍ଚା ବଦଳାଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ନୂଆ ଢାଞ୍ଚା ଅନୁଯାୟୀ, ଏଣିକି ବାର୍ଷିକ ପରୀକ୍ଷାରେ ୧୦୦ ନୁହେଁ, ପରୀକ୍ଷାର୍ଥୀଙ୍କୁ ୮୦ ମାର୍କର ଥିଓରି ପରୀକ୍ଷା ଦେବାକୁ ପଡ଼ିବ। ସେଥିରୁ ୨୪ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବେ। ବାକି ୨୦ ମାର୍କ ଇଣ୍ଟରନାଲ ପରୀକ୍ଷା ହେବ। ସେଥିରେ ପରୀକ୍ଷାର୍ଥୀ ଯେତିକି ମାର୍କ ରଖିବେ ତାକୁ ମୋଟ ମାର୍କ ସହ ସଂଯୋଗ କରାଯିବ। ହେଲେ ଥିଓରି ମାର୍କ ସହ ଏହାକୁ ମିଶାଇ ପାସ ବୋଲି ଗଣାଯିବ ନାହିଁ। ସେହିଭଳି ଇଂଲିଶ ଓ ମାତୃଭାଷାରୁ ରଚନାକୁ ବାଦ୍ ଦିଆଯାଇଥିବାବେଳେ ପ୍ରଶ୍ନପତ୍ରରେ ଆଉ ୧୦ମାର୍କ ବିଶିଷ୍ଟ ପ୍ରଶ୍ନ ଆସିବ ନାହିଁ।

# ରାଜ୍ୟରେ ବୃଦ୍ଧି ପାଇବ ବିମାନ ଚଳାଚଳ

**ସରକାର ଆଣିଲେ ନୂଆ ନୀତି**

**ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ**

ଭୁବନେଶ୍ୱର,୨୩।୧୦ (ଅନିଲ ଦାସ)

ଓଡ଼ିଶାରେ ଅଧିକ ମାର୍ଗରେ ବିମାନ ଚଳାଚଳ କରିବ। ଏଥିପାଇଁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେବା ସକାଶେ ରାଜ୍ୟ ସରକାର ଏକ ନୂଆ ନୀତି ଆଣିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ବୁଧବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ନୀତି କାର୍ଯ୍ୟକାରୀ ହେଲେ ରାଜ୍ୟରେ ବିମାନ ସଂଯୋଗୀକରଣରେ ବ୍ୟାପକ ଉନ୍ନତି ଆସିବା ସହ ପର୍ଯ୍ୟଟନ ଓ ଆର୍ଥିକ ଅଭିବୃଦ୍ଧି ହେବ।

ଏହି ନୂଆ 'ଏୟାର କନେକ୍ଟିଭିଟି ପଲିସି' ଦ୍ୱାରା ବିମାନ ସଂସ୍ଥାଗୁଡ଼ିକୁ ସୁଲଭ ଆର୍ଥିକ ସହାୟତା ଯୋଗାଇଦିଆଯିବ, ଯାହା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର(ଭୁବନେଶ୍ୱର) ସମେତ ଝାରସୁଗୁଡ଼ା, ଜୟପୁର, ରାଉରକେଲା ଓ ଉତ୍କେଳା ଭଳି ବିମାନ ବନ୍ଦରରେ ନୂଆ ଘରୋଇ ଓ ଆନ୍ତର୍ଜାତିକ ବିମାନ ସେବା ଆରମ୍ଭ କରିବାକୁ ପ୍ରୋତ୍ସାହିତ କରିବ। ଏହି ନୀତି ଦ୍ୱାରା ବିମାନ ସଂସ୍ଥାଗୁଡ଼ିକ ନୂଆ ନିର୍ଦ୍ଧାରିତ ସେବା ଆରମ୍ଭ କରୁଥିବା ଯୋଗ୍ୟ ଗ୍ୟାପ୍ ଫଣ୍ଡ(ଭିଜିଏଫ୍) ପାଇବେ। ଏହାମଧ୍ୟରେ ଘରୋଇ ମାର୍ଗ ପାଇଁ ପ୍ରତି ରାଉଣ୍ଡ ଟ୍ରିପରେ ୫ଲକ୍ଷ ଟଙ୍କା ଓ ଆନ୍ତର୍ଜାତିକ ମାର୍ଗ ପାଇଁ ୧୦ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି। ଏଥିସହିତ ୭୫୦କିମି ଅଧିକ ଦୂରତ୍ୱ ହେଲେ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା ରହିଛି। ଏହି ନୀତି ଦ୍ୱାରା ଓଡ଼ିଶାରେ ଅଧିକ ଅଞ୍ଚଳରେ ବିମାନ ଚଳାଚଳ ମାର୍ଗ ସୁନିଶ୍ଚିତି କରିହେବ।

କେନ୍ଦ୍ର ସରକାରଙ୍କ ଜାତୀୟ ବେସାମରିକ ବିମାନ ଚଳାଚଳ ନୀତି-୨୦୧୬ ଓ ଉଡ଼ାଣ ଯୋଜନାର ଅନୁରୂପ ହୋଇଛି, ଯାହାକି ରାଜ୍ୟରେ ବିମାନ ସଂଯୋଗ ଓ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହି ନୀତି ଦ୍ୱାରା ରାଜ୍ୟରେ ବିଶେଷକରି ପଶ୍ଚିମଓଡ଼ିଶାରେ ବ୍ୟାପକ ଆର୍ଥିକ ଅଭିବୃଦ୍ଧି ହେବା ସହ ନିଯୁକ୍ତି, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବପର ହୋଇପାରିବ। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଏହି ଯୋଜନାର କାର୍ଯ୍ୟକାରିତା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବ ବୋଲି ଜଣାପଡ଼ିଛି। ଏହି ନୀତିରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପ୍ରଦାନ କରିବା ସହ ପର୍ଯ୍ୟଟନକୁ ଉତ୍ସାହିତ କରିବ। ସମ୍ବନ୍ଧିତ କ୍ଷେତ୍ରରେ ନୂତନ ନିଯୁକ୍ତି ବୃଦ୍ଧି କରିବ, ବାଣିଜ୍ୟ ଓ ବ୍ୟବସାୟକୁ ଉନ୍ନତ କରିବ ଏବଂ ବିଶେଷ କରି ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ବିକାଶକୁ ସୁଦୃଢ଼ କରିବ।

ଏଥିସହିତ ଦ୍ରବ୍ୟ ଓ ସେବା କର ପରିଷଦର ସୁପାରିସ କ୍ରମେ କରଦାତାମାନଙ୍କର ଅଧିକ ସୁବିଧା ଲାଗି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। କେତେକ ଦ୍ରବ୍ୟ କିମ୍ବା ସେବା ଉପରେ ଟିକସ ହାରକୁ ନେଇ ଅସ୍ପଷ୍ଟତା ଥିବାରୁ ଠିକ୍ ହାରରେ ଜିଏସ୍‌ଟି ଲାଗୁ ହେଉ ନ ଥିଲା କିମ୍ବା କମ୍ ଆଦାୟ କରାଯାଉଥିଲା। ବିପରୀତ ଚାର୍ଜ ଆଧାରରେ ଟିକସ ପ୍ରଦାନ କ୍ଷେତ୍ରରେ ସେବା ଗ୍ରହଣକାରୀଙ୍କ ଦ୍ୱାରା ଇନ୍‌ଭଏସ୍ ଜାରି କରିବାକୁ ପଡ଼ିଥାଏ, କିନ୍ତୁ ତାହା କେତେ ଦିନ ଭିତରେ ଜାରି କରାଯିବ ସେ ବିଷୟରେ ଅଧିନିୟମରେ ସ୍ପଷ୍ଟତା ନଥିଲା। ଭାରତ ବାହାରକୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ରପ୍ତାନି ଶୁଳ୍କ ଲାଗୁଥିଲେ ସେହି କ୍ଷେତ୍ରରେ ଅବ୍ୟବହୃତ ଇନ୍‌ପୁଟ କର ଜମାର ଫେରସ୍ତ ଉପରେ ପ୍ରତିବନ୍ଧକ ରହିଥିଲା। ଧାରା ୭୩ ଓ ୭୪ ଅନୁଯାୟୀ ନୋଟିସ୍ ଓ ଆଦେଶ ଜାରି କରିବା ପାଇଁ ଭିନ୍ନ ଭିନ୍ନ ସମୟସୀମା ନିର୍ଦ୍ଧାରିତ ଥିବା ହେତୁ କେତେକ ଅସୁବିଧା ହେଉଥିଲା। ସେହିପରି ଜିଏସ୍‌ଟି ଆପିଲେଟ ଟ୍ରିବ୍ୟୁନାଲ କାର୍ଯ୍ୟକ୍ଷମ ହୋଇନଥିବାରୁ କରଦାତାଙ୍କୁ ଅପିଲ ଦାଖଲ କରିବାରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ରିଟର୍ନ ଦାଖଲରେ ବିଳମ୍ବ ହେତୁ ବହୁ ସଂଖ୍ୟକ କରଦାତା ସୁଧ ଓ ଜରିମାନା ଦେଉଥିବା ବେଳେ ଅନ୍ୟପକ୍ଷରେ ଇନ୍‌ପୁଟ୍ କର ଜମା ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏହାକୁ ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ରେ ସଂଶୋଧନ କରାଯାଇଛି।

ଏଥିସହିତ ପୂର୍ବତନ ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀଙ୍କ ଓଡ଼ିଶା ଲୋକସେବା ଆୟୋଗରେ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ଦେବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# ଏସ୍‌ସିବିରେ ହେବ ହୃତ୍‌ପିଣ୍ଡ ପ୍ରତିରୋପଣ

କଟକ,୨୩।୧୦ (ଶିଳ୍ପା ପ୍ରିୟଦର୍ଶିନୀ)

- ୨ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ
- ଭିତ୍ତିଭୂମି ପ୍ରସ୍ତୁତ, ପ୍ରଥମ ୧୦ଜଣଙ୍କ ପାଇଁ ମାଗଣା

ଏସ୍‌ସିବି ମେଡିକାଲରେ ପ୍ରଥମଥର ପାଇଁ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯିବ। ଏଥିପାଇଁ ରାଜ୍ୟ ସରକାର ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲ୍‌ଥ୍ କେୟାର ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି ସ୍ୱାକ୍ଷର କରିଥିବା ନେଇ ଭୁବନେଶ୍ୱରସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷଠାରେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ(ଡିଏମ୍‌ଇଟି)ର ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ଏବଂ ଏମ୍‌ଜିଏମ୍ ହେଲଥ କେୟାରର ସହକାରୀ ନିର୍ଦ୍ଦେଶକ ଡା. ସୁରେଶ ରାଓ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ପରେ ଅପରାହ୍ନରେ ଏମ୍‌ଜିଏମ୍ ହେଲ୍‌ଥ୍ କେୟାରର ସହକାରୀ ନିର୍ଦ୍ଦେଶକ ଡା. ରାଓ ଏସ୍‌ସିବି ମେଡିକାଲର ହୃଦ୍‌ରୋଗ ବିଭାଗରେ ପହଞ୍ଚି ଚିହ୍ନଟ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ମେଡିକାଲର ଜଣେ ବରିଷ୍ଠ ଡାକ୍ତରଙ୍କ ସୂଚନା ଅନୁଯାୟୀ, ଏସ୍‌ସିବିରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ ରହିଛି। ମେଡିକାଲ ପକ୍ଷରୁ କଟକର ଜଣେ ମହିଳା ଓ ଅନ୍ୟ ଜଣେ ପୁରୁଷ ରୋଗୀଙ୍କୁ ଏଥିପାଇଁ ଚିହ୍ନଟ କରାଯାଇଛି। ସେମାନଙ୍କ ବିଭିନ୍ନ ପରୀକ୍ଷା କରାଯିବା ପାଇଁ ଡା. ରାଓ ନିର୍ଦ୍ଦେଶ ଦେଇଛନ୍ତି।

ଡା. ରାଓଙ୍କ ଏସ୍‌ସିବି ଗସ୍ତ ସମୟରେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ଅତିରିକ୍ତ ଅଧୀକ୍ଷକ ତଥା ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ, ହୃଦ୍‌ରୋଗ ବିଭାଗର ପ୍ରଫେସର ଡା. ସୁର କିଶୋର ମିଶ୍ର, ଡା. ଦୀପକ ରଞ୍ଜନ ଦାସ, ଡା. ସୁବ୍ରତ ନାୟକ, ଡା. ଚିତ୍ତରଞ୍ଜନ ଛାଟୋଇ, ଅନନ୍ତ ବରାଇ, ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ ଉପସ୍ଥିତ ଥିଲେ।

ଆସନ୍ତା ୩ ମାସ ମଧ୍ୟରେ ହୃତ୍‌ପିଣ୍ଡ ପ୍ରତିରୋପଣ ନିମନ୍ତେ ମେଡିକାଲ ପକ୍ଷରୁ ଲକ୍ଷ୍ୟ ରହିଛି। ଏମ୍‌ଜିଏମ୍ ହେଲ୍‌ଥ କେୟାର ପକ୍ଷରୁ ପ୍ରଥମ ୧୦ଟି ପ୍ରତିରୋପଣ ନିଃଶୁଳ୍କ ଭାବେ କରାଯିବ। ମେଡିକାଲରେ ପୂର୍ବରୁ ଓପନ ହାର୍ଟ ସର୍ଜରି ଓ ବିଭିନ୍ନ ସର୍ଜରି କରାଯାଇଥିବାରୁ ୧୦ଟି ପ୍ରତିରୋପଣ ପରେ ଏସ୍‌ସିବିର ଡାକ୍ତରମାନେ ହୃତ୍‌ପିଣ୍ଡ ପ୍ରତିରୋପଣ କରିପାରିବେ ବୋଲି ଆଶା ରହିଛି। ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ଅଙ୍ଗଦାନ ଏକ ପ୍ରମୁଖ ଭୂମିକା ବହନ କରେ। ଲିଭର, କିଡ୍‌ନୀ ଭଳି ହୃତ୍‌ପିଣ୍ଡ ଜୀବିତ ବ୍ୟକ୍ତିଙ୍କଠାରୁ କଢ଼ାଯାଇ ପାରି ନଥାଏ। ବ୍ରେନ୍ ଡେଡ୍ ହୋଇଥିବା ଲୋକଙ୍କ ପରିବାର ଲୋକେ ରାଜି ହେଲେ ଅଙ୍ଗଦାନ ସମ୍ଭବ ହୋଇଥାଏ। ଏଥିପ୍ରତି ଜନସାଧାରଣ ସଚେତନ ହେଲେ ଅନ୍ୟ ଜଣଙ୍କୁ ନୂଆ ଜୀବନ ମିଳିପାରିବ।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ହୃଦ୍‌ରୋଗ ବିଭାଗରେ ହୃତ୍‌ପିଣ୍ଡ ପ୍ରତିରୋପଣ ବ୍ୟବସ୍ଥା ପାଇଁ ଡିଏମ୍‌ଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୨ ମେ' ୧୨ ତାରିଖରେ ଅନୁମତି ମିଳିଥିଲା। ୨୦୨୨ ନଭେମ୍ବର ୨୨ରେ ଏଠାରେ ହାର୍ଟ ଫେଲ୍ୟୁଅର୍ କ୍ଲିନିକ୍ ଖୋଲାଯାଇ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ୩୦୦ରୁ ଅଧିକ ରୋଗୀ ନାମ ପଞ୍ଜୀକରଣ କରିଛନ୍ତି।

# ସରକାର, ସିଭିଲ ସୋସାଇଟି ମଧ୍ୟରେ ମାନସ ମନ୍ଥନ ଅପରିହାର୍ଯ୍ୟ

**ଓଡ଼ିଶା ବିକାଶ କନ୍‌କ୍ଲେଭ**

**ଓଡ଼ିଶାରେ ୪ ଫାଷ୍ଟଟ୍ରାକ୍ ମହିଳା କୋର୍ଟ ସ୍ଥାପନ ହେବ**

ଭୁବନେଶ୍ୱର,୨୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)




ସ୍ୱାସ୍ଥ୍ୟସେବା ଓ ସଚେତନତା କାରଣରୁ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ୁଛି। ସେହିଭଳି ଯୁବାବର୍ଗଙ୍କ ସଂଖ୍ୟା ବୃଦ୍ଧି ସହିତ ମୃତ୍ୟୁହାରରେ ଆସିଛି ସୁଧାର। ଏହି ସ୍ଥିତି ଆମ ନିକଟରେ ଅନେକ ଆହ୍ୱାନ ସହିତ ସୁଯୋଗ ସୃଷ୍ଟି କରିଛି। ଏଥିପାଇଁ ସମସ୍ତଙ୍କର ଅବଦାନ ଓ ଯୋଗଦାନ ଅପରିହାର୍ଯ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରାମର୍ଶ ଦେଇଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଓଡ଼ିଶା ବିକାଶ କନ୍‌କ୍ଲେଭ୍‌ର ଉଦଯାପନୀ ସମାରୋହକୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ କହିଲେ, ବିକଶିତ ଓଡ଼ିଶା ପାଇଁ ସରକାର ଓ ସିଭିଲ ସୋସାଇଟି ମଧ୍ୟରେ ମାନସ ମନ୍ଥନ ଅପରିହାର୍ଯ୍ୟ। ସିୱାଇଏସ୍‌ଡି ପ୍ରତିଷ୍ଠାତା ସଦସ୍ୟ ଜଗଦାନନ୍ଦଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମାରୋହରେ ପ୍ରଫେସର ଡକ୍ଟର ଅମିତାଭ କୁଣ୍ଡୁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ୟୁଏନ୍‌ଏଫ୍‌ପିଏର ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ ନୂର୍ ଓ ଏସ୍‌ଏନ୍ ତ୍ରିପାଠୀ ପ୍ରମୁଖ ଓଡ଼ିଶାର ଶହେ ବର୍ଷ ପୂର୍ତ୍ତିରେ ଦୃଶ୍ୟମାନ ହେବାକୁ ଥିବା ସମସ୍ୟା ଓ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନାରୀ ଶିକ୍ଷା କ୍ଷେତ୍ରରେ ସର୍ବାଧିକ ବଜେଟ ଆବଣ୍ଟନ ହେବା ଉଚିତ ବୋଲି ମତ ପୋଷଣ କରିଥିଲେ। ଓଡ଼ିଶାକୁ ୪ଟି ଜୋନ୍ କରି ଚାରୋଟି ଫାଷ୍ଟଟ୍ରାକ୍ ମହିଳା କୋର୍ଟ ସ୍ଥାପନ ଦିଗରେ ରାଜ୍ୟ ସରକାର ଚିନ୍ତା କରୁଥିବା ସେ କହିଥିଲେ।

କନ୍‌କ୍ଲେଭର ସ୍ୱତନ୍ତ୍ର ଅଧିବେଶନଗୁଡ଼ିକରେ ସ୍ଥାନାନ୍ତର, ସ୍ୱାସ୍ଥ୍ୟ ଓ ପୁଷ୍ଟି, ନିଯୁକ୍ତି ଓ ନଗରାଞ୍ଚଳ ସମସ୍ୟା, ଶିକ୍ଷା, ବୟସ୍କ ଲୋକଙ୍କ ସମସ୍ୟା, ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ଆଦି ଆଲୋଚନାର ନିଷ୍କର୍ଷ ଉପସ୍ଥାପିତ ହୋଇଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।

## ଭଦ୍ରକ
- ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଓ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିଡ଼ିଓଙ୍କ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ଆଇଡିପୁର, ହାବଳେଶ୍ୱର, ଆମ୍ଭୋ, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ବାତ୍ୟା ମୁକାବିଲା ପାଇଁ ବ୍ଲକ୍ ପ୍ରଶାସନର ପ୍ରସ୍ତୁତି ଏବଂ ସମୀକ୍ଷା ବୈଠକ, ସ୍ଥାନ:ହାଟଡିହୀ ବ୍ଲକ୍, ସମୟ: ଅପରାହ୍ନ ୪ ଟା।
- ହରିବଂଶ ପାଠ ଏବଂ ପୂଜା, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କରଞ୍ଜିଆ ନାଟ୍ୟ ଉତ୍ସବ-୨୦୨୪ର ନାଟକ 'ପ୍ରତିବିମ୍ବ', ସ୍ଥାନ:ପଲ୍ଲବୀ ମଣ୍ଡପ, କରଞ୍ଜିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କୁତରଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ଚତୁର୍ଥ ଦିବସ ରାଜା ସୁପର ଷ୍ଟ୍ରାଇକର କିଙ୍ଗସ୍ ବନାମ ବିକାଶ ୱାରିଅରସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ତୃତୀୟ ଦିବସରେ ଅଶୋକ କିଙ୍ଗସ୍ ବନାମ ବିପୁ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ:ସନ୍ଧ୍ୟା ୭ଟା।

## କୋରାପୁଟ
- ଜୈବିକ ପଦ୍ଧତିରେ ବାସନା ଧାନ ଚାଷ ନେଇ ଚାଷୀଙ୍କୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଲିମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୁନ୍ଦ୍ରା, ସମୟ: ପୂର୍ବାହ୍ନ ୧୦ ଟା।
- ଶ୍ରୀ ଅନ୍ନ ଅଭିଯାନ ନେଇ ସଚେତନତା ବୈଠକ, ସ୍ଥାନ: ଅତଣ୍ଡା ପଞ୍ଚାୟତ ସଭା ଗୃହ, ନନ୍ଦପୁର, ସମୟ : ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ ହାୱା ମଇଦାନ, ସମୟ : ସକାଳ ୬ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ସିଂହପାଲି-କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୁର୍ଲା ଜ୍ୟୋତି ବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୨ଟା।

## ବଲାଙ୍ଗୀର
- ବଲାଙ୍ଗୀର ଦିନ୍ ଉତ୍ସବ ପ୍ରସ୍ତୁତି ପାଇଁ ଆଲୋଚନା, ସ୍ଥାନ: ପିପି ଏକାଡେମୀ ସଭାକକ୍ଷ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ଗଜଲକ୍ଷ୍ମୀ ଓ ରାମାୟଣ ପାରାୟଣ ର ଅଷ୍ଟମ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ, ସ୍ଥାନ: ସାହଜଲଥା, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୪ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁର ଦରବାରର ଅଷ୍ଟମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ରାତ୍ର ୮ଟା।

## ବରଗଡ଼
- ସିଆରସିସିମାନଙ୍କ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଯୋଗସ୍ମିତା ଫାଉଣ୍ଡେସନ୍ ପକ୍ଷରୁ ପାଠ୍ୟ ସାମଗ୍ରୀ ବଣ୍ଟନ, ସ୍ଥାନ: ସେକ୍ଟର-୨ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ନିର୍ବାଚନକୁ ନେଇ ବୈଠକ, ସ୍ଥାନ: ସେକ୍ଟର-୧୮ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: କଣ୍ଢେଇ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ସନ୍ଧ୍ୟା ଗ୍ରୁପ୍, କଟକ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ଗଜଲକ୍ଷ୍ମୀ ପୂଜା ଅବସରରେ ଟିକେଟ ଶୋ' ଅପେରା ଗୌରୀ, ସ୍ଥାନ: କଣ୍ଢେଇ ଗ୍ରାମ ମଣ୍ଡପ ପାଖ, ସମୟ: ରାତି ୧୧ଟା।

## କଳାହାଣ୍ଡି
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ବୃନ୍ଦିକୋମନା ସ୍ପୋର୍ଟସ୍ ଆସୋସିଏଶନ ନୂଆପଡ଼ା ପକ୍ଷରୁ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ମା' ବସ୍ତ୍ରାଣୀ ଖେଳପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ପଞ୍ଚମ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ
- ଶ୍ରୀମଦ୍ ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ସପ୍ତମ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ଼ ମନ୍ଦିର ବୌଦ୍ଧ , ସମୟ : ସକାଳ ୮ଟା।




ବାତ୍ୟା ପାଇଁ ଭୟଭୀତ ନ ହୋଇ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଜନସଚେତନତା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବୁଧବାର ତିଆରି କରିଥିବା ବାଲୁକା କଳା।

# ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ରେଳମନ୍ତ୍ରୀ

- ୧୦ ସ୍ଥାନରେ ୱାର୍ ରୁମ୍, ରିଲିଫ୍ ପରିବହନକୁ ଗୁରୁତ୍ୱ
- ବିଭିନ୍ନ ସ୍ଥାନ ଲାଗି ହେଲ୍ପ ଡେସ୍କ ନମ୍ବର ଜାରି

ଭୁବନେଶ୍ୱର,୨୩।୧୦(ଅନୁରାଧା ମହାରଣା)

ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ବାତ୍ୟାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲରେ ପୂର୍ବତଟ ଓ ଦକ୍ଷିଣ ପୂର୍ବ ରେଳପଥର ବାତ୍ୟା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବୈଠକରେ ରେଳପଥ ବୋର୍ଡ ଅଧ୍ୟକ୍ଷ, ସମସ୍ତ ବୋର୍ଡ ସଦସ୍ୟ, ପୂର୍ବତଟ ଓ ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜରଙ୍କ ସମେତ ଖଡ଼ଗପୁର, ଚକ୍ରଧରପୁର, ଆଦ୍ରା ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ଜେନେରାଲ ମ୍ୟାନେଜର ଉପସ୍ଥିତ ରହି ପୂରା ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ଭୁବନେଶ୍ୱରସ୍ଥିତ ରେଳ ସଦନ ଏବଂ କୋଲକାତାସ୍ଥିତ ଗାର୍ଡେନ ରିଚ ସହ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ, ବିଶାଖାପାଟଣା, ସମ୍ବଲପୁର, ଚକ୍ରଧରପୁର, ଆଦ୍ରା, ରାଞ୍ଚି, ଖଡଗପୁର ଏବଂ ବାଲେଶ୍ୱରରେ ୱାର୍ ରୁମ୍ ପ୍ରସ୍ତୁତ କରାଯାଇଛି। ଇଞ୍ଜିନିୟରିଂ, ଏସ୍ ଆଣ୍ଡ ଟି, ଅପରେଟିଂ, ବାଣିଜ୍ୟିକ ଏବଂ ଆର୍‌ପିଏଫ୍‌ର ଅଧିକାରୀମାନେ ଏହି ୱାର୍ ରୁମ୍ ପରିଚାଳନା କରିବେ। ୨୦ ସାଟେଲାଇଟ୍ ଫୋନ୍ ସହିତ ଏହି ୱାର୍ କାର୍ଯ୍ୟକ୍ଷମ କରାଯାଇଛି। ତେବେ ବାତ୍ୟା ସମ୍ପର୍କିତ ଠିକ୍ ତଥ୍ୟ ପାଇବା ଏବଂ ଏହାର ମୁକାବିଲା ପାଇଁ ରେଳପଥ ପାଣିପାଗ ବିଭାଗ ସହିତ ନିରନ୍ତର ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଶନରେ ଟ୍ରାକ୍, ସିଗ୍‌ନାଲ ସିଷ୍ଟମ ଏବଂ ବିଦ୍ୟୁତୀକରଣ ପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ବିଦ୍ୟୁତ୍ ସରବରାହ ବନ୍ଦ କରାଗଲେ ଟ୍ରେନ ଚଳାଚଳ ନିଶ୍ଚିତ କରିବାକୁ ଡିଜେଲ ଲୋକୋମୋଟିଭର ବନ୍ଦୋବସ୍ତ କରାଯାଇଛି। ଭୋଜୁଡହି, ବୋକାରୋ ଷ୍ଟିଲ୍ ସିଟି, ସୋରୋ, ନିମପୁର ଆଦି ଷ୍ଟେଶନରେ ୬୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରିଲିଫ ଭ୍ୟାନ୍, ଟ୍ରଲି ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ମଧ୍ୟ ମହଜୁଦ୍ ରଖାଯାଇଛି। ୬-୭ କୋଚ୍ ସହିତ ରିଲିଫ ସାମଗ୍ରୀ କିମ୍ବା ଅନ୍ୟାନ୍ୟ ଆବଶ୍ୟକତା ବହନ କରିବା ପାଇଁ ସ୍କ୍ରାଚ୍ ରେକ୍ ଯୋଜନା କରାଯାଇଛି। ପୂର୍ବରୁ ପ୍ରାୟ ୨୦୦ ଟ୍ରେନ୍ ବାତିଲ କରାଯାଇଥିବାବେଳେ ବାତ୍ୟା କାଳରେ ପବନର ବେଗକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ବିଭିନ୍ନ ଅଞ୍ଚଳ ପାଇଁ ହେଲ୍ପ ଡେସ୍କ ନମ୍ବର ଜାରି କରାଯାଇଛି। ପୁରୀ ପାଇଁ ୮୯୨୬୧୦୦୩୫୬, ଖୋର୍ଦ୍ଧା ରୋଡ୍ ପାଇଁ ୮୯୨୬୧୦୦୨୧୫, ଭୁବନେଶ୍ୱର ପାଇଁ ୮୧୧୪୩୮୨୩୭୧, କଟକ ପାଇଁ ୮୧୧୪୩୮୨୩୫୯, ପାରାଦୀପ ପାଇଁ ୮୧୧୪୩୮୮୩୦୨, ଯାଜପୁର-କେନ୍ଦୁଝର ରୋଡ୍ ପାଇଁ ୮୧୧୪୩୮୨୩୪୨, ଭଦ୍ରକ ପାଇଁ ୮୧୧୪୩୮୨୩୦୧, ପଲାସା ପାଇଁ ୮୧୧୪୩୮୨୩୧୯ ଓ ବ୍ରହ୍ମପୁର ପାଇଁ ୮୧୧୪୩୮୨୩୪୦ ନମ୍ବର ରହିଛି। ସେହିପରି ସ୍ୱାସ୍ଥ୍ୟଗତ ସେବା ପ୍ରଦାନ ପାଇଁ ମେଡିକାଲ ଟିମ୍ ନିୟୋଜନ କରାଯାଇଛି। ଯଥେଷ୍ଟ ପରିମାଣର କ୍ଲୋରିନ୍ ବଟିକା, ବ୍ଲିଚିଂ ସହ ପ୍ରାଥମିକ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭିନ୍ନ ଷ୍ଟେଶନରେ ଖାଦ୍ୟ ବନ୍ଦୋବସ୍ତ ବିଶେଷ କରି ଶିଶୁଙ୍କ ଖାଦ୍ୟ ଉପଲବ୍ଧ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରେଲୱେ କଲୋନୀ ସହ ଅନ୍ୟାନ୍ୟ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ କରିବାକୁ ହେଲ୍‌ପଲାଇନ ନମ୍ବର ଜାରି

**ବାତ୍ୟା ପୂର୍ବରୁ ଦରବୃଦ୍ଧି ପ୍ରସଙ୍ଗ**

ଭୁବନେଶ୍ୱର,୨୩।୧୦(ସୁନିତ୍ ମିଶ୍ର)

ଅତ୍ୟାବଶ୍ୟକ ସାମଗ୍ରୀର ଦରରେ ଅହେତୁକ ବୃଦ୍ଧି ପାଉଥିବା ନେଇ ଅଭିଯୋଗ ବଢ଼ିଚାଲିଛି। ଏଭଳି ସ୍ଥିତିରେ ଜନସାଧାରଣଙ୍କୁ ଆଶ୍ୱସ୍ତ କରିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜାରି ହେଲ୍‌ପଲାଇନ ନମ୍ବର ଜାରି କରାଯାଇଛି। ଖାଉଟି ଦର ବୃଦ୍ଧି ନେଇ ୦୬୭୪-୨୩୯୬୨୨୭ରେ ଅଭିଯୋଗ କରିପାରିବେ। କଲ୍ କରି ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ କରିପାରିବେ। ଅଭିଯୋଗ ଅନୁସାରେ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ବାତ୍ୟା 'ଦାନା' ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ଭିତରେ ଧାମରାରୁ ଭିତରକନିକାରେ ଲ୍ୟାଣ୍ଡଫଲ୍ କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ସହ ପବନ ବୋହିବାର ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେବା ପରେ ରାଜ୍ୟ ସରକାର ତତ୍ପର ହୋଇଛନ୍ତି। ଏଭଳି ସ୍ଥିତିରେ ଅସାଧୁ ବ୍ୟବସାୟୀ ଅହେତୁକ ଖାଦ୍ୟ ସାମଗ୍ରୀର ଦର ବଢ଼ାଇ ଦେଉଛନ୍ତି। ସେଥିପାଇଁ ବଜାରରେ କୃତ୍ରିମ ଅଭାବ ଦେଖାଯାଉଛି।

# ଆବଶ୍ୟକ ନ ଥିଲେ ଯାତ୍ରା ନ କରିବାକୁ ପରାମର୍ଶ

**ପରିବହନ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ**

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

ସମ୍ପୂର୍ଣ୍ଣ ଆବଶ୍ୟକତା ନ ଥିଲେ ଜନସାଧାରଣ ଗମନାଗମନରୁ ବିରତ ରହିବା ଦରକାର। ନିହାତି ଆବଶ୍ୟକ ନ ଥିଲେ ଯାତ୍ରା ନ କରିବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ସମସ୍ତ ଅଧିକାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ପ୍ରକାର ପ୍ରତିକୂଳତାକୁ ତ୍ୱରିତ ସାମ୍ନା କରିବା ପାଇଁ ବିଭାଗୀୟ ଅଧିକାରୀମାନେ ସୁନିଶ୍ଚିତ କରିବା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆଭାସି ମାଧ୍ୟମରେ ପାଢ଼ୀ ବିଭାଗର କାର୍ଯ୍ୟପନ୍ଥା ନେଇ ବିସ୍ତୃତ ସମୀକ୍ଷା କରିବା ସହ ବାତ୍ୟାରେ କ୍ରିୟାଶୀଳ ରହିବାକୁ କହିଛନ୍ତି। ପରିବହନ ଓ ଜଳପଥ ବ୍ୟବସ୍ଥାରେ ସମନ୍ୱୟ ରକ୍ଷାପୂର୍ବକ ଫଳପ୍ରଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇ ସେ ବାତ୍ୟା ପ୍ରଭାବ ନେଇ ବିଭାଗର ସମସ୍ତ ଅଧିକାରୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିବହନ କମିଶନର ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ପରିବହନ ସେବାକୁ କାର୍ଯ୍ୟକ୍ଷମ ରଖିବା ଏବଂ ଆପତ୍‌କାଳୀନ ପରିସ୍ଥିତିର ଯଥାର୍ଥ ମୁକାବିଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ଜଳପଥ ଓ ଉପକୂଳ ଅଞ୍ଚଳଗୁଡ଼ିକରେ ବାତ୍ୟା ଦୃଷ୍ଟିରୁ ପ୍ରସ୍ତୁତ ରହିବା ନେଇ ମାର୍ଗଦର୍ଶିକା ଜାରି କରିବା ନିମନ୍ତେ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ପରିବହନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଭିତରକନିକାରୁ ଧାମରା...
ଗଞ୍ଜାମ ଜିଲାର କେତେକ ସ୍ଥାନରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ହେବାର ସମ୍ଭାବନା ରହିଛି। ସେହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ୨୫ ତାରିଖରେ ବାତ୍ୟା ପ୍ରଭାବରେ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ। ଏହିସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା,କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ବେଳେ ବଡ଼ ବଡ଼ ଢେଉ ଉଠିବା ସହ ସମୁଦ୍ର ଅଶାନ୍ତ ରହିବ। ଚାଳଘର, ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପାରେ। ଧାନ, ପନିପରିବା ଚାଷ କ୍ଷତିଗ୍ରସ୍ତ ହେବ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

### ଆଜି ସନ୍ଧ୍ୟାରୁ ବିମାନ ...
ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ବିମାନ ବନ୍ଦରରୁ କୌଣସି ବିମାନ ଉଡାଣ କରିବ ନାହିଁ କିମ୍ବା ଅବତରଣ କରିପାରିବ ନାହିଁ। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ବିମାନବନ୍ଦର କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି।

### ଶାନ୍ତି, ସ୍ଥାୟୀ ...
ଏହାକୁ ପ୍ରଶଂସା କରିଛନ୍ତି। ପାଖାପାଖି ୫ ବର୍ଷ ପରେ ମୋଦି ଏବଂ ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଏହା ପ୍ରଥମ ଗଠନମୂଳକ ଦ୍ୱିପାକ୍ଷିକ ଆଲୋଚନା। ପରିପକ୍ୱତା ଏବଂ ପାରସ୍ପରିକ ସମ୍ମାନ ପ୍ରଦର୍ଶନ ଦ୍ୱାରା ଦୁଇଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ସମ୍ପର୍କ ରଖାଯାଇପାରିବା ନେଇ ଦୁଇ ନେତା ସହମତ ହୋଇଛନ୍ତି। ଶାନ୍ତି ଓ ସ୍ଥିରତାରେ ବ୍ୟାଘାତ ହେବାକୁ ନ ଦେଇ ମତଭେଦ ଏବଂ ବିବାଦର ଉପଯୁକ୍ତ ସମାଧାନ ଉପରେ ବୈଠକରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆମ ଦେଶ ସମେତ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଭାରତ-ଚାଇନା ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି ମୋଦି କହିଛନ୍ତି।
ମୋଦିଙ୍କ ସହ ଆଲୋଚନା କରିବାରେ ଜିନ୍‌ପିଙ୍ଗ ଖୁସି ବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଆମ ଦୁଇ ଦେଶର ଜନସାଧାରଣଙ୍କ ସମେତ ଅନ୍ତର୍ଜାତୀୟ ସମୁଦାୟର ନଜର ରହିଥିବା ସେ କହିଛନ୍ତି। ଚାଇନା ଏବଂ ଭାରତ ୨ ପୁରାତନ ସଭ୍ୟତା, ବୃହତ୍ ବିକାଶୀଳ ରାଷ୍ଟ୍ର ଏବଂ ଗ୍ଲୋବାଲ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ନିଜ ନିଜ ଦେଶର ଆଧୁନିକୀକରଣ ପ୍ରୟାସରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଛେ। ତେଣୁ ଦୁଇ ଦେଶ ମଧ୍ୟରେ ଅଧିକ ଯୋଗାଯୋଗ ଓ ସହଯୋଗ ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ଚାଇନା ରାଷ୍ଟ୍ରପତି କହିଛନ୍ତି।

### ରାଜ୍ୟ ମହିଳା ...
ପରେ ରାଜ୍ୟର ସବୁ ନିଗମ, ବୋର୍ଡ ଓ ଅନ୍ୟାନ୍ୟ ପଦବୀରେ ଥିବା ଅଧ୍ୟକ୍ଷମାନଙ୍କୁ ହଟାଇ ଦିଆଯାଇଥିଲା। ହେଲେ ରାଜ୍ୟ ମହିଳା ଆୟୋଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗରେ ଥିବା ଅଧ୍ୟକ୍ଷାଙ୍କୁ ହଟାଯାଇ ନ ଥିଲା।

### ୮୦ ଲକ୍ଷ ମେଟ୍ରିକ ...
ପରିଚୟପତ୍ର ହେବ। ପଞ୍ଜୀକୃତ ଚାଷୀଙ୍କର ବାୟୋମେଟ୍ରିକ୍ ଚିହ୍ନଟୀକରଣ ମଧ୍ୟ କରାଯିବ। ରାଜ୍ୟରେ ପ୍ରାୟ ୨୬ଲକ୍ଷ ମେଟ୍ରିକ ଟନ୍ ଚାଉଳର ଆବଶ୍ୟକତା ଅଛି। ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)କୁ ପ୍ରଦାନ କରାଯିବ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ଧାନବିକ୍ରି କରିବା ପାଇଁ ୧୭ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। କଟନୀ-ଛଟନୀ ହେବ ନାହିଁ। କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଧାନ ବିକ୍ରି ବାବଦ ପ୍ରାପ୍ୟ ପ୍ରଦାନ କରାଯିବ। କେବଳ ପଞ୍ଜୀକୃତ ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ ସଂଗ୍ରହ କରାଯିବ। ପଞ୍ଜୀକୃତ ଜମିର ସବିଶେଷ ତଥ୍ୟର ସତ୍ୟତା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁଯାୟୀ ଯାଞ୍ଚ କରାଯିବ। ପଞ୍ଜୀକୃତ ଚାଷୀମାନଙ୍କୁ ଧାନ ସଂଗ୍ରହ ବାବଦ କ୍ରୟ ଦିବସ ଓ ପରିମାଣ ସମ୍ପର୍କରେ ଆଗୁଆ ସୂଚନା ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରଦାନ କରାଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦିଆଯିବ। ଏଫ୍‌ଏକ୍ୟୁ ମାନର ଧାନ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ବିକ୍ରି ହେଲେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ-୧୯୫୫ ଅନୁସାରେ ଦଣ୍ଡବିଧାନ କରାଯିବ। ଯୋଗାଣ ନିଗମ ସହିତ ପାକ୍ସ, ଲାମ୍ପ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକ ସଂଖ୍ୟାରେ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରିବେ। ପୂର୍ବ ବର୍ଷଗୁଡ଼ିକରେ ଯଦି କୌଣସି ମିଲରଙ୍କର ବକେୟା ଦେୟ ଥିବ, ତେବେ ଉକ୍ତ ମିଲରଙ୍କୁ ଆଗାମୀ ଖରିଫରେ ଧାନ ସଂଗ୍ରହରେ ଭାଗ ନେବାକୁ ଅନୁମତି ଦିଆଯିବ ନାହିଁ।

ଅନ୍ୟପକ୍ଷରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ 'ସମୃଦ୍ଧ କୃଷକ ଯୋଜନା' ନାମରେ ଏକ କଲ୍ୟାଣକାରୀ କୃଷି ଯୋଜନା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପଞ୍ଜୀକୃତ ଚାଷୀମାନଙ୍କଠୁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ସହ ଇନପୁଟ୍ ସହାୟତା ପ୍ରଦାନ କରି କୁଇଣ୍ଟାଲ ପିଛା ୩୧୦୦ଟଙ୍କାରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯିବ। ଧାନ ମଞ୍ଜି ଉତ୍ପାଦନ ନିମନ୍ତେ ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା ଅଧୀନରେ ପଞ୍ଜୀକୃତ ହୋଇ ରାଜ୍ୟ ବିହନ ନିଗମ ଲିମିଟେଡ୍ ମାଧ୍ୟମରେ ଧାନ ବିହନ ବିକ୍ରୟ କରୁଥିବା ଉତ୍ପାଦକମାନେ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଏଥିସହିତ ରାଜ୍ୟ କ୍ୟାବିନେଟ୍‌ରେ ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ଆପଣଙ୍କ ଅଭିଳାଷ ପୂର୍ଣ୍ଣତା ଲାଭ କରିବ। କାର୍ଯ୍ୟସିଦ୍ଧି ଘଟିବା ସହ ହସଖୁସିରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଦୂରାଗତ ବନ୍ଧୁଙ୍କ ସମସ୍ୟା ସମାଧାନ ପାଇଁ କିଛି କରିବାକୁ ପଡ଼ିବ। ଆଲୋଚନା, ଆନୁଷ୍ଠାନିକ କାମ, ମଜା ମଉଜର ପରିସରରୁ ଖୁସି ହୋଇପାରନ୍ତି।

**ବୃଷ** ଚନ୍ଦ୍ର ଏକାଦଶସ୍ଥ ଗୁରୁ ଯୋଗୁ ଆଜି ମନ ଅନୁଯାୟୀ କାମ ହାସଲ ସହ ବନ୍ଧୁମାନଙ୍କ ଆନୁଗତ୍ୟପୂର୍ଣ୍ଣ କଥାରେ ମନ ଖୁସି ହୋଇଯିବ। ଯାତ୍ରାକାଳରେ ଅଜଣା ଅଶୁଣା ଲୋକମାନଙ୍କୁ ମନେଇବାରେ ସଫଳ ହେବେ। ରବିଙ୍କ ଦୁର୍ବଳତା ପାରିବାରିକ କ୍ଷେତ୍ର ସକାଶେ କୌଣସି ଅପୂର୍ଣ୍ଣତା ମନଦୁଃଖର କାରଣ ହୋଇପାରେ।

**ମିଥୁନ** ସୁଖଭାବସ୍ଥ ଚନ୍ଦ୍ର ହେତୁ ଦିନଟିରେ ମନ ଖୁସି ରହିବ, ଯାହା କରିବାକୁ ଯାଉଛନ୍ତି ତାହା ନିଷ୍ଫଳ ହେବନାହିଁ। ବହୁଦିନ ପରେ ନିକଟ ସମ୍ପର୍କୀୟଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି। ସତର୍କତା ଅଭାବରୁ ଅର୍ଥ କିମ୍ବା କୌଣସି ଜିନିଷ ହରାଇ ବ୍ୟସ୍ତ ହେବେ। ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରିନେବେ।

**କର୍କଟ** ସ୍ୱଗୃହୀ ଚନ୍ଦ୍ରଙ୍କ ଯୋଗୁ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବା କାରଣରୁ କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ନିଜ କାମ ପଛକୁ ପକାଇ ଅନ୍ୟମାନଙ୍କ କାମକୁ ପ୍ରାଧାନ୍ୟ ଦେବାରୁ ପରିବାରରେ କୈଫିୟତ୍ ଦେବାକୁ ପଡ଼ିବ। ଅଧିକାଂଶ ସମୟ ଅନୁପସ୍ଥିତିଜନିତ ବନ୍ଧୁମାନେ ଅଭିଯୋଗ କରିପାରନ୍ତି। ବହୁ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିବାର ଆଶଙ୍କା ରହିଛି। ବନ୍ଧୁ ମରମ କଥା କହି ପ୍ରତିଶୋଧ ନେଇପାରନ୍ତି।

**କନ୍ୟା** ଶନିଦୃଷ୍ଟ ଶୁକ୍ର ହେତୁ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ କଟା ଘା'ରେ ଚୂନଛିଟା କଥା ମନକୁ ବେଶି ବାଧିବ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଆବଶ୍ୟକତା ପୂରଣ କରିବାକୁ ଯାଇ ମୋଟାଅଙ୍କର ଅର୍ଥ କରଜ କରିବାକୁ ପଡ଼ିପାରେ।

**ତୁଳା** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଆଜିର ଯାତ୍ରା, ସ୍ଥଗିତ କାମ, ବକେୟା ଅର୍ଥ ଯଥାସମୟରେ ପ୍ରାପ୍ତକରି ମନ ଖୁସି ହୋଇଯିବ। କିନ୍ତୁ ସାମୟିକ ଭାବେ ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ନିଷ୍ପତ୍ତି ବଦଳାଇ ଦେଇପାରନ୍ତି। ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ କାମ କରିବାକୁ ପଛେଇବେ ନାହିଁ।

**ବିଛା** ସପ୍ତମାଧିପଙ୍କ ରାଶ୍ୟାବସ୍ଥାନରୁ ସକାଳୁ ସକାଳୁ ଆପଣ ଆଦୌ ଆଶା କିମ୍ବା କଳ୍ପନା କରି ନ ଥିବା କାମଟିଏ ଜୁଟିଯିବ। ଦିନସାରା ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି, ଯାହାକି କେତେକ ଆକସ୍ମିକ ସମସ୍ୟା ସୃଷ୍ଟି କରିବ।

**ଧନୁ** ରାହୁଙ୍କ ପ୍ରଭାବରେ ଆକସ୍ମିକ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ପରିବାରରୁ କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ବନ୍ଧୁଙ୍କ ମାଧ୍ୟମରେ ନୂତନ ବସ୍ତ୍ରଭୂଷଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ବ୍ୟବସାୟ, ପରିବହନ ଧିମାଗତିରେ ଚାଲିବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମକର** ବକ୍ରୀ ବୃହସ୍ପତିଙ୍କ ପ୍ରଭାବରେ ଆପଣଙ୍କ କଥା ଓ କାମକୁ ଏପଟସେପଟ କରିଦେବାର ଆଶଙ୍କା ରହିଛି। ଫଳତଃ ତର୍କବିତର୍କ ଅଥବା ଟଙ୍କା ପଇସାକୁ କେନ୍ଦ୍ରକରି ଆକସ୍ମିକ କଳହ ଲାଗିପାରେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ** ଦୂରାଗତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଦୀର୍ଘପଥ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧନାଧିପଙ୍କ କେନ୍ଦ୍ରାବସ୍ଥାନରୁ ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ମୀନ** ଚନ୍ଦ୍ରଙ୍କ ପ୍ରଭାବରେ ମନ ଭିତରେ ଯାହା ଥାଉନା କାହିଁକି ଉପର ମନରେ ହସି ହସି କଥା କହିବେ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବା ସାଙ୍ଗକୁ ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ହଠାତ୍ ନୂତନ ବନ୍ଧୁସମ୍ପର୍କ ସୃଷ୍ଟିରୁ ମନ ଖୁସି ରହିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

ଆଜି ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, କାର୍ତ୍ତିକ କୃଷ୍ଣ ଅଷ୍ଟମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୮ମି. ଗତେ ଘ.୦୭।୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୨।୫୬ମି. ଗତେ ଘ.୦୨।୨୧ମି. ମଧ୍ୟେ ରାହୁକାଳ॥




# କୁମ୍ଭୀର ଉଦ୍ଧାର ପାଇଁ ୨ ରେସ୍କ୍ୟୁ ଟିମ୍

ଭୁବନେଶ୍ୱର,୨୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

**ବାତ୍ୟା ପାଇଁ ବନ ବିଭାଗ ପ୍ରସ୍ତୁତ**

ବାତ୍ୟା 'ଦାନା' ଭିତରକନିକା କିମ୍ବା ଏହା ଆଖପାଖରେ ଲ୍ୟାଣ୍ଡଫଲ୍ କରିବାର ଆଶଙ୍କା ରହିଛି। ଏନେଇ ବନବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବାତ୍ୟା ଭିତରକନିକାରେ ଯଦି ଲ୍ୟାଣ୍ଡଫଲ୍ କରେ ତେବେ କୁମ୍ଭୀର ଭୟ ରହୁଛି। ଏଥିସହ ହେନ୍ତାଳ ବଣ ରହୁଥିବାରୁ ବାତ୍ୟାର ପ୍ରଭାବ କିଭଳି ପଡ଼ିବ ତାହା ମଧ୍ୟ ଏକ ପ୍ରଶ୍ନ ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ବାତ୍ୟା ପାଇଁ ବନ ବିଭାଗ ପୂରା ପ୍ରସ୍ତୁତ। ଜନସାଧାରଣ କେବଳ ଆମକୁ ଖବର ଦେବାକୁ ଅନୁରୋଧ। ବାତ୍ୟା ପାଇଁ ମାଇକ୍ ଦ୍ୱାରା ମଧ୍ୟ ସଚେତନତା ବାର୍ତ୍ତା ପ୍ରଚାର କରାଯାଉଛି। ଭିତରକନିକାରେ ପ୍ରାୟ ୨୦୦ ବର୍ଗ କିଲୋମିଟର ହେନ୍ତାଳ ବଣ ରହିଛି। ହେନ୍ତାଳ ବଣ ହେଉଛି ବାତ୍ୟା ବା ଜୁଆର ପାଇଁ ଏକ ପ୍ରକାରର ରକ୍ଷା କବଚ। ବାତ୍ୟା ସେଠାରେ ଲ୍ୟାଣ୍ଡଫଲ୍ କଲେ ରାଜନଗର, ରାଜକନିକା ଆଦି ଅଞ୍ଚଳ ବେଶି କ୍ଷତିଗ୍ରସ୍ତ ହେବନାହିଁ। ଉଚ୍ଚ ଜୁଆରକୁ ହେନ୍ତାଳ ବଣ ଅଟକାଇବାରେ ସକ୍ଷମ ହେବ। ଭିତରକନିକା ଜାତୀୟ ଉଦ୍ୟାନରେ କୁମ୍ଭୀରଙ୍କ ସମାଗମ ରହିଛି। ବାତ୍ୟା ଲ୍ୟାଣ୍ଡଫଲ୍ ସମୟରେ ଯଦି ଉଚ୍ଚ ଜୁଆର ଆସେ, ତା'ହେଲେ କିଛି କୁମ୍ଭୀର ଗାଁମୁହାଁ ହୋଇପାରନ୍ତି। ତେଣୁ ବାତ୍ୟା ପରର ପ୍ରଥମ ୨ଦିନ ଦେଖି ଚାହିଁ ଚଳିବା ଆବଶ୍ୟକ। କୁମ୍ଭୀର ଉଦ୍ଧାର ପାଇଁ ଡିଏଫ୍ଓ ଦୁଇଟି ରାପିଡ୍ ରେସ୍ପନ୍ସ ଟିମ୍ ଗଠନ କରିଛନ୍ତି। ଜିଲା ପ୍ରଶାସନ ସହାୟତାରେ ଆଉ ୫ଟି ଟିମ୍ ମଧ୍ୟ ରାସ୍ତାଘାଟ ସଫା କରିବା ପାଇଁ ଗଠନ କରାଯାଇଛି ବୋଲି ନନ୍ଦ କହିଛନ୍ତି। ତେବେ ବାତ୍ୟା ବେଳେ ହରିଣ ବା ପକ୍ଷୀଙ୍କର କିଛି କ୍ଷତି ହେବନାହିଁ। ଯଦି କୌଣସି ଚଢ଼େଇ ବସା ବାନ୍ଧି ଛୁଆ ଦେଇଥିବ, ସେମାନଙ୍କ ପ୍ରତି ବିପଦ ରହିଛି। ମାତ୍ର ସେଥିପ୍ରତି ବନ ବିଭାଗ ସଜାଗ ରହିଛି। କୌଣସି ପ୍ରାଣୀ ବା ପକ୍ଷୀ ଆହତ ହେଲେ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ପିସିସିଏଫ୍ କହିଛନ୍ତି।

# ବାତ୍ୟା ମୁକାବିଲା: ଏସ୍‌ଟିଏର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

- କଟକ, ଭୁବନେଶ୍ୱରରେ କଣ୍ଟ୍ରୋଲ ରୁମ୍ ୨୬ ସକାଳ ୭ଟା ଯାଏ ଚାଲିବ
- ସମସ୍ତ ଆର୍‌ଟିଓ ସଜାଗ ରହିବାକୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ
- ୨୬ ପର୍ଯ୍ୟନ୍ତ କର୍ମଚାରୀଙ୍କ ଛୁଟି ବାତିଲ


ବୈଠକରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ଅନ୍ୟମାନେ।

କଟକ,୨୩।୧୦ (କାର୍ତ୍ତିକ ସାହୁ)

ବାତ୍ୟା ମୁକାବିଲା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)ର ସମୀକ୍ଷା ବୈଠକ କଟକସ୍ଥିତ ମୁଖ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାତ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ପ୍ରାଧିକରଣ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଗାଡ଼ି ଚାଳକ ଓ ଯାତ୍ରୀଙ୍କୁ ସତର୍କ ରହିବାରୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ନ ଥିଲେ ଯାତ୍ରା ନ କରିବାକୁ କୁହାଯାଇଛି। ସେହିଭଳି କୌଣସି ଜରୁରୀ ପରିସ୍ଥିତି ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମଧ୍ୟ କାର୍ଯ୍ୟକ୍ଷମ ହୋଇଛି।

କଟକସ୍ଥିତ ଏସ୍‌ଟିଏ ମୁଖ୍ୟାଳୟ ସମେତ ଭୁବନେଶ୍ୱର-୧ ଆର୍‌ଟିଓ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜନସାଧାରଣଙ୍କ ପାଇଁ ଜାରି ହୋଇଥିବା ଏସ୍‌ଟିଏ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ନମ୍ବର ହେଉଛି ୦୬୭୧-୨୫୦୭୦୪୨। ବୁଧବାର ସକାଳ ୭ଟାରୁ ଆସନ୍ତା ୨୬ ତାରିଖ ସକାଳ ୭ଟା ଯାଏ ଏହା କାର୍ଯ୍ୟକ୍ଷମ ରହିବ। ଅତିରିକ୍ତ ପରିବହନ ଆୟୁକ୍ତ (ପ୍ରଶାସନିକ) ଇନ୍ଦ୍ରମଣି ନାୟକଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି। ସେହିପରି ଭୁବନେଶ୍ୱର-୧ ଆର୍‌ଟିଓ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ଅତିରିକ୍ତ ପରିବହନ ଆୟୁକ୍ତ (ଏନ୍‌ଫୋର୍ସମେଣ୍ଟ) ଲାଲମୋହନ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଛି। ଏହି କଣ୍ଟ୍ରୋଲ ରୁମ୍ ନମ୍ବର ହେଉଛି ୦୬୭୪-୨୫୪୦୯୦୪। ଏଥିସହ ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ବାତ୍ୟା ମୁକାବିଲା ନିମନ୍ତେ ପୂର୍ଣ୍ଣ ସଜାଗ ରହିବାକୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉପକୂଳବର୍ତ୍ତୀ ଜିଲାରେ ଥିବା ଆର୍‌ଟିଓ କାର୍ଯ୍ୟାଳୟଗୁଡ଼ିକ ପାଇଁ ଅତିରିକ୍ତ କର୍ମଚାରୀ ମୁତୟନ କରାଯାଇଛି। ପୋଲ୍ ମାଷ୍ଟର, କ୍ରେନ୍, ହାଇଡ୍ରା, ବୋଲେରୋ, ଜେସିବି, ଆମ୍ବୁଲାନ୍ସ ଆଦିର ବ୍ୟବସ୍ଥା କରିବାକୁ କୁହାଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏସ୍‌ଟିଏ ଏବଂ ଆର୍‌ଟିଓରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଏହି ବୈଠକରେ ଏସ୍‌ଟିଏର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ଆଞ୍ଚଳିକ ପରିବହନ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ।

# ସମୁଦ୍ର ଅଶାନ୍ତ, ତୁହାକୁ ତୁହା ବର୍ଷା

- ଉପାନ୍ତ ଅଞ୍ଚଳରେ ପଡ଼ିଲାଣି ପ୍ରଭାବ
- ଜୁଆର ହେଲେ ବଉଳା କୁମ୍ଭୀର ଆତଙ୍କ ଦେଖାଦେବ
- ୨୩ରୁ ୨୫ ପର୍ଯ୍ୟନ୍ତ ଭିତରକନିକାକୁ ପର୍ଯ୍ୟଟକଙ୍କୁ ବନ୍ଦ

କେନ୍ଦ୍ରାପଡ଼ା, ୨୩।୧୦(ଜଗନ୍ନାଥ ଧଳ)

ବଙ୍ଗୋପସାଗରରେ ଘନୀଭୂତ ଲଘୁଚାପ ସାମୁଦ୍ରିକ ଝଡ଼ 'ଦାନା'ରେ ପରିଣତ ହୋଇଛି। ଏହି ସମ୍ଭାବ୍ୟ ଝଡ଼ ୨୪ ତାରିଖରେ ଉପକୂଳ ଛୁଇଁବ ବୋଲି ଆକଳନ କରାଯାଇଛି। ଏହାର ପ୍ରଭାବ କେନ୍ଦ୍ରାପଡ଼ା ଜିଲାରେ ବୁଧବାର ଅପରାହ୍ନଠାରୁ ଦେଖିବାକୁ ମିଳିଛି। ଅପରାହ୍ନରେ ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୩୦ କି.ମି.ରୁ ଅଧିକ ଅଛି। ସମୁଦ୍ର ଅଶାନ୍ତ ହେବା ସହ ମଝିରେ ମଝିରେ ବଡ଼ ଜୁଆର ତଟକୂଳରେ ଅଜାଡ଼ି ହୋଇପଡୁଛି। କେତେକ ସ୍ଥାନରେ ଝିପିଝିପି ବର୍ଷା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସାମୁଦ୍ରିକ ଝଡ଼ ସମୟରେ ଶୂନ୍ୟ ମରଣ ନୀତିରେ ଉପାନ୍ତ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ଆରମ୍ଭ ହୋଇଛି। ଜିଲା ପୋଲିସ ବାହିନୀ, ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଟିମ ସହ ଜିଲାର ପ୍ରଶାସନିକ ଅଧିକାରୀ ମିଶି ସ୍ଥାନାନ୍ତର ଓ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଥଇଥାନ ବ୍ୟବସ୍ଥାରେ ଲାଗିଛନ୍ତି। ବାତ୍ୟା ପରିଚାଳନା ପାଇଁ ପର୍ଯ୍ୟବେକ୍ଷକ ଆଇଏଏସ୍ ସମର୍ଥ ବର୍ମା ସମୀକ୍ଷା ବୈଠକ କରିଛନ୍ତି। ସେହିପରି ସାମୁଦ୍ରିକ ଝଡ଼ ଦାନାର ଲ୍ୟାଣ୍ଡଫଲ୍ ଭିତରକନିକା ବୋଲି ଆକଳନ ହୋଇଛି। ଏଥିପାଇଁ ଭିତରକନିକାକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଯିବା ପାଇଁ ବାରଣ କରାଯାଇଛି।

ବାତ୍ୟା ସମ୍ପର୍କରେ ରାଜନଗର ବ୍ଲକ ପେଣ୍ଠ ଗ୍ରାମର ହରିହର ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଲଗାତର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଛି। ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ କିଛି ଲୋକ ସ୍ଥାନାନ୍ତର ହୋଇଛନ୍ତି। ସମୁଦ୍ରର ଉତ୍ତାଳ ଜୁଆର ଦେଖିଲେ ଏଠାରେ ନିର୍ମିତ ଲୁଣାବନ୍ଧ ସମେତ ଜିଓ ସିନ୍ଥେଟିକ ଟିୟୁବୱାଲ ସୁରକ୍ଷିତ ନୁହେଁ। ଜୁଆର ଯୋଗୁ ଉଠୁଥିବା ପାଣିର ଉଚ୍ଚତା ତଟାଞ୍ଚଳରେ ୧ ମିଟର ଉଚ୍ଚା ହେଲେ ଲୁଣାବନ୍ଧ ନଷ୍ଟ ହେବ। ସେହିପରି ଜିଓ ଟ୍ୟୁବୱାଲରୁ ବଡ଼ ପଥର ଓ ଗାବିଅନ ବକ୍ସରୁ ଜୁଆର ମାଡ଼ରେ ସମୁଦ୍ରକୁ ଚାଲି ଯାଉଥିବାରୁ ଏହି ଗ୍ରାମ ପ୍ରତି ବିପଦ ବଢ଼ିଛି। ରାଜନଗର ବ୍ଲକ ମଗରକନ୍ଦା ଗାଁର କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ସାମୁଦ୍ରିକ ଝଡ଼ ଦାନାର ପ୍ରାରମ୍ଭିକ ପ୍ରଭାବ ଅନୁଯାୟୀ ଏହା ଜିଲାର ବିଶେଷ କ୍ଷତି କରିବ। ସାତଭାୟାର ବରାହୀପୁର ଗ୍ରାମ ମଧ୍ୟକୁ ସମୁଦ୍ର ପାଣି ମାଡ଼ିଯିବା ସହ ପର୍ଯ୍ୟଟନସ୍ଥଳୀ ହାବେଳିଖଟିରେ ତଟକ୍ଷୟ ଅଧିକ ହେବ। ଏବେଠାରୁ ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ୩୦ ପରିବାର ସ୍ଥାନାନ୍ତର କରାଯାଇଛି। ଗ୍ରାମ ନିକଟରେ ଚାଷଜମି ଥିବାରୁ ଘରେ ରହିଥିବା ଶସ୍ୟର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଛି। ସେହିପରି ଜାତୀୟଉଦ୍ୟାନ ଭିତରକନିକା ମଧ୍ୟରେ ଥିବା ମଣିଷ, ବନ୍ୟଜୀବ, ସାମୁଦ୍ରିକ ଜୀବ ଓ ବଉଳା କୁମ୍ଭୀରଙ୍କ ଜୀବନ ବିପନ୍ନ ହେବ। ଏଥିପାଇଁ ଲୋକେ ଅଧିକ ଆତଙ୍କିତ ହୋଇପଡ଼ିଛନ୍ତି। ଚାଷବାସ ନଷ୍ଟ ସହ ଜୀବନହାନିର ସମ୍ଭାବନା ଅଛି। ସାମୁଦ୍ରିକ ଜୁଆର ବଢ଼ିଲେ ନଦୀ ନାଳକୁ ବଉଳା କୁମ୍ଭୀର ବାହାରକୁ ଆସି ଆତଙ୍କ ସୃଷ୍ଟି କରିବେ। ଲୁଣା ପାଣି ମାଡ଼ି ଆସିବା ଯୋଗୁ ଚାଷ ନଷ୍ଟ ହେବା ସହେ ଘରଦ୍ୱାର ଭାଙ୍ଗିବା ଆଦି ଭୟ ରହିଥିବା ସେ ପ୍ରକାଶ କରିଛନ୍ତି। ମହାକାଳପଡ଼ାର ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ବାତ୍ୟା ଦାନା ପାଇଁ ବଜାର ଦର ଆକାଶଛୁଆଁ ହୋଇଛି। ସମ୍ଭାବ୍ୟ ବାତ୍ୟା ସମୟରେ ଖାଦ୍ୟ ସାମଗ୍ରୀର ଅତ୍ୟଧିକ ଦର ବ୍ୟବସାୟୀ ନେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ସଂଘର ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ର କହିଛନ୍ତି, ଗୋଖାଦ୍ୟ ସହ ୧୫ ଦିନର ରାଶନ ସାମଗ୍ରୀ ଆଗୁଆ ମାଗଣାରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବାତ୍ୟାର ଲ୍ୟାଣ୍ଡଫଲ ଭିତରକନିକା ବୋଲି ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଭାଗର ୫ ଟିମ ଯାତାୟାତ ପଥକୁ ସଫା ରଖିବା ପାଇଁ ନିୟୋଜିତ ହୋଇଛନ୍ତି। ଅନ୍ୟ ୨ଟି ଟିମ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ବ୍ୟବସ୍ଥା ହୋଇଛି। ହେନ୍ତାଳ ବଣ ଏଠାରେ ଥିବାରୁ ବନ୍ୟ ଓ ସାମୁଦ୍ରିକ ଜୀବଙ୍କ ଜୀବନହାନି ନିଶ୍ଚିତ ଭାବେ କମ ରହିବ। ଏବେ ଦେଶୀୟ ପକ୍ଷୀଙ୍କ ଅଣ୍ଡା ଓ ଶାବକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାତ୍ୟା ପରେ ଏ ନେଇ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ଜାତୀୟ ଉଦ୍ୟାନ ଭିତରକନିକାକୁ ବନ୍ଦ ରଖାଯାଇଛି ବୋଲି ସେ କହିଛନ୍ତି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ବାତ୍ୟା ଦାନାର ପରିଚାଳନା ପାଇଁ ଜିଲା ପ୍ରଶାସନ ସଜାଗ ଅଛି। ଶୁଖିଲା ଖାଦ୍ୟ ପଦାର୍ଥ ମହଜୁଦ ରଖାଯାଇଛି। ବାତ୍ୟା ପରବର୍ତ୍ତୀ ଅବସ୍ଥାକୁ ନିୟନ୍ତ୍ରଣ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।


ବାତ୍ୟା 'ଦାନା' ପ୍ରଭାବରେ ଭଦ୍ରକ ଜିଲା ଧାମନଗରରେ ବୁଧବାର ଅପରାହ୍ନରେ ବର୍ଷା।

# ଆବାସିକ ବିଦ୍ୟାଳୟ, ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଅ

ଭୁବନେଶ୍ୱର, ୨୩।୧୦(ସୁନିତ୍ ମିଶ୍ର)

**୧୪ ଜିଲାର ମଙ୍ଗଳ ଅଧିକାରୀଙ୍କୁ ବିଭାଗୀୟ ଚିଠି**

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ସମସ୍ତ ଆବାସିକ ବିଦ୍ୟାଳୟ, ହଷ୍ଟେଲ, ଅନ୍ୱେଷା ହଷ୍ଟେଲ୍ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଦ୍ୟାଳୟ ସହ ଯୋଡ଼ିହୋଇଥିବା ହଷ୍ଟେଲଗୁଡ଼ିକରେ ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ୧୪ ଜିଲାର ଜିଲା ମଙ୍ଗଳ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟକୁ ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ହଷ୍ଟେଲଗୁଡ଼ିକ କିନ୍ତୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବ। ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ, ପ୍ରଧାନ ଶିକ୍ଷକ, ହଷ୍ଟେଲ ପରିଚାଳକ, ମାଟ୍ରୋନ୍, ପାଚିକା ତଥା ସହାୟିକା, ଏଏନ୍‌ଏମ୍ ଦିଦି ପ୍ରଭୃତି ମୁଖ୍ୟାଳୟରେ ଉପସ୍ଥିତ ରହିବେ। ସମସ୍ତ ହଷ୍ଟେଲରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ, ପନିପରିବା, ପାନୀୟ ଜଳ ପ୍ରଭୃତି ମହଜୁଦକରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ଚିଠି କରି ସୂଚନା ଦିଆଯାଇଛି।

# ୨୭କୁ ଘୁଞ୍ଚିଲା ଅଗ୍ନିପଥ ମହିଳା ନିଯୁକ୍ତି ରାଲି

ପୁରୀ, ୨୩।୧୦(ଅଜିତ୍ କୁମାର ମହାନ୍ତି)

ବାତ୍ୟା ଦାନାର ପ୍ରଭାବ ପାଇଁ ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଗ୍ନିପଥ ମହିଳା ନିଯୁକ୍ତି ରାଲି ୨୭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ମହିଳାଙ୍କ ପାଇଁ ଆର୍ମିରିକ୍ରୁଟମେଣ୍ଟ ରାଲି ଯେଉଁଥିରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ସିକିମ୍‌ର ଆବେଦନକାରୀ ୨୫ରେ ଯୋଗ ଦେଇଥାନ୍ତେ, ବାତ୍ୟା ପାଇଁ ଏହା ୨୭ ତାରିଖରେ ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ ୨୭ ତାରିଖ ଭୋର ୩ ଘଟିକା ସୁଦ୍ଧା ରିପୋର୍ଟ କରିବାକୁ ରିକ୍ରୁଟମେଣ୍ଟ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

# ଆତଙ୍କିତ ହୁଅନ୍ତୁ ନାହିଁ, ସତର୍କ ରୁହନ୍ତୁ

**ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ**

- ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ
- ଗୁରୁବାର ସକାଳ ୧୧ଟା ସୁଦ୍ଧା ୯୦ ପ୍ରତିଶତ ସ୍ଥାନାନ୍ତର ନିର୍ଦ୍ଦେଶ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ମୁକାବିଲା ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୨୩।୧୦(ଅନିଲଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କୌଣସି ପରିସ୍ଥିତିରେ ଭୟଭୀତ ବା ଆତଙ୍କିତ ନ ହେବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। 'ଆପଣମାନେ ସୁରକ୍ଷିତ ହାତରେ ଅଛନ୍ତି'। ବିପଦ ଟଳିବା ପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଓ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିସ୍ଥିତିକୁ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସମସ୍ତେ ଜିଲା ଗସ୍ତରେ ଯାଇଛନ୍ତି। ଏଥିସହିତ ଅଭିଜ୍ଞତାସମ୍ପନ୍ନ ଅଧିକାରୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଯେଉଁସବୁ ଜିଲାରେ ବାତ୍ୟାର ସମ୍ଭାବନା ଅଛି, ସେସବୁ ଜିଲାରେ ବିପଦସଙ୍କୁଳ ଅଞ୍ଚଳରୁ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ବୁଧବାର ସନ୍ଧ୍ୟା ସୁଦ୍ଧା ବିପଦସଙ୍କୁଳ ଅଞ୍ଚଳରୁ ୩୦ ପ୍ରତିଶତ ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଛି। ଗୁରୁବାର ସକାଳ ୧୧ଟା ସୁଦ୍ଧା ୯୦ ପ୍ରତିଶତ ସ୍ଥାନାନ୍ତର କାର୍ଯ୍ୟ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟ ଓ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କଟକ ଓ ପୁରୀ ଜିଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ ଯଦି ଗତିପଥ ବଦଳେ, ତେବେ ଅନ୍ୟାନ୍ୟ ଜିଲା ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେଥିପାଇଁ ସରକାର ମଧ୍ୟ ପ୍ରସ୍ତୁତ ରହିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ। ବାତ୍ୟା ସମ୍ଭାବନା ଥିବା ଜିଲାର ଜିଲାପାଳମାନେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ବିଭିନ୍ନ ସାଟେଲାଇଟ ସୂଚନା ସମ୍ପର୍କରେ ଅବଗତ ହୋଇଛନ୍ତି ଏବଂ ଜରୁରିକାଳୀନ ଯୋଗାଯୋଗ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।

# ଭୟ ନ କରି ପ୍ରଶାସନକୁ ସହଯୋଗ କରନ୍ତୁ: ନବୀନ



ଭୁବନେଶ୍ୱର,୨୩।୧୦(ଅନିଲ ଦାସ)

ବାତ୍ୟା ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, ବାତ୍ୟା ଆସୁଥିବା ଖବର ପାଇ ଆମେ ସମସ୍ତେ ଚିନ୍ତିତ। ପୂର୍ବରୁ ଆମେ ସମସ୍ତେ ମିଶି ସଫଳତା ସହ ଅନେକ ବାତ୍ୟାର ମୁକାବିଲା କରିଛେ। ଆମର ଏକ ବହୁତ ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା ନୀତି ଅଛି। ଆପଣମାନେ ବାତ୍ୟା ପାଇଁ ଭୟଭୀତ ହୁଅନ୍ତୁ ନାହିଁ, ସଜାଗ ରୁହନ୍ତୁ। ଜୀବନ ଅମୂଲ୍ୟ। ନିରାପଦ ରୁହନ୍ତୁ। ବାତ୍ୟା ମୁକାବିଲାରେ ପ୍ରଶାସନକୁ ପୂରା ସହଯୋଗ ଦିଅନ୍ତୁ। ନିର୍ବାଚିତ ସମସ୍ତ ପ୍ରତିନିଧି ବିପଦ ସମୟରେ ଲୋକଙ୍କ ସହ ରୁହନ୍ତୁ। ଲୋକଙ୍କୁ ସାହାଯ୍ୟ କରନ୍ତୁ। ମୋର ଦୃଢ଼ ବିଶ୍ୱାସ ଆମେ ସମସ୍ତେ ଏକାଠି ପୂର୍ବପରି ବାତ୍ୟା 'ଦାନା'ର ସଫଳ ମୁକାବିଲା କରିପାରିବା।

## ବାତ୍ୟା ପାଇଁ ୨ ଦିନ ବନ୍ଦ

# ହାଇକୋର୍ଟ

କଟକ,୨୩।୧୦ (କାର୍ତ୍ତିକ ସାହୁ)

ବାତ୍ୟା ପାଇଁ ହାଇକୋର୍ଟକୁ ୨ ଦିନ ଛୁଟି ଘୋଷଣା କରାଯାଇଛି। ହାଇକୋର୍ଟ ପକ୍ଷରୁ ବୁଧବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଅକ୍ଟୋବର ୨୪ ଓ ୨୫ ତାରିଖ କୋର୍ଟ ଓ ହାଇକୋର୍ଟର ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିବ। ଏଥିସହ ପରବର୍ତ୍ତୀ ସମୟରେ ଆସନ୍ତା ନଭେମ୍ବର ୩୦ ଓ ଡିସେମ୍ବର ୭ ତାରିଖକୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି।

# ନନ୍ଦନକାନନ

ବାରଙ୍ଗ/ତ୍ରିଶୂଳିଆ,୨୩।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ନନ୍ଦନକାନନକୁ ୨ ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି। ୨୪ ରାତି କିମ୍ବା ୨୫ ତାରିଖ ସକାଳେ ବାତ୍ୟା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବ କାଳେ ନନ୍ଦନକାନନରେ ଦେଖାଦେବ, ସେଥିପାଇଁ ଆଗୁଆ ସବୁ ପ୍ରକାର ବ୍ୟବସ୍ଥା ନନ୍ଦନକାନନ କର୍ତ୍ତୃପକ୍ଷ ହାତକୁ ନେଇଛନ୍ତି। ପ୍ରାଣୀଙ୍କ ସହ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ୨୪ ଓ ୨୫ ତାରିଖ ୨ ଦିନ ନନ୍ଦନକାନନ ଏବଂ ବଟାନିକାଲ ଗାର୍ଡେନକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥିବା ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି।

# ସଂସ୍କୃତି ବିଭାଗ ଅଧୀନ ସମସ୍ତ ପରିଦର୍ଶନ ସ୍ଥାନ

ଭୁବନେଶ୍ୱର,୨୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ଗୁରୁବାର ଏବଂ ଶୁକ୍ରବାର ସର୍ବସାଧାରଣଙ୍କ ପରିଦର୍ଶନ ନିମନ୍ତେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ରାଜ୍ୟ ଅଭିଲେଖାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ବନ୍ଦ ରହିବ। ଏଥିସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ସମେତ ସମସ୍ତ ମଣ୍ଡପ ଯଥା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ ଓ ଭଞ୍ଜକଳା ମଣ୍ଡପ ମଧ୍ୟ ଏହି ୨ଦିନ ପାଇଁ ବନ୍ଦ ରହିବ। ଏ ନେଇ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ପୁନର୍ଜନ୍ମ ବିଶ୍ୱାସ



ଦେବଦତ୍ତ ପଟ୍ଟନାୟକ

ମଣିଷର ଭାବନା ଏବଂ ଜ୍ଞାନକୁ ବୁଝାଇବା ପାଇଁ ପୁରାଣ ବହୁ ଚମତ୍କାର ଅବଧାରଣା ଉପସ୍ଥାପନ କରିଛି। ଦେଖିବାକୁ ଗଲେ ଈଶ୍ୱର ଏବଂ ସମାନତାର ଧାରଣା ପ୍ରକୃତିରେ ନାହିଁ, ବରଂ ରହିଛି ମାନବୀୟ ଚିନ୍ତାଧାରାରେ। ସେସବୁକୁ ଦୃଶ୍ୟମାନ ବୋଲି କିପରି ବୁଝାଇ ହେବ? ଆମେ ଘୋଡ଼ା ଏବଂ ଆମ୍ବଗଛ ଦେଖିପାରୁଛୁ ବୋଲି ସେଗୁଡ଼ିକୁ ଆଙ୍କି ପାରୁଛୁ। କିନ୍ତୁ ଯାହାକୁ କେହି କେବେ ଦେଖି ନାହାନ୍ତି ତାହାକୁ କିପରି ଆଙ୍କିବା। ପୁରାଣ ହେଉଛି ଅଦୃଶ୍ୟ ଜଗତର ଧାରଣା ଓ ବିଶ୍ୱାସ। ପ୍ରକୃତିରେ ନ ଥିବା ଧାରଣାଗୁଡ଼ିକୁ ବୁଝାଇବା ଲାଗି ଏହା କାଳ୍ପନିକ ଛବି ବା କାହାଣୀ ବ୍ୟବହାର କରେ। ଧାରଣାକୁ ବ୍ୟାଖ୍ୟା କରିବା ପାଇଁ ଏହା କାଳ୍ପନିକ ଦୃଶ୍ୟ ବ୍ୟବହାର କରେ, ଯାହା ପ୍ରକୃତିରେ ନାହିଁ। ଅଲୌକିକତା ହେଉଛି କୃତ୍ରିମ ତଥା ମନୁଷ୍ୟକୃତ ଚିନ୍ତାଧାରା।

ପ୍ରକୃତିର କାର୍ଯ୍ୟକୁ ବ୍ୟାଖ୍ୟା କରିବା ପାଇଁ ଆଦିମାନବ ଦେବତାମାନଙ୍କ ଧାରଣା ଆଣିଥିଲା। ଫୁଲ ଓ ଫଳ ଦେଉଥିବା ଗଛ ହିଁ ଭଗବାନ। ପକ୍ଷୀ, ମହୁମାଛି, ପଶୁ ଏବଂ ମାଛକୁ ସୁରକ୍ଷା ଦେଉଥିବା ଜଙ୍ଗଲ ଓ ନଦୀ ବି ଦେବତା। ପ୍ରକୃତିର ନିୟମ ସହିତ ଏକ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ମଧ୍ୟପ୍ରାଚ୍ୟର ଆଦିବାସୀମାନେ ଏକ ଈଶ୍ୱରଙ୍କ କାହାଣୀ ଆରମ୍ଭ କରିଥିଲେ। ଭାରତୀୟମାନେ ଜୀବନର ବିବିଧତା, ପୂର୍ବାନୁମାନ ଏବଂ ଅସମାନତାକୁ ଦର୍ଶାଇବା ପାଇଁ ପୁନର୍ଜନ୍ମ ବିଷୟରେ ଆଣିଥିଲେ। ଏହି ଧାରଣାଗୁଡ଼ିକ କାଳ୍ପନିକ କାହାଣୀ ଏବଂ ଅବାସ୍ତବ ଛବି ମାଧ୍ୟମରେ ପ୍ରଚାର କରାଯାଇଥିଲା। ଉଦାହରଣ ସ୍ୱରୂପ, ଜାତକ କାହାଣୀ ବୁଦ୍ଧଙ୍କର ପ୍ରାୟ ୫୫୦ ପୂର୍ବଜନ୍ମ ସମ୍ପର୍କରେ ସୂଚିତ କରେ। ସେଥିମଧ୍ୟରୁ କେତେକ ଉଦ୍ଭିଦ, କେତେକ ପ୍ରାଣୀ ଏବଂ କେତେକ ମଣିଷ ଭାବରେ ଦର୍ଶାଯାଇଛି। ମହାଭାରତ ଏବଂ ରାମାୟଣରେ ବିଷ୍ଣୁଙ୍କର ଦୁଇ ଅବତାର କୃଷ୍ଣ ଏବଂ ରାମଙ୍କ କାହାଣୀ ରହିଛି। କୃଷ୍ଣ ତାଙ୍କ ପୂର୍ବଜନ୍ମରେ ରାମ ଥିଲେ। କୃଷ୍ଣଙ୍କ ବଡ଼ ଭାଇ ବଳରାମ ଥିଲେ ରାମଙ୍କ ସାନ ଭାଇ ଲକ୍ଷ୍ମଣ। ହିନ୍ଦୁ ପରମ୍ପରା ପୁନର୍ଜନ୍ମର ବିଶ୍ୱାସକୁ ଦୃଢ଼ କରେ। ଉଦାହରଣ ସ୍ୱରୂପ, ପୁରୀ ମନ୍ଦିରରେ ନବକଳେବର ରୀତିନୀତି ଅନୁଯାୟୀ ଜଗନ୍ନାଥ ତାଙ୍କ ପୁରୁଣା ଶରୀର ଛାଡ଼ି ଏକ ଏକ ନୂତନ ଶରୀର ଧାରଣ କରିଥାନ୍ତି।

ଯିଶୁ ଜଣେ କୁମାରୀଠାରୁ ଜନ୍ମ ହେବା ବିଶ୍ୱାସକୁ ଆଜି ମଧ୍ୟ ଅନେକେ ଗ୍ରହଣ କରନ୍ତି। କିନ୍ତୁ ଏହା ଏକ ଅଲୌକିକ ସତ୍ତା, ଈଶ୍ୱରଙ୍କ ପୁତ୍ର, ଯିଏ ପୃଥିବୀରେ ବିଚରଣ କରନ୍ତି ଏବଂ ତାଙ୍କୁ ହତ୍ୟା କରାଯିବା ପରେ ନିଜେ ପୁନର୍ଜୀବନ ପ୍ରାପ୍ତ ହେବାର ବିଶାସକୁ ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମହମ୍ମଦ ଜେରୁଜେଲମରୁ ସ୍ୱର୍ଗକୁ ଯିବାର କାହାଣୀ ତାଙ୍କୁ



ଜଣେ ଈଶ୍ୱର ଭାବେ ନିଶ୍ଚିତ କରିବାକୁ ଉଦ୍ଦିଷ୍ଟ। ୟୁରୋପୀୟ ପଣ୍ଡିତମାନେ ଯିଶୁ ଏବଂ ମହମ୍ମଦଙ୍କ ବାସ୍ତବତାକୁ ଯେମିତି ଗ୍ରହଣ କରନ୍ତି ଠିକ୍ ସେମିତି ହିନ୍ଦୁ ପୁରାଣଗୁଡ଼ିକୁ ସ୍ୱୀକାର କରିଥାନ୍ତି। ସେମାନେ ସେଥିରେ କାଳ୍ପନିକତା ଦେଖିପାରନ୍ତି ନାହିଁ। ବାସ୍ତବରେ କ୍ଷୀର ସାଗର ଅସ୍ତିତ୍ୱ, କିମ୍ବା ଶିବଙ୍କ ମୁଣ୍ଡରେ ଥିବା ଚନ୍ଦ୍ର କିମ୍ବା ଗଙ୍ଗା ଆକାଶରୁ ଧରା ଅବତରଣ କରୁଥିବା ଧାରଣାଗୁଡ଼ିକୁ ବାସ୍ତବ ନ ହେଲେ ବି ଅର୍ଥପୂର୍ଣ୍ଣ ପ୍ରତୀକ ଭାବେ ସେଗୁଡ଼ିକୁ ବ୍ୟବହାର କରି ପ୍ରଚାର କରାଯାଇଥିଲା। କାବ୍ୟରେ ଅଳଙ୍କାର ଭଳି ଏଗୁଡ଼ିକ ବ୍ୟାଖ୍ୟା ଲାଗି ଉଦ୍ଦିଷ୍ଟ ଥିଲା।

ଆଧୁନିକ ଲୋକମାନେ ପରମ୍ପରାକୁ ଘୃଣା କରନ୍ତି ଏବଂ ସେମାନେ ସେମାନଙ୍କ ପୂର୍ବଜଙ୍କ ତୁଳନାରେ ଅଧିକ ବାସ୍ତବବାଦୀ ବୋଲି ଅନୁଭବ କରନ୍ତି। କିନ୍ତୁ ଯଦି ଆମେ ପୁନର୍ଜନ୍ମ ଉପରେ ବିଶ୍ୱାସ କରୁ, ତେବେ ଆମକୁ ବୁଝିବା ଦରକାର ଯେ ଏହି ବିଚାରର ଉଦ୍ଦେଶ୍ୟ କ'ଣ ରହିଛି। ପୁନର୍ଜନ୍ମ ତିନୋଟି ଧାରଣା ବା ସିଦ୍ଧାନ୍ତ ଆଣିଥାଏ। ପ୍ରଥମେ ପୁନର୍ଜନ୍ମ ଜଗତର ବିବିଧତାକୁ ଦର୍ଶାଏ। ଜଣେ କାହିଁକି ଧନୀ ମାତାପିତା ଏବଂ ଜଣେ କାହିଁକି ଗରିବ ମାତାପିତାଙ୍କଠାରୁ ଜନ୍ମ ନିଏ, ତାହାକୁ କିପରି ବୁଝାଇବ? ଭାଗ୍ୟ କେବଳ କେତେକଙ୍କୁ କାହିଁକି ସହାୟ ହୁଏ? ଯଦି ସମସ୍ତେ ସମାନ ଉତ୍ସରୁ ଆସିଛନ୍ତି, ତେବେ ଏତେ ଅନ୍ୟାୟ ଓ ନିଷ୍ଠୁରତା କାହିଁକି? ପୁନର୍ଜନ୍ମ ସମସ୍ତ ବିବିଧତାକୁ ଆମର ଦାୟିତ୍ୱ ବୋଲି ସୂଚିତ କରେ। ଆମ ସମସ୍ତଙ୍କର ଜୀବନ ହିଁ ଭଲ ଓ ମନ୍ଦ କର୍ମର ସମାହାର। ଯେଉଁମାନେ ପୂର୍ବଜନ୍ମରେ ନକାରାତ୍ମକ କର୍ମ କରିଥାନ୍ତି ସେମାନେ ଏ ଜନ୍ମରେ ଯନ୍ତ୍ରଣା ଭୋଗନ୍ତି। ଯେଉଁମାନେ ସକାରାତ୍ମକ କର୍ମର ପ୍ରାରବ୍ଧ ନେଇ ଆସନ୍ତି ସେମାନେ ଆନନ୍ଦରେ ରହନ୍ତି। ଏହି ବିବିଧତାକୁ ବୁଝାଇବାରେ କର୍ମ ସାହାଯ୍ୟ କରେ। ପୁନର୍ଜନ୍ମ କର୍ମକୁ ବ୍ୟାଖ୍ୟା କରେ। ସମସ୍ତେ ସମାନ ବା ଗୋଟିଏ ରୂପ ବୋଲି ବିଶ୍ୱାସ କରୁ ନ ଥିବା ସମାଜରେ କର୍ମ ସିଦ୍ଧାନ୍ତ ରହିଛି। ଯେଉଁଠି ସମସ୍ତେ ସମାନ ବୋଲି ବିଶ୍ୱାସ କରାଯାଏ ସେଠାରେ ତୁମେ ଗୋଟିଏ ଈଶ୍ୱର, ଗୋଟିଏ ଗ୍ରନ୍ଥ ଏବଂ ଗୋଟିଏ ଜୀବନଶୈଳୀ ପାଇପାରିବ।

ଦ୍ୱିତୀୟତଃ ଗୋଟିଏ ଜନ୍ମ ଉପରେ ବିଶ୍ୱାସ କରୁଥିବା ପୁରାଣଗୁଡ଼ିକ ଜୀବନର ଏକ ଶୀର୍ଷ ସ୍ତର, ପୃଥିବୀ ଧ୍ୱଂସବେଳେ ଈଶ୍ୱରଙ୍କ ବିଚାର ଜନ୍ମ ଲାଭ କରିବାର ବିଶ୍ୱାସ, ମହାପ୍ରଳୟ, ମହାଯୁଦ୍ଧକୁ ଦର୍ଶାଏ। ଅନେକ ଜୀବନ ଉପରେ ବିଶ୍ୱାସ କରୁଥିବା ସମାଜରେ ସେପରି କୌଣସି ଶୀର୍ଷସ୍ତର ନାହିଁ, କୌଣସି ବିଜୟ କିମ୍ବା ପରାଜୟ ନାହିଁ। ଏଇ ଜୀବନରେ ବିଜୟୀମାନେ ପରବର୍ତ୍ତୀ ଜୀବନରେ ହାରିଯାଆନ୍ତି। ପୂର୍ବଜନ୍ମରେ ଧନୀ ଲୋକେ ଏଇ ଜୀବନରେ ଗରିବ ହୋଇଥାଆନ୍ତି। ସବୁକିଛି ଏକ ଚକ୍ରାକାର ଗତିରେ ଚାଲିଥାଏ। ପ୍ରତ୍ୟେକ କାର୍ଯ୍ୟର ଏକ ପରିଣାମ ଅଛି। କୌଣସି ଗୋଟିଏ ମହାବିନାଶର ଦିନ ନାହିଁ। କେହି ସ୍ୱର୍ଗ କିମ୍ବା ନର୍କରେ ନାହାନ୍ତି। କୌଣସି ଅନ୍ତିମ ଗନ୍ତବ୍ୟସ୍ଥଳ ବି ନାହିଁ। କେବଳ ଚକ୍ରାକାର ପଥରେ ଏକ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସିବା ବା ଜନ୍ମ-ମୃତ୍ୟୁ ଚକ୍ରର ପଥ।

ତୃତୀୟତଃ ଯଦି ତୁମେ କେବଳ ଥରେ ବଞ୍ଚିବ ବା ଜନ୍ମ ନେବ ତେବେ ସେହି ଜୀବନର ମୂଲ୍ୟ ହେଉଛି ତୁମର ସଫଳତାର ସମଷ୍ଟି ଏବଂ ତୁମର ସଞ୍ଚିତ ପ୍ରାରବ୍ଧ। ତେଣୁ ତୁମର କାର୍ଯ୍ୟ, ସଫଳତା ଏବଂ ସମ୍ପତ୍ତିକୁ ଜୀବନର ଶେଷରେ ଗଣନା କରାଯାଏ ଓ ତୁମେ ସେହି ଜୀବନରେ ସଫଳ ହୋଇଛ କି ନାହିଁ ତାହା ସ୍ଥିର କରାଯାଏ। କିନ୍ତୁ ଯଦି ତୁମେ ଅସଂଖ୍ୟ ଜନ୍ମ ନେଉଛ, ତେବେ ତୁମ ଜୀବନକୁ ଅସୀମ ଦ୍ୱାରା ଭାଗ କରାଯାଇଥାଏ। ଫଳରେ ତୁମେ ଯାହା କର କିମ୍ବା ହାସଲ କର କିମ୍ବା ସଫଳତା ପାଇଥାଅ ନା କାହିଁକି ତାହାର ମୂଲ୍ୟ ଶେଷରେ ଶୂନ୍ୟ ହୋଇଥାଏ।

ତୁମେ ଅନ୍ୟମାନଙ୍କୁ ଯାହା ଦେଉଛ ସେଥିରେ ତୁମ ଜୀବନର ମୂଲ୍ୟ ଆସେ। ଆମ୍ବ ଗଛରେ ଆମ୍ବ ଫଳିଲେ ତାହାର ମୂଲ୍ୟ ଜଣା ପଡ଼େନାହିଁ ବରଂ ତାଙ୍କୁ ଆମେ ଖାଇବାକୁ ପସନ୍ଦ କରୁଥିବାରୁ ତାହା ମୂଲ୍ୟବାନ୍। ସେହିଭଳି ସୂର୍ଯ୍ୟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ବିଶେଷତାର ମୂଲ୍ୟ ଉଦ୍ଭିଦ ପାଇଁ ଅଛି। କାରଣ ତାହା ସୂର୍ଯ୍ୟାଲୋକକୁ ଫଳ ଏବଂ ଫୁଲ ଉତ୍ପାଦନ ପାଇଁ ବ୍ୟବହାର କରେ। ବାସ୍ତବରେ କୌଣସି ଜିନିଷର ମୂଳ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରବୃତ୍ତିଗତ ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ତୁମେ ଏ ଜନ୍ମରେ ଜୀବନକୁ ନଷ୍ଟ କରିଥିଲେ ପରଜନ୍ମରେ ତାହା ଅନ୍ୟମାନଙ୍କ ଦ୍ୱାରା ନଷ୍ଟ ହୋଇଯିବ। ଏ ଜନ୍ମରେ ଭଲ କାମ ଓ ସେବା କରିଥିଲେ ତାହାର ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ପରଜନ୍ମରେ ନିର୍ଦ୍ଧାରିତ ହେବ। ଆମକୁ କେହି ଦେଖୁ ନ ଥିଲେ କିମ୍ବା ଆମ ଉପରେ ବିଚାର କରୁ ନଥିଲେ ମଧ୍ୟ ଆମେ ଆମ ଜୀବନର ସାକ୍ଷୀ ହୋଇ ଭଲ ଓ ମନ୍ଦ କର୍ମର ଋଣ ପରିଶୋଧ କରିବା ଦିଗରେ କାର୍ଯ୍ୟ କରିପାରିବା।

-devduttofficial@gmail.com

## ଏଇ ଭାରତରେ

ଜମି ନ ଥିଲେ ମଧ୍ୟ ଘର ଛାତ ଉପରେ ଚାଷ କରି ଭଲ ରୋଜଗାର କରୁଛନ୍ତି କେରଳର ରେମା ଦେବୀ। ରେମା ଛାତ ଉପରେ ପନିପରିବା ଫସଲ କରି ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି। କେରଳ କୋଟାୟମରେ ରୁହନ୍ତି ରେମା। ସେ ଚାଷ ପ୍ରତି ଆଗ୍ରହୀ ହୋଇ ୯୦ ଦଶକରେ ତାଙ୍କ ଘର ଛାତ ଉପରେ ଚାଷ ଆରମ୍ଭ କରିଥିଲେ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ପ୍ରଥମେ ସେ ୪ଟି କିସମର ପରିବା ଚାଷ ଆରମ୍ଭ କରିଥିଲେ। ଏବେ ବିଲାତିବାଇଗଣ, ଭେଣ୍ଡି, କଖାରୁ, ଲାଉ, ଜହ୍ନି ଆଦି ୨୦ରୁ ୩୦ ପ୍ରକାର ଫଳ ଓ ପରିବା ଫଳାଉଛନ୍ତି। ନିଜେ ଜୈବିକ ଖତ ପ୍ରସ୍ତୁତ କରି ତାହାକୁ ବ୍ୟବହାର କରୁଛନ୍ତି। ସେ ପରିବା ବିକ୍ରିରୁ ଯାହା ରୋଜଗାର କରୁଛନ୍ତି ତାହାଠାରୁ ଅଧିକ ଗୁଣ ମଞ୍ଜିରୁ ପାଉଛନ୍ତି। ପ୍ରତ୍ୟେକ ମଞ୍ଜି ପ୍ୟାକେଟକୁ ୨୫ରୁ ୪୦ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି ଏବଂ ଏଥିପାଇଁ ରେମା କେରଳର ବିଭିନ୍ନ ଅଞ୍ଚଳରୁ ଅର୍ଡର ପାଉଛନ୍ତି। ରେମା ପିଲାବେଳୁ ବଗିଚା କରିବାକୁ ଭଲ ପାଉଥିଲେ। ବିବାହ ପରେ ସେ ଛାତ ଉପରେ ବଗିଚା ଆରମ୍ଭ କରିଥିଲେ। ସେ ବଗିଚା କରିବାର କୌଶଳ ଲୋକଙ୍କୁ ଶିଖାଉଛନ୍ତି।

## ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ!
ଧରାରେ ଖେଳୁଛି ଛବି କାନ୍ତ।
-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | | 6 | | | | |
| | | 6 | | | 2 | 8 | 1 | 7 |
| 6 | | | | | | 3 | | |
| | | 4 | | 2 | | | | 5 |
| 9 | | 2 | | 1 | | 4 | | |
| | 2 | 5 | 8 | | | | | 3 |
| | 4 | | | | | | 7 | 9 |
| | | | 7 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 9 | 5 | 8 | 7 | 1 | 4 | 3 |
| 1 | 7 | 8 | 6 | 3 | 4 | 5 | 2 | 9 |
| 4 | 5 | 3 | 2 | 1 | 9 | 8 | 7 | 6 |
| 3 | 9 | 4 | 8 | 2 | 1 | 6 | 5 | 7 |
| 5 | 2 | 7 | 4 | 6 | 3 | 9 | 8 | 1 |
| 6 | 8 | 1 | 9 | 7 | 5 | 2 | 3 | 4 |
| 8 | 4 | 2 | 3 | 9 | 6 | 7 | 1 | 5 |
| 9 | 1 | 5 | 7 | 4 | 8 | 3 | 6 | 2 |
| 7 | 3 | 6 | 1 | 5 | 2 | 4 | 9 | 8 |

ଗତକାଲିର ଉତ୍ତର

# ଧଳାହାତୀର ଦେଶ



ନିରଞ୍ଜନ ସାହୁ

ପିଲାବେଳେ ପଢ଼ିଥିଲୁ ଥାଇଲାଣ୍ଡକୁ କୁହାଯାଏ ଧଳାହାତୀର ଦେଶ। ତେଣୁ ଥାଇଲାଣ୍ଡ ଭ୍ରମଣ ବେଳେ ମୋର ଜଣେ ବନ୍ଧୁ ଆଶା କରିଥିଲେ ସେଇ ଧଳାହାତୀମାନଙ୍କୁ ଦେଖିବାକୁ; ମାତ୍ର ଭ୍ରମଣ ସମୟରେ ପର୍ଯ୍ୟଟକମାନଙ୍କ ପାଇଁ ଧଳାହାତୀ ଦେଖିବା ଭଳି କୌଣସି ବ୍ୟବସ୍ଥା ନ ଥିଲା। ଏପରିକି ସେମାନଙ୍କ ପ୍ରମୁଖ ବନ୍ୟଜନ୍ତୁ ପରିଦର୍ଶନ ସ୍ଥଳରେ ମଧ୍ୟ ଧଳାହାତୀଙ୍କ ଅନୁପସ୍ଥିତି ବନ୍ଧୁଙ୍କ ମନରେ ଘୋର ନିରାଶା ସୃଷ୍ଟି କରିଥିଲା, ପିଲାଦିନର ସ୍ମୃତିକୁ ଉଖାରିଲେ ମନେ ପଡ଼ିଯାଉଛି ଥାଇଲାଣ୍ଡର ପୂର୍ବ ନାଁ ଥିଲା ଶ୍ୟାମ ଦେଶ। ତେଣୁ କେହି କେବେ କହି ନ ଥିଲେ ବି ମନ ଭିତରେ ଧାରଣାଟିଏ ଜମାଟ ବାନ୍ଧି ଯାଇଥିଲା, ଥାଇଲାଣ୍ଡ ଭାଷାରେ 'ଶ୍ୟାମ' ବୋଧହୁଏ ଧଳାହାତୀକୁ ବୁଝାଉଥିବ। ତା ନ ହେଲେ ଶ୍ୟାମ ଦେଶ କହିଲେ ଧଳାହାତୀର ଦେଶ କୁହାଯାଉଛି ବା କାହିଁକି! ଏଇ ବିଭ୍ରାନ୍ତି ଦୂରହେଲା ବହୁ ଅନୁସନ୍ଧାନ ପରେ। ଶ୍ୟାମ ସହ ଧଳାହାତୀର ସମ୍ପର୍କ ନାହିଁ, ବରଂ ଶ୍ୟାମ ହେଉଛି ମୂଳ ସଂସ୍କୃତିରୁ ଅଣାଯାଇଥିବା ଶବ୍ଦ, ଯାହାର ଅର୍ଥ ସବୁଜ ଅଥବା ଶ୍ୟାମଳ - ଅର୍ଥାତ୍ ଦେଶର ସବୁଜିମାଭରା ପରିବେଶ ପାଇଁ ଦେଶଟିଏ ଏମିତି ନାଁ ବାଛି ନେଇଥିଲା ବହୁ ଶତାବ୍ଦୀ ତଳେ। ଅର୍ଥାତ୍, ଶ୍ୟାମ ଦେଶ ଓ ଧଳାହାତୀର ଦେଶ କହିଲେ ଯଦିଓ ଥାଇଲାଣ୍ଡକୁ ବୁଝାଏ; ମାତ୍ର ଶ୍ୟାମ ଅର୍ଥ ଧଳାହାତୀ ନୁହେଁ।

ବେଶ୍ କିଛିବର୍ଷ ହେଲା ଭାରତ ସମେତ ତୃତୀୟ ବିଶ୍ୱର ବହୁ ଦେଶରେ ପ୍ରଶାସନିକ କଳ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କୁ ଧଳାହାତୀ ବୋଲି କୁହାଯାଉଛି। ହାତୀକୁ ପୋଷିବା ଭାରି ବ୍ୟୟବହୁଳ ବ୍ୟାପାର। ତା'ଛଡ଼ା ଏଇ ଦେଶମାନଙ୍କରେ ପ୍ରଶାସନିକ ବ୍ୟବସ୍ଥା ଏତେ ବଡ଼ ଯେ ତାହାକୁ ହାତୀ ଭଳି ବିଶାଳକାୟ ପ୍ରାଣୀ ସହ ତୁଳନା କରିବା କିଛି ମନ୍ଦ ନୁହେଁ। ମାତ୍ର ସେମାନଙ୍କଠାରୁ ଯାହା ଆଶା କରାଯାଏ ତାହା ମିଳେନାହିଁ, ସେମାନଙ୍କୁ ହାତୀ କୁହାଗଲେ ଚଳିଥାନ୍ତା, ମାତ୍ର ଧଳାହାତୀ କହିବାର ତାତ୍ପର୍ଯ୍ୟ କ'ଣ ହୋଇପାରେ! ସେମାନେ ଧୋବଧବଳିଆ, ସମାଜର ଉଚ୍ଚବର୍ଗ ବୋଲି ପ୍ରତୀୟମାନ ହୁଅନ୍ତି। ଧଳାହାତୀ ସେଇମାନେ, ଯାହାଙ୍କ ପାଇଁ ବହୁତ ଖର୍ଚ୍ଚ କରିବାକୁ ପଡ଼େ; ମାତ୍ର ସେମାନଙ୍କ କାମ ଆଖିଦୃଷ୍ଟିଆ ନୁହେଁ, ଯାହାକୁ କହନ୍ତି - ନାମ୍ ବଡ଼ା ଦର୍ଶନ ଥୋଡ଼ା!

ଭାରତୀୟ ହିନ୍ଦୁ ପୁରାଣ ଅନୁସାରେ ଦେବରାଜଙ୍କ ବାହନ ହେଲେ ଗୌର ବର୍ଣ୍ଣର ହସ୍ତୀ, ଯାହାର ନାଁ ଐରାବତ। ଏହା ହସ୍ତୀ ହୋଇଥିଲେ ବି ପକ୍ଷୀ ପରି ଉଡ୍ଡୟନ କ୍ଷମତାବିଶିଷ୍ଟ। ଅବଶ୍ୟ କେହି ଧଳାହାତୀ ଉପରେ ଚର୍ଚ୍ଚା କଲାବେଳେ ଐରାବତଙ୍କୁ ସ୍ମରଣ କରନ୍ତିନାହିଁ। ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ବିଭିନ୍ନ ବର୍ଗରେ ଶ୍ରେଷ୍ଠମାନଙ୍କର ଉଦାହରଣ ଦେଲାବେଳେ ହସ୍ତୀମାନଙ୍କ ଭିତରେ ଐରାବତ ଶ୍ରେଷ୍ଠ ବୋଲି କହିଛନ୍ତି। ଅର୍ଥାତ୍ ଧଳାହାତୀମାନେ ଐରାବତଙ୍କ ବଂଶଜ ବୋଲି ଅନୁମାନ କରିବା ବି ନିହାତି ଅସଂଗତ ଓ ହାସ୍ୟାସ୍ପଦ।

ହାତୀ ଗୋଟିଏ ତୃଣଭୋଜୀ ପ୍ରାଣୀ। ଯଦିଓ ବିଶାଳକାୟ, ସେ କାହା ଉପରେ ନିଜଆଡୁ ଔଦ୍ଧତ୍ୟ ଦେଖାଏ ନାହିଁ; ମାତ୍ର କେହି ଆକ୍ରମଣ କଲେ ସେ ପ୍ରତିଶୋଧ ନେବାକୁ ଭୁଲେନାହିଁ। ମାତ୍ର ଆଲୋଚିତ ପ୍ରସଙ୍ଗର ଧଳାହାତୀମାନେ କେବଳ ତୃଣଭୋଜୀ କିମ୍ବା ମାଂସାହାରୀ ନୁହନ୍ତି।



ସେମାନେ ସର୍ବଭକ୍ଷ ଆଉ ପ୍ରୋଟୋକଲ ପରିବେଷ୍ଟିତ ଧଳାହାତୀମାନେ ସେମାନଙ୍କ ବେଭାରରେ ସାମାନ୍ୟ ବିଚ୍ୟୁତିକୁ କ୍ଷମା ଦିଅନ୍ତି ନାହିଁ।

ଥାଇଲାଣ୍ଡ ଆଗରୁ ଏକକ ନରପତିଙ୍କ ଅଧୀନରେ ଥିଲା। ଯଦିଓ ଆଜି ଦିନରେ ଏହା ଏକ ଗଣତନ୍ତ୍ର ମାତ୍ର ସେମାନଙ୍କର ସାମ୍ବିଧାନିକ ମୁଖ୍ୟ ହେଉଛନ୍ତି ରାଜା। ପ୍ରାଚୀନ ଯୁଗରେ ଥାଇଲାଣ୍ଡର ଶାସକମାନେ ଯେଉଁ ସଂଭ୍ରାନ୍ତମାନଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବରେ ଦେଖୁଥିଲେ ସେମାନଙ୍କୁ ସଂଭ୍ରାନ୍ତ ବେଭାର ଭାବରେ ଶ୍ୱେତହସ୍ତୀ ଦାନ କରୁଥିଲେ। ଏକପକ୍ଷରେ କୁହାଯାଉଥିଲା ଯେ ତାହା ଥିଲା ସମ୍ଭ୍ରାନ୍ତର ପ୍ରତୀକ; ମାତ୍ର ପ୍ରକାରାନ୍ତରେ ସେଇ ବିଶାଳ ହସ୍ତୀ ପାଇଁ ଖାଦ୍ୟ ଯୋଗାଡ଼ କରି କରି ପ୍ରାପକ ଦିନକୁ ଦିନ ହୀନିମାନ ହେଉଥିଲେ। କୌଶଳରେ ପ୍ରତିପକ୍ଷଙ୍କୁ ଧନହୀନ କରିବାର ଏହା ଥିଲା ଏକ ସୁଚିନ୍ତିତ ପ୍ରକ୍ରିୟା, ଥାଇଲାଣ୍ଡରେ ଆଜି ଦିନରେ ବଞ୍ଚିଥିବା ଧଳାହାତୀଙ୍କ ସଂଖ୍ୟା ଖୁବ୍ କମ୍। ଗୋଟିଏ ଆକଳନ ଅନୁସାରେ, ତାହା ତିରିଶ ଭିତରେ ସୀମିତ; ମାତ୍ର ଆଲୋଚିତ ଧଳାହାତୀମାନେ କେତେସଂଖ୍ୟାରେ ଦିନକୁ ଦିନ ବଢ଼ୁଛନ୍ତି ତାହା ଆପଣମାନେ ଲକ୍ଷ୍ୟ କରିପାରୁଥିବେ।

ଧଳାହାତୀ କହିଲେ କ'ଣ ଖାଲି ପଦବୀରେ ଥାଇ ମୁନିବଙ୍କୁ ଖର୍ଚ୍ଚାନ୍ତ କରାଉଥିବା ଅଧିକାରୀ? ପ୍ରାଇଭେଟ୍ କମ୍ପାନୀଗୁଡ଼ିକ ଖୋଜନ୍ତି ସେହିପରି ଅଧିକାରୀ, ଯେଉଁମାନେ କମ୍ପାନୀକୁ ଅଧିକରୁ ଅଧିକ ଲାଭ ଆଣିଦେଇପାରିବେ। ଅର୍ଥାତ୍ ସଂପୃକ୍ତ ଅଧିକାରୀ ଯଦି କମ୍ପାନୀ ପାଇଁ ଲାଭଦାୟକ ନ ହୋଇ ପ୍ରକାରାନ୍ତରେ କ୍ଷତି ପହଞ୍ଚାନ୍ତି ବା କମ୍ପାନୀର ଲାଭ ପରିମାଣ ହ୍ରାସର କାରଣ ପାଲଟନ୍ତି ତାଙ୍କୁ ତଡ଼ିବା ପାଇଁ ମଶାମାଛିକୁ ନିଜ ଶରୀରଠାରୁ ତଡ଼ିବାକୁ ଯେତିକି ସମୟ ଦରକାର ସେତିକି ସମୟ ବି ଲାଗେନାହିଁ ମୁନିବମାନଙ୍କୁ। ସେହି କାରଣରୁ ପ୍ରାଇଭେଟ୍ ଚାକିରି କରିଥିବା ବ୍ୟକ୍ତିଟି ଧଳାହାତୀ ପାଲଟିବା ସମ୍ଭବ ହୁଏନାହିଁ। ତା'ର କାମର ମୂଲ୍ୟାୟନ ପ୍ରତିଦିନ ହେଉଥାଏ, ଦକ୍ଷତାର ପରିଚୟ ପ୍ରତିପାଦନ କରିବାକୁ ପଡ଼ିଥାଏ ପ୍ରତିନିୟତ।

ସରକାରୀ ଚାକିରିରେ ଥରେ ପଶିଗଲେ ସେଠାରୁ ଜଣକୁ ତୁରନ୍ତ ବାହାର କରିବା ଏତେ ସହଜ ନୁହେଁ। କେବଳ ଉପରିସ୍ଥ ହାକିମଙ୍କୁ ହାତରେ ରଖିପାରିଲେ ଜଣେ ସହଜରେ ଚାକିରିକାଳ କଟେଇ ଦେଇପାରେ। କାର୍ଯ୍ୟଦକ୍ଷତା ତୁଳନାରେ ଚାଟୁକାରିତାର ଆଦର ଅଧିକ ଥିବାରୁ ପ୍ରତିଦିନ ନୂଆ ନୂଆ ଧଳାହାତୀମାନେ ଜନ୍ମ ନିଅନ୍ତି।

ବାବୁତନ୍ତ୍ରକୁ ଅଧିକ ସମନ୍ୱିତ କରିବା ପାଇଁ ଆମ ଦେଶରେ ଅନେକ ପ୍ରଶାସନିକ ସଂସ୍କାର କମିଶନ ବସିଛି; ମାତ୍ର ସେଗୁଡ଼ିକରୁ ଆଶାନୁରୂପ ଫଳ ନ ମିଳିବାର ପ୍ରମୁଖ କାରଣ ହେଲା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ରାଜନୈତିକ ନେତୃତ୍ୱ ଅନେକ ସମୟରେ ବାବୁମାନଙ୍କ ଆୟତ୍ତରେ। ବାବୁ ସଂସ୍କୃତିରେ ଏତେ ଅଧିକାରୀଙ୍କ ବାଟ ଦେଇ ନିଷ୍ପତ୍ତି ନିଆଯାଏ ଯେ, ସେଥିରେ ଜଣକୁ ଦାୟୀ କରିବା ସମ୍ଭବ ହୁଏନାହିଁ ଏବଂ ଏଇ ବ୍ୟବସ୍ଥାରେ ଖସିଯାଆନ୍ତି ଗୋଳମାଳ କରୁଥିବା ବାବୁମାନେ।

ସବୁ ବାବୁ ଧଳାହାତୀ ନୁହନ୍ତି ତାହା ହିଁ ଆଶ୍ୱାସନାର ବିଷୟ। ଦେଶର ଅଗ୍ରଗତିରେ ଆମ ଦେଶର ଅମଲାମାନଙ୍କର ଯୋଗଦାନକୁ ନ୍ୟୂନ କରିବା ଉଚିତ ନୁହେଁ, ଦେଶର ଅତ୍ୟନ୍ତ ମେଧାବୀ ପିଲାମାନେ ପ୍ରଶାସନିକ ସେବାରେ ଯୋଗଦିଅନ୍ତି। ତେବେ ଦେଶରେ ଗୋଳମାଳ କରୁଥିବା ଧଳାହାତୀଙ୍କ ସଂଖ୍ୟା ଯେତେ କମିବ, ସେତେ ମଙ୍ଗଳ ସାଧାରଣ ଜନତାଙ୍କ ପାଇଁ।

ମୋ:୯୪୩୮୪୮୨୯୧୧

# ସୋସିଆଲ ମିଡିଆରେ ବିଭ୍ରାନ୍ତିକର ତଥ୍ୟ



ଯୁଧିଷ୍ଠିର ମହାରଣା

ସୋସିଆଲ ମିଡ଼ିଆ ଦୈନନ୍ଦିନ ଜୀବନଶୈଳୀର ଏକ ଅଙ୍ଗ ପାଲଟିଗଲାଣି। ଏଥିରେ ଅନେକ ପ୍ରସଙ୍ଗ ଉପରେ ମେସେଜ ଆସିଥାଏ। ଗୁଜବ କିମ୍ବା ବାସ୍ତବତା ଯାଞ୍ଚ ନ କରି ଆମେ କିଛି ପୋଷ୍ଟ, ଟୁଇଟ, ବାର୍ତ୍ତା, ଫଟୋ ଏବଂ ଭିଡିଓ ପୋଷ୍ଟ କରୁଛୁ, ଯାହା ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚୁଛି। ତେବେ ଏହି ମିଛ ପୋଷ୍ଟଗୁଡ଼ିକ ଯେ କେତେ ଭୟାନକ ନିକଟରେ ମହାରାଷ୍ଟ୍ରରେ ଏକ ଛାତିଥରା ଘଟଣାରୁ ଜାଣିବାକୁ ମିଳିଛି। ଖବର ମୁତାବକ ଔରଙ୍ଗାବାଦ ଅଞ୍ଚଳର ଜଣେ ନବ ବିବାହିତ ଯୁବକ ବିଦେଶରେ କାର୍ଯ୍ୟରତ। ସୋସିଆଲ ମିଡ଼ିଆରେ କେହି ଫେକ୍ କରି ତାଙ୍କ ଧର୍ମପତ୍ନୀଙ୍କ ସହ ତାଙ୍କ ତଥାକଥିତ ପ୍ରଥମ ପ୍ରେମିକକୁ ଯୋଡ଼ି କେହି ଜଣେ ଫଟୋ ଭାଇରାଲ କରିଦେଲେ। ଅତ୍ୟନ୍ତ ଭଲ ପାଉଥିବା ପତ୍ନୀଙ୍କ ଏପରି ଫଟୋ ଦେଖି ବିଶ୍ୱାସ କରିପାରିଲେ ନାହିଁ କିନ୍ତୁ ମନ ଦୁଃଖ କରି ଘରକୁ ଫେରିଆସିଲେ। ଘରକୁ ଫେରିବା ଦିନ ସଂଯୋଗକୁ ତାଙ୍କ ପତ୍ନୀ ଘର ଦୁଆରମୁହଁରେ ଜଣେ ଅଜଣା ଯୁବକ ସହ କଥା ହେଉଥିବାର ସେ ଦୂରରୁ ଦେଖିପାରିଲେ। ପତ୍ନୀଙ୍କୁ ସାକ୍ଷାତ ନ କରି, ଘରକୁ ନ ଯାଇ ନିଜ ମୋବାଇଲ ଫୋନ୍ ସେଇଠି ଖୋଲି ଏହାର ରେକର୍ଡିଂ ତ ରଖିଲେ କିନ୍ତୁ ଭାଇରାଲ ହୋଇଥିବା ଫଟୋଗୁଡ଼ିକୁ ସେ ପୁନର୍ବାର ଦେଖି ତତ୍କାଳ ମ୍ରିୟମାଣ ହୋଇପଡ଼ିଲେ। ଅତ୍ୟନ୍ତ ଦୁଃଖିତ ହୋଇପଡ଼ି ଜଣେ ପଡ଼ୋଶୀଙ୍କ ବାରିପଟ ଗଛରେ ସେ ଆତ୍ମହତ୍ୟା କରିଦେଲେ। ପୋଲିସ ଖୋଳତାଡ଼ କରି ଯାହା ଜାଣିଲା ସେ ଦିନର ସେ ଯୁବକଟି ଥିଲେ ଜଣେ ଡେଲିଭରି ବୟ ଏବଂ ପୋଲିସ ଏହା ମଧ୍ୟ ଜାଣିଲା ଯେ ତାଙ୍କ ଧର୍ମପତ୍ନୀଙ୍କର କୌଣସି ପ୍ରେମିକ ହିଁ ନଥିଲେ। କେହି ଜଣେ ବଦମାସୀ କରି ଫେକ୍ ଫଟୋ ଏଡିଟିଂ କରି ଏହି ଘଟଣା ଘଟାଇଛି। ଏକ ମିଛ ବଦମାସୀର ବିଭ୍ରାନ୍ତିକର ଫଟୋ କିପରି ଅକାରଣରେ ଜଣଙ୍କର ଜୀବନ ନେଇଗଲା, ଏହା ଭାତହାଣ୍ଡିରୁ ଗୋଟିଏ।

ବର୍ତ୍ତମାନ ଅନେକ ଫେକ୍ ମେସେଜ ସୋସିଆଲ ସାଇଟରେ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଏଭଳି ମେସେଜ ଏକ ସଙ୍ଗେ ଏକାଧିକ ଗ୍ରୁପରେ ପଠାଯିବା ଦ୍ୱାରା ସମାଜରେ ଭୁଲ୍ ଖବର ପ୍ରଚାରିତ ହେଉଛି। ତେଣୁ ଏଭଳି କୌଣସି ମେସେଜ ବିଶେଷକରି ସମାଜରେ ଚାଲିଥିବା କିଛି ସମ୍ବେଦନଶୀଳ ଘଟଣାକୁ ନେଇ ମେସେଜ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନକରି ପ୍ରଥମେ ତାହା ଠିକ୍ କି ନୁହେଁ ଜାଣିବା ପରେ ଫରୱାର୍ଡ କରନ୍ତୁ। କାରଣ ଏଥିପାଇଁ ମେସେଜ ପଠାଇବା ଭଳି ସାଇବର କ୍ରାଇମ ଲାଗି ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ।

ବର୍ତ୍ତମାନ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ, ସେଲିବ୍ରିଟିମାନଙ୍କ ପର୍ସନାଲ ଲାଇଫକୁ ନେଇ ହେଉ ଅବା ଅନ୍ୟାନ୍ୟ ଘଟଣାକୁ ନେଇ ଅନେକ ଫେକ୍ ଖବର ପ୍ରଚାର ହେଉଛି। କିଛି ସଂସ୍ଥା ନିଜର ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ଏପରି କରୁଛନ୍ତି। ତେଣୁ ଏଭଳି କୌଣସି ଖବର ପାଇଲେ ତାହା କେଉଁ ସ୍ରୋତରୁ ଆସିଛି ପ୍ରଥମେ ଦେଖନ୍ତୁ। ଯଦି ତାହା ଜଣାଶୁଣା ଖବର ସଂସ୍ଥାର ନ୍ୟୁଜ ହୋଇଥାଏ ତେବେ ଫରୱାର୍ଡ କରନ୍ତୁ, ନଚେତ ଏହା ଫେକ୍ ହୋଇପାରେ।

ଯଦିଓ ଆମେ ସୋସିଆଲ ମିଡ଼ିଆରେ ଯେପରି କୌଣସି ଭୁଲ୍ ତଥ୍ୟ ପ୍ରଚାର ନ ହେବ ସେଥିପାଇଁ ଯତ୍ନଶୀଳ ରହିବା ଆବଶ୍ୟକ। ତା'ଛଡ଼ା ନିଜେ ମଧ୍ୟ ଠିକ୍ କଥା ଜାଣିବା ଦରକାର, ନଚେତ ମିଥ୍ୟା ଖବର ବାଣ୍ଟିବା ଲାଗି ଆପଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଇପାରେ। ତେଣୁ ସୋସିଆଲ ମିଡ଼ିଆରେ କିଛି ପୋଷ୍ଟ ଅଥବା ଫରୱାର୍ଡ ପୂର୍ବରୁ ସଚେତନତା ଜରୁରୀ। ଏ କ୍ଷେତ୍ରରେ ଭଲ ଭାବେ ମନେରଖନ୍ତୁ ଆପଣ ଜଣେ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକ। ଆପଣଙ୍କର ସାମାନ୍ୟତମ ଭୁଲ୍ ବା ଅଜ୍ଞତା ସମାଜ ପାଇଁ ଏପରି ଏକ ବିଭ୍ରାନ୍ତିକର ଭୁଲ୍ ତଥ୍ୟ ହୋଇପାରେ, ଯାହାକି ପରବର୍ତ୍ତୀ ସମୟରେ ଏ ନେଇ ଅନେକ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ। ଅନେକ ଅସାମାଜିକ ତତ୍ତ୍ୱ ଏହାର ଫାଇଦା ଉଠାଇ ସମାଜରେ ଭାଇଚାରା ନଷ୍ଟ କରିବା ସହ ବିଶୃଙ୍ଖଳା ସୃଷ୍ଟି କରନ୍ତି, ଯାହା ପାଇଁ ବେଳେ ବେଳେ ଆଇନଶୃଙ୍ଖଳା ପରିବେଶ ମଧ୍ୟ ବିଗିଡ଼ିଯାଏ। କୌଣସି ପରିସ୍ଥିତିରେ ଗୁଜବକୁ ଆଦୌ ଗ୍ରହଣ କରନ୍ତୁ ନାହିଁ କିମ୍ବା ଏହାକୁ ପ୍ରଚାର କରିବା ପାଇଁ ତିଳେମାତ୍ର ଚେଷ୍ଟା ମଧ୍ୟ କରନ୍ତୁ ନାହିଁ। ବରଂ ପ୍ରଶାସନ, ପୋଲିସକୁ ଏ ନେଇ ସୂଚିତ କରନ୍ତୁ। ଆପଣଙ୍କର ସାମାନ୍ୟତମ ଉଦ୍ୟମ ବା ପରିଶ୍ରମ ଅନେକ ବିପଦକୁ ମଧ୍ୟ ଟାଳି ଦେଇପାରେ। ସରକାରୀ ଭାବେ ଏହିପରି ସୋସିଆଲ ମିଡ଼ିଆରେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଶୃଙ୍ଖଳା ଭଙ୍ଗକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ପୋର୍ଟାଲରେ ସୂଚିତ କରିବା ପାଇଁ ବ୍ୟବସ୍ଥା ରହିଛି ଏହାର ସୁଯୋଗ ନେବା ବାଞ୍ଛନୀୟ। ବଡ଼କଥା ହେଉଛି ଅନେକ ବିଭ୍ରାନ୍ତିକର, ତଥ୍ୟବିହୀନ, ଓ କପୋଳକଳ୍ପିତ ବାର୍ତ୍ତା ସବୁ ସମାଜରେ ଭୟାନକ ପରିସ୍ଥିତି ସୃଷ୍ଟି କରୁଛି। ଏ କ୍ଷେତ୍ରରେ ପୋଲିସକୁ ତଥ୍ୟ ସମ୍ବଳିତ ସବିଶେଷ ସବୁକିଛିକୁ ଯୋଗାଡ଼ କରିବା ପାଇଁ ଅନେକ ସମୟ ଲାଗିଥାଏ। ଅନେକ ମାମଲା ରୁଜୁ ହୁଏ କିନ୍ତୁ ଦଣ୍ଡବିଧାନ ହାର ସେପରି ଆଖିଦୃଶିଆ ହୋଇ ନ ଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀ ପାଣି ପ୍ରଦୂଷିତ ହେବାରେ ଲାଗିଛି

ମହାଶୟ,

୨୦୧୬ ମସିହାରେ ଛତିଶଗଡ଼ ମହାନଦୀ ଉପରେ କଲ୍‌ମା ବ୍ୟାରେଜ ନିର୍ମାଣ କାମ ସାରିବା ପରେ ଓଡ଼ିଶାକୁ ମହାନଦୀ କଥା ମନେପଡ଼ିଥିଲା। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ତଥ୍ୟ ଅନୁସାରେ ଓଡ଼ିଶାର ୩୦ ଜିଲା ମଧ୍ୟରୁ ୨୩ଟି ଜିଲା ମହାନଦୀ ଅବବାହିକାରେ ଆସୁଛି। ସମ୍ବଲପୁରରୁ କଟକ, ପାରାଦୀପ ପର୍ଯ୍ୟନ୍ତ ସବୁଠି ମହାନଦୀ ପାଣି ପ୍ରଦୂଷିତ ହୋଇଛି। ପ୍ରଦୂଷଣ କାହାରିକୁ ଆଉ ବ୍ୟଥିତ କରୁନାହିଁ। ମନୁଷ୍ୟକୃତ ଅତ୍ୟାଚାର ପାଇଁ ମହାନଦୀ ସଙ୍କୁଚିତ ହୋଇ ସାରିଲାଣି। ବର୍ତ୍ତମାନ ସହରରୁ ନିର୍ଗତ ବର୍ଜ୍ୟଜଳ ସିଧାସଳଖ ମହାନଦୀରେ ମିଶୁଛି। ଓଡ଼ିଶାର ଜୀବନରେଖା ମହାନଦୀର ଜଳ ନିୟନ୍ତ୍ରଣ ଏକ ପ୍ରକାର ଛତିଶଗଡ଼ ହାତରେ ରହିଛି। ହୀରାକୁଦ ବନ୍ଧ ଯୋଜନା ପ୍ରଥମେ ମୁଖ୍ୟତଃ ତ୍ରିକୌଣଭୂମି ଅଞ୍ଚଳର ବନ୍ୟା ନିୟନ୍ତ୍ରଣ ପାଇଁ ପରିକଳ୍ପନା କରାଯାଇଥିଲା। ଅନୁସନ୍ଧାନରୁ ଜଣାଯାଏ, ହୀରାକୁଦ ଜଳଭଣ୍ଡାରର ସୁପରିଚାଳନା ପାଇଁ ଭିତ୍ତିଭୂମି ତଥା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅସମର୍ଥ। ଅଣମୌସୁମୀ ଋତୁରେ ଜଳ ସଂରକ୍ଷଣ ନିମନ୍ତେ ଓଡ଼ିଶା ମହାନଦୀରେ କମ୍ ଉଚ୍ଚତାର ବ୍ୟାରେଜ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏହା ସହ ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି ଯୋଜନା କରାଯିବା ଦରକାର।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନେତାଜୀ ସେବା ସଙ୍ଗଠନର ଅମୃତ ପାଠ୍ୟସେବା କାର୍ଯ୍ୟକ୍ରମ

**କଲମପୁର, ୨୩।୧୦(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଦୁର୍ଗାମାଧବ ହାଇସ୍କୁଲଠାରେ ନେତାଜୀ ସେବା ସଂଗଠନ ପକ୍ଷରୁ ଅମୃତ ପାଠ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଛି। ଏଥିରେ କଲମପୁର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରତୀକ ଦାସ ଅଧିକାରୀ ମୁଖ୍ୟ ଅତିଥି, ନେତାଜୀ ସେବା ସଂଗଠନ ଅଧକ୍ଷ ସଞ୍ଜୀବ କୁମାର ଠାକୁର, ହାଇସ୍କୁଲ ସହକାରୀ ଶିକ୍ଷକ ଗୋପାଳ ମିଶ୍ର, ସୁବାସ ମାଝି, ସମବାୟ ସମିତି ସଭାପତି ଶଙ୍କର୍ଷଣ ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର କାମନା କରିଥିଲେ। ପ୍ରଶାନ୍ତ କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା।

### ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କଲମପୁର, ୨୩।୧୦(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନ ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ ଧନପୁରଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ସଭାପତିତ୍ୱରେ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ୬ ଗୋଟି କ୍ଲଷ୍ଟରର ଛାତ୍ରୀଛାତ୍ର ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା, ବିତର୍କ, ଓଡ଼ିଆ ହସ୍ତାକ୍ଷର, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି କଳା ଉତ୍ସବରେ ସଂଗୀତ, ନୃତ୍ୟ, ଅଭିନୟ ଚାରୁକଳା, ପାରମ୍ପରିକ ଗଳ୍ପ କଥନ ଆଦି ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ର ଜିଲାସ୍ତରୀୟ ଉତ୍ସବରେ ଯୋଗଦେବେ।

### ସର୍ବଭାରତୀୟ ଫୁଟ୍‌ବଲ: ଜରାସିଂହା ଫାଇନାଲରେ

**କୋମନା, ୨୩।୧୦(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ମା' ବସ୍ତ୍ରାଣି ଖେଳପଡ଼ିଆରେ ବୁଧବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମର୍ନିଂ କ୍ଲବ ନୂଆପଡ଼ା ଓ ବଲାଙ୍ଗୀରର ଜରାସିଂହା ଦଳ ମଧ୍ୟରେ ମ୍ୟାଚ ହୋଇଥିବାବେଳେ ଜରାସିଂହା ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପାଣ୍ଡବ ବିଶି, ପ୍ରତାପ ଭୁକ୍ତା, ଦେବେଶ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ରାମକୃଷ୍ଣ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଭାଜପା ନେତା ଅଭିନନ୍ଦନ ପଣ୍ଡା ମୁଖ୍ୟ ଅତିଥି ଓ ହରିକେଶ ଜାଲ, ଚନ୍ଦନ ଠାକୁର, ସଦାଶିବ ଯୋଶୀ, ଶଶିପାତ୍ର ତାଣ୍ଡି, ଶିବ ଶଙ୍କର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ଦେବୀପ୍ରସାଦ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାଠପଢ଼ା ସାଙ୍ଗକୁ ତବଲା ବଜା

**ଭବାନୀପାଟଣା, ୨୩।୧୦ (ଉତ୍ତମ କୁମାର ଦାଶ)**



ତବଲା ବଜାଉଛନ୍ତି ଲୁବୁନ।

କେତେବେଳେ ମଣିଷ ନିଜ ଭାଗ୍ୟ ନିଜେ ତିଆରି କରେ ତ ଆଉ କେତେବେଳେ ନିଜେ ଭାଗ୍ୟକୁ ନେଇ ବାଟ ଚାଲେ। ସେ ଛୋଟ ବେଳୁ ହେଉ ଅବା ତରୁଣ ବୟସରେ। ଏମିତି ଜଣେ ଛାତ୍ର ଅଛନ୍ତି ଯିଏ ପାଠ ପଢା ସାଙ୍ଗକୁ ତବଲା ବଜାଇ ଚର୍ଚ୍ଚାକୁ ଆସିଛନ୍ତି। ସେ ହେଉଛନ୍ତି ଭବାନୀପାଟଣା ସହରର ନବମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ର ଶୁଭ୍ରାଂଶୁ ଶେଖର ଖଟେଇ ଓରଫ ଲୁବୁନ। ତାଙ୍କର ଏଭଳି ନିଆରା ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଲୁବୁନ ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲାଜୀ ବିହାରରେ ନବମ ଶ୍ରେଣୀରେ ପାଠ ପଢନ୍ତି। ଛୋଟ ବେଳୁ ବାଦ୍ୟ ପ୍ରତି ତାଙ୍କ ଆଗ୍ରହ ଓ ନିଷ୍ଠା ରହିଆସିଛି। ଦୁଇବର୍ଷ ହେବ ସେ ପଢ଼ିବା ସାଙ୍ଗକୁ ତବଲା ବଜାଇ ଆସୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ମା'ବାପା ଭବିଷ୍ୟତ ଗଣନାରେ

**୯ମ ଶ୍ରେଣୀ ଛାତ୍ର ଲୁବୁନଙ୍କ ନିଆରା ପ୍ରୟାସ**

ସଙ୍ଗୀତକୁ ନେଇ ଆଗେଇବା ପାଇଁ ପ୍ରକାଶ କରିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଲୁବୁନଙ୍କ ସୃଜନଶୀଳତା ଛୋଟବେଳୁ ହିଁ ଜଣାପଡୁଥିଲା। ଘରେ ହେଉ ବା ବିଦ୍ୟାଳୟରେ ସେ ନିଜର ପ୍ରତିଭା ପ୍ରଦର୍ଶନ କରିବାରେ କେବେ ବି ଅବହେଳା କରୁ ନ ଥିଲେ। ଏହିସବୁ ଗୁଣ ଓ ସାଧନା ପାଇଁ ସେ ବିଦ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନରୁ ଅନେକ ପ୍ରତିଯୋଗିତାରେ କୃତିତ୍ୱର ପଦଚିହ୍ନ ଛାଡିଛନ୍ତି। ସଂଗୀତ ଓ ବାଦ୍ୟଯନ୍ତ୍ର ପ୍ରତି ତାଙ୍କର ଆସକ୍ତି ଏବେ ତାଙ୍କୁ ଅନ୍ୟ ଏକ ନୂତନ ସମ୍ଭାବନାର ପରିଚୟ ଦେଇଛି।

# ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ପରିଦର୍ଶନ କଲେ ଏମ୍‌ପି

**ନୂଆପଡା, ୨୩।୧୦ (ମକାରୁ ବେମାଲ)**

କଳାହାଣ୍ଡି ଏମ୍‌ପି ମାଳବିକା ଦେଓ ବୁଧବାର ନୂଆପଡ଼ା ଜିଲା କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ବୁଲି ଅଧିଷ୍ଠାତ୍ରୀ ଦେବୀ ସୁନାଦେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ପରେ ସେ ସୁନାବେଡାସ୍ଥିତ ଏକ ସଭାରେ ଯୋଗଦେଇ ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଚକୋଟିଆ ଭୂଞ୍ଜିଆ ଜନଜାତି ଓ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରିଥିଲେ। ସୁନାବେଡାସ୍ଥିତ ଗୁରୁକୁଳ କନ୍ୟାଶ୍ରମରେ ରତନ ଜି ଟାଟା କନ୍ୟାଶ୍ରମ ନାମରେ ନାମିତ ରୋଷେଇ ଘର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ସେ ଭେଲା ଗାଁକୁ ଯାଇ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଏହି ସମୟରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ, ବିକ୍ରମ ଆଡବଙ୍ଗ, ଚନ୍ଦନ ଠାକୁର, ଲୋକନାଥ ହୋତା, ସହଦେବ ପ୍ରଧାନ, ସୁନାବେଡା ସରପଞ୍ଚ ରଜନୀ ଜଗତ, ସମିତି ସଭ୍ୟ ହେମଲାଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଏମ୍‌ପି

**ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ**

**ନୂଆପଡ଼ା, ୨୩।୧୦ (ମକାରୁ ବେମାଲ)**



ବୈଠକରେ ଏମ୍‌ପି, ବିଧାୟକ ଓ ଅଧିକାରୀମାନେ।

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲାପାଳ ମଧୁସୂଦନ ଦାସଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜିଲାପାଳ ଦାସ ସଭାରେ ସମସ୍ତଙ୍କୁ ସ୍ୱାଗତ କରି କହିଲେ, ଜିଲାରେ ବିଭିନ୍ନ ବିଭାଗର ଉନ୍ନୟନ କାମର ପ୍ରଗତି ହୋଇଛି। ପ୍ରତି ସପ୍ତାହରେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଉଛି। ସେଠାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର କରାଯାଉଛି। ବିଧାୟକ ଢୋଲକିଆ ସମସ୍ତ ଉନ୍ନୟନ କାର୍ଯ୍ୟ ସମୟସୀମା ଭିତରେ ଶେଷ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଏମ୍‌ପି ଦେଓ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଲୋକଙ୍କ ମୁଖ୍ୟ ସମସ୍ୟା ଘରଡିହ, ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି, ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ବିଷୟ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହିସବୁ କ୍ଷେତ୍ରରେ ଯାହା ସମସ୍ୟା ରହିଛି ଶୀଘ୍ର ସମାଧାନ ପାଇଁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦଳୀୟ ମତଭେଦକୁ ଭୁଲି ସମସ୍ତ ଜନପ୍ରତିନିଧି ଓ ଅଧିକାରୀ ମିଳିତ ଭାବରେ ଜିଲାର ସାମଗ୍ରିକ ବିକାଶ କରିବା ପାଇଁ ଏମ୍‌ପି ଆହ୍ୱାନ କରିଥିଲେ। ଶେଷରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ପଦଯାତ୍ରାରୁ ଫେରିଥିବା ଜନସଂଗ୍ରାମ ସମିତି କର୍ମକର୍ତ୍ତାଙ୍କୁ ସ୍ୱାଗତ

**ଗୋଲାମୁଣ୍ଡା, ୨୩।୧୦(ବଟକୃଷ୍ଣ ପଣ୍ଡା):** ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ କଳାହାଣ୍ଡି ଜିଲା ଜନସଂଗ୍ରାମ ସମିତି ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ୨୫ ଜଣିଆ ଦଳ ଦୀର୍ଘ ୫୦୦ କି.ମି. ପଦଯାତ୍ରାକରି ଜିଲାର ବିଭିନ୍ନ ସମସ୍ୟା ନେଇ ଗତ ୧୮ ତାରିଖରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ଏହି ଦଳ ୨୧ ତାରିଖରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ୨୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପଦଯାତ୍ରା ସାରି ବୁଧବାର ସାଉଲ ମଙ୍ଗରାଜଙ୍କ ସହିତ ପଦଯାତ୍ରାରେ ସାମିଲ ହୋଇଥିବା ଅନିଲ କୁମାର ମଲ୍ଲିକ, ଲମ୍ବୋଦର ଜାଲ, କୁମୁଦ ଗହୀର, ରମେଶ ସାହୁ, ରଞ୍ଜନ ବେହେରା, କେଶବ ମାଝି, ଅସାରୁ ମାଝି, ପର୍ଶୁରାମ ମାଝି, ପିତାଶ ସିପ୍‌କା, ସମୀର ସିପ୍‌କା ପ୍ରମୁଖ ଗୋଲାମୁଣ୍ଡାଠାରେ ପହଞ୍ଚିବା ପରେ ଅଞ୍ଚଳବାସୀ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ସ୍ଥାନୀୟ କଦଳୀମୁଣ୍ଡାଠାରେ ଏକ ସଭାରେ ସମସ୍ତ ପଦଯାତ୍ରୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ପ୍ରସନ୍ନ ରାଉତ ସଭା ପରିଚାଳନା କରିଥିବା ବେଳେ ବୃଷଭ ନାଏକ, ଗଙ୍ଗା ରାଉତ, କୃଷଚନ୍ଦ୍ର ମୁଣ୍ଡ, ଚତୁର୍ଭୁଜ ନାଏକ, ହେମା ବାରେଟ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକଶିତକରେ ସୁରଭି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଡ଼ିଆଲ, ୨୩।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ୍ ଗଡ୍ରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମାଣିକ୍ୟଦେବୀ କ୍ଲଷ୍ଟରସ୍ତରୀୟ ସୁରଭି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ସିଆର୍‌ସିସି ଅରୁଣ କୁମାର ନାଗ ଅଧ୍ୟକ୍ଷତା କରିଥିଲେ। ଖଡ଼ିଆଲ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ମୁଖ୍ୟବକ୍ତା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରେଶ ପଣ୍ଡା, ଗଡ୍ରାମୁଣ୍ଡା ସରପଞ୍ଚ ବୃନ୍ଦାବନ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରଭି ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗଡ୍ରାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭାସିନୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ପ୍ରେମାନନ୍ଦ ପାତ୍ର, ଜୟନ୍ତୀ ବେହେରା, ପ୍ରଭାସିନୀ ଲେଙ୍କା, ଅଲାରିକା ଜୋଷୀ, ପ୍ରତିମାରାଣୀ ନନ୍ଦ, ନୃତ୍ୟଗୁରୁ ପବିତ୍ର କୈବର୍ତ୍ତ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

# ପ୍ରଗତି ପଥ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ସମାରୋହରେ ଅତିଥିମାନେ।

**ଭବାନୀପାଟଣା, ୨୩।୧୦ (ଉତ୍ତମ କୁମାର ଦାଶ)**

ପ୍ରଗତି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଚାଲିଥିବା ପ୍ରଗତି ପଥ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ ଯୋଗଦେଇ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇଥିବା ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ ବେହେରା ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ ମିଶ୍ର, ଇଂରାଜୀ ଓ ଓଡ଼ିଆ କବି ଦୁର୍ଗା ପ୍ରସାଦ ପଣ୍ଡା ସମ୍ମାନିତ ଅତିଥି ଭାବେ

**ଉଲ୍ଲେଖନୀୟ ବ୍ୟକ୍ତି ବିଶେଷ ହେଲେ ସମ୍ମାନିତ**

ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଗତି ଅନୁଷ୍ଠାନ ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା, ଚେୟାରପର୍ସନ ସଂଗୀତା ପଣ୍ଡା, ପ୍ରଣବ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତି ଚାରଣ କରାଯାଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ସହକର୍ମୀ ତଥା ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ପାତ୍ର ଓ ରାଧାମୋହନ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ବନମାଳୀ ପଣ୍ଡା ଶିକ୍ଷା ସମ୍ମାନ, ଭୁବନେଶ୍ୱର ବେହେରା ମେମୋରିୟାଲ ୟୁଥ ଅର୍ଗାନାଇଜେସନକୁ ବନମାଳୀ ପଣ୍ଡା ସେବା ସମ୍ମାନ, ବିଶିଷ୍ଟ କବି ଓ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ବିଶିଙ୍କୁ ବନମାଳୀ ପଣ୍ଡା ସାହିତ୍ୟ ସମ୍ମାନ, ଆନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର ସୁଜିତ ମେହେରଙ୍କୁ ବନମାଳୀ ପଣ୍ଡା ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମନ୍ତ୍ରିତ ହୋଇଥିବା ବିଶିଷ୍ଟ କବି ପ୍ରମୋଦ କୁମାର ଖମାରୀ, ସୁଧୀର ମେହେର, ସ୍ୱର୍ଣ୍ଣକାନ୍ତି ବୈକାର, ସୁଦେଷ୍ଣା ପଣ୍ଡା, ଦୀପ୍ତି ମୁଣ୍ଡ, ସୁରେଶ୍ୱରୀ ବାଗ ପ୍ରମୁଖ କବିତା ପାଠ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗ, ଟାଇକୋଣ୍ଡୋ, ପେଣ୍ଟିଂ, ରଙ୍ଗୋଲି, ନୃତ୍ୟ, ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସାମାଜିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଲ, ୨୩।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଡୁକଲାଠାରେ ନାବାର୍ଡ ସହାୟତାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ତରଫରୁ ଆର୍ଥିକ ଓ ସାମାଜିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମ୍ୟାନେଜର ରସାନ୍ତ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିଳାଦ୍ରି ମେହେର ଯୋଗଦେଇ ବିଭିନ୍ନ ବ୍ୟାଙ୍କିଂ ସେବା ଉପରେ ଆଲୋଚନା କରିଥିଲେ। ନାବାର୍ଡ ଡିଡିଏମ୍ ସୁନାରାମ ମାଝି, ବଲାଙ୍ଗୀର ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟକାନ୍ତ ସାହୁ, ଅପରେଶନ ମ୍ୟାନେଜର ହିରଣ୍ମୟ ଦଳେଇ ପ୍ରମୁଖ ଯୋଗଦେଇ ବ୍ୟାଙ୍କରେ ଖାତା ଖୋଲିଲେ ମିଳୁଥିବା ସରକାରୀ ସୁବିଧା ସୁଯୋଗ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାକୁ ନେଇ ଗାୟକ ରଞ୍ଜନ ଛତ୍ରିଆ ଓ ସାଥୀ ପାଲା ମାଧ୍ୟମରେ ସଚେତନ କରିଥିଲେ।

# ଜିପିଡିଏଫ୍ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଗ୍ରାମସଭା



ଲାଞ୍ଜିଗଡ଼ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭା।

**ଲାଞ୍ଜିଗଡ଼, ୨୩।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସାପ୍ତାହିକ ବଜାର ମିଶନ କାର୍ଫେସ୍ଥିତ ବୈଠକ ଗୃହଠାରେ ବୁଧବାର ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି (ଜିପିଡିଏଫ) ୨୦୨୫-୨୬ର ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହାସହ ବାର୍ଷିକ ଉନ୍ନୟନ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ନାଏବ ସରପଞ୍ଚ ହରେକୃଷ୍ଣ ତାଣ୍ଡି ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତିର ୨୬ ପଞ୍ଚାୟତ ମଧ୍ୟରୁ ଲାଞ୍ଜିଗଡ଼ ସମେତ ୯ ଗୋଟି ପଞ୍ଚାୟତ ଜଗନ୍ନାଥ ପୁର, ବିଶ୍ୱନାଥପୁର, ବସନ୍ତପଡ଼ା, ଲାଞ୍ଜି, ମାଲିପ୍ରୁବାଙ୍ଗ, ବେଡ଼ାଗାଁ, କୁମଖାଲ, କଦମଗୁଡା, ଲାଞ୍ଜିଗଡ ରୋଡ୍‌ଠାରେ ମଧ୍ୟ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି।

# କ୍ରୀଡ଼ା ମଣିଷକୁ ଶୃଙ୍ଖଳିତ କରେ

**ଭବାନୀପାଟଣା, ୨୩।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଉଇଜ୍‌ଡମ ପାର୍କଠାରେ ୬ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଆଥ୍‌ଲେଟିକ ମିଟ୍ ୨୦୨୪ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଭବାନୀପାଟଣା ବିଡ଼ିଓ ଚନ୍ଦନ କୁମାର ଭୋଇ ମୁଖ୍ୟ ଅତିଥି, ଓଡ଼ିଶା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର,

**ବିକାଶ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ**

ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମ୍ୟାନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପତାକା ଉତ୍ତୋଳନ ଓ ମଶାଲ ପ୍ରଜ୍ୱଳନ ପୂର୍ବକ ମୁଖ୍ୟଅତିଥି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷା ଆରତୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଡି. ଶ୍ୟାମ ବିଦ୍ୟାର୍ଥୀ ଜୀବନରେ ପାଠପଢ଼ା ସହ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କ୍ରୀଡ଼ା ମଣିଷକୁ ଶୃଙ୍ଖଳିତ କରି ଜୀବନରେ ଉଚ୍ଚତମ ସୋପାନରେ ପହଞ୍ଚିବାରେ ସହାୟକ ହୋଇଥାଏ ବୋଲି ଦର୍ଶାଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରବୀଣ କୁମାର ଶପଥ ପାଠ କରାଇଥିଲେ। ପରିଶେଷରେ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଏନ.ଦିବ୍ୟରଶ୍ମି ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଙ୍କୁ ଅନୁଷ୍ଠାନ ତରଫରୁ ଉପଢୌକନ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅନ୍ତିମ ଦିବସରେ ଉଭୟ ସିବିଏସ୍‌ଇ ଓ ସିଏଚ୍‌ଏସ୍‌ଇ ଏକାଦଶ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା।




କୃତୀ ଛାତ୍ରୀଙ୍କ ସହ ଅତିଥିଗଣ।

# ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀ ଦେବୀଙ୍କ ଦଶରା

**କୋକସରା/ବେହେରା, ୨୩।୧୦ (ଦୁଷ୍ମନ୍ତ କୁମାର ପାଢୀଯୋଷୀ/ ଭୂପେଶ ତିୱାରୀ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋକସରା ବ୍ଲକ ଗୋଟୋମୁଣ୍ଡାଠାରେ ୩ଦିନ ଧରି ଚାଲିଥିବା ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀ ଦଣ୍ଡପାଟ ଦଶରା ମହୋତ୍ସବ ମଙ୍ଗଳବାର ବିଳମ୍ବିତ ରାତିରେ ସମାପନ ହୋଇଛି। ରବିବାର ସକାଳୁ ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇ ଅପରାହ୍ନରେ ଖଣ୍ଡାଧୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ଓ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ବାର୍ଷିକ ଦଶରା ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ମାନସିକଧାରୀ ଭକ୍ତମାନେ ପୀଠରେ ଶୁକ୍ଲ ଭୋଗ ସହ ରକ୍ତ ଭୋଗ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଦେବୀଙ୍କ ଲାଠି କାଳିସୀମାନେ ନାଗରା, ମହୁରୀ ସହ ବାଜା ବଜାଇ ଦଶରା ମହୋତ୍ସବର ସାଂସ୍କୃତିକ ମଞ୍ଚ ନିକଟରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା ପରେ ମଞ୍ଚ ଉପରକୁ ଦେବଦେବୀ ପଦାର୍ପଣ କରିଥିଲେ। ପରେ ମା' ସର୍ବମଙ୍ଗଳା ବିଭିନ୍ନ ଦେବୀଙ୍କ ରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ପାରମ୍ପରିକ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଡମ୍ବରୁଧର ନାଏକ ମୁଖ୍ୟବକ୍ତା ଓ ବିଜେଡି ନେତା ବଦ୍ରୀ ନାରାୟଣ ପଟ୍ଟନାୟକ, ପୋଲିସ ଅଧିକାରୀ ଅମିତ ମାଝି, ଭାଜପା ନେତା ତ୍ରିନାଥ ଶବର, ଜିଲା ପରିଷଦ ଧର୍ମଗଡ ଶଙ୍କର ଜୁଏଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମଗଡ ବଳରାମ ପୂଜାରି, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଆୟୋଜକ କମିଟି ସଭାପତି ହେମନ୍ତ ମାଝି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେରେ ବରିଷ୍ଠ ଖବରଦାତା ସନତ କୁମାର ପ୍ରଧାନୀ, ଶରତ ଚନ୍ଦ୍ର ରାଉତ, ବାଳକୃଷ୍ଣ ନାଏକ, ଦୁଷ୍ମନ୍ତ ପାଢୀଯୋଷୀ, ଜଗଦୀଶ ନାଏକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଘୁମୁରା ଗୁରୁ ଓ କଳାକାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ କେରଳରୁ ଗିରଫ

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ):** ଏକ ଠକେଇ ମାମଲାର ଜଣେ ଫେରାର୍ ଅଭିଯୁକ୍ତଙ୍କୁ ବରଗଡ଼ ଟାଉନ ଥାନା ପୋଲିସ କେରଳରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ, ଖଣ୍ଡହଥା ଗ୍ରାମର ଦେବାଶିଷ ପ୍ରଧାନ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶଥାଉକି, ଗତ ୨୦୨୨ ମସିହା ଜୁନରେ ଗିରଫ ଅଭିଯୁକ୍ତ ଅନ୍ୟ ୨ଅଭିଯୁକ୍ତ ଶିଶିର ସାହୁ ଏବଂ ସୁଦାମ ସାହୁଙ୍କ ସହିତ ମିଶି ବରଗଡ଼ ଶ୍ରୀହରି ନଗର ନିବାସୀ ମେଡ଼ିସିନ୍ ହୋଲସେଲ୍ ବ୍ୟବସାୟୀ ପ୍ରଦୀପ ମେହେରଙ୍କଠାରୁ ୨୪ଲକ୍ଷ ୫୦ହଜାର ଟଙ୍କା ଠକି ନେଇଥିଲେ। ଏ ନେଇ ପ୍ରଦୀପ ଥାନାରେ ଏତଲା ଦେବା ପରେ ପୋଲିସ ସେତେବେଳେ ଶିଶିର ଏବଂ ସୁଦାମଙ୍କୁ ଗିରଫ କରିଥିବାବେଳେ ଦେବାଶିଷ କେରଳକୁ ଯାଇ ସେଠାରେ ଲୁଚିଥିଲେ।

# ସ୍ୱାସ୍ଥ୍ୟ ସମସ୍ୟା ଅସମାହିତ, ମନ୍ତ୍ରୀଙ୍କୁ ଫେରାଦ

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**

- ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୩୦୦ ଶଯ୍ୟା ବିଶିଷ୍ଟ ହେଉ
- ବରଗଡ଼ ଜିଲାରେ ଖୋଲାଯାଉ ଜାତୀୟ ଆୟୁର୍ବେଦ ପ୍ରତିଷ୍ଠାନ

ବରଗଡ଼ ଜିଲାରେ ରହିଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦାବି ହୋଇଛି। ଏହି ଦାବି ନେଇ ପ୍ରେରଣା ଶିକ୍ଷା ଓ ସାମାଜିକ ଟ୍ରଷ୍ଟର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଫେରାଦ ହୋଇଛନ୍ତି। ଏହି କ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରଗଡ଼ରେ ରହିଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି। ଏହା ସହିତ ଜିଲାର ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବି ହୋଇଛି।

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବଭଳି ଭେଷଜ, ସ୍ତ୍ରୀ ଓ ପ୍ରସୂତୀ, ଶଲ୍ୟ, ଅସ୍ଥିଶଲ୍ୟ, ଶିଶୁ, ଆଖି, କାନ, ନାକ, ଗଳା ବିଭାଗକୁ ପୁନଃ ସ୍ଥାପିତ କରିବାକୁ ଦାବି କରାଯାଇଛି। ଏହା ସାଙ୍ଗକୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୦୦ ଶଯ୍ୟା ବିଶିଷ୍ଟ କରାଯିବା ସହିତ ଆବଶ୍ୟକ ମୁତାବକ ଡାକ୍ତର, ପାରା ମେଡ଼ିକାଲ କର୍ମଚାରୀ ନିଯୁକ୍ତି, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଫଆରୟୁ ଘୋଷଣା କରାଯିବା ସହିତ ଆମ୍ବୁଲାନ୍ସ ଚଳାଚଳ ପାଇଁ ବିକଳ୍ପ ରାସ୍ତା କରିବାକୁ ଦାବି ହୋଇଛି। ସେହିପରି କ୍ୟାନସର ହସ୍ପିଟାଲକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଞ୍ଚକର୍ମ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଚିକିତ୍ସା କେନ୍ଦ୍ରକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ଦାବି କରାଯାଇଛି। ଏହା ସହିତ ଏଠାରେ ୫୦ଶଯ୍ୟା ବିଶିଷ୍ଟ ଆୟୁଷ(ଆୟୁର୍ବେଦିକ, ହୋମିଓପ୍ୟାଥିକ) ଚିକିତ୍ସା କେନ୍ଦ୍ର ଖୋଲିବାକୁ ଦାବି ହୋଇଛି।

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅହୋରାତ୍ର ଜନୌଷଧି କେନ୍ଦ୍ର ଖୋଲାଯାଇ ସମସ୍ତ ଜରୁରୀ ଔଷଧ ଗଚ୍ଛିତ ରଖିବା, ବରଗଡ଼ ଜିଲାର ବିଭିନ୍ନ ଅନୁଷ୍ଠାନ, କର୍ମଜୀବି ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଇଏସ୍ଆଇ ଡିସ୍ପେନସେରୀ ଖୋଲାଯିବା, ସିକିଲସେଲ୍, ଥାଲାସାମିଆ ରୋଗର ଅନୁସନ୍ଧାନ ଓ ଚିକିତ୍ସା ପାଇଁ ନୂଆଦିଲ୍ଲୀସ୍ଥିତ ସିସିଆରଏଚ୍ ଦ୍ୱାରା ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ଡାକ୍ତରଖାନାରେ ଆୟୁଷ ଚିକିତ୍ସା ପାଇଁ ଅନୁସନ୍ଧାନ ଶାଖା ଖୋଲାଯିବା, ବରଗଡ଼ରେ ଏକ ଜାତୀୟ ଆୟୁର୍ବେଦ ପ୍ରତିଷ୍ଠାନ ଖୋଲାଯିବା, ପଶ୍ଚିମାଞ୍ଚଳରେ ଆୟୁଷ ବିଶ୍ୱବିଦ୍ୟାଳୟ ସ୍ଥାପନ, ଜିଲା ମୁଖ୍ୟ ଚିକିତ୍ସାଳୟରେ ପାଚେରୀ ନିର୍ମାଣ, ପ୍ରସ୍ତାବିତ ଆବର୍ଜନା ପରିଚାଳନା ପାଇଁ ଏସଟିପି, ଇଟିପି ସ୍ଥାପନ ଦାବି ହୋଇଛି। ଜିଲାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସଂଖ୍ୟା ବୃଦ୍ଧି କରି ତୋରା, ଲସ୍ତଲା, ବିରମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା, ଜିଲାରେ ବର୍ନ ୟୁନିଟ୍ ସ୍ଥାପନ ଆଦି ଦାବି କରାଯାଇଛି। ପ୍ରେରଣା ଶିକ୍ଷା ଓ ସାମାଜିକ ଟ୍ରଷ୍ଟର ଚେୟାରମ୍ୟାନ ଡା. ସଂଜିତ୍ କୁମାର ମିଶ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ପ୍ରକାଶ ମେହେର, କଲ୍ୟାଣୀ ମିଶ୍ର, ରବୀନ୍ଦ୍ର ଦାଶ, ସରୋଜ ଷଡ଼ଙ୍ଗୀ, ସୁଦାମ ସାହୁ, ଉତ୍ତମ ନନ୍ଦ, ସଞ୍ଜୀବ ପୁରୋହିତ, ଆଶୁତୋଷ ଦାଶ, ସଚ୍ଚିଦାନନ୍ଦ ମେହେର, ଗୋପାଳ ପଣ୍ଡା, ପ୍ରଦୀପ ପାଢ଼ୀ, ଲିଙ୍ଗରାଜ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

### ଠିକାଦାର ସଂଘର ନୂତନ କର୍ମକର୍ତ୍ତା ଚୟନ

**ବରପାଲି, ୨୩।୧୦(ଚିତ୍ତରଞ୍ଜନ ସାହୁ)**

ସ୍ଥାନୀୟ ହୋତା ମଣ୍ଡପଠାରେ ଜୟ ମା' ସମଲେଶ୍ୱରୀ ଠିକାଦାର ସଂଘର ବରିଷ୍ଠ ସଭ୍ୟ ଅଚ୍ୟୁତାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ସଲିମ ଖାଁ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ସାହୁ, ସମ୍ପାଦକ ବନ୍ତରାମ ସେଠ୍, ସହ ସମ୍ପାଦକ ମନୋଜ ମେହେର, କୋଷାଧ୍ୟକ୍ଷ ଜ୍ଞାନ ଦାଶ, ସହ କୋଷାଧ୍ୟକ୍ଷ ଜଟାଶଙ୍କର ଗୁପ୍ତା, କାର୍ଯ୍ୟକାରୀ କମିଟି ସଭ୍ୟ ଟିକେଟ ମହନ୍ତମ୍, ଅଚ୍ୟୁତାନନ୍ଦ ପଣ୍ଡା, ବଷ୍ଟି ତ୍ରିପାଠୀ, ମନମୋହନ ସ୍ୱାଇଁ, ଗୁରୁ ମେହେର, ଅଜିତ ଦାଶ, ବିଜନ ଦାଶ, ବିଭୂତି ଭୂଷଣ ମିଶ୍ର, ଅରବିନ୍ଦ ବାବୁ, ଶରତ ଶା ଗୋକୁଳ ଗହିରଙ୍କୁ ନିଆଯାଇଥିଲା। ଶେଷରେ ବନ୍ତରାମ୍ ସେଠ୍ ଧନ୍ୟବାଦ୍ ଦେଇଥିଲେ।

### କ୍ରିକେଟ ଚାମ୍ପିୟନଶିପ ପାଇଁ ବୈଠକ



**ପାଇକମାଲ,୨୩।୧୦ (ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବରେ ଡିଇଓ ରାଧାକାନ୍ତ ଛତ୍ରୀ ଓ ସମ୍ମାନିତ ଅତିଥି ଭାବରେ ପାଇକମାଲ ବିଇଓ ଚୂଡ଼ାମଣି ବାରିକ, ନୋଡାଲ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଓ ବ୍ଲକ କ୍ରୀଡା ସମ୍ପାଦକ ସୁଦର୍ଶନ ମହାକୁଡ଼ ମଞ୍ଚାସୀନ ଥିଲେ। ଆସନ୍ତା ନଭେମ୍ବର ୨ରୁ ୪ ତାରିଖ ମଧ୍ୟରେ ହେବାକୁ ଥିବା ଜିଲାସ୍ତରୀୟ କ୍ରିକେଟ ଚାମ୍ପିୟନଶିପ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକର ସମସ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ପରିଚାଳନା ପରିଷଦ ଓ ଛିନ୍ଦେଇକେଲା ରାଜିଂ ଷ୍ଟାର କ୍ରିକେଟ କ୍ଲବର ସମସ୍ତ ସଭ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ସଭା ଶେଷରେ ସିଆରସିସି ସନ୍ତୋଷ କୁମାର ମେହେର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସରଣ୍ଡା, ୨୩।୧୦(ଯୁଧିଷ୍ଠିର ମହାପାତ୍ର)**


ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବରଗଡ଼ ଜିଲା ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ୩ଦିନ ବ୍ୟାପୀ ହୋଇଥିବା ଜିଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ ଜିଲା ଶିକ୍ଷା ବିଭାଗର ଆୟୋଜନ ଏବଂ ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସହଯୋଗରେ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ଆବାହକତ୍ୱରେ ଏହି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ନିହାରରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ବିଶିଷ୍ଟ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ ନାୟକ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ପାଇକମାଲ ବିଇଓ ଚୂଡ଼ାମଣି ବାରିକ,ପଦ୍ମପୁର ବିଇଓ ଲୋକନାଥ ଭୋଇ,ବିଜେପୁର ବିଇଓ ନାରାୟଣ ଭୁଏ, ଝାରବନ୍ଧ ବିଇଓ ଶୁଭମ କୁମାର ପତି,ସୋହେଲା ବିଇଓ ଅମୃତା ସାହୁ, ବରଗଡ଼ ବିଇଓ ଡ. ସୁରେନ୍ଦ୍ର ସାହୁ, ଅତାବିରା ଏବିଇଓ ତପନ କୁମାର ଦାସ, ଅତାବିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ହରପାଲ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତାବିରା ଏବିଇଓ କାର୍ତ୍ତିକ ବାଗ ସ୍ୱାଗତ ଭାଷଣ ଦେଇଥିବାବେଳେ ବ୍ଲକ ଶାରୀରିକ ଶିକ୍ଷା ଅନୁନିରୀକ୍ଷକ ସୁଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ବିଭିନ୍ନ ପ୍ରତିଯୋଗିତାରେ ୧୪ବର୍ଷରୁ କମ ବାଳିକା ଓ ବାଳକ ବିଭାଗରେ ୧୦୦ମିଟର ଦୌଡ଼ କ୍ରୀଷ୍ଟା ଭୋଇ(ସୋହେଲା ବ୍ଲକ) ଓ ଶାଶ୍ୱତ କୁମାର ସାହୁ (ସୋହେଲା ବ୍ଲକ), ୨୦୦ମିଟର ଦୌଡ଼ ପଞ୍ଚମୀ ସେଠ(ଗାଇସିଲେଟ ବ୍ଲକ) ଓ ଶାଶ୍ୱତ କୁମାର ସେଠ (ସୋହେଲା ବ୍ଲକ), ୪୦୦ମିଟର ଦୌଡ଼ ଶ୍ରଦ୍ଧା ଚୌହାନ(ପଦ୍ମପୁର ବ୍ଲକ) ଓ ଶାଶ୍ୱତ କୁମାର ସେଠ(ସୋହେଲା ବ୍ଲକ), ୬୦୦ମିଟର ଦୌଡ଼ ସିଲୁ ବର୍ଗେ(ଅତାବିରା ବ୍ଲକ) ଓ ଡୋଲାମଣି ସାହୁ (ପଦ୍ମପୁର ବ୍ଲକ), ୪୦୦ ମିଟର ରିଲେ ଦୌଡ଼ରେ ଝାରବନ୍ଧ ବ୍ଲକ ଓ ଭେଡେନ ବ୍ଲକ, ଉଚ୍ଚ ଡିଆଁ ଆକାଂକ୍ଷା ଭୋଇ(ପଦ୍ମପୁର ବ୍ଲକ) ଓ ମଣ୍ଟୁ ବାଗ(ଝାରବନ୍ଧ ବ୍ଲକ), ଲମ୍ଫ ଡିଆଁ ଆକାଂକ୍ଷା ଭୋଇ(ପଦ୍ମପୁର ବ୍ଲକ) ଓ ଆୟୁଷ ନାଏକ(ଭେଡେନ ବ୍ଲକ), ସଟପୁଟ ବର୍ଷାରାଣୀ ସୁନା(ଅତାବିରା ବ୍ଲକ) ଓ ପ୍ରଶାନ୍ତ ସାହୁ (ସୋହେଲା), ଡିସକସ ଗ୍ରୀଷ୍ମା ପ୍ରଧାନ(ପଦ୍ମପୁର ବ୍ଲକ) ଓ ରୋହନ ବଞ୍ଜୋର (ସୋହେଲା ବ୍ଲକ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ୧୭ବର୍ଷରୁ କମ ବାଳିକା ଓ ବାଳକ ବିଭାଗରେ ଯଥାକ୍ରମେ ୧୦୦ମିଟର ଦୌଡ଼ରେ କୁସୁମ ଧରୁଆ(ପଦ୍ମପୁର ବ୍ଲକ) ଓ ସୁରଜ ବିଶାଲ(ବରଗଡ଼ ବ୍ଲକ), ୨୦୦ ମିଟର ଦୌଡ ଭାରତୀ ସେଠ(ପଦ୍ମପୁର ବ୍ଲକ ) ଓ ଆୟୁଷ୍ମାନ ମହାପାତ୍ର(ବିଜେପୁର ବ୍ଲକ), ୪୦୦ ମିଟର ଦୌଡ଼ ପ୍ରଭାତୀ ମେହେର(ବରଗଡ଼) ଓ ଆୟୁଷ୍ମାନ ଗଡତିଆ(ବରଗଡ଼ ବ୍ଲକ), ୪୦୦ମିଟର ରିଲେ ଅତାବିରା ବ୍ଲକ ଓ (ବରଗଡ଼ ବ୍ଲକ)୮ଶହ ମିଟର ଦୌଡରେ ଉଷାରାଣୀ ଭୋଇ(ବରପାଲି ବ୍ଲକ) ଓ ଆୟୁଷ ଗଡତିଆ (ବରଗଡ଼ ବ୍ଲକ), ୧୫ଶହ ମିଟର ଦୌଡ଼ ପ୍ରିୟା ହରିପାଲ(ବିଜେପୁର ବ୍ଲକ) ଓ ପ୍ରତ୍ୟୁଷ କୁମାର ମେହେର(ଭେଡେନ ବ୍ଲକ), ୩ହଜାର ମିଟର ଦୌଡ଼ ଉଷାବତୀ ବରିହା(ଗାଇସିଲେଟ ବ୍ଲକ) ଓ ଦୁର୍ଯ୍ୟୋଧନ ମିର୍ଦ୍ଧା (ବରଗଡ଼ ବ୍ଲକ), ଉଚ୍ଚ ଡିଆଁ ଅଙ୍କିତା ଭୋଇ (ଝାରବନ୍ଧ ବ୍ଲକ) ଓ ବୁଦ୍ଧଦେବ ମୁରଚୁଲିଆ(ସୋହେଲା ବ୍ଲକ), ଲମ୍ଫ ଡିଆଁ କୁସୁମ ଧାରୁଆ (ପଦ୍ମପୁର ବ୍ଲକ) ଓ ସଚିନ ନାଏକ (ଭଟଲି ବ୍ଲକ), ସଟପୁଟ ଦିବ୍ୟରଞ୍ଜନ ଦାଶ (ଗାଇସିଲେଟ ବ୍ଲକ) ଓ ତେଜ କୁମାରୀ ସିଦାର(ଝାରବନ୍ଧ ବ୍ଲକ), ଡିସକସ ରୋଜି ଭୁଏ (ଭେଡେନ ବ୍ଲକ) ଏବଂ ଓମ ସୁନ୍ଦରିଆ(ଭେଡେନ ବ୍ଲକ ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ୧୭ବର୍ଷରୁ କମ ବାଳକ ବିଭାଗରେ ବରଗଡ଼ ବ୍ଲକ ଓ ବାଳିକା ବିଭାଗରେ ଝାରବନ୍ଧ ବ୍ଲକ ଏବଂ ୧୪ ବର୍ଷରୁ କମ ବାଳକ ବିଭାଗରେ ସୋହେଲା ବ୍ଲକ ଓ ବାଳିକା ବିଭାଗରେ ପଦ୍ମପୁର ବ୍ଲକ ଗ୍ରୁପ ଚାମ୍ପିୟନ ହୋଇଥିଲେ। ଏଥିରେ ୨୮ଜଣ ପୁରୁଷ ଓ ୧୮ଜଣ ମହିଳା ମ୍ୟାନେଜର ଓ ପ୍ରଶିକ୍ଷକ ଯୋଗଦେଇଛନ୍ତି। ଶିକ୍ଷକ ତ୍ରିଲୋକ୍ୟ ନାୟକ ଓ ମାନସୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

**ବରଗଡ଼,୨୩।୧୦(ପ୍ରେମାନନ୍ଦ ଖମାରୀ)**

ମାଲେସିଆର ରାଜଧାନୀ କୁଆଲାଲୁମ୍ପୁରରେ ଅନୁଷ୍ଠିତ ହୋଇଥିବା ୩୬ତମ ଅନ୍ତର୍ଜାତୀୟ ମାଲେସିଆ ଓପନ୍ ମାଷ୍ଟର ଆଥଲେଟିକ୍ସ ଚାମ୍ପିୟନଶିପରେ ବରଗଡ଼ ବ୍ଲକ ସର୍ଲା ନିବାସୀ ତଥା ପୋଲିସ କର୍ମଚାରୀ ସନ୍ତୋଷ କୁମାର ପ୍ରଧାନ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ବ୍ୟକ୍ତିଗତ ଟ୍ରିପଲ ଜମ୍ପରେ ସେ ସ୍ୱର୍ଣ୍ଣପଦକ ପାଇଥିବାବେଳେ ଲମ୍ଫଡ଼ିଆଁ, ଉଚ୍ଚଡିଆଁ ଏବଂ ୧୦୦ମିଟର ବାଧା ଦୌଡ଼ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସନ୍ତୋଷଙ୍କ ଏହି ସଫଳତା ପାଇଁ ମଙ୍ଗଳବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହା ପୂର୍ବରୁ ସନ୍ତୋଷ ଦେଶ ତଥା ଦେଶ ବାହାରେ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।


କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନଙ୍କୁ କ୍ରୀଡ଼ାମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

# ଡିସେମ୍ବର ୨୮ରେ ବରପାଲି କଲେଜ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ବରପାଲି, ୨୩।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି କଲେଜର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଡ଼ିସେମ୍ବର ମାସରେ ପାଳନ କରାଯିବ। ଡିସେମ୍ବର ୨୮ରୁ ୩୦ ତାରିଖ ଯାଏ ତିନିଦିନ ଧରି ଏହି ଉତ୍ସବ ହେବ। ବୁଧବାର ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣ ଜୟନ୍ତୀ ଆବାହକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅପରାହ୍ନରେ କମିଟି ପକ୍ଷରୁ ଡକ୍ଟର ରବୀନ୍ଦ୍ର ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ତିନିଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା, ମନୋରଞ୍ଜନ କାର୍ଯ୍ୟକ୍ରମ, ନାଟକ, ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହାର ବ୍ୟୟ ଅଟକଳ ୨୦ଲକ୍ଷ ଟଙ୍କା ରଖାଯାଇଛି। ଆସନ୍ତା ୨୭ତାରିଖ ଅପରାହ୍ନ ୪ଟାରେ ବରପାଲି କଲେଜ ପରିସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ବୈଠକ ଅନୁଷ୍ଠିତ ହୋଇ ଉତ୍ସବର ପୂର୍ଣ୍ଣ ରୂପରେଖ କରାଯିବ। ଏଥିସହ ସୁବର୍ଣ୍ଣ ଜୟନ୍ତୀ ନିମନ୍ତେ କମିଟି ଗଠନ କରାଯିବ। ଏହି ବୈଠକରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଆବାହକ କମିଟିର ମୁଖ୍ୟ ଡକ୍ଟର ରବୀନ୍ଦ୍ର ଗଡତିୟା (୯୪୩୭୩୪୬୭୦୨)ଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ କଲେଜ ଅଧ୍ୟକ୍ଷା ଜୟନ୍ତୀ ଦାଶ, ହରିଚରଣ ଖଟୁଆ, ଡକ୍ଟର ସରୋଜ କୁମାର ଦାଶ, ଅଧ୍ୟାପକ ସୁଶିଲ ଶତପଥୀ, ରାଜେଶ କୁମାର ରାୟ, ସୁବଳ ମେହେର, ଗଙ୍ଗାଧର ମେହେର ପ୍ରମୁଖ ଉପସ୍ଥିତ ଥିଲେ।


ବରପାଲି କଲେଜର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷା, ଆବାହକ କମିଟିର ମୁଖ୍ୟ ଓ ଅନ୍ୟମାନେ ଉପସ୍ଥିତ।

# ଧାନ କିଣାବିକା ନେଇ ସମୀକ୍ଷା ବୈଠକ

**ସରଣ୍ଡା, ୨୩।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ଖୁବଶୀଘ୍ର ଧାନ ଅମଳ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟା ୬ଟାରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ଆହ୍ୱାନରେ ଅତାବିରା ବ୍ଲକସ୍ଥିତ ସମ୍ମିଳନୀ କକ୍ଷରେ ଅତାବିରା ଓ ଭେଡେନ ବ୍ଲକର ଚାଷୀଙ୍କୁ ନେଇ ଧାନ କିଣାବିକା ଉପରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆ ସରକାର କିଭଳି ଚାଷୀଙ୍କଠାରୁ ୩୧ ଶହ ଟଙ୍କାରେ ଧାନ କିଣିବ ଆଉ ସବୁ ଚାଷୀ କିଭଳି ଏଥିରୁ ଉପକୃତ ହୋଇପାରିବେ, ଅତାବିରା ନିୟନ୍ତ୍ରିତ ବଜାର କମିଟିର ଗୋଡ଼ଭଗା, ଖରମୁଣ୍ଡା, ଚିଚିଣ୍ଡା ଆଦି ବିଭିନ୍ନ ମାର୍କେଟ ୟାର୍ଡରେ ଚାଷୀଙ୍କ ଅମଳ ହୋଇ ବିକ୍ରି ପାଇଁ ଆସିଥିବା ଧାନ ରଖିବାକୁ ଅଭାବ ଥିବା ପର୍ଯ୍ୟାପ୍ତ ଭିତ୍ତିଭୂମିକୁ କିଭଳି ସମାଧାନ କରାଯିବ, ଚାଷୀଙ୍କ ପ୍ରମୁଖ ସମସ୍ୟା ଥିବା ଖାଲି ବସ୍ତା କିଭଳି ପାଇପାରିବେ, ଟୋକନ ବ୍ୟବସ୍ଥାକୁ ହଟାଯାଉ ନଚେତ ଚାଷୀର ଧାନ ବିକ୍ରି ସମାପ୍ତ ହେବା ଯାଏଁ ଏହାର ଅବଧି ବଜାୟ ରଖିବା, ଧାନ ଶୁଖାଇବା ଯନ୍ତ୍ର ଡ୍ରାଇକୁ ସବସିଡି ବ୍ୟବସ୍ଥା କରିବା, ଧାନ ପରିବହନରେ ଟ୍ରାକ୍ଟର ଆଦି ଗାଡିମୋଟରର କାଗଜପତ୍ର ଉପରେ ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା, ମଣ୍ଡି କମିଟି ଗଠନର ଆବଶ୍ୟକତା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଚାଷୀଙ୍କ ଦାବିକୁ ବିଧାୟକ ନିହାର ରଞ୍ଜନ ମହାନନ୍ଦ ସମୀକ୍ଷା କରିଥିଲେ। ଆସନ୍ତା ଜିଲାସ୍ତରୀୟ ଧାନ କିଣାବିକା ବୈଠକରେ ଚାଷୀମାନଙ୍କ ଦାବି ଉପରେ ବିଚାର କରାଯିବାକୁ ଏବଂ ଆବଶ୍ୟକ ପଡିଲେ ବିଧାନସଭାରେ ଚାଷୀଙ୍କ ହକ ଉପରେ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ସହ କିଭଳି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେନେଇ ଉପସ୍ଥାପନ କରିବାକୁ ଅତାବିରା ବିଧାୟକ ମହାନନ୍ଦ ଚାଷୀଙ୍କୁ ପ୍ରତିଶୃତି ଦେଇଥିଲେ । ଏହି ବୈଠକରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ବୀରେନ୍ଦ୍ର କର, ରମଣୀ ଦନ୍ତା, ଟିକେଲାଲ ମିଶ୍ର, ବୁଦ୍ଧଦେବ ନନ୍ଦ, କୁବେର ପ୍ରଧାନ, ତ୍ରିଲୋଚନ ନାୟକ, ଶଙ୍କର ପ୍ରଧାନ, ଏସଭି ସଂକ୍ରାନ୍ତି ରାଓ, ଦଶରଥ ଭୋଇ, ସୁବାଷ ବିଶ୍ୱାଳ, ଭୁବନ ପ୍ରଧାନ, ନରେନ୍ଦ୍ର ପ୍ରଧାନ,ହୃଦାନନ୍ଦ ପାତ୍ର ଓ ଭେଡେନ ବ୍ଲକର ନନ୍ଦିଘୋଷ ମିଶ୍ର, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ସୁବ୍ରତ ପ୍ରଧାନ, ଲୁକ ଦାଶ, କୁନା ପ୍ରଧାନ, ବିଜୟ ଲହରିଆ, ଚୂଡ଼ାମଣି ଛନ୍ଦ, ବୃନ୍ଦାବନ ସାହୁ, ନିର୍ମଳ ପ୍ରଧାନ, ଧର୍ମରାଜ ବିଶ୍ୱାଳ ପ୍ରମୁଖ ଚାଷୀ ଆଲୋଚନାରେ ନିଜ ପ୍ରସ୍ତାବ ଆଗତ କରିଥିଲେ । ଏହି ବୈଠକରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ ମଧ ଉପସ୍ଥିତ ଥିଲେ ।


ଚାଷୀଙ୍କ ସହ ଅତାବିରା ବିଧାୟକ ନୀହାର ମହାନନ୍ଦ ଧାନ କିଣାବିକା ନେଇ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

# ବାର୍ଷିକ ସଞ୍ଚୟ ମେଳା ଉଦ୍‌ଯାପିତ


ବାର୍ଷିକ ସଞ୍ଚୟ ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଅଧିକାରୀ।

**ପାଇକମାଲ, ୨୩।୧୦(ବଡ ଶତପଥୀ)**

- ମହିଳା ଆତ୍ମନିର୍ଭରଶୀଳ ଉପରେ ଗୁରୁତ୍ୱ

ବରଗଡ଼ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତ ସୁରୁଙ୍ଗିଦାଦରଠାରେ ଗନ୍ଧମାର୍ଦ୍ଦନ ମହିଳା ସଞ୍ଚୟ ସମିତି ମହାସଂଘ ପକ୍ଷରୁ ୨୧ତମ ବାର୍ଷିକ ସଞ୍ଚୟ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାସଂଘ ସମ୍ପାଦିକା ଅପସନା ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭ୍ୟା ମମତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ପ୍ରଫୁଲ୍ଲ କୁମାର ଓଦୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଇକମାଲ ମଙ୍ଗଳ ଅଧିକାରୀ ସୁନୀଲ କୁମାର ଭୋଇ, ସିଡିପିଓ ବାସନ୍ତି ପୂର୍ତ୍ତି, ରେଞ୍ଜର ହୃଦାନନ୍ଦ ମିଶ୍ର, ଯୋଗାଣ ଅଧିକାରୀ ଦେବାଶିଷ ମେହେରି, ବିପିଏମ୍ ଇନ୍ଦ୍ରଜିତ କୁମ୍ଭାର, ବିପିସି ଦୈତାରୀ ବେହେରା, ଜିଲା ପରିଷଦ ସଭ୍ୟା ତ୍ରିପୁର ବରିହା, ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ଝରଣା ପ୍ରଧାନ, କେଜିଏମ୍ଏନ୍‌ର ସୁରଭି ବାରିକ, ଫରେଷ୍ଟର ଦୀପକ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ନାୟକ ଯୋଗଦେଇଥିଲେ। ଅତିଥିମାନେ ମହିଳା ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ପାଇଁ ବିଭିନ୍ନ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉତ୍ସବରେ ବିଭିନ୍ନ ଗୋଷ୍ଠୀମାନେ ସେମାନଙ୍କ ହାତ ତିଆରି ବାଉଁଶ ସାମଗ୍ରୀ, କପଡା ଓ ବିଭିନ୍ନ ଖାଦ୍ୟ ବିକ୍ରି କରିଥିଲେ। ବ୍ୟାସଦେବ ବାରିକ ମେଳା ପରିଚାଳନା କରିଥିବା ବେଳେ ଆଦିକନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପାଇକମାଲରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପାଇକମାଲ, ୨୩।୧୦(ବଡ ଶତପଥୀ)**

ବରଗଡ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଇକମାଲରେ ବିଧାୟିକା ବର୍ଷା ସିଂ ବରିହାଙ୍କ ତତ୍ତ୍ୱାବଧାନରେ ବିଜେଡି (ବିଜୁ ଜନତା ଦଳ)ର ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି। ପାଇକମାଲ ହାଇସ୍କୁଲ ପଡିଆଠାରୁ ହୋଇଥିବା ଏହି ପଦଯାତ୍ରାରେ ପାଇକମାଲ ଅଞ୍ଚଳର ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ। ସାଲେପାଲିସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ସଭା ହୋଇଥିଲା। ଏଥିରେ ବିଜେଡି ନେତୃବର୍ଗ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରିଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଯଥା ୩୦୦୦ ଟଙ୍କା ଭତ୍ତା, ୩୦୦ୟୁନିଟ ବିଜୁଳି ଛାଡ଼, ସୁଭଦ୍ରା ଯୋଜନାରେ ୨ବର୍ଷ ମଧ୍ୟରେ ୨ଟି କିସ୍ତିରେ ୫୦ହଜାର ପ୍ରଦାନ ଓ ଅନ୍ୟାନ୍ୟ ପ୍ରତିଶ୍ରୁତି ତୁରନ୍ତ ପୂରଣ ପାଇଁ ଚେତାବନୀ ଦେଇଥିଲେ। ଏହି ସଭାରେ ଡୋଲାମଣୀ ମାହାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ରାଜୁ ଘିବିଲା, ଜାପାନ ମହାପାତ୍ର, ନବ କିଶୋର ସାହୁ, ପଦ୍ମପୁର ଏନଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ପାଇକମାଲ ବ୍ଲକ ଉପାଧ୍ୟକ୍ଷ ସଞ୍ଜିବ ବରିହା, ବିଜୟ କୁମାର ସ୍ୱାଇଁ, ଗୌତମ ସିଂ, ରାମ ନାୟକ, ହୃଦାନନ୍ଦ ବାରିକ, ଟାଇଲ ଭୋଇ ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ବିରୋଧରେ ନିଜର ମତବ୍ୟକ୍ତ କରିଥିଲେ। ବିଧାୟିକା ବରିହା ତାଙ୍କ ଅଭିଭାଷଣରେ ଭାଜପାର ଡବଲ ଇଞ୍ଜିନ ସରକାର ୪ମାସ ନ ପୂରୁଣୁ ସବୁ ପ୍ରତିଶ୍ରୁତି ପାଳନ ନ କରିଥିବାବେଳେ ଦରଦାମ ନିୟନ୍ତ୍ରଣ କରିପାରୁ ନାହିଁ ବୋଲି କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଲୋକେ ଏହାର ଜବାବ ଦେବେ ବୋଲି କହିଥିଲେ। ଡୋଲାମଣୀ ମାହାର ଧନ୍ୟବାଦ ଦେଇଥିଲେ।



ପାଇକମାଲରେ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ସାମିଲ କର୍ମୀ।

## ଡିଏଭି ଜୋନାଲ କରାଟେ ଚାମ୍ପିୟନସିପ୍: ରାଉରକେଲାକୁ ୫ ସ୍ୱର୍ଣ୍ଣ ପଦକ

ରାଉରକେଲା,୨୩।୧୦(ଦିନେଶ ମିଶ୍ର)

ଝାରସୁଗୁଡା ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଡିଏଭି ଜୋନାଲ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ୩୮ଟି ଡିଏଭି ସ୍କୁଲରୁ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାରେ ୧୨୦ ଜଣ କରାଟେକା ଅଂଶଗ୍ରହଣ କରିଥିଲେ । ଏଥିରେ ରାଉରକେଲା ସ୍ଥିତ ଡକ୍ଟର ଏ. ଏନ୍. କେ ଡିଏଭି ପବ୍ଲିକ ସ୍କୁଲରୁ ୫ ଜଣ କରାଟେକା ଅର୍ଣ୍ଣାଦିତ୍ୟା ସ୍ୱାଇଁ, ଆର୍ଯ୍ୟା ବଂଶୀକା, ସୁହାନି ମିଶ୍ର, ସମ୍ଭବ ପଣ୍ଡା ଓ ପୁଲକ ପାଢୀ ଅଂଶଗ୍ରହଣ କରି ସମସ୍ତେ ନିଜ ବୟସ ବର୍ଗରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ସହ ମୋଟ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବାସନ୍ତୀ କଲୋନୀ ସ୍ଥିତ ଡିଏଭି ସ୍କୁଲର ଏହି ୫ଜଣ କରାଟେକାଙ୍କୁ ମଙ୍ଗଳବାର ସ୍କୁଲର ପ୍ରିନ୍ସିପାଲ ଲୋକନାଥ ପ୍ରଧାନ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସ୍କୁଲର କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## କୃଷି ବିକାଶ ବର୍ତ୍ତମାନ ସମୟର ଆବଶ୍ୟକତା

ରାଉରକେଲା,୨୩।୧୦(ଦିନେଶ ମିଶ୍ର)

ଇନଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ(ଇଣ୍ଡିଆ) ରାଉରକେଲାର ସ୍ଥାନୀୟ କେନ୍ଦ୍ର ପକ୍ଷରୁ ଏକ ଦିବସୀୟ 'କୃଷି ପ୍ରଯୁକ୍ତିର ଆଗୁଆ ବିକାଶ ଓ ତାର ବର୍ତ୍ତମାନ ସମୟର ଆବଶ୍ୟକତା ଏବଂ ଇଲେକ୍ଟ୍ରିକ ଆସିଷ୍ଟେଡ ୱେରେବଲ ପ୍ରଯୁକ୍ତି ବିଷୟରେ ଦୁଇଟି ଆଲୋଚନାଚକ୍ର ଏନ୍‌ଆଇଟି ସ୍ଥିତ ଏନ୍. ଏନ୍. ପଟେଲ ସ୍ମୃତି ସେମିନାର ହଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଇଞ୍ଜିନିୟର୍ସ ଇନ୍‌ଷ୍ଟିଚ୍ୟୁଶନ ଭାରତର ଉପାଧ୍ୟକ୍ଷ ଡକ୍ଟର ନୂତନ କୁମାର ଦାସ ମୁଖ୍ୟ ଅତିଥି ଏବଂ ଆରଏସ୍‌ପି ମୁଖ୍ୟ ସାଧାରଣ ପ୍ରବନ୍ଧକ ସୁଦୀପ ପାଲ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଇ. ସନ୍ତୋଷ କୁମାର ପୋଲାକୀ ସ୍ୱାଗତ ଭାଷଣ ସହ ଆଧୁନିକ କୃଷି ପ୍ରଯୁକ୍ତି ବିଷୟରେ ବକ୍ତବ୍ୟ ଦେଇଥିଲେ। ସେମିନାର ଆୟୋଜକ ଅଧ୍ୟାପକ ରାମଚନ୍ଦ୍ର ପ୍ରଧାନ ଓ ମାଧୁରେଶ ଦ୍ୱିବେଦୀ ସେମିନାର ଆଭିମୁଖ୍ୟ ସମ୍ପର୍କରେ ବାଖ୍ୟା କରିଥିଲେ। ସେମାନେ କୃଷି କ୍ଷେତ୍ରରେ ଆଗୁଆ ଯନ୍ତ୍ର ପ୍ରୟୋଗର ଆବଶ୍ୟକତା ଓ ସଫଳ ଖାଦ୍ୟ ଉତ୍ପାଦନ ପାଇଁ ସୁଦୃଢ ପ୍ରଯୁକ୍ତି ଉପରେ ଉଲ୍ଲେଖ କରିଥିଲେ। ପରେ ମୁଖ୍ୟ ଅତିଥି ଡକ୍ଟର ଦାସଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସଚିବ ଡକ୍ଟର ଅଜିତ ବେହେରା ସମସ୍ତ ଅତିଥି ଓ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ୧୦ଟି ବିଜ୍ଞାନ ଲେଖା ଉପସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ଅଧିବେଶନରେ ବିଶେଷଜ୍ଞମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଦ୍ୱିତୀୟ ଆଲୋଚନାଚକ୍ର ସଭାରେ ଇଲେକ୍ଟ୍ରିକ ଆସିଷ୍ଟେଡ୍ ୱେରେବଲ ପ୍ରଯୁକ୍ତି ବିଷୟରେ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ଡକ୍ଟର ଦାସ ମୁଖ୍ୟ ଅତିଥି ଏବଂ ଆର୍‌ଏସ୍‌ପିର ମୁଖ୍ୟ ସାଧାରଣ ପ୍ରବନ୍ଧକ ଏ. ବି. ସୁନିଲ କର୍ଥା ଓ ଏନ୍‌ଆଇଟି ବିଦ୍ୟୁତ ବିଭାଗର ଅଧ୍ୟକ୍ଷ ପ୍ରଫେସର କେ. ବି. ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଲୋଚନାଚକ୍ର ସଂଯୋଜକ ଡକ୍ଟର ଭେଙ୍କଟରମଣ ନାୟକ ବର୍ତ୍ତମାନ କୃଷିରେ ଉନ୍ନତୀକରଣ ଓ ୱେରେବେଲ ପ୍ରଯୁକ୍ତିକୁ ବିଭିନ୍ନ ଶିଳ୍ପରେ ବ୍ୟବହାର କରିବାକୁ କହିଥିଲେ। ସମ୍ପାଦକ ଡକ୍ଟର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବନ୍ଧମୁଣ୍ଡା ଦୋକାନୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବନ୍ଧମୁଣ୍ଡା ଦୋକାନୀଙ୍କ ବିକ୍ଷୋଭ

ରାଉରକେଲା,୨୩।୧୦(ବିପ୍ଲବ ରଞ୍ଜନ ଦାଶ)

**ଏନ୍‌ଏଚ୍-୩୨୦(ଡି) ବନ୍ଧମୁଣ୍ଡା ଦେଇ ଯିବା ଘୋଷଣାକୁ ପରିବର୍ତ୍ତନ କରିବା ଦାବି**

ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମୁଖରେ ବୁଧବାର ବନ୍ଧମୁଣ୍ଡାର ଦୋକାନୀମାନଙ୍କ ପକ୍ଷରୁ ସକାଳ ୬ଟାରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ବିକ୍ଷୋଭ ପ୍ରଦର୍ଶନ ଏନଏଚ-୩୨୦(ଡି) ଜାତୀୟ ରାଜପଥ ବନ୍ଧମୁଣ୍ଡା ଦେଇ ଯିବା ଘୋଷଣା ବିରୋଧରେ ହୋଇଥିଲା। ରାଉରକେଲା ଜାତୀୟ ରାଜପଥ ବିଭାଗ ତରଫରୁ ବନ୍ଧମୁଣ୍ଡା ମୁଖ୍ୟରାସ୍ତା ଉଭୟ ପାର୍ଶ୍ୱରେ ଦୋକାନ କରିଥିବା ଦୋକାନୀମାନଙ୍କୁ ୨୮ ଅକ୍ଟୋବର ସୁଦ୍ଧା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରୁ ୧୦-୧୦ ମିଟର ପର୍ଯ୍ୟନ୍ତ ସ୍ଥାନ ଖାଲି କରିବାକୁ ବିଜ୍ଞପ୍ତିପତ୍ର ପ୍ରଦାନ କରା ଯାଇଥିଲା। ଏହାକୁ ତିବ୍ର ବିରୋଧ କରାଯାଇ ବୁଧବାର ଏନଏଚ ବିଭାଗ ବିଜ୍ଞପ୍ତି ବିରୋଧରେ ବନ୍ଧମୁଣ୍ଡାର ଶହ ଶହ ଦୋକାନୀ ସକାଳ ୬ଟାରେ ନିଜର ଦୋକାନ ବନ୍ଦ କରି ଏହାର ବିରୋଧ କରିଛନ୍ତି। ଏଥିସହିତ ବନ୍ଧମୁଣ୍ଡା ନାଗରିକ ସୁରକ୍ଷା ସଂଘ ସହଯୋଗରେ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳ ଏବଂ ମହାନଗର ନିଗମ ଉପାଯୁକ୍ତଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଏନଏଚ ବନ୍ଧମୁଣ୍ଡା ଦେଇ ଯିବା ମାର୍ଗ ଘୋଷଣା ପରିବର୍ତ୍ତନ କରିବା, ରାସ୍ତାର ଓସାର ୬୬ଫୁଟ ପରିବର୍ତ୍ତେ ୫୦ଫୁଟ କରିବା ନେଇ ଦୋକାନୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପଟେ ଅତିରିକ୍ତ ଜିଲାପାଳ ବିଭାଗ ସହିତ ଏନେଇ ବିଚାରବିମର୍ଶ କରି ଏହାର ସମାଧାନ କରିବା ଆଶ୍ୱାସନା ପ୍ରଦାନ କରିବା ସହିତ ଦୋକାନୀମାନଙ୍କ ଯେଭଳି କୌଣସି ପ୍ରକାରର ବାଣିଜ୍ୟ ବ୍ୟବସାୟରେ କ୍ଷତି ନ ହୁଏ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବା ନେଇ ଦୋକାନୀମାନଙ୍କୁ ପ୍ରତିବୋଧ ଦେବା ସହ ଏ ବିଷୟରେ ସରକାରଙ୍କୁ ମଧ୍ୟ ଅବଗତ କରାଯିବା ବୋଲି କହିଛନ୍ତି। ଅନ୍ୟପଟେ ଏହା ନ ହେଲେ ଆଗକୁ ବନ୍ଧମୁଣ୍ଡା ଦୋକାନୀମାନଙ୍କ ଦ୍ୱାରା ରାଉରକେଲା ସହରବ୍ୟାପୀ ବ୍ୟାପକ ଆନ୍ଦୋଳନ କରାଯିବା ଚେତାବନୀ ଦିଆଯାଇଛି। ତେବେ ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା ନାଗରିକ ସୁରକ୍ଷା ସଂଘର ଅଧ୍ୟକ୍ଷ ମାଣିକ ଚୌଧୁରୀ, ବିଭୁତି ଗୁପ୍ତା,ଏଲ.ଏ ହରି ଦୋରା, ଉପାଧ୍ୟକ୍ଷ ପ୍ରମିଳା ସୋନା, ଲଖନ ଲୁହାର, ଏସ,କେ ଅଂସାରୀ, ଶଙ୍କର ସରକାର, ମୁଖ୍ୟ ପରାମର୍ଶଦାତା ସୁବାଷ ପଣ୍ଡା, ବି ରୀନା, ଅଶୋକ ହଲବାଇ, ଜୀବନ ଜ୍ୟୋତି, ଆଇ ରାଜା ରମେଶ, ସହ ସଚିବ ସୁନୀଲ ସିଂହ, ବାବୁ ପ୍ରଧାନ,ସୁବଳ ଗର୍ତିଆମ,ଚନ୍ଦନ ତରାଇ, ଆନନ୍ଦ ସିଂହ ପ୍ରମୁଖ ସମ୍ମିଳିତ ରହିଥିଲେ।

## ଗୃହ ନିର୍ମାଣ ବିଭାଗର ବିବିଧ ସମସ୍ୟା ନେଇ ସମୀକ୍ଷା

ରାଉରକେଲା,୨୩।୧୦(ବିପ୍ଲବ ରଞ୍ଜନ ଦାଶ)

ବୁଧବାର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୂର୍ଯ୍ୟକାନ୍ତ ରାଏ ଏବଂ ମାନସ ମହାପାତ୍ର ଯୋଗ ଦେଇଥିଲେ। ବୈଠକରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ସମ୍ମୁଖିନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଛେଣ୍ଡ ଓ ବାସନ୍ତୀ କଲୋନୀ ଅଞ୍ଚଳରେ ଲିଜ ହୋଲଡ ଜମିକୁ ଫ୍ରି-ହୋଲଡରେ ପରିଣତ କରିବାକୁ ଆବଶ୍ୟକ ତଥ୍ୟ ରାଉରକେଲା ତହସିଲଦାରଙ୍କୁ ମଗା ଯାଇଥିଲେ ମଧ୍ୟ ତାହା ମିଳିପାରୁନାହିଁ ବୋଲି ଉଲ୍ଲେଖ କରିଥିଲେ। ବାସନ୍ତୀ କଲୋନୀଠାରେ ଥିବା ହାଉସିଙ୍ଗ ବୋର୍ଡ କାର୍ଯ୍ୟାଳୟ ପରିସରରେ ତଥା ଏହା ସନ୍ନିକଟରେ ରହିଥିବା ପ୍ରାୟ ଦୁଇ ଏକର ଜାଗାରେ ଏକ ବହୁତଳ ବିଶିଷ୍ଟ ଆବାସିକ ଓ ବ୍ୟବସାୟିକ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଯୋଜନା ହୋଇ ଆରଏମସିଠାରୁ ଆବଶ୍ୟକ ଅନୁମତି ପ୍ରାପ୍ତ ହୋଇଥିଲେ ମଧ୍ୟ ଏଦିଗରେ କିଛି କାମ ଆଗେଇ ପାରିନାହିଁ। ଏଥିସହ ହାଉସିଂ ବୋର୍ଡ କାର୍ଯ୍ୟାଳୟ,ରାଉରକେଲାରେ କର୍ମଚାରୀ ଅଭାବରୁ ଠିକ ରୂପେ କାର୍ଯ୍ୟ ହୋଇ ପାରୁ ନ ଥିବାରୁ ଅନେକ ଗୃହ ମାଲିକ ନିୟମିତ ଭାବେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ଅଯଥାରେ ଭୁବନେଶ୍ୱର ମୁଖ୍ୟାଳୟକୁ ଯାଇ ବିବିଧ ସମସ୍ୟା ସମ୍ମୁଖିନ ହେଉଥିବାରୁ ଏଠାରେ ନିୟମିତ ଭାବେ ବରିଷ୍ଠ ନାଗରିକ ତଥା ସମସ୍ତ ଗୃହମାଲିକମାନଙ୍କୁ ସମସ୍ତ ସେବା ରାଉରକେଲା ଠାରେ ଯୋଗାଇଦେବା ପାଇଁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବହୁତଳ ବିଶିଷ୍ଟ ନୂତନ ପ୍ରକଳ୍ପକୁ କିଭଳି ଶିଘ୍ର ସମ୍ପନ୍ନ କରାଯାଇ ପାରିବ, ସେ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ନିଜେ ମୁଖ୍ୟମନ୍ତ୍ରୀ ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଏହାସହ ଆଗାମୀ ଦିନରେ ରାଉରକେଲାବାସୀଙ୍କ ପାଇଁ ବାସଗୃହ ସମସ୍ୟାର ସମାଧାନ କରିବା ପାଇଁ ବିଭିନ୍ନ ନୂତନ ଗୃହ ନିର୍ମାଣ ପ୍ରକଳ୍ପର ଭିନ୍ନ ଭିନ୍ନ ସମ୍ଭାବନା ସମ୍ପର୍କରେ ବିଭାଗ ସହିତ ବୈଠକରେ ଆଲୋଚନା କରିଥିଲେ। ଆଜିର ଏହି ବୈଠକରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରମେଶ ଅଗ୍ରୱାଲ, ବିମଳ କୁମାର ବିଶି, ଦିଲ୍ଲୀପ ପଟ୍ଟନାୟକ ଓ ଆର.କେ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

## ଏନ୍‌ଆଇଟିରେ ବିଶ୍ୱ ଖାଦ୍ୟ ଦିବସ

ରାଉରକେଲା,୨୩।୧୦(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗ ଅଧିନରେ ଥିବା ଏଏଫ୍‌ଏସ୍‌ଟିଆଇ ବିଭାଗ ସହାୟତାରେ ଏନ୍‌ଆଇଟି ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର(ସାକ୍)ରେ ଫୁଡ୍ ଟ୍ରେକ ସୋସାଇଟି ଦ୍ୱାରା ମଙ୍ଗଳବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଛି। ଏଥିରେ ଘରୋଇ ମସଲା ଉତ୍ପାଦକାରୀକମ୍ପାନୀ ଗୃହସ୍ଥିର ସିଇଓ ଅମିତ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁସ୍ଥ ଶରୀର ଉପଯୋଗୀ ଖାଦ୍ୟ ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ସବ୍ୟସାଚୀ ମିଶ୍ର, ରାମଚନ୍ଦ୍ର ପ୍ରଧାନ, ଅଧ୍ୟାପିକା ଡ. ବିବେକ କାମ୍ବୟତି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଖାଦ୍ୟ ନିରାପତ୍ତା ଉପରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରଫେସର ମଧୁରେଶ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଇଆଇଟି ଖଡ଼ଗପୁରର କୃଷି ଏବଂ ଖାଦ୍ୟ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ରୋନିତ ମଣ୍ଡଳଙ୍କ ସଂଯୋଜନାରେ ଏକ ୱେବନାର୍ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ କୁଇଜ୍ କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ବହୁ ମାତ୍ରାରେ ଅଂଶଗ୍ରହଣ କରିଥିଲେ।

## ସେଲ୍‌କୁ ମିଳିଲା ମାନବ ସମ୍ବଳ ଉତ୍କର୍ଷ ସମ୍ମାନ

ରାଉରକେଲା,୨୩।୧୦(ବିପ୍ଲବ ରଞ୍ଜନ ଦାଶ)

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ(ସେଲ)କୁ ଦିଲ୍ଲୀରେ ଅନୁଷ୍ଠିତ ସମ୍ମାନଜନକ ଏସ୍‌ଏଚଆରଏମ୍ ଇଣ୍ଡିଆ ବାର୍ଷିକ ସମ୍ମିଳନୀ-୨୦୨୪ରେ ସମାବେଶୀ, ସମାନତା ଓ ବିବିଧତାର ଉତ୍କର୍ଷତା ଏବଂ ବିତରିତ ମାନବ ସମ୍ବଳ ପରିଚାଳନା ଗତ ଉତ୍କର୍ଷତା ପାଇଁ ଏସଏଚଆରଏମ ମାନବ ସମ୍ବଳ ଉତ୍କର୍ଷତା ପୁରସ୍କାରରେ ସମ୍ମାନିତ କରାଯାଇଛି। ସେଲ ଦ୍ୱାରା ସାରା ଦେଶରେ ଥିବା ଏହାର ବିଭିନ୍ନ ପ୍ଲାଣ୍ଟ ଏବଂ ୟୁନିଟ ଗୁଡିକରେ କର୍ମଜିବୀ ମାନଙ୍କର ସାମଗ୍ରିକ ଅଭିବୃଦ୍ଧି ପାଇଁ ପ୍ରଚଳିତ ଉତ୍କୃଷ୍ଟ ମାନବ ସମ୍ବଳ ଅଭ୍ୟାସ ଏବଂ ପଦକ୍ଷେପ ଗୁଡିକ ମିଳିଥିବା ସମ୍ମାନରୁ ପ୍ରମାଣିତ ହୁଏ। କମ୍ପାନୀ ଏହାର ସଫଳତା ତଥା ଏହାର କାର୍ଯ୍ୟଧାରାର ଶ୍ରେୟର ମୂଳ ହକଦାର ଭାବରେ କର୍ମଚାରୀଙ୍କୁ ବିବେଚିତ କରେ। ଉନ୍ନତତର କର୍ମଚାରୀ ପ୍ରୋତ୍ସାହନ ଏବଂ ବିନିଯୋଗ ପାଇଁ ସେଲ କ୍ରମାଗତ ଭାବରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଛି। ତେବେ ଉପରୋକ୍ତ ସମ୍ମିଳନୀରେ କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଦକ୍ଷତା ବିକାଶ ଓ ଉଦ୍ୟୋଗୀ ବିଭାଗର ରାଜ୍ୟମନ୍ତ୍ରୀ ଜୟନ୍ତ ଚୌଧୁରୀ ସମ୍ମାନ ଓ ପୁରସ୍କାର ନେଇ ସମ୍ବୋଧିତ କରିଥିଲେ। ଏହି ଅବସରରେ ଶିଳ୍ପ ଜଗତର ସୁନାମଧନ୍ୟ ବ୍ୟକ୍ତିବିଶେଷ ସମ୍ମିଳିତ ରହି ସେମାନଙ୍କ ମତାମତ ଓ ଅଭିଜ୍ଞତା ସହଭାଗ କରିଥିଲେ। ମତବିନିମୟ ଅଧିବେଶନରେ ସେଲ କାର୍ମିକ ବିଭାଗର ନିର୍ଦ୍ଦେଶକ କେ.କେ ସିଂହ ଅଭିନବ ମାନବ ସମ୍ବଳ ଅଭ୍ୟାସ ବିଷୟାଦିରେ ଉଲ୍ଲେଖ କରିଥିଲେ ଏବଂ ସମସାମୟିକ ପ୍ରତିଯୋଗୀ ବ୍ୟବସାୟ ପରିବେଶ ମଧ୍ୟରେ ଏକ ସ୍ଥାୟୀ କର୍ମଜିବୀ ଗଠନ କରିବାରେ ମାନବ ସମ୍ବଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



ସେଲ ସମ୍ମାନ ଗ୍ରହଣ କରୁଛି।

## ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ରାଉରକେଲା,୨୩।୧୦(ବିପ୍ଲବ ରଞ୍ଜନ ଦାଶ)

**ରାଉରକେଲା ୭୦ମୌଜା ବାସଚ୍ୟୁତ ସଂଘର ଆନ୍ଦୋଳନ**

ରାଉରକେଲା ୭୦ମୌଜା ବିସ୍ଥାପିତ ସଂଘ କର୍ମକର୍ତ୍ତାଙ୍କ ପକ୍ଷରୁ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଧାରଣାରୁ ଓହରିଥିଲେ। ସଂଘ କର୍ମକର୍ତ୍ତାଙ୍କ ଦାବି ମୁତାବିକ-୧୯୫୮ ମସିହାରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେଲା ସମୟରେ ବଡତି ପରିବାରର ପୂର୍ବ ପୁରୁଷଙ୍କ ରାଉରକେଲାରେ ଥିବା ୩୨ମୌଜା ପରିସୀମା ଜମିଭୂମି ଓ ମନ୍ଦିରିଆ ମୌଜାରେ ଥିବା ୩୮ମୌଜା ପରିସୀମା ଜମିଭୂମିର ଅଧିଗ୍ରହଣ କରାଗଲା। ଏହାପରେ ରାଉରକେଲାର ୩୨ମୌଜାରେ ଷ୍ଟିଲ ପ୍ଲାଣ୍ଟ ଏବଂ ବନ୍ଧରିଆ ୩୮ମୌଜାରେ ମନ୍ଦିରା ଡ୍ୟାମ ନିର୍ମାଣ ହେଲା। ଡ୍ୟାମ ଦ୍ୱାରା ପ୍ଲାଣ୍ଟକୁ ଜଳଯୋଗାଣ ବ୍ୟବସ୍ଥା ହେଲା। ଏହା ପ୍ରତିବଦଳରେ ତତ୍କାଳୀନ ସମୟରେ ବାସଚ୍ୟୁତ ହୋଇଥିବା ବଡତି ପରିବାରର ୩ହଜାର ୭୨୨ଜଣ ପରିବାରକୁ ସାଢେ ୫ଡିସିମିଲ ଲେଖାଏଁ ଜାଗା ମିଳିଲା। ମାତ୍ର ୧୯୫୮ ମସିହାରୁ ୨୦୧୩ ମଧ୍ୟରେ ବଡତି ପରିବାରର ଜନସଂଖ୍ୟା ବୃଦ୍ଧି ଘଟିବା ସହ ମିଳିଥିବା ଜାଗା ବଡତି ବଂଶଧର ପାଇଁ ମୁସ୍କିଲ ହୋଇଗଲା। ଯାହାକୁ ନେଇ ୨୦୧୩ ମସିହାରେ ଜାଗା ପ୍ରତି ବଦଳରେ ବଡତି ପରିବାରର ୩ହଜାର ୭୨୨ଜଣ ବ୍ୟକ୍ତିଙ୍କୁ ନେଇ ୭୦ମୌଜା ବାସଚ୍ୟୁତ୍ ସଂଘ ସ୍ଥାପନ ହେବା ସହ ୩ହଜାର ୭୨୨ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର ଦାବି କଲେ। ପରେ ୭୦ମୌଜା ବାସଚ୍ୟୁତ ସଂଘର ଦାବିକୁ ନେଇ ରୁରାଲ ପେରିଫେରେଲ ଡେଭଲପମେଣ୍ଟ ଅଥରିଟି(ଆରପିଡିସି)ଙ୍କ ସହ ତତ୍କାଳୀନ ସୁନ୍ଦରଗଡ ଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ, ସ୍ଥାନୀୟ ବିଧାୟକ, ସାଂସଦ, ଆରଏସପି ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ୩ମାସରେ ବାସଚ୍ୟୁତ ପରିବାରର ସଦସ୍ୟମାନଙ୍କୁ ନିଯୁକ୍ତି ପ୍ରଦାନରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କୁ ଦର୍ଶାଗଲା। ସମ୍ମିଳନୀ ରାଉରକେଲା ଆରଡିଏ ହଲରେ ହୋଇଥିଲା। ବୁଧବାର ୭୦ମୌଜା ବିସ୍ଥାପିତ ସଂଘ ଯୁବକଙ୍କର ନିଯୁକ୍ତି ଭିତ୍ତିକ ବିଷୟବସ୍ତୁ ଓ ସମ୍ମିଳନୀ ଉପରେ ବିଚାରବିମର୍ଶ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ଆଗାମୀ ୨ମାସ ମଧ୍ୟେ ଆରପିଡିସିଙ୍କୁ ରିପୋର୍ଟ ହସ୍ତାନ୍ତର ହେବାକୁ ଥିବା ଜଣାପଡିଛି। ଯାହା ଆମ ସମସ୍ୟାଦିର ସମାଧାନ ବାଟ ଫିଟାଇବ ବୋଲି ବୁଧବାର ସଂଘର ସଭାପତି ଖାରା କୁଜୁର, ସାଧାରଣ ସମ୍ପାଦକ ପୁରଣ ଖାଲକୋ, ଯୋଗିଆ କୁଜୁର, ଲିଗାଇ ଏଡଭାଇଜର ବସନ୍ତ କିଷାନ,ଏକଜ୍ୟୁକିଟିଭ୍ ପିଲା ଲାକ୍ରା, ସଭା ତନ୍ତୀ ପ୍ରମୁଖଙ୍କ ସହିତ ଏକ ହଜାରରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ।


୭୦ମୌଜାର ବାସଚ୍ୟୁତ ସଂଘ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ।

## କୁଆଁରମୁଣ୍ଡା ଫାଣ୍ଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



କୁଆଁରମୁଣ୍ଡା ଫାଣ୍ଡିର ନୂତନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଉଛି।

କୁଆଁରମୁଣ୍ଡା,୨୩।୧୦(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ପୋଲିସ ଫାଣ୍ଡି ପରିସରରେ ନବ ନିର୍ମିତ ଫାଣ୍ଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବୀରମିତ୍ରପୁର ଏସଡିପିଓ ସୁଶାନ୍ତ ଦାସ ଏହି ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବୀରମିତ୍ରପୁର ଆଇଆଇସି ବନ୍ଦିତା ପାତ୍ର, କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକ, ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ଚନ୍ଦ୍ରଜିତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ଫାଣ୍ଡିଅଧିକାରୀ ଅଭୟ ମହାପାତ୍ର,ଏଏସଆଇ ଶ୍ରୀନିବାସ ଦାସଙ୍କ ସହ ବୀରମିତ୍ରପୁର ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ପ୍ରବେଶିକା କାର୍ଯ୍ୟକ୍ରମ

ରାଉରକେଲା,୨୩।୧୦(ବିପ୍ଲବ ରଞ୍ଜନ ଦାଶ)

**୧୭୭ ନବ ନିଯୁକ୍ତ କର୍ମଚାରୀଙ୍କୁ ମାର୍ଗଦର୍ଶନ ଦେଲେ ଅତନୁ ଭୌମିକ**

ରାଉରକେଲା ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ବୁଧବାର ଅନୁଷ୍ଠିତ ହୋଇ ଯାଇଥିବା ପ୍ରବେଶିକା କାର୍ଯ୍ୟକ୍ରମ ଉନ୍ନୟନର ଉଦ୍‌ଘାଟନୀ ଅବସରରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ପରବର୍ତ୍ତୀ କକ୍ଷପଥକୁ ଆରଏସପିର ଯାତ୍ରାରେ ଆପଣଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆରଏସ୍‌ପିରେ ନୂତନ ଭାବେ ଯୋଗ ଦେଇଥିବା ୧୭୭ଜଣ ଅପରେଟର କମ ଟେକ୍ନିସିଆନ ଓ ଆଟେଣ୍ଡାଣ୍ଟ କମ ଟେକ୍ନିସିଆନ ମାନଙ୍କୁ ସମ୍ବୋଧିତ କରିଛନ୍ତି। ଅତନୁ ଭୌମିକ ଏହି ସମ୍ବୋଧନ ଆଭାସୀ ମାଧ୍ୟମରେ ୧୭୭ଜଣ ନୂତନ ଭାବେ ଆରଏସପିରେ ଯୋଗ ଦେଇଥିବା ଟେକ୍ନିସିଆନମାନଙ୍କୁ ପ୍ରେରଣା ଓ ଉତ୍ସାହ ବୃଦ୍ଧି ନେଇ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. ବେହୁରୀଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏଥିସହ ବହୁ ସିଜିଏମ,ବିଭାଗ ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ସମ୍ମିଳିତ ରହିଥିଲେ। ନବ ନିଯୁକ୍ତ କର୍ମଚାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଭୌମିକ କହିଥିଲେ ଯେ, ଆପଣଙ୍କ ସ୍ୱତନ୍ତ୍ର ଗୁଣ ଓ ସାମର୍ଥ୍ୟ ଆଧାରରେ ଆପଣମାନେ ଆଜି ଏଠାରେ ପଦାର୍ପଣ କରିଛନ୍ତି। ଆପଣ ଯୋଗ ଦେଇଥିବା ସଂସ୍ଥା ସେଲ କେବଳ ଏକ ନିଯୁକ୍ତିଦାତା ନୁହେଁ ବରଂ ଏକା ଏକ ବଡ ପରିବାର ଯାହା ପିଢୀ ପରେ ପିଢୀ ଏହାର ଲୋକଙ୍କ ସହ ଅତୁଳନୀୟ ବନ୍ଧନ ସୃଷ୍ଟି କରେ। ପରେ ଭୌମିକ ନୂତନ ସଦସ୍ୟମାନଙ୍କୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ହେବାକୁ ଏବଂ କମ୍ପାନୀର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତିକୁ ବଜାୟ ରଖିବା ନେଇ ନବ ନିଯୁକ୍ତ କର୍ମଚାରୀମାନଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ପରେ ତରୁଣ ମିଶ୍ର ନବ ନିଯୁକ୍ତ କର୍ମଚାରୀମାନଙ୍କୁ ଦକ୍ଷତା ହାସଲ ଓ ବିକାଶ ମୁଖୀ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେବା ସହ ସମସ୍ତ ସ୍ଥାନରେ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ପାଳନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋକ ବର୍ମା ନବ ନିଯୁକ୍ତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇ ବିଫଳତାକୁ ଭୟ ନ କରି ନିର୍ଭିକ ଭାବେ ନୂତନ ଚିନ୍ତାଧାରାକୁ ଅଭିନୟ ଉପାୟରେ ସାଧନ କରିବାକୁ ପରାମର୍ଶ ଦେଇଥିଲେ। ଏ.କେ ବେହୁରୀଆ ଆହ୍ୱାନ ଗୁଡିକ ଗ୍ରହଣ କରି ଓ ଆରାମ ଦାୟକ ପରିସରରୁ ଉର୍ଦ୍ଧ୍ୱକୁ ଯିବା ପାଇଁ ଉତ୍ସାହିତ କରିବା ସହ ନେତୃତ୍ୱ ଦକ୍ଷତା ବିକାଶ ଓ ଭବିଷ୍ୟତରେ ନେତୃତ୍ୱଧାରୀ ହେବାକୁ ପ୍ରଚେଷ୍ଟା କରିବା ପାଇଁ ପରାମର୍ଶ ଦେଇଥିଲେ। ଓସିଟିଟି ସୁଶ୍ରୀ ଆୟୁଷୀ କୁମାରୀ, ଏସିଟିଟି ମହେନ୍ଦ୍ର ମହାନ୍ତ ଏବଂ ଓସିଟିଟି ସୌରଭ କୁମାର ଆରଏସପିରେ ଯୋଗଦେବା ପରିପ୍ରେକ୍ଷୀରେ ସେମାନଙ୍କ ଅଭିଜ୍ଞତା ଓ ଉତ୍ସାହ ବିଷୟରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଏଚଆର ଏଲ ଏଣ୍ଡ ଡି ବିଭାଗର ଜିଏମ ଏଚ.ପତି ସମାବେଶକୁ ସ୍ୱାଗତ ଜଣାଇଥିଲେ। ଏଚଆର ଏଲ ଏଣ୍ଡ ଡି ବିଭାଗର ଏଜିଏମ ସମ୍ପଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଚଆଇଏଲଏଣ୍ଡ ଡି ବିଭାଗ ଡେପୁଟି ମ୍ୟାନେଜର ସୁକୁଲା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



## ସଂକ୍ଷେପରେ

### ସୋମନାଥ ବାବା ମନ୍ଦିରହୁଣ୍ଡି ଚୋରି ଘଟଣା, ଅଭିଯୁକ୍ତ ଗିରଫ

**ନଗଦ ଟଙ୍କା ଉଦ୍ଧାର, ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ**



ହୁଣ୍ଡି ଚୋରି ଘଟଣାର ଗିରଫ ଅଭିଯୁକ୍ତ।

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**

ସମ୍ବଲପୁର ବାଲିବନ୍ଧାସ୍ଥିତ ସୋମନାଥ ବାବାଙ୍କ ମନ୍ଦିରରୁ ଗତ ଅକ୍ଟୋବର ୨୦ରେ ହୁଣ୍ଡି(ଦାନବାକ୍ସ) ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟାଉନଥାନା ରାମଜୀଗୁଡ଼ିପଡ଼ାର ଶିବ ବରିହା ଓରଫ କଁଏରୁ(୧୯)। ତାଙ୍କଠାରୁ ହୁଣ୍ଡିରୁ ଚୋରି ନଗଦ ୫୮୧୦ ଟଙ୍କା ସହିତ ଚୋରିରେ ବ୍ୟବହୃତ ଗୋଟିଏ ବିଡ଼ା ତାର, ଗୋଟିଏ ଭଙ୍ଗା ତାଲା, ୫୮ ଇଞ୍ଚ ଲମ୍ବ ବିଶିଷ୍ଟ ଲୁହାଛଡ଼ ଓ ଗୋଟିଏ ଲୁହାଛଡ଼ ଡାଏକୁ ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦ ତାରିଖ ମନ୍ଦିର ହୁଣ୍ଡିରୁ ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଦୀପ କୁମାର ପ୍ରଧାନ ଟାଉନ ଥାନାରେ ଏତଲା ଦେଇଥିଲେ। ସକାଳୁ ପୂଜକ ଆସି ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଏଥିରେ ଥିବା ଟଙ୍କାକୁ ଚୋରି କରି ନେଇଥିବା ଦେଖି ପରିଚାଳନା କମିଟିକୁ ଜଣାଇଥିଲେ। କିମିଟି ସଦସ୍ୟଙ୍କଠାରୁ ଖବର ପାଇ ଟାଉନ ଥାନାରେ ଏକ ମାମଲା(୪୩୯/୨୪)ରୁଜୁ କରି ପୋଲିସ ତଦନ୍ତ କରିଥିଲା। ତଦନ୍ତ ବେଳେ ନିକଟସ୍ଥ ସିସିଟିଭି କ୍ୟାମେରା ଫୁଟେଜ ଓ ଅନ୍ୟ ତଥ୍ୟ ଆଧାରରେ ବୁଧବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ପଥ ଉତ୍ସବ, ୱାକାଥନ୍ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୨୩।୧୦ (ଭବାନୀ ଶଙ୍କର ଭୋଇ)**

ଆସନ୍ତା ୨୯ ତାରିଖରେ ସମ୍ବଲପୁର ଜିଲା ନିର୍ବାଚନ ଆୟୋଗ ତରଫରୁ ହେବାକୁଥିବା ପଥ ଉତ୍ସବ ଓ ୱାକାଥନ୍ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍କୁଲଠାରୁ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପର୍ଯ୍ୟନ୍ତ ଏହି ୱାକାଥନ୍ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ୨୫୦ରୁ ୩୦୦ ଜଣ କଳାକାର ଅଂଶଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ୱାକଥନ୍‌ରେ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ଲୋକ ନୃତ୍ୟ, ମାର୍ଶଲ ଆର୍ଟ, ଷ୍ଟ୍ରିଟ୍ ପ୍ଲେ, ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯିବ।

# କାରଖାନା ପାଉଁଶ ପକାଇବାକୁ ବିରୋଧ

- କବରାପାଲି, ବାହାମ ପଞ୍ଚାୟତ ବାସୀଙ୍କ ଜିଲାପାଳଙ୍କୁ ଦାବିପତ୍ର
- ପୂର୍ବ ଘୋଷିତ ମାର୍କେଟ ଟର୍ମିନାଲ ସହ ଦ୍ୱିତିୟ ଏମ୍‌ସ ନିର୍ମାଣ ଦାବି

**ସମ୍ବଲପୁର,୨୩।୧୦(ଭବାନୀ ଶଙ୍କର ଭୋଇ)**



ଜିଲାପାଳଙ୍କୁ କବରାପାଲି ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କବରାପାଲି ପଞ୍ଚାୟତରେ କାରଖାନା ପାଉଁଶ ପକାଇବା ବିରୋଧରେ ଲୋକଙ୍କ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର ଏନେଇ କବରାପାଲି ଏବଂ ବାହାମ ପଞ୍ଚାୟତର ସରପଞ୍ଚ ପୃଥକ ଭାବେ ଜିଲାପାଳଙ୍କୁ ବିରୋଧପତ୍ର ପ୍ରଦାନ କରିଛନ୍ତି। କିଛି ଦିନ ତଳେ ଯୁଯୋମୁରା ତହସିଲଦାର ନୀଲଡୁଙ୍ଗୁରି ଯାଇ ଅଭିଯୋଗର ତଦନ୍ତ କରିବା ସହ ଲୋକଙ୍କ ମତାମତ ଲିଖିତ ଭାବେ ପ୍ରଶାସନକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର କବରାପାଲି ପଞ୍ଚାୟତ ସମିତି ସଭ୍ୟା ବନିତା ଓରାମଙ୍କ ନେତୃତ୍ୱରେ କୁଟୁରାଯୋରୀ, କବରାପାଲି, ନୀଲଡୁଙ୍ଗୁରୀ ଆଦି ଗ୍ରାମରୁ ମହିଳା ଏବଂ ପୁରୁଷମାନେ ଜିଲାପାଳଙ୍କୁ ଭେଟି ପାଉଁଶ ପକାଇବା ନେଇ ଲୋକଙ୍କ ଦସ୍ତଖତ ସମ୍ବଳିତ ପ୍ରତିବାଦ ପତ୍ର ପ୍ରଦାନ କରିଥିଲେ। ପାଉଁଶ ପକାଯିବାକୁ ଥିବା ସ୍ଥାନ ନିକଟରେ ଚାଷ ଜମି ଥିବାରୁ ସେମାନଙ୍କ ଚାଷ ପ୍ରଭାବିତ ହେବା ନେଇ ଲୋକେ ଆଶଙ୍କା ପ୍ରକାଶ କରିଥିଲେ। କାରଖାନା ପାଉଁଶ ପକାଗଲେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି ହେବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଥିଲେ। ପାଉଁଶ ପକାଇବା ପାଇଁ ଚିହ୍ନଟ ସ୍ଥାନରେ ରହିଥିବା ଗାଡିଆରୁ ପାଣି ଅଭାବ ହେଲେ ଚାଷ ପାଇଁ ଜଳସେଚନ କରାଯାଉଥିବା କହିଥିଲେ। ପାଉଁଶ ପକାଗଲେ ସେହି ଗାଡିଆ ପୋତି ହୋଇ ଚାଷ ପ୍ରଭାବିତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ନୀଲଡୁଙ୍ଗୁରିରେ ପାଉଁଶ ପକାଯିବାକୁ ଦୃଢ ବିରୋଧ କରିବା ସହ ସେହି ସରକାରୀ ଜମିରେ ପ୍ରଥମେ ମାର୍କେଟ ଟର୍ମିନାଲ ନିର୍ମାଣ କରିବାକୁ ଦାବି କରିଥିଲେ। ଏହାପରେ ବଳକା ଜମିରେ ସ୍ଥାନୀୟ ଲୋକଙ୍କ ସହ ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପାଇଁ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ କରିବାକୁ ଲୋକେ ଦାବି କରିଥିଲେ୍। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ପଞ୍ଚାନନ ବାଡା, ମୀନା ଖଡିଆ, ଦିପାଞ୍ଜଳି ଯୌଡା, ରୀତା ଯୌଡା, ରୀନା ଟେଟେ, ମୀନା ଖଡିଆ, ଉପମା ଯୌଡା, ରୁପାନୀ ଯୌଡା ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ବାହାମ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ନେତୃତ୍ୱରେ ପଞ୍ଚାୟତ ପକ୍ଷରୁ ମଧ୍ୟ ଜିଲାପାଳଙ୍କୁ ନୀଲଡୁଙ୍ଗୁରିରେ କାରଖାନା ପାଉଁଶ ପକାଇବାକୁ ତୀବ୍ର ବିରୋଧ କରାଯାଇଛି। ସରପଞ୍ଚଙ୍କ ସହ ପାଉଁଶ ଯୋଗୁ କ୍ଷତିଗ୍ରସ୍ତ ପରିବାରମାନେ ଉପସ୍ଥିତ ଥିଲେ। ବାହାମ ସରପଞ୍ଚ ମଧ୍ୟ ନୀଳଡୁଙ୍ଗୁରିରେ ଦ୍ୱିତୀୟ ଏମ୍ସ ସ୍ଥାପନ ଦାବି କରିଛନ୍ତି।

# ସରପଞ୍ଚଙ୍କ ବିରୋଧରେ ଏତଲା ଦେଲେ ପ୍ରଧାନଶିକ୍ଷୟିତ୍ରୀ

**ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ତଦନ୍ତ**

**ସମ୍ବଲପୁର,୨୩।୧୦(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କବରାପାଲି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ସଦର ଥାନାରେ ଏତଲା ଦେଇଛନ୍ତି କବରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା। ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ବୁଧବାର ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ସଦର ଥାନାରେ ଦଫା ୪୪୭, ୨୯୪ ଏବଂ ୫୦୭ ଦଫାରେ ଏକ ମାମଲା(ନଂ.୨୮୦/୨୪) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି। ସଦର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ମଙ୍ଗଳବାର ଅପରାହ୍ଣ ୩ଟା ୨୫ରେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ସରପଞ୍ଚ ପ୍ରଧାନ ତାଙ୍କୁ ଫୋନ କରିଥିଲେ। ଆପଣଙ୍କ ଅଭିଯୋଗ ପରେ ମୋର ନଳକୂପ ବିଲ୍ ହେଉନାହିଁ ବୋଲି କହିଥିଲେ। ପରେ ଅଧିକ କ୍ରୋଧିତ ହୋଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଧମକପୂର୍ଣ୍ଣ ଭାଷାରେ ନିଜେ ଏଠାରୁ ବଦଳି ହୋଇ ଯାଆନ୍ତୁ, ନହେଲେ ପରିଣତି ଭଲ ହେବନାହିଁ ବୋଲି କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି ତାଙ୍କ ବିନା ଅନୁମତିରେ ଛୁଟି ଦିନରେ ସ୍କୁଲ ମୁଖ୍ୟଦ୍ୱାର ଭାଙ୍ଗି ୩ଲକ୍ଷ ଟଙ୍କା ବ୍ୟୟରେ ନଳକୂପ ଖୋଳାଯାଇଥିଲା। ହେଲେ ଉକ୍ତ ନଳକୂପ ଛାତ୍ରାବାସ ପାଇଁ ବ୍ୟବହାର ଉପଯୋଗୀ ହୋଇପାରି ନ ଥିଲା। ଫଳରେ ସେ ଏନେଇ ବିଡିଓଙ୍କୁ ଜଣାଇଥିଲେ। ଏହା ପରେ ସରପଞ୍ଚ ତାଙ୍କୁ ଏ ନେଇ ପ୍ରଶ୍ନ କରିବା ସହ ଧମକ ଦେଇଥିଲେ। ଏଥିପୂର୍ବରୁ ବିଦ୍ୟାଳୟରେ ୫-ଟି କାମ ସମୟରେ ମଧ୍ୟ ଅନିୟମିତତା ହେବା ନେଇ ସେ କହିବା ପରେ ବିରୋଧରେ ସମ୍ମୁଖୀନ ହୋଇଥିଲେ। ମାନସିକ ପ୍ରତାରଣା ସହିବା ଶେଷ ସୀମାରେ ପହଞ୍ଚିବା ପରେ ଶେଷରେ ସେ ବିଦ୍ୟାଳୟ ପରିଚାଳନା କମିଟିକୁ ଜଣାଇ ଥାନାର ଦ୍ୱାରସ୍ଥ ହୋଇଥିବା ପ୍ରଧାନଶିକ୍ଷୟିତ୍ରୀ ବେହେରା କହିଛନ୍ତି। ଅଭିଯୋଗର ପ୍ରମାଣ ସ୍ୱରୂପ ଗାଳିଗୁଲଜର ଅଡ଼ିଓ କ୍ଲିପ ସେ ଥାନାରେ ଦାଖଲ କରିଛନ୍ତି। ଏବେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିବା ନେଇ ସେ ସଦର ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। କେତେକ ରାଜନୈତିକ ବ୍ୟକ୍ତି ପ୍ରଧାନଶିକ୍ଷୟିତ୍ରୀଙ୍କୁ କେସ ପ୍ରତ୍ୟାହାର କରିବାକୁ ଚାପ ପ୍ରୟୋଗ କରିଥିବା ନେଇ ଅଭିଯୋଗ ହୋଇଛି। ତେବେ ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ହେବା ପରେ ଅପରାହ୍ନରେ ସଦର ଏସ୍‌ଡିପିଓ ବାଗ ସଦର ଥାନାରେ ପହଞ୍ଚି ଏଥିରେ ହସ୍ତକ୍ଷେପ କରିଥିଲେ। ଏସ୍‌ଡିପିଓ ବାଗ କହିଛନ୍ତି, ସରପଞ୍ଚଙ୍କୁ ନୋଟିସ୍ କରି ଗୁରୁବାର ପଚରାଉଚରା ପାଇଁ ଡକାଯାଇଛି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରାଯାଉଥିବା ନେଇ ସେ ସୂଚନା ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ସରପଞ୍ଚ ପ୍ରଧାନଙ୍କୁ ତାଙ୍କ ମୋବାଇଲ ନଂ ୬୩୭୨୬୯୮୫୪୭ରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ମଧ୍ୟ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ସପ୍ତାହ ବ୍ୟାପୀ ଭାଗବତ କଥାମୃତ

**ସମ୍ବଲପୁର,୨୩।୧୦(ବି.ଶଙ୍କର)**

ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ଝାଡୁଆପଡାର ଆରଣ୍ୟକ ମଞ୍ଚରେ ଆରମ୍ଭ ହୋଇଛି ଭାଗବତ କଥାମୃତ କାର୍ଯ୍ୟକ୍ରମ। ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ପୁରୀର ସରୋଜିନୀ ଦେବୀ ପ୍ରତ୍ୟେହ ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ଉପରେ ପ୍ରବଚନ ଦେଉଛନ୍ତି । ପଣ୍ଡିତ ବ୍ୟାସଦେବ ପଣ୍ଡାଙ୍କ ବେଦ ମନ୍ତ୍ରୋଚ୍ଚାରଣ ମଧ୍ୟରେ କଥାମୃତ ଶୁଭାରମ୍ଭ ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ବିଶ୍ୱାମ୍ ଚେତନା ପରିଷଦ ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।

# ସଂକୀର୍ତ୍ତନ ଏକ ପବିତ୍ର, ବିଦଗ୍ଧ କଳା



ସାଙ୍ଗଠନିକ ବୈଠକରେ ଅତିଥି ଓ କର୍ମକର୍ତ୍ତାମାନେ।

**ସମ୍ବଲପୁର,୨୩।୧୦(ବି.ଶଙ୍କର)**

**ସଂକୀର୍ତ୍ତନରେ ଅଶ୍ଳୀଳତାକୁ ବାଦ ଦିଆଯାଉ**

ସଂକୀର୍ତ୍ତନ ଏକ ପବିତ୍ର ଓ ବିଦଗ୍ଧ କଳା। ଏହି ପବିତ୍ର ଓ ବିଦଗ୍ଧ କଳାରେ ଅଶ୍ଳୀଳତାକୁ ପ୍ରଶୟ ଦେବା ଗୁରୁତର ଅପରାଧ ବୋଲି ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ସାଙ୍ଗଠନିକ ବୈଠକରେ ମତପ୍ରକାଶ ପାଇଛି। ପରିଷଦ ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରସ୍ଥିତ ପ୍ରେସ ଭବନରେ ଏକ ବୈଠକ ହୋଇଥିଲା । କୀର୍ତ୍ତନ ମନୋରଞ୍ଜନ ଆଉ ଜୀବିକାର ମାଧ୍ୟମ ନ ହେଉ । ଏଥିସହ କୌଣସି କଳାକାର କୀର୍ତ୍ତନ ପରିବେଷଣ ସମୟରେ ମାଦକ ଦ୍ରବ୍ୟ ସେବନ ନ କରିବାକୁ ବୈଠକରେ ପରିଷଦର ସାଙ୍ଗଠନିକ କର୍ମକର୍ତ୍ତମାନେ ଆଲୋଚନା ମାଧ୍ୟରେ ପରାମର୍ଶ ଦେଇଛନ୍ତି। ବରଗଡ଼ର ବରିଷ୍ଠ କୀର୍ତ୍ତନ ଗାୟକ ରାଜେନ୍ଦ୍ର ବେହେରା, ଲଳିତ ଭୋଇ, ପ୍ରମୋଦ ଦାଶ, ବଲାଙ୍ଗୀରର ସମାଜିକକର୍ମୀ ଶ୍ରୀକାର ମିଶ୍ର ଓ ଭରତ ସାହୁ, ସୁବର୍ଣ୍ଣପୁର ଜିଲାର ଦାମୋଦର ମେହେର, ଅରକ୍ଷୀତ ସାହୁ ଏବଂ ସବିତା ପାଣିଗ୍ରାହୀ, କଳାହାଣ୍ଡିର ଧନଞ୍ଜୟ ବାରିକ, ସୁନ୍ଦରଗଡ଼ର ଲିଙ୍ଗରାଜ ନାଏକ ଏବଂ ସମ୍ବଲପୁରର ଦିଲ୍ଲୀପ ବଡ଼େଇ ଯୋଗଦେଇ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଙ୍ଗଠନକୁ ଦୃଢ କରାଯିବା ସପକ୍ଷରେ ମତ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ବଲପୁର ଜିଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲା ସିଲଟି ଗାଁର କୀର୍ତ୍ତନ କଳାକାର ଭୁବନେଶ୍ୱର ସାହୁ ଏବଂ ପରିଷଦର ଅନ୍ୟତମ ଉପଦେଷ୍ଟା ପ୍ରହଲ୍ଲାଦ ହୋତାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଯୁଗ୍ମ ସମ୍ପାଦକ ମାନଭଞ୍ଜନ ନାଏକଙ୍କ ସମେତ ୧୧ଟି ଜିଲାର କୀର୍ତ୍ତନ କଳାକାର ଯୋଗ ଦେଇଥିଲେ।

# ଅର୍ଥନୀତି ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**

**'ବିକଶିତ ଭାରତ ପାଇଁ ଆର୍ଥିକ କୂଟନୀତି' ଶୀର୍ଷକ ଆଲୋଚନାଚକ୍ର**

ବିଶ୍ୱ ଅର୍ଥନୀତି ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତିଟି କ୍ଷେତ୍ରରେ ଭାରତର ଯୁବ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି। ସମ୍ବଲପୁର ପ୍ରେସ୍‌କ୍ଲବ ପକ୍ଷରୁ ବୁଧବାର ଆୟୋଜିତ 'ମିଟ୍-ଦି ପ୍ରେସ୍' କାର୍ଯ୍ୟକ୍ରମ ଅନ୍ତର୍ଗତ 'ବିକଶିତ ଭାରତ ପାଇଁ ଆର୍ଥିକ କୁଟନୀତି' ଶୀର୍ଷକ ଆଲୋଚନା ଚକ୍ରରେ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ବିଦେଶ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ (କେନ୍ଦ୍ରୀୟ ୟୁରୋପ) ଅରୁଣ କୁମାର ସାହୁ ଏହା କହିଛନ୍ତି। ଅଇଁଠାପାଲିସ୍ଥିତ ପ୍ରେସ୍‌କ୍ଲବ ସମ୍ମିଳନୀ କକ୍ଷରେ କ୍ଲବର ସଭାପତି ବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକଶିତ ଭାରତର ସଜ୍ଞାକୁ ନେଇ ସେ ତାଙ୍କର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ସେ କହିଲେ ରାଷ୍ଟ୍ର ହିତ ହେଉଛି ପ୍ରତ୍ୟେକ କୁଟନୀତିଜ୍ଞଙ୍କ ପାଇଁ ପ୍ରାଥମିକତା। ବିଦେଶୀ ରାଷ୍ଟ୍ର ସମୂହଙ୍କ ସହ ସମ୍ପର୍କ ସୁଦୃଢ଼ କରିବାରେ କୁଟନୀତିଜ୍ଞଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଗତ କିଛିବର୍ଷ ମଧ୍ୟରେ ବିଦେଶରେ ଭାରତୀୟ କୁଟନୀତିଜ୍ଞଙ୍କ ସମ୍ମାନ ବୃଦ୍ଧି ପାଇଛି, ଯାହା ଭାରତର ଅର୍ଥନୈତିକ ଓ ସମାଜିକ ସ୍ଥିତି ଉନ୍ନତିକୁ ପ୍ରମାଣିତ କରିଛି ବୋଲି ସେ କହିଥିଲେ। ପ୍ରେସ୍‌କ୍ଲବ ପକ୍ଷରୁ ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ହେମନ୍ତ କୁମାର ମାହାପତ୍ର, ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅତିଥି ସାହୁଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରେସ୍ କ୍ଲବ ସଭାପତି ଅତିଥି ପରିଚୟ ଓ ଖବରଦାତା କିଶୋର କୁମାର ସାହୁ ସ୍ୱାଗଗ ଭାଷଣ ଦେଇଥିଲେ। ଶେଷରେ ଖବରଦାତା ଜୁଷ୍ମନ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

# କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

**ସମ୍ବଲପୁର,୨୩।୧୦(ବି.ଶଙ୍କର)**



କୃତୀ କଳାକାରଙ୍କ ସହ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର।

ଆନ୍ତଃରାଷ୍ଟ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସମ୍ବଲପୁର ହୀରାକୁଦସ୍ଥିତ ଜିଗ୍ ଜାଗ-ଦ ବର୍ଣ୍ଣ ଅଫ ଆର୍ଟ କଳାକାରମାନଙ୍କୁ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ। ନୃତ୍ୟଶିଳ୍ପୀ ନନ୍ଦିନୀ ପଣ୍ଡା, ଅନନ୍ୟା ପାତ୍ର, ଡି ବନସ୍ମିତା ସାହୁ, ସ୍ୱୟଂପ୍ରଭା ମିଶ୍ର, ଖୁସି ଚୌଧୁରୀ ଓ ଅନୁଷା ପାତ୍ରଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଦିଲ୍ଲୀସ୍ଥିତ ଡିଆଇଇଇଏଫ ଇଣ୍ଡିଆ ପକ୍ଷରୁ ଦିଲ୍ଲୀ ହାଟ ଆଇଏନ୍‌ଏଠାରେ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା। ଏଥିରେ ଦେଶର ପ୍ରତିଯୋଗୀଙ୍କ ସମେତ ମାଲେସିଆ, ଇରାନ ଓ ୟୁକ୍ରେନର ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ । ଏଥିରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ଜିଗ ଜାଗ-ଦ ବର୍ଣ୍ଣ ଅଫ ଆର୍ଟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ମଙ୍ଗଳବାର ପ୍ରତିଯୋଗୀତାର ଫାଇନାଲ ରାଉଣ୍ଡ ହୋଇଥିଲା।

# ଆଇପିଏସ୍, ସେଭେନ୍ ହିଲ ସ୍କୁଲ ବିଜୟୀ

**ସମ୍ବଲପୁର,୨୩।୧୦(ବି.ଶଙ୍କର)**

**ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ**

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ ଆଇପିଏସ ଏବଂ ସେଭେନ ହିଲ ଦଳ ବିଜୟୀ ହୋଇଛନ୍ତି। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କାଇଁଶିର ଖେଳ ପଡିଆଠାରେ ପ୍ରଥମ ମ୍ୟାଚ ଇଣ୍ଡିଆନ ପବ୍ଲିକ ସ୍କୁଲ (ଆଇପିଏସ) ବନାମ ବୁଢ଼ାରଜା ସରକାରୀ ହାଇସ୍କୁଲ ମଧ୍ୟରେ ହୋଇଥିଲା। ଆଇପିଏସ ଦଳ ୫-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସେଭେନ ହିଲ ସ୍କୁଲ ବନାମ ମଦନାବତୀ ପବ୍ଲିକ ସ୍କୁଲ ମଧ୍ୟରେ ହୋଇଥିଲା। ସୋଭନ ହିଲ ଦଳ ୧-୦ ଗୋଲରେ ବିଜୟୀ ଥିଲା। ବର୍ଷିୟାନ କ୍ରୀଡା ସଂଘ ସାଧରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ଗୋକୁଲମ୍‌ଚନ୍ଦ୍ର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ବଲପୁର ସିଂହପାଲି କିସାନ କ୍ଲବ ସଭାପତି ସୁରେଶ ଓରାମ ମୁଖ୍ୟ ଅତିଥି ଏବଂ ନିର୍ମଳ ଦାସ ଓ ଜିଲା ସନ୍ତରଣ ସଂଘ ସଭାପତି ଅକ୍ଷୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

# ଯୋଗଦେଲେ ୭୦ ପ୍ରତିଯୋଗୀ

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**



କଳାଉତ୍ସବରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

**ସମ୍ବଲପୁର ଜିଲାସ୍ତରୀୟ କଳା ଉତ୍ସବ**

ସମ୍ବଲପୁର ସମଗ୍ରଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ମନମୋହନ ପ୍ରେକ୍ଷାଳୟରେ ବୁଧବାର ଜିଲାସ୍ତରୀୟ କଳା ଉତ୍ସବ-୨୪ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନ ସମାରୋହରେ ଜିଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଲ ମୁଖ୍ୟଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱୟଂ ଅଧ୍ୟବସାୟ, ଅଦମ୍ୟ ଇଚ୍ଛାଶକ୍ତି ତଥା ଅନ୍ତର୍ନିହିତ ପ୍ରତିଭା ବଳରେ ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିବାପାଇଁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଅନ୍ୟତମ ଅତିଥିଭାବେ ଯୋଗଦେଇ ଏହି ଅନବଦ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କଳାସଂସ୍କୃତି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରବର୍ତ୍ତୀ ପିଢ଼ୀକୁ ସଞ୍ଚାରିତ କରାଯାଇ ପାରିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଲେଡିଲୁଇସ୍ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା ଓ ବୁର୍ଲା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କରନ ଶର୍ମା କାର୍ଯ୍ୟକ୍ରମ ମଞ୍ଚାସୀନ ଥିଲେ। ସମଗ୍ରଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକସ୍ତରରୁ ୭୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ, କଣ୍ଠସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ, ରଙ୍ଗମଞ୍ଚ, ପାରମ୍ପରିକ ଗଳ୍ପ କଥନ ଆଦି ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଗଣ ବରଗଡ଼ଠାରେ ହେବାକୁ ଥିବା କ୍ଷେତ୍ରୀୟ କଳା ଉତ୍ସବରେ ଜିଲାକୁ ପ୍ରତିନିଧିତ୍ୱ କରିବେ। ଜିଲା ଆଦିବାସୀ ଶିକ୍ଷା ସଂଯୋଜିକା ଅନୁପମା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମଗ୍ର କାର୍ଯ୍ୟକ୍ରମ ଆୟୋଜନରେ ବରିଷ୍ଠ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ପୁଷ୍ପଲତା ରାଉତରାୟ, ସୁଚିସ୍ମିତା ସାହୁ, ଚିତ୍ତରଞ୍ଜନ ଗଡ଼ତିଆ, ରଶ୍ମିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଅସୀମ ପ୍ରଧାନ, ଦେବସ୍ମିତା ରାଉତ ଓ ଅବିନାଶ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବୁଦ୍ଧଦେବ



@ ହରେକୃଷ୍ଣ



@ ରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ଭବାନୀପାଟଣା, ୨୩।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଛତିଶଗଡ଼ ରାଜ୍ୟ ସୁକ୍‌ମା ଅଞ୍ଚଳର ଦେବୀ ସୋରୀ ଓରଫ ଗୀତା। ଏ ନେଇ ବୁଧବାର ଅପରାହ୍ନରେ ଭବାନୀପାଟଣାସ୍ଥିତ କଳାହାଣ୍ଡି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଗୀତା ୨୦୧୮ରେ ଦୁର୍ଦ୍ଧାନ୍ତ ମାଓବାଦୀ କମାଣ୍ଡର ହିଡମାଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ଚିତ୍ରନାଟ୍ୟ ମଣ୍ଡଳୀରେ ସାମିଲ ହୋଇଥିଲେ। ପରେ ମାଓବାଦୀଙ୍କ ଏରିଆ କମାଣ୍ଡର କମଳା ସହିତ ସାକ୍ଷାତ



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ। ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି।

ହୋଇ ସଙ୍ଗଠନରେ ସାମିଲହୋଇ କାମ କରି ଆସୁଥିଲେ। ୨୦୨୨ରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼ ଡିଭିଜନ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ଏହି ସମୟରେ ଲାଲବାହିନୀର ମିଲିଟାରି ଗ୍ରୁପ୍‌ରେ ରହି ସମସ୍ତଙ୍କ ଚିକିତ୍ସା ସେବା କରିଆସୁଥିଲେ। ସେହିପରି ଭିନ୍ନ ଭିନ୍ନ ୫ଟି ଗୁଳି ବିନିମୟ ଘଟଣାରେ ମଧ୍ୟ ତାଙ୍କର ସମ୍ପୃକ୍ତି ଥିବା ନେଇ ଡିଆଇଜି ନୀତିଶେଖର ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜୀ ଉପସ୍ଥିତ ଥିଲେ।

## ବାର୍‌ହା ଶିକାର ପାଇଁ ଫାଶ ବସାଇବା ଘଟଣାରେ ଜଣେ ଗିରଫ

**କୁଚିଣ୍ଡା, ୨୩।୧୦(ବିରଞ୍ଚି ଦର୍ଲା)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନର କୁଚିଣ୍ଡା ରେଞ୍ଜ ଅଧିନ ମହୁଲପାଲି ସେକ୍ସନ ବେତଝରନ ବିଟ ଅଞ୍ଚଳର ଜଙ୍ଗଲରେ ବାର୍‌ହା ଶିକାର ପାଇଁ ଜୀବନ୍ତ ବିଦ୍ୟୁତ୍ ଫାସ ବସାଇବା ଘଟଣାରେ ବନ ବିଭାଗ ଆଉ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମହୁଲପାଲି ଥାନା କନ୍ଧକୁଲେଇ ବଖେରକାନିର ପ୍ରଫୁଲ୍ଲ ଗୌଡ। କୁଚିଣ୍ଡା ରେଞ୍ଜର ଲେଖାରାଣି ମହାନନ୍ଦଙ୍କ ତତ୍ତ୍ୱାବଧାନରେ ବନବିଭାଗ ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବେତଝରନ ବିଟ ଅଞ୍ଚଳର ଜଙ୍ଗଲରେ ବାର୍‌ହା ଶିକାର ପାଇଁ ଦୁର୍ବୃତ୍ତମାନେ ଅଗଷ୍ଟ ୭ତାରିଖ ରାତିରେ ତାର ବିଛାଇ କରେଣ୍ଟ ସଂଯୋଗ କରିଥିଲେ। ୮ତାରିଖ ସକାଳେ ଏହି ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶିବାଜୀ ମାଝି ନାମକ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଏହା ପିଆର ୧୦୯କୁ ରୂପାନ୍ତର କରାଯାଇ ପ୍ରଫୁଲ୍ଲଙ୍କୁ ଗିରଫ କରିଥିଲା।ତାଙ୍କୁ ରିମାଣ୍ଡରେ ଆଣାଯାଇ ଘଟଣାରେ ଜଡିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ରେଞ୍ଜର ମହାନନ୍ଦ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ବନବିଭାଗ ଏକ ଟିମ ଗଠନ କରିଥିଲା। ଚଢାଉରେ ଫରେଷ୍ଟର ଦୁଷ୍ମନ୍ତ ଖର୍ସେଲ ଓ ଚୂଡାମଣି ନାଏକ, ଫରେଷ୍ଟ ଗାର୍ଡ ସୀମା କଉଡି ଓ ଝସକେତନ ପୃଷ୍ଟେଠ ସାମିଲ ଥିଲେ।

## ଛେଳି ଚୋରି ଅଭିଯୋଗ, ଆଉ ଜଣେ ଗିରଫ

**କୁଚିଣ୍ଡା, ୨୩।୧୦(ବିରଞ୍ଚି ଦର୍ଲା)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଝାରମାଲ ଗ୍ରାମରୁ ଛେଳି ଚୋରି ଅଭିଯୋଗରେ ଆଉ ଜଣଙ୍କୁ ପୋଲିସ ଗିରଫ କରିଛି।ସେ ହେଲେ ସାନଜଟିଆପାଲି ଗ୍ରାମର ରୋଶନ ପଟେଲ(୨୪)। ତାଙ୍କ ନିକଟରୁ ଏକ ନମ୍ବର ବିହୀନ ବାଇକ ଜବତ ହୋଇଛି। ଏହି ଘଟଣାରେ ପୂର୍ବରୁ ସାନଜଟିଆପାଲି ଗ୍ରାମର ବିକାଶ ବଡେଇ (୨୭)ଙ୍କୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ, ଅଗଷ୍ଟ ୧୪ତାରିଖରେ କୁଚିଣ୍ଡା ବ୍ଲକ ତଥା ମହୁଲପାଲି ଥାନା ଅନ୍ତର୍ଗତ ଝାରମାଲ ଗ୍ରାମର କୁମୁଦ ବରଙ୍କ ଘରୁ ବିକାଶ ବଡେଇ ଓ ରୋଶନ ପଟେଲ ଏକ ଛେଳି ଚୋରି କରି ବାଇକରେ ଲଦି ଫେରାର ହୋଇଯାଇଥିଲେ। କୁମୁଦ ଏ ନେଇ ଥାନାରେ ଏତଲା ଦେଇଥିଲେ। ଘଟଣା ଦିନ ପୋଲିସ ବିକାଶଙ୍କୁ ଗିରଫ କରିଥିବା ବେଳେ ରୋଶନ ଫେରାର ଥିଲେ। ଏ ନେଇ ଥାନାରେ ଦଫା ୩୦୩(୨)/୩(୫) ବିଏନଏସ (ନଂ.୧୩୫/୨୪)ରେ ଏକ ମାମଲା ରୁଜୁ ହୋଇଥିଲା।

# ମହଙ୍ଗା ପଡ଼ିଲା ଖଣି ଉପନିର୍ଦ୍ଦେଶକଙ୍କୁ ଆକ୍ରମଣ



କୋର୍ଟ ଚାଲାଣ ହୋଇଥିବା ୪ ହାଇୱା ଚାଳକ।

**ଭବାନୀପାଟଣା, ୨୩।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଖଣି ବିଭାଗ ଉପନିର୍ଦ୍ଦେଶକଙ୍କୁ ବାଲି ବୋଝେଇ ହାଇୱା ଚଢ଼ାଇ ହତ୍ୟା ଉଦ୍ୟମ ସହ ଆକ୍ରମଣ କରିବା ଅଭିଯୁକ୍ତଙ୍କ ପାଇଁ ମହଙ୍ଗା ପଡ଼ିଛି। ପୋଲିସ ଏଥିରେ ସମ୍ପୃକ୍ତ ୪ ଜଣ ଚାଳକଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୋହନ ସାହୁ (୨୨), ରମେଶ ମାଝି (୩୨), ନରେନ୍ଦ୍ର ଗୌଡ଼ (୩୧) ଓ ସୁରେନ୍ଦ୍ର ମେହେର (୩୨)। ଏମାନେ ସମସ୍ତେ କେସିଙ୍ଗା ଥାନା ଅଞ୍ଚଳର ବୋଲି ଜଣାପଡିଛି। ଅଭିଯୋଗ ଅନୁଯାୟୀ,

**୪ ହାଇୱା ଚାଳକ କୋର୍ଟ ଚାଲାଣ**

ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନିକଟରେ ୨ଟି ବାଲି ବୋଝେଇ ହାଇୱାକୁ ଖଣି ଉପନିର୍ଦ୍ଦେଶକ ବିଶ୍ୱନାଥ ସୋରେନ ଅଟକାଇଥିଲେ। ଏହି ସମୟରେ ହାଇୱା ୨ଟି ବିଶ୍ୱବିଦ୍ୟାଳୟ ନିକଟ ଛାତ୍ରୀନିବାସ ଆଡକୁ ମାଡି ଚାଲିଥିଲେ। ଖଣି ବିଭାଗ ବୋଲେରୋ (ନଂ.ଓଡି୦୮ଭି-୬୮୬୬) ଗୋଡାଇବାରୁ ହାଇୱା ୨ଟି ବୋଲେରୋ ଉପରେ ଚଢ଼ାଇବାକୁ ଉଦ୍ୟମ କରିଥିଲେ। ପରେ ବୋଲେରୋ ଚାଳକ କିଶୋର ବଛା ଓ ଖଣି ଉପନିର୍ଦ୍ଦେଶକ ସୋରେନଙ୍କୁ ହାଇୱା ଚାଳକ ୪ ଜଣ ମିଶି ଆକ୍ରମଣ କରିଥିଲେ। ଏ ନେଇ ୨ ହାଇୱା (ଓଡି ୦୮ଆର୍-୨୬୭୪) ଓ (ଓଡି୦୮ଆର୍-୨୬୧୪) ଏବଂ ଆକ୍ରମଣକାରୀ ଚାଳକଙ୍କ ବିରୋଧରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୪୩୦/୨୪)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଚୋରି ଅଳଙ୍କାର ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୩।୧୦(ପ୍ରମୋଦ ବହିଦାର)**

ହୀରାକୁଦ ସହର ମାଳିପଡ଼ାରେ ଥିବା ଏକ ଅଳଙ୍କାର ଦୋକାନରୁ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ହୀରାକୁଦ ଥାନା ପୋଲିସ। ଅଭିଯୁକ୍ତ ହୀରାକୁଦ ଖ୍ରୀଷ୍ଟିୟାନ ପଡ଼ାର ଆକାଶ ମହାନନ୍ଦ(୨୪)। ତାଙ୍କଠାରୁ ଚୋରି ଅଳଙ୍କାର ସହ ଅନ୍ୟ ସାମଗ୍ରୀକୁ ଉଦ୍ଧାର କରିଛି ପୋଲିସ। ଏ ସମ୍ପର୍କରେ ବୁଧବାର ହୀରାକୁଦ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅମିତ ମହାନ୍ତି ଏହି ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ ଗତ ଅକ୍ଟୋବର ୨୦ ତାରିଖ ସକାଳେ ହୀରାକୁଦ ନ୍ୟୁମାର୍କେଟ୍‌ର ବିଭୁରଞ୍ଜନ ସାହୁ ମାଳିପଡ଼ାରେ ଥିବା ତାଙ୍କ ସ୍ୱସ୍ତିକ ଜୁଏଲେରିରୁ ଚୋରି ହୋଇଥିବା

**ହୀରାକୁଦ ଅଳଙ୍କାର ଦୋକାନରୁ ଚୋରି ଘଟଣା**

ନେଇ ଏତଲା ଦେଇଥିଲେ। ପୂର୍ବରାତିରେ ସେ ସବୁଦିନ ଭଳି ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ଦୁର୍ବୃତ୍ତ ତାଲା ଭାଙ୍ଗି ଲୁଟ୍‌ପାଟ୍ କରିଥିବା କହିଥିଲେ। ଦୋକାନରେ ଥିବା ସମସ୍ତ ସୁନା ଓ ରୁପା ଗହଣା ଓ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା, ଯାହାର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ବିଭୁ ରଞ୍ଜନ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲା ଆଧାରରେ ହୀରାକୁଦ ଥାନାରେ ଏକ ମାମଲା(୩୧୬/୨୪)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଆକାଶ ମହାନନ୍ଦଙ୍କୁ ପୋଲିସ ଥାନାକୁ ଆଣି ଜେରା କରିଥିଲା। ଜେରା ବେଳେ ଅଭିଯୁକ୍ତ ଉକ୍ତ ଦୋକାନରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କ ସୂଚନା ଅନୁସାରେ ସେ ଲୁଚାଇ ରଖିଥିବା ଚୋରି ସୁନା ଓ ରୁପା ଗହଣାକୁ ପୋଲିସ ଜବତ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ୨୦ଟି ସୁନା ନାକଫୁଲ, ୨୦ ହଳ ରୂପା ପାଉଜି, ୫୦ଟି ଲେଖାଏ ରୁପାମୁଦି, ୧୪ଟି ରୁପା ଚୂଡ଼ି, ୩ଟି ରୂପା କଏନ୍, ୪ଟି ରୁପା ଅଣ୍ଟା ଲକେଟ୍, ଗୋଟିଏ ରୂପା ମୂର୍ତ୍ତି ମିଶି ପ୍ରାୟ ୧.୨୧୫ କିଲୋଗ୍ରାମର ରୁପା ସାମଗ୍ରୀ ଅନ୍ତର୍ଭୁକ୍ତ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାମରେ ହୀରାକୁଦ ସହ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା କହିଛନ୍ତି ଏସ୍‌ଡିପିଓ ମହାନ୍ତି।



ଜବତ ଚୋରି ସୁନା ଓ ରୁପା ଗହଣା ଓ ଅନ୍ୟ ସାମଗ୍ରୀ।

# ଧାନ ଫସଲ ଉଜାଡ଼ିଲେ ହାତୀପଲ



ଉପଦ୍ରବ ଚଳାଇଥିବା ହାତୀପଲ।

**ନାକଟୀଦେଉଳ, ୨୩।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହେବାମାତ୍ରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି କ୍ଷେତରେ ପଶି ପାଚିଲା ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବୁଧବାର ପାହାନ୍ତିଆରୁ ହାତୀପଲ ସରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କତରାପାଲି କୁଞ୍ଜବନ ଆଶ୍ରମ ନିକଟ ଧାନ କ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ହାତୀପଲରେ ଛୋଟ ବଡ଼ ୩୦ ହାତୀ ଥିବା ଗ୍ରାମବାସୀ କହିଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ମଦନ ସାହୁ, ନାରଦ ସାହୁ, ନିରଞ୍ଜନ ସାମଲ, ଲିଙ୍ଗରାଜ ପ୍ରଧାନ, ଗୌର ସାମଲ, ଗୌତମ ରାଉଳ, ଗଙ୍ଗା ମାଝୀ, ରତୁପର୍ଣ୍ଣ ରାଉଳ, ନାରାୟଣ ପୁରୋହିତ ପ୍ରମୁଖ ଚାଷୀଙ୍କ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ବନକର୍ମଚାରୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀପଲକୁ ଘଉଡ଼ାଇ ଥିଲେ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ମହିଳାଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୨।୧୦(ପ୍ରମୋଦ ବହିଦାର):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାହୁ କଲୋନୀରେ ସଂଘଟିତ ହତ୍ୟା ଘଟଣାର ଅଭିଯୁକ୍ତ ବରେଇପାଲି ଥାନା ଅନ୍ତର୍ଗତ ରାଣୀବଗିଚା ଥାନାପଡ଼ାର ପାନ ହରିପାଲ(୩୨)ଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ପାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ରହୁଥିବା ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ମୂଳବାସିନ୍ଦା ଲଳିତା ଦେବୀ(୩୬)ଙ୍କୁ ଛୁରି ଭୁସି ପାନ ହରିପାଲ ହତ୍ୟା କରିଥିଲେ। ସାହୁ କଲୋନୀସ୍ଥିତ ଏକ ଚା' ଦୋକାନ ନିକଟରେ କୌଣସି କଥାକୁ ନେଇ ପାନ ଓ ଲଳିତାଙ୍କ ମଧ୍ୟରେ କଥା କଟାକଟିରୁ ବଚସା ଓ ହତ୍ୟାକାଣ୍ଡ ଘଟିଥିଲା। ଲଳିତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସର କହିବା ଅନୁସାରେ ମୃତା ଓ ଅଭିଯୁକ୍ତଙ୍କ ନାମରେ ସହରର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।


**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph. (0674) 2562151, Fax - 2561879, E-mail : imagebbsr@rediffmail.com
Notice No. 4723 dt. 23.10.24

**INDICATIVE ADVERTISEMENT FOR CATERING SERVICE**

**No.CAD-1434** : Sealed Tender are invited from Experienced Catering Service Provider to provide Catering Services for a period of **two years** w.e.f. the date of effectiveness of agreement on contract basis to IMAGE, Bhubaneswar.

The detailed information booklet can be obtained from the office of the undersigned on official working hours **from 24.10.2024 to 07.11.2024** on payment of Rs. 1000/- either in Cash or D.D in favour of Director, **IMAGE payable at Bhubaneswar**.

The last date, time and place for submission of BID documents is **13.11.2024 up to 3.00 P.M.** in this office of the undersigned. **The BID documents received by hand, registered post/speed post and courier only will be accepted**. Any other mode except above shall not be accepted.

The undersigned reserves the authority to reject/cancel any or all the tender documents at any time without assigning any reason thereof.

Sd./- Director, IMAGE, Bhubaneswar

OIPR-01408/11/0011/2425

**E-AUCTION SALE NOTICE**

**M/S SRABANI CONSTRUCTIONS PRIVATE LIMITED- In Liquidation (Corporate Debtor)**
**Regd. Office: Plot No.1185, Balitota Sahi, Nayapalli, Bhubaneswar- 751012, India**

**E-Auction Notice for sale of Assets under the Insolvency and Bankruptcy Code, 2016**
**Date & Time of E-Auction: 25.11.2024 from 11 A.M to 2.00 P.M**

Notice is hereby given to the public in general under the Insolvency & Bankruptcy Code, 2016 and Regulations thereunder that the assets as given in the table below of the Corporate debtor are being sold on "**AS IS WHERE IS, AS IS WHAT IS, WHATEVER THERE IS AND NO RECOURSE BASIS "and as such the said disposition is without any kind of warranties and indemnities . The sale will be done by undersigned through the approved E-auction platform https://ncltauction.auctiontiger.net**

| SL No. | Description of Assets | Reserve Price (Rs.) | EMD Amount (Rs.) | Bid Increment Amount |
|---|---|---|---|---|
| 1. | i) 1st Floor of the building approximately Super Built up area 4339 Sqft., ii) 2nd Floor Flat No.201 & 202, Super Builtup Area 2724 Sqft., 1362 Sqft. each, iii) 3rd Floor one 3 BHK Flat No.303, Super Built up Area 1615 Sqft., in Srabani Royal Lagoon on G.A Plot No.N-3/109, IRC Village, Nayapalli (Plot No.689/2782/4051, Khata No.453/1563, Unit No.16, Jaydev Vihar, Mouza: Bhubaneswar Sahar . | Rs. 4,80,00,000/- | Rs. 48,00,000/- | Rs. 5,00,000/- |

**Any interested buyer can submit a bid after due diligence .**
**Last Date: for submission of Eligibility Documents: 10 November 2024**
**Late Date for EMD Payment (through NEFT/RTGS): 22 November 2024**
**Date of Inspection : All working days from 10.11.2024 to 20.11.2024 (from 10 AM to 5 PM)** with prior intimation to the liquidator .

The EMD (Refundable) shall be paid by interested bidders by way of Bank transfer through NEFT/RTGS in account of **Srabani Constructions Private Limited - in liquidation having Account Number 08730200001360 and IFSC Code IOBA0000873 .**

1. For detailed terms and conditions of E-Auction Sale, please refer to Sale Notice availbale on **https://ncltauction.auctiontiger.net** . For any query regarding E-auction Contact: Mr Ram Prasad Sharma: 8000023297, 6351896834 / 079-68136803/ 079-68133855/ e-mail id: **ramprasad@auctiontiger.net, support@auctiontiger.net**

**Gagan Bihari Bhuyan**
Liquidator of **Srabani Constructions Private Limited- In Liquidation**
IBBI Reg No.IBBI/IPA-002/IP-N00928/2020-21/13
Regd. Address: **2162, D N Oxypark, Dumduma, Bhubaneswar- 751019**
**Mail address: srabani.liquidation@gmail.com** and **gaganbhuyan29@gmail.com**
**Mobile: 7506370577**

**Note:-** 1st floor of the building is now occupied by a Pre School named First Cry Intellitots run by Vikas Bharati Education Trust. 1 month eviction notice has already been issued and application has been filed with NCLT, Cuttack for direction to the occupants to vacate the premises. Vikas Bharati Education Trust has also filed an application in Civil Court, Bhubaneswar. The Ex-Director of Srabani Constructions Pvt Ltd had filed an application for stay of Auction of this property which was dismissed by NCLT on 25.06.2024.

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର**
ସା: ଶ୍ୟାମ ଆର୍କେଡ଼, କ୍ଷେତରାଜପୁର, ସମ୍ବଲପୁର - ୭୬୮୦୦୩

ପରିଶିଷ୍ଟ-୪ [ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ସହଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଭିଏସଏସ ମାର୍ଗ ଶାଖା, ସମ୍ବଲପୁର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଭିଏସଏସ ମାର୍ଗ ଶାଖା, ସମ୍ବଲପୁର / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସଂଯୁକ୍ତା ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, ସା: ନକ୍ସାପାଲି, ପୋ./ଥାନା: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର-୭୬୮୦୦୫ / **ସହ-ଋଣଗ୍ରହୀତାମାନେ: ୧) ଶ୍ରୀ ଧୀରଜ କୁମାର ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, **୨) ଶ୍ରୀ ସରୋଜ କୁମାର ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, ଉଭୟଙ୍କ ଠିକଣା- ସା: ନକ୍ସାପାଲି, ପୋ/ଥାନା: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର-୭୬୮୦୦୫ | ୦୩.୦୫.୨୦୨୪ ସୁଦ୍ଧା ଟ.୨୦,୬୩,୧୪୦/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୦୪.୦୫.୨୦୨୪ / ୧୯.୧୦.୨୦୨୪ | **ଶ୍ରୀମତୀ ସଂଯୁକ୍ତା ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୬୦ଡିସିମିଲି, ଖାତା ନଂ.: ୩୭୦/୩୫୬, ପ୍ଲଟ୍ ନଂ.: ୧୭୯୭, ମୌଜା: ନକ୍ସାପାଲି ଟାଉନ ପ୍ଲାନିଙ୍ଗ୍ ଏସଡିଏ ଏରିଆ, ଜିଲ୍ଲା: ସମ୍ବଲପୁର-୭୮୬୦୦୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୯୪, ଦକ୍ଷିଣ: ପ୍ଲଟ୍ ନଂ.: ୧୭୯୭/୩୫୯୧, ପୂର୍ବ: ପ୍ଲଟ୍ ନଂ.: ୧୭୯୩, ପଶ୍ଚିମ: ପ୍ଲଟ୍ ନଂ.: ୧୮୬୯ |

ସ୍ଥାନ: ସମ୍ବଲପୁର, ତାରିଖ : ୨୩.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ଭବାନୀପାଟଣା,୨୩।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଛତିଶଗଡ଼ ରାଜ୍ୟ ସୁକ୍ମା ଅଞ୍ଚଳର ଦେବୀ ସୋରୀ ଓରଫ ଗୀତା। ଏ ନେଇ ବୁଧବାର ଅପରାହ୍ଣରେ ଭବାନୀପାଟଣାସ୍ଥିତ କଳାହାଣ୍ଡି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଗୀତା ୨୦୧୮ରେ ଦୁର୍ଦ୍ଦାନ୍ତ ମାଓବାଦୀ କମାଣ୍ଡର ହିଡ଼ମାଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ତ୍ରିନାଟ୍ୟ ମଣ୍ଡଳୀରେ ସାମିଲ ହୋଇଥିଲେ। ପରେ ମାଓବାଦୀଙ୍କ ଏରିଆ କମାଣ୍ଡର କମଳା ସହିତ ସାକ୍ଷାତ ହୋଇ ସଙ୍ଗଠନରେ ସାମିଲହୋଇ କାମ କରି ଆସୁଥିଲେ। ୨୦୨୨ରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼ ଡିଭିଜନ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ଏହି ସମୟରେ ଲାଲବାହିନୀର ମିଲିଟାରି ଗ୍ରୁପରେ ରହି ସମସ୍ତଙ୍କ ଚିକିତ୍ସା ସେବା କରିଆସୁଥିଲେ। ସେହିପରି ଭିନ୍ନ ଭିନ୍ନ ୫ଟି ଗୁଳି ବିନିମୟ ଘଟଣାରେ ମଧ୍ୟ ତାଙ୍କର ସମ୍ପୃକ୍ତି ଥିବା ନେଇ ଡିଆଇଜି ନୀତିଶେଖର ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜୀ ଉପସ୍ଥିତ ଥିଲେ।


ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ। ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି।

## ବାତ୍ୟା ପାଇଁ ରାଉରକେଲାରୁ ଉଡ଼ିବ ନାହିଁ ବିମାନ

ରାଉରକେଲା, ୨୩।୧୦(ସଙ୍ଗୀତା ଜେନା): ବାତ୍ୟା ପାଇଁ ରାଉରକେଲା-ଭୁବନେଶ୍ୱର- କୋଲକାତା ବିମାନ ସେବା ବାତିଲ କରାଯାଇଛି। ପ୍ରସ୍ତାବ୍ୟ ବର୍ଷା ଯୋଗୁ ଏପରି ସେବାକୁ ଆସନ୍ତା ୨୪ ତାରିଖ ବାତିଲ କରାଯାଇଛି। କୋଲକାତା ରାଉରକେଲା, ରାଉରକେଲା ଭୁବନେଶ୍ୱର, ଭୁବନେଶ୍ୱର କୋଲକାତା ବିମାନସେବାଗୁଡ଼ିକ ବାତିଲ ହୋଇଛି। ଯାତ୍ରୀମାନେ କରିଥିବା ଟିକେଟ୍‌ଗୁଡ଼ିକ ଅଟୋ କ୍ୟାନସଲ୍ ହୋଇଯାଇଛି। ଏ ନେଇ ଏୟାର ପୋର୍ଟ ଅଥରିଟି ଅଫିସର (ରାଉରକେଲା) ରାହୁଲ ସିଂହ ସୂଚନା ଦେଇଛନ୍ତି।

# ବାଇକ୍ ରାଲିରେ ଆର୍‌ଏସ୍‌ଏସ୍, ମେଷ୍ଟର ଶକ୍ତି ପ୍ରଦର୍ଶନ

ରାଉରକେଲା,୨୩।୧୦(ସଙ୍ଗୀତା ଜେନା)

**ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ**
**ପ୍ରଥମ ଦିନରେ ୮ ଶ୍ରମ ସଙ୍ଗଠନ କଲେ ନାମାଙ୍କନ**

ନଭେମ୍ବର ୧୨ରେ ହେବାକୁ ଥିବା ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ରେ ଶ୍ରମିକ ସ୍ୱୀକୃତିପ୍ରାପ୍ତ ନିର୍ବାଚନରେ ମଙ୍ଗଳବାରଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନ ଏଥିରେ ୯ ଜଣ ଶ୍ରମିକ ସଙ୍ଗଠନ ନାମାଙ୍କନ ଦାଖଲ କରିଥିବା ବେଳେ ବୁଧବାର ଅର୍ଥାତ ନାମାଙ୍କନର ଦ୍ୱିତୀୟ ଦିନରେ ୮ଟି ଶ୍ରମ ସଙ୍ଗଠନ ନାମାଙ୍କନ କରିଛନ୍ତି। ଏହି କ୍ରମରେ ଆଇଏନ୍‌ଟିୟୁସି ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ପୂର୍ବାହ୍ନରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ସେକ୍ଟର-୧୮ ସ୍ଥିତ ସଂଘ କାର୍ଯ୍ୟାଳୟ ନିକଟରୁ ପୂଜାର୍ଚ୍ଚନା ପରେ ୨ହଜାରରୁ ଊର୍ଦ୍ଧ୍ୱ ଇସ୍ପାତ କର୍ମଚାରୀଙ୍କ ବିଶାଳ ବାଇକ ରାଲି ସେକ୍ଟର ୧୯, ସେକ୍ଟର୪ ଦୁର୍ଗାପୂଜା ପଡିଆରେ ପହଞ୍ଚିଥିଲା। ସେଠାରୁ ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଉପସଭାପତି ଦିଲ୍ଲୀପ ମହାପାତ୍ର, ଜନାର୍ଦ୍ଦନ ଦେହୁରୀ, ବୀରକିଶୋର ଶେଖରଦେଓ, ନିହାର ଦାସ, ଶୁଭେନ୍ଦୁ ପଣ୍ଡାଙ୍କ ସମେତ ଏହାର ମେଣ୍ଟ ସଙ୍ଗଠନ ଗାଙ୍ଗପୁର ମଜଦୁର୍ ମଞ୍ଚ (ଜିଏମ୍‌ଏମ୍)ର ସଭାପତି ଜର୍ଜ ତିର୍କୀ, କାର୍ଯ୍ୟକାରୀ ସଭାପତି ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସ ଆଦି ଆରଏଲ୍‌ସି କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଉପାୟୁକ୍ତ ରବିକାନ୍ତ ରେଡ୍ଡୀଙ୍କ ନିକଟରେ ଦାଖଲ କରିଥିଲେ। ଏହି ଅବସରରେ ଆରଏସ୍‌ଏସ୍‌ର ସରୋଜ ପରିଡ଼ା, ଦିଲ୍ଲୀପ ମଲ୍ଲିକ, ଭାଗ୍ୟଧର ପରିଡ଼ା, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଏମ୍‌ଏମ୍‌ର ଉପସଭାପତି ସୁଲେମାନ କାଉଡ଼ିଆ, ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ସଂଜୟ ପଣ୍ଡା, ଥୋମାସ୍ ଟପ୍ପୋ, ସମ୍ପାଦକ ସୀଲାନନ୍ଦ କୁଲୁ, ପରମେଶ୍ୱର ଅମାତ୍, ଗଣେଶ ସମାସୀ, ରାଜେଶ ତିର୍କୀ, କାମିଲ ଏକ୍କା, କୋଷାଧ୍ୟକ୍ଷ ଆନନ୍ଦ ଟପ୍ପୋ ସମେତ ହଜାର ହଜାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସିଟୁ ସହବନ୍ଧିତ ଷ୍ଟିଲ୍ ଏମ୍ପ୍ଲୟଜ୍ ଟ୍ରେଡ଼ ୟୁନିଅନ୍(ସେଟୁ) ପକ୍ଷରୁ ମଧ୍ୟ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ବିମାନ ମାଇତି, ବସନ୍ତ ନାୟକ, ଯଜ୍ଞେଶ୍ୱର ସାହୁ, ବିପି ମହାପାତ୍ର, ସଂଗ୍ରାମ ସାମଲ, ଜୀବନ ବାରିଆ, ପ୍ରଦୀପ ସେଠୀ, ଲକ୍ଷ୍ମୀଧର ନାୟକ, ରତ୍ନାକର ନାୟକ, ପ୍ରତ୍ୟୁଷ ପରିଡ଼ା, ଶିବରାମ ବେହେରା ସମେତ ପ୍ରମୁଖ ନାମାଙ୍କନ ପ୍ରକ୍ରିୟାରେ ଯୋଗଦେଇଥିଲେ। ସେଟୁ ପକ୍ଷରୁ ଶତାଧିକ ଇସ୍ପାତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ରାଉରକେଲା ୱର୍କର୍ସ ୟୁନିଅନ୍‌ର ସତ୍ୟପ୍ରିୟ ମହାନ୍ତି, ଅଜିତ ନାୟକ ଓ ଅନ୍ୟମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। ଅନୁରୂପ ଭାବେ ରାଉରକେଲା ମଜଦୁର ସଭା, ରାଉରକେଲା ଶ୍ରମିକ ପଞ୍ଚାୟତ, ରାଉରକେଲା ଶ୍ରମିକ ଶକ୍ତି, ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ୍, ଷ୍ଟିଲ ଏମ୍ପ୍ଲୟିଜ୍ ଆସୋସିଏସନ୍ ସମେତ ମୋଟ ୮ଟି ସଙ୍ଗଠନ ନାମାଙ୍କନପତ୍ର ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ନାମାଙ୍କନପତ୍ର ଗୁଡ଼ିକ ଗୁରୁବାର ଯାଂଚ, ୨୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୨୮ ତାରିଖରେ ଚୂଡ଼ାନ୍ତ ତାଲିକା ଏବଂ ନିର୍ବାଚନୀ ଚିହ୍ନ ପ୍ରଦାନ କରାଯିବ ବୋଲି ଶ୍ରମ କାର୍ଯ୍ୟାଳୟରୁ ସୂଚନା ମିଳିଛି।




# ଚୋରି ଅଳଙ୍କାର ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)

**ହୀରାକୁଦ ଅଳଙ୍କାର ଦୋକାନରୁ ଚୋରି ଘଟଣା**

ହୀରାକୁଦ ସହର ମାଳିପଡ଼ାରେ ଥିବା ଏକ ଅଳଙ୍କାର ଦୋକାନରୁ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ହୀରାକୁଦ ଥାନା ପୋଲିସ। ଅଭିଯୁକ୍ତ ହୀରାକୁଦ ଖ୍ରୀଷ୍ଟିୟାନ ପଡ଼ାର ଆକାଶ ମହାନନ୍ଦ(୨୪)। ତାଙ୍କଠାରୁ ଚୋରି ଅଳଙ୍କାର ସହ ଅନ୍ୟ ସାମଗ୍ରୀକୁ ଉଦ୍ଧାର କରିଛି ପୋଲିସ। ଏ ସମ୍ପର୍କରେ ବୁଧବାର ହୀରାକୁଦ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅମ୍ବିତ ମହାନ୍ତି ଏହି ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ ଗତ ଅକ୍ଟୋବର ୨୦ ତାରିଖ ସକାଳେ ହୀରାକୁଦ ନ୍ୟୁମାର୍କେଟ୍‌ର ବିଭୁରଞ୍ଜନ ସାହୁ ମାଳିପଡ଼ାରେ ଥିବା ତାଙ୍କ ସ୍ୱସ୍ତିକ ଜୁଏଲେରିରୁ ଚୋରି ହୋଇଥିବା ନେଇ ଏତଲା ଦେଇଥିଲେ। ପୂର୍ବରାତିରେ ସେ ସବୁଦିନ ଭଳି ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ଦୁର୍ବୃତ୍ତ ତାଲା ଭାଙ୍ଗି ଲୁଟ୍‌ପାଟ୍ କରିଥିବା କହିଥିଲେ। ଦୋକାନରେ ଥିବା ସମସ୍ତ ସୁନା ଓ ରୂପା ଗହଣା ଓ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା, ଯାହାର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ବିଭୁ ରଞ୍ଜନ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲା ଆଧାରରେ ହୀରାକୁଦ ଥାନାରେ ଏକ ମାମଲା(୩୧୬/୨୪)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଆକାଶ ମହାନନ୍ଦଙ୍କୁ ପୋଲିସ ଥାନାକୁ ଆଣି ଜେରା କରିଥିଲା। ଜେରା ବେଳେ ଅଭିଯୁକ୍ତ ଉକ୍ତ ଦୋକାନରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କ ସୂଚନା ଅନୁସାରେ ସେ ଲୁଚାଇ ରଖିଥିବା ଚୋରି ସୁନା ଓ ରୁପା ଗହଣାକୁ ପୋଲିସ ଜବତ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ୨୦ଟି ସୁନା ନାକଫୁଲ, ୨୦ ହଳ ରୁପା ପାଉଜି, ୫୦ଟି ଲେଖାଏ ରୁପାମୁଦି, ୧୪ଟି ରୂପା ଚୂଡ଼ି, ୩ଟି ରୂପା କଏନ୍, ୪ଟି ରୁପା ଅଣ୍ଟା ଲକେଟ୍, ଗୋଟିଏ ରୂପା ମୂର୍ତ୍ତି ମିଶି ପ୍ରାୟ ୧.୨୧୫ କିଲୋଗ୍ରାମର ରୁପା ସାମଗ୍ରୀ ଅନ୍ତର୍ଭୁକ୍ତ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାମରେ ହୀରାକୁଦ ସହ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା କହିଛନ୍ତି ଏସ୍‌ଡିପିଓ ମହାନ୍ତି।


ଜବତ ଚୋରି ସୁନା ଓ ରୂପା ଗହଣା ଓ ଅନ୍ୟ ସାମଗ୍ରୀ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବୁଦ୍ଧଦେବ


@ ହରେକୃଷ୍ଣ


@ ରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାନ ଫସଲ ଉଜାଡ଼ିଲେ ହାତୀପଲ


ଉପଦ୍ରବ ଚଳାଇଥିବା ହାତୀପଲ।

ନାକଟୀଦେଉଳ,୨୩।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହେବାମାତ୍ରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି କ୍ଷେତରେ ପଶି ପାଚିଲା ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବୁଧବାର ପାହାନ୍ତିଆରୁ ହାତୀପଲ ସରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କତରାପାଲି କୁଞ୍ଜବନ ଆଶ୍ରମ ନିକଟ ଧାନ କ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ହାତୀପଲରେ ଛୋଟ ବଡ଼ ୩୦ ହାତୀ ଥିବା ଗ୍ରାମବାସୀ କହିଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ମଦନ ସାହୁ, ନାରଦ ସାହୁ, ନିରଞ୍ଜନ ସାମଲ, ଲିଙ୍ଗରାଜ ପ୍ରଧାନ, ଗୌର ସାମଲ, ଗୌତମ ରାଉଳ, ଗଙ୍ଗା ମାଝୀ, ଋତୁପର୍ଣ୍ଣ ରାଉଳ, ନାରାୟଣ ପୁରୋହିତ ପ୍ରମୁଖ ଚାଷୀଙ୍କ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ବନକର୍ମଚାରୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀପଲକୁ ଘଉଡ଼ାଇ ଥିଲେ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ମହିଳାଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାହୁ କଲୋନୀରେ ସଂଘଟିତ ହତ୍ୟା ଘଟଣାର ଅଭିଯୁକ୍ତ ବରେଇପାଲି ଥାନା ଅନ୍ତର୍ଗତ ରାଣୀବଗିଚା ଥାନାପଡ଼ାର ପାନ ହରିପାଲ(୩୨)ଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ପାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ରହୁଥିବା ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ମୂଳବାସିନ୍ଦା ଲଳିତା ଦେବୀ(୩୬)ଙ୍କୁ ଛୁରି ଭୁସି ପାନ ହରିପାଲ ହତ୍ୟା କରିଥିଲେ। ସାହୁ କଲୋନୀସ୍ଥିତ ଏକ ଚା' ଦୋକାନ ନିକଟରେ କୌଣସି କଥାକୁ ନେଇ ପାନ ଓ ଲଳିତାଙ୍କ ମଧ୍ୟରେ କଥା କଟାକଟିରୁ ବଚସା ଓ ହତ୍ୟାକାଣ୍ଡ ଘଟିଥିଲା। ଲଳିତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସର କହିବା ଅନୁସାରେ ମୃତା ଓ ଅଭିଯୁକ୍ତଙ୍କ ନାମରେ ସହରର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।


INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph. (0674) 2562151, Fax - 2561879, E-mail : imagebbsr@rediffmail.com
Notice No. 4723 dt. 23.10.24

INDICATIVE ADVERTISEMENT FOR CATERING SERVICE

**No.CAD-1434** : Sealed Tender are invited from Experienced Catering Service Provider to provide Catering Services for a period of **two years** w.e.f. the date of effectiveness of agreement on contract basis to IMAGE, Bhubaneswar.

The detailed information booklet can be obtained from the office of the undersigned on official working hours **from 24.10.2024 to 07.11.2024** on payment of Rs. 1000/- either in Cash or D.D in favour of Director, **IMAGE payable at Bhubaneswar**.

The last date, time and place for submission of BID documents is **13.11.2024 up to 3.00 P.M.** in this office of the undersigned. **The BID documents received by hand, registered post/speed post and courier only will be accepted**. Any other mode except above shall not be accepted.

The undersigned reserves the authority to reject/cancel any or all the tender documents at any time without assigning any reason thereof.

Sd./- Director, IMAGE, Bhubaneswar
OIPR-01408/11/0011/2425



E-AUCTION SALE NOTICE
M/S SRABANI CONSTRUCTIONS PRIVATE LIMITED- In Liquidation (Corporate Debtor)
Regd. Office: Plot No.1185, Balitota Sahi, Nayapalli, Bhubaneswar- 751012, India

E-Auction Notice for sale of Assets under the Insolvency and Bankruptcy Code, 2016
Date & Time of E-Auction: 25.11.2024 from 11 A.M to 2.00 P.M

Notice is hereby given to the public in general under the Insolvency & Bankruptcy Code, 2016 and Regulations thereunder that the assets as given in the table below of the Corporate debtor are being sold on "**AS IS WHERE IS, AS IS WHAT IS, WHATEVER THERE IS AND NO RECOURSE BASIS "and as such the said disposition is without any kind of warranties and indemnities . The sale will be done by undersigned through the approved E-auction platform https://ncltauction.auctiontiger.net**

| SL No. | Description of Assets | Reserve Price (Rs.) | EMD Amount (Rs.) | Bid Increment Amount |
|---|---|---|---|---|
| 1. | i) 1st Floor of the building approximately Super Built up area 4339 Sqft., ii) 2nd Floor Flat No.201 & 202, Super Builtup Area 2724 Sqft., 1362 Sqft. each, iii) 3rd Floor one 3 BHK Flat No.303, Super Built up Area 1615 Sqft., in Srabani Royal Lagoon on G.A Plot No.N-3/109, IRC Village, Nayapalli (Plot No.689/2782/4051, Khata No.453/1563, Unit No.16, Jaydev Vihar, Mouza: Bhubaneswar Sahar . | Rs. 4,80,00,000/- | Rs. 48,00,000/- | Rs. 5,00,000/- |

**Any interested buyer can submit a bid after due diligence .**
**Last Date: for submission of Eligibility Documents: 10 November 2024**
**Late Date for EMD Payment (through NEFT/RTGS): 22 November 2024**
**Date of Inspection : All working days from 10.11.2024 to 20.11.2024 (from 10 AM to 5 PM)** with prior intimation to the liquidator .

The EMD (Refundable) shall be paid by interested bidders by way of Bank transfer through NEFT/RTGS in account of **Srabani Constructions Private Limited - in liquidation having Account Number 08730200001360 and IFSC Code IOBA0000873 .**

1. For detailed terms and conditions of E-Auction Sale, please refer to Sale Notice availbale on **https://ncltauction.auctiontiger.net** . For any query regarding E-auction Contact: Mr Ram Prasad Sharma: 8000023297, 6351896834 / 079-68136803/ 079-68133855/ e-mail id: **ramprasad@auctiontiger.net, support@auctiontiger.net**

**Gagan Bihari Bhuyan**
Liquidator of **Srabani Constructions Private Limited- In Liquidation**
IBBI Reg No.IBBI/IPA-002/IP-N00928/2020-21/13
Regd. Address: **2162, D N Oxypark, Dumduma, Bhubaneswar- 751019**
**Mail address: srabani.liquidation@gmail.com** and **gaganbhuyan29@gmail.com**
**Mobile: 7506370577**

**Note:-** 1st floor of the building is now occupied by a Pre School named First Cry Intellitots run by Vikas Bharati Education Trust. 1 month eviction notice has already been issued and application has been filed with NCLT, Cuttack for direction to the occupants to vacate the premises. Vikas Bharati Education Trust has also filed an application in Civil Court, Bhubaneswar. The Ex-Director of Srabani Constructions Pvt Ltd had filed an application for stay of Auction of this property which was dismissed by NCLT on 25.06.2024.



इंडियन बैंक Indian Bank इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର
ସା: ଶ୍ୟାମ ଆର୍କେଡ୍, କ୍ଷେତରାଜପୁର, ସମ୍ବଲପୁର - ୭୬୮୦୦୩
ପରିଶିଷ୍ଟ-୪ [ରୁଲ୍-୮(୧)]
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଭିଏସଏସ ମାର୍ଗ ଶାଖା, ସମ୍ବଲପୁର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଭିଏସଏସ ମାର୍ଗ ଶାଖା, ସମ୍ବଲପୁର / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସଂଯୁକ୍ତା ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, ସା: ନକ୍ସାପାଲି, ପୋ./ଥାନା: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର-୭୬୮୦୦୫ / **ସହ-ଋଣଗ୍ରହୀତାମାନେ: ୧) ଶ୍ରୀ ଧୀରଜ କୁମାର ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, **୨) ଶ୍ରୀ ସରୋଜ କୁମାର ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, ଉଭୟଙ୍କ ଠିକଣା- ସା: ନକ୍ସାପାଲି, ପୋ/ଥାନା: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର-୭୬୮୦୦୫ | ୦୩.୦୫.୨୦୨୪ ସୁଦ୍ଧା ଟ.୨୦,୬୩,୧୪୦/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୦୪.୦୫.୨୦୨୪ / ୧୯.୧୦.୨୦୨୪ | **ଶ୍ରୀମତୀ ସଂଯୁକ୍ତା ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୬୦ଡିସିମିଲି, ଖାତା ନଂ.: ୩୭୦/୩୫୬, ପ୍ଲଟ୍ ନଂ.: ୧୭୯୭, ମୌଜା: ନକ୍ସାପାଲି ଟାଉନ ପ୍ଲାନିଙ୍ଗ୍ ଏସଡିଏ ଏରିଆ, ଜିଲ୍ଲା: ସମ୍ବଲପୁର-୭୮୬୦୦୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୯୪, ଦକ୍ଷିଣ: ପ୍ଲଟ୍ ନଂ.: ୧୭୯୭/୩୫୯୧, ପୂର୍ବ: ପ୍ଲଟ୍ ନଂ.: ୧୭୯୩, ପଶ୍ଚିମ: ପ୍ଲଟ୍ ନଂ.: ୧୮୬୯ |

ସ୍ଥାନ: ସମ୍ବଲପୁର, ତାରିଖ : ୨୩.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବୁଦ୍ଧଦେବ



@ ହରେକୃଷ୍ଣ



@ ରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ଭବାନୀପାଟଣା,୨୩।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଛତିଶଗଡ଼ ରାଜ୍ୟ ସୁକ୍‌ମା ଅଞ୍ଚଳର ଦେବୀ ସୋରୀ ଓରଫ ଗୀତା। ଏ ନେଇ ବୁଧବାର ଅପରାହ୍ନରେ ଭବାନୀପାଟଣାସ୍ଥିତ କଳାହାଣ୍ଡି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଗୀତା ୨୦୧୮ରେ ଦୁର୍ଦ୍ଧାନ୍ତ ମାଓବାଦୀ କମାଣ୍ଡର ହିଡମାଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ଚିତ୍ରନାଟ୍ୟ ମଣ୍ଡଳୀରେ ସାମିଲ ହୋଇଥିଲେ। ପରେ ମାଓବାଦୀଙ୍କ ଏରିଆ କମାଣ୍ଡର କମଳା ସହିତ ସାକ୍ଷାତ ହୋଇ ସଙ୍ଗଠନରେ ସାମିଲହୋଇ କାମ କରି ଆସୁଥିଲେ। ୨୦୨୨ରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼ ଡିଭିଜନ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ଏହି ସମୟରେ ଲାଲବାହିନୀର ମିଲିଟାରି ଗ୍ରୁପ୍‌ରେ ରହି ସମସ୍ତଙ୍କ ଚିକିତ୍ସା ସେବା କରିଆସୁଥିଲେ। ସେହିପରି ଭିନ୍ନ ଭିନ୍ନ ୫ଟି ଗୁଳି ବିନିମୟ ଘଟଣାରେ ମଧ୍ୟ ତାଙ୍କର ସମ୍ପୃକ୍ତି ଥିବା ନେଇ ଡିଆଇଜି ନୀତିଶେଖର ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜୀ ଉପସ୍ଥିତ ଥିଲେ।



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ। ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି।

## ବାର୍‌ହା ଶିକାର ପାଇଁ ଫାଶ ବସାଇବା ଘଟଣାରେ ଜଣେ ଗିରଫ

**କୁଚିଣ୍ଡା,୨୩।୧୦(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନର କୁଚିଣ୍ଡା ରେଞ୍ଜ ଅଧିନ ମହୁଲପାଲି ସେକ୍ସନ ବେତଝରନ ବିଟ ଅଞ୍ଚଳର ଜଙ୍ଗଲରେ ବାର୍‌ହା ଶିକାର ପାଇଁ ଜୀବନ୍ତ ବିଦ୍ୟୁତ୍ ଫାସ ବସାଇବା ଘଟଣାରେ ବନ ବିଭାଗ ଆଉ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମହୁଲପାଲି ଥାନା କନ୍ଧକୁଲେଇ ବଖେରକାନିର ପ୍ରଫୁଲ୍ଲ ଗୌଡ। କୁଚିଣ୍ଡା ରେଞ୍ଜର ଲେଖାରାଣି ମହାନନ୍ଦଙ୍କ ତତ୍ତ୍ୱାବଧାନରେ ବନବିଭାଗ ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବେତଝରନ ବିଟ ଅଞ୍ଚଳର ଜଙ୍ଗଲରେ ବାର୍‌ହା ଶିକାର ପାଇଁ ଦୁର୍ବୃତ୍ତମାନେ ଅଗଷ୍ଟ ୭ତାରିଖ ରାତିରେ ତାର ବିଛାଇ କରେଣ୍ଟ ସଂଯୋଗ କରିଥିଲେ। ୮ତାରିଖ ସକାଳେ ଏହି ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶିବାଜୀ ମାଝି ନାମକ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଏହା ପିଆର ୧୦୯କୁ ରୂପାନ୍ତର କରାଯାଇ ପ୍ରଫୁଲ୍ଲଙ୍କୁ ଗିରଫ କରିଥିଲା।ତାଙ୍କୁ ରିମାଣ୍ଡରେ ଆଣାଯାଇ ଘଟଣାରେ ଜଡିତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ରେଞ୍ଜର ମହାନନ୍ଦ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ବନବିଭାଗ ଏକ ଟିମ ଗଠନ କରିଥିଲା। ଚଢାଉରେ ଫରେଷ୍ଟର ଦୁଷ୍ମନ୍ତ ଖର୍ସେଲ ଓ ଚୂଡାମଣି ନାଏକ, ଫରେଷ୍ଟ ଗାର୍ଡ ସୀମା କଉଡି ଓ ଝସକେତନ ପୃଷେଠ ସାମିଲ ଥିଲେ।

## ଛେଳି ଚୋରି ଅଭିଯୋଗ, ଆଉ ଜଣେ ଗିରଫ

**କୁଚିଣ୍ଡା,୨୩।୧୦(ବିରଞ୍ଚି ଦର୍ଶା)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଝାରମାଲ ଗ୍ରାମରୁ ଛେଳି ଚୋରି ଅଭିଯୋଗରେ ଆଉ ଜଣଙ୍କୁ ପୋଲିସ ଗିରଫ କରିଛି।ସେ ହେଲେ ସାନଜଟିଆପାଲି ଗ୍ରାମର ରୋଶନ ପଟେଲ(୨୪)। ତାଙ୍କ ନିକଟରୁ ଏକ ନମ୍ବର ବିହୀନ ବାଇକ ଜବତ ହୋଇଛି। ଏହି ଘଟଣାରେ ପୂର୍ବରୁ ସାନଜଟିଆପାଲି ଗ୍ରାମର ବିକାଶ ବଢେଇ (୨୭)ଙ୍କୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ, ଅଗଷ୍ଟ ୧୪ତାରିଖରେ କୁଚିଣ୍ଡା ବ୍ଲକ ତଥା ମହୁଲପାଲି ଥାନା ଅନ୍ତର୍ଗତ ଝାରମାଲ ଗ୍ରାମର କୁମୁଦ ବରଙ୍କ ଘରୁ ବିକାଶ ବଢେଇ ଓ ରୋଶନ ପଟେଲ ଏକ ଛେଳି ଚୋରି କରି ବାଇକରେ ଲଦି ଫେରାର ହୋଇଯାଇଥିଲେ। କୁମୁଦ ଏ ନେଇ ଥାନାରେ ଏତଲା ଦେଇଥିଲେ। ଘଟଣା ଦିନ ପୋଲିସ ବିକାଶଙ୍କୁ ଗିରଫ କରିଥିବା ବେଳେ ରୋଶନ ଫେରାର ଥିଲେ। ଏ ନେଇ ଥାନାରେ ଦଫା ୩୦୩(୨)/୩(୫) ବିଏନଏସ (ନଂ.୧୩୫/୨୪)ରେ ଏକ ମାମଲା ରୁଜୁ ହୋଇଥିଲା।

## ଗ୍ରାମୀଣ ସମ୍ପ୍ରଦାୟର ସାମଗ୍ରିକ ବିକାଶକୁ ଗୁରୁତ୍ୱ

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**

ସମ୍ବଲପୁରର ଜିଲା ପ୍ରଶାସନ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ ଓ ବିକାଶମୂଳକ କାର୍ଯ୍ୟକ୍ରମ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ବୈଷୟିକ) ବି.ବି.ପଟ୍ଟନାୟକ ଉପସ୍ଥିତ ଥିଲେ। ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସ୍ୱଚ୍ଛ ଭାରତ ମିଶନ ଓ ପାନୀୟ ଜଳ ଯୋଗାଣ, ରେଡ୍‌କ୍ରସ୍, ଗ୍ରାମୀଣ ଗୃହ ନିର୍ମାଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଆଦିର କାର୍ଯ୍ୟକାରୀତା ସହିତ ଶହେ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ଯୋଗାଯୋଗ ସୁବିଧା ଆଦିର ତାଲିକା ସଂଗ୍ରହ, ସୋସିଆଲ ଅଡିଟ୍, ଗୃହ ଓ ପରିବାର କଲ୍ୟାଣ, ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ, ରାଜ୍ୟ ଅର୍ଥ ନିଗମ, ଭିଏସ୍‌ଏସ୍ ବିଲଡିଂର ପରିଚାଳନା, ଓଡିଶା ଜୀବିକା ମିଶନ ଆଦି ବିଭିନ୍ନ ବିକାଶ ଓ ଲୋକାଭିମୁଖୀ ଯୋଜନାର ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ସମସ୍ତ ଗରିବ ପରିବାରଙ୍କୁ ସରକାରଙ୍କ ଜୀବିକା ମିଶନ ଆଦି ବିଭିନ୍ନ ଯୋଜନାରେ ନିରନ୍ତର ଜୀବିକା ଅର୍ଜନର ସହାୟତା ସ୍ୱରୂପ ସେମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ ହେବା ପର୍ଯ୍ୟନ୍ତ ପ୍ରତିପୋଷଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି ଯୋଜନା ଅଧୀନରେ ବିଭିନ୍ନ ପ୍ରକଳ୍ପ ଓ ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ନିରନ୍ତର ଜୀବିକା ନିର୍ବାହ ସୁଯୋଗ ସୃଷ୍ଟି କରିବା, ମହିଳା ସଶକ୍ତିକରଣ, ଦକ୍ଷତା ବୃଦ୍ଧି ଓ ଗ୍ରାମୀଣ ସମ୍ପ୍ରଦାୟର ସାମଗ୍ରିକ ବିକାଶ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ବୋନ୍ଦର ପରାମର୍ଶ ଦେଇଥିଲେ।



ଜିଲାସ୍ତରୀୟ ଦାରିଦ୍ର୍ୟ ଦୂରୀକରଣ ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଦାରିଦ୍ର୍ୟ ଦୂରୀକରଣ ଓ ବିକାଶମୂଳକ କାର୍ଯ୍ୟର ଜିଲାସ୍ତରୀୟ ସମୀକ୍ଷା**

## ଚୋରି ଅଳଙ୍କାର ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୩।୧୦(ପ୍ରମୋଦ ବହିଦାର)**

**ହୀରାକୁଦ ଅଳଙ୍କାର ଦୋକାନରୁ ଚୋରି ଘଟଣା**

ହୀରାକୁଦ ସହର ମାଳିପଡ଼ାରେ ଥିବା ଏକ ଅଳଙ୍କାର ଦୋକାନରୁ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ହୀରାକୁଦ ଥାନା ପୋଲିସ। ଅଭିଯୁକ୍ତ ହୀରାକୁଦ ଖ୍ରୀଷ୍ଟିୟାନ ପଡ଼ାର ଆକାଶ ମହାନନ୍ଦ(୨୪)। ତାଙ୍କଠାରୁ ଚୋରି ଅଳଙ୍କାର ସହ ଅନ୍ୟ ସାମଗ୍ରୀକୁ ଉଦ୍ଧାର କରିଛି ପୋଲିସ। ଏ ସମ୍ପର୍କରେ ବୁଧବାର ହୀରାକୁଦ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅମ୍ୱିତ ମହାନ୍ତି ଏହି ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ ଗତ ଅକ୍ଟୋବର ୨୦ ତାରିଖ ସକାଳେ ହୀରାକୁଦ ନ୍ୟୁମାର୍କେଟ୍‌ର ବିଭୁରଞ୍ଜନ ସାହୁ ମାଳିପଡ଼ାରେ ଥିବା ତାଙ୍କ ସ୍ୱସ୍ତିକ ଜୁଏଲେରିରୁ ଚୋରି ହୋଇଥିବା ନେଇ ଏତଲା ଦେଇଥିଲେ। ପୂର୍ବରାତିରେ ସେ ସବୁଦିନ ଭଳି ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ଦୁର୍ବୃତ୍ତ ତାଲା ଭାଙ୍ଗି ଲୁଟ୍‌ପାଟ୍ କରିଥିବା କହିଥିଲେ। ଦୋକାନରେ ଥିବା ସମସ୍ତ ସୁନା ଓ ରୁପା ଗହଣା ଓ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା, ଯାହାର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ବିଭୁ ରଞ୍ଜନ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲା ଆଧାରରେ ହୀରାକୁଦ ଥାନାରେ ଏକ ମାମଲା(୩୧୬/୨୪)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଆକାଶ ମହାନନ୍ଦଙ୍କୁ ପୋଲିସ ଥାନାକୁ ଆଣି ଜେରା କରିଥିଲା। ଜେରା ବେଳେ ଅଭିଯୁକ୍ତ ଉକ୍ତ ଦୋକାନରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କ ସୂଚନା ଅନୁସାରେ ସେ ଲୁଚାଇ ରଖିଥିବା ଚୋରି ସୁନା ଓ ରୁପା ଗହଣାକୁ ପୋଲିସ ଜବତ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ୨୦ଟି ସୁନା ନାକଫୁଲ, ୨୦ ହଳ ରୁପା ପାଉଜି, ୫୦ଟି ଲେଖାଏ ରୁପାମୁଦି, ୧୪ଟି ରୁପା ଚୂଡ଼ି, ୩ଟି ରୁପା କଏନ୍, ୪ଟି ରୁପା ଅଣ୍ଟା ଲକେଟ୍, ଗୋଟିଏ ରୁପା ମୂର୍ତ୍ତି ମିଶି ପ୍ରାୟ ୧.୨୧୫ କିଲୋଗ୍ରାମର ରୁପା ସାମଗ୍ରୀ ଅନ୍ତର୍ଭୁକ୍ତ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାମରେ ହୀରାକୁଦ ସହ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା କହିଛନ୍ତି ଏସ୍‌ଡିପିଓ ମହାନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିବା ସହ ଜବତ ସୁନା ଓ ରୁପା ଗହଣାକୁ ପ୍ରଦର୍ଶିତ କରୁଛି।

## ଧାନ ଫସଲ ଉଜାଡ଼ିଲେ ହାତୀପଲ



ଉପଦ୍ରବ ଚଳାଇଥିବା ହାତୀପଲ।

**ନାକଟୀଦେଉଳ,୨୩।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହେବାମାତ୍ରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି କ୍ଷେତରେ ପଶି ପାଚିଲା ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବୁଧବାର ପାହାନ୍ତିଆରୁ ହାତୀପଲ ସରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କତରାପାଲି କୁଞ୍ଜବନ ଆଶ୍ରମ ନିକଟ ଧାନ କ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ହାତୀପଲରେ ଛୋଟ ବଡ଼ ୩୦ ହାତୀ ଥିବା ଗ୍ରାମବାସୀ କହିଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ମଦନ ସାହୁ, ନାରଦ ସାହୁ, ନିରଞ୍ଜନ ସାମଲ, ଲିଙ୍ଗରାଜ ପ୍ରଧାନ, ଗୌର ସାମଲ, ଗୌତମ ରାଉଳ, ଗଙ୍ଗା ମାଝୀ, ଋତୁପର୍ଣ୍ଣ ରାଉଳ, ନାରାୟଣ ପୁରୋହିତ ପ୍ରମୁଖ ଚାଷୀଙ୍କ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ବନକର୍ମଚାରୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀପଲକୁ ଘଉଡ଼ାଇ ଥିଲେ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ମହିଳାଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୨।୧୦(ପ୍ରମୋଦ ବହିଦାର):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାହୁ କଲୋନୀରେ ସଂଘଟିତ ହତ୍ୟା ଘଟଣାର ଅଭିଯୁକ୍ତ ବରେଇପାଲି ଥାନା ଅନ୍ତର୍ଗତ ରାଣୀବଗିଚା ଥାନାପଡ଼ାର ପାନ ହରିପାଲ(୩୨)ଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ପାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ରହୁଥିବା ଅଇଁଠାପାଲି ଥାନା ଅନ୍ତର୍ଗତ ପର୍ଦ୍ଧିଆପାଲିର ମୂଳବାସିନ୍ଦା ଲଳିତା ଦେବୀ(୩୬)ଙ୍କୁ ଛୁରି ଭୁସି ପାନ ହରିପାଲ ହତ୍ୟା କରିଥିଲେ। ସାହୁ କଲୋନୀସ୍ଥିତ ଏକ ଚା' ଦୋକାନ ନିକଟରେ କୌଣସି କଥାକୁ ନେଇ ପାନ ଓ ଲଳିତାଙ୍କ ମଧ୍ୟରେ କଥା କଟାକଟିରୁ ବଚସା ଓ ହତ୍ୟାକାଣ୍ଡ ଘଟିଥିଲା। ଲଳିତାଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସର କହିବା ଅନୁସାରେ ମୃତା ଓ ଅଭିଯୁକ୍ତଙ୍କ ନାମରେ ସହରର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph. (0674) 2562151, Fax - 2561879, E-mail : imagebbsr@rediffmail.com
Notice No. 4723 dt. 23.10.24

**INDICATIVE ADVERTISEMENT FOR CATERING SERVICE**

**No.CAD-1434** : Sealed Tender are invited from Experienced Catering Service Provider to provide Catering Services for a period of **two years** w.e.f. the date of effectiveness of agreement on contract basis to IMAGE, Bhubaneswar.

The detailed information booklet can be obtained from the office of the undersigned on official working hours **from 24.10.2024 to 07.11.2024** on payment of Rs. 1000/- either in Cash or D.D in favour of Director, **IMAGE payable at Bhubaneswar**.

The last date, time and place for submission of BID documents is **13.11.2024 up to 3.00 P.M.** in this office of the undersigned. **The BID documents received by hand, registered post/speed post and courier only will be accepted**. Any other mode except above shall not be accepted.

The undersigned reserves the authority to reject/cancel any or all the tender documents at any time without assigning any reason thereof.

Sd./- Director, IMAGE, Bhubaneswar
OIPR-01408/11/0011/2425

**E-AUCTION SALE NOTICE**
**M/S SRABANI CONSTRUCTIONS PRIVATE LIMITED- In Liquidation (Corporate Debtor)**
**Regd. Office: Plot No.1185, Balitota Sahi, Nayapalli, Bhubaneswar- 751012, India**

**E-Auction Notice for sale of Assets under the Insolvency and Bankruptcy Code, 2016**
**Date & Time of E-Auction: 25.11.2024 from 11 A.M to 2.00 P.M**

Notice is hereby given to the public in general under the Insolvency & Bankruptcy Code, 2016 and Regulations thereunder that the assets as given in the table below of the Corporate debtor are being sold on "**AS IS WHERE IS, AS IS WHAT IS, WHATEVER THERE IS AND NO RECOURSE BASIS "and as such the said disposition is without any kind of warranties and indemnities . The sale will be done by undersigned through the approved E-auction platform https://ncltauction.auctiontiger.net**

| SL No. | Description of Assets | Reserve Price (Rs.) | EMD Amount (Rs.) | Bid Increment Amount |
|---|---|---|---|---|
| 1. | i) 1st Floor of the building approximately Super Built up area 4339 Sqft., ii) 2nd Floor Flat No.201 & 202, Super Builtup Area 2724 Sqft., 1362 Sqft. each, iii) 3rd Floor one 3 BHK Flat No.303, Super Built up Area 1615 Sqft., in Srabani Royal Lagoon on G.A Plot No.N-3/109, IRC Village, Nayapalli (Plot No.689/2782/4051, Khata No.453/1563, Unit No.16, Jaydev Vihar, Mouza: Bhubaneswar Sahar . | Rs. 4,80,00,000/- | Rs. 48,00,000/- | Rs. 5,00,000/- |

**Any interested buyer can submit a bid after due diligence .**
**Last Date: for submission of Eligibility Documents: 10 November 2024**
**Late Date for EMD Payment (through NEFT/RTGS): 22 November 2024**
**Date of Inspection : All working days from 10.11.2024 to 20.11.2024 (from 10 AM to 5 PM)** with prior intimation to the liquidator .

The EMD (Refundable) shall be paid by interested bidders by way of Bank transfer through NEFT/RTGS in account of **Srabani Constructions Private Limited - in liquidation having Account Number 087302000001360 and IFSC Code IOBA0000873 .**

1. For detailed terms and conditions of E-Auction Sale, please refer to Sale Notice availbale on **https://ncltauction.auctiontiger.net .** For any query regarding E-auction Contact: Mr Ram Prasad Sharma: 8000023297, 6351896834 / 079-68136803/ 079-68133855/ e-mail id: **ramprasad@auctiontiger.net, support@auctiontiger.net**

**Gagan Bihari Bhuyan**
Liquidator of **Srabani Constructions Private Limited- In Liquidation**
IBBI Reg No.IBBI/IPA-002/IP-N00928/2020-21/13
Regd. Address: **2162, D N Oxypark, Dumduma, Bhubaneswar- 751019**
**Mail address: srabani.liquidation@gmail.com** and **gaganbhuyan29@gmail.com**
**Mobile: 7506370577**

**Note:-** 1st floor of the building is now occupied by a Pre School named First Cry Intellitots run by Vikas Bharati Education Trust. 1 month eviction notice has already been issued and application has been filed with NCLT, Cuttack for direction to the occupants to vacate the premises. Vikas Bharati Education Trust has also filed an application in Civil Court, Bhubaneswar. The Ex-Director of Srabani Constructions Pvt Ltd had filed an application for stay of Auction of this property which was dismissed by NCLT on 25.06.2024.

ଇଂଡିୟନ ବୈଂକ Indian Bank ଇଲାହାବାଦ ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର**
ସା: ଶ୍ୟାମ ଆର୍କେଡ଼, କ୍ଷେତରାଜପୁର, ସମ୍ବଲପୁର - ୭୬୮୦୦୩
ପରିଶିଷ୍ଟ-୪ [ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ସହଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ସହଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଭିଏସଏସ ମାର୍ଗ ଶାଖା, ସମ୍ବଲପୁର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଭିଏସଏସ ମାର୍ଗ ଶାଖା, ସମ୍ବଲପୁର / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ସଂଯୁକ୍ତା ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, ସା: ନକ୍ସାପାଲି, ପୋ./ଥାନା: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର-୭୬୮୦୦୫ / **ସହ-ଋଣଗ୍ରହୀତାମାନେ: ୧) ଶ୍ରୀ ଧୀରଜ କୁମାର ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, **୨) ଶ୍ରୀ ସରୋଜ କୁମାର ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡା, ଉଭୟଙ୍କ ଠିକଣା- ସା: ନକ୍ସାପାଲି, ପୋ/ଥାନା: ମାନେଶ୍ୱର, ଜିଲ୍ଲା: ସମ୍ବଲପୁର-୭୬୮୦୦୫ | ୦୩.୦୫.୨୦୨୪ ସୁଦ୍ଧା ଟ.୨୦,୬୩,୧୪୦/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୦୪.୦୫.୨୦୨୪ / ୧୯.୧୦.୨୦୨୪ | **ଶ୍ରୀମତୀ ସଂଯୁକ୍ତା ପଣ୍ଡା,** ପିତା: ଶ୍ରୀ ପବିତ୍ରଭାନୁ ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୬୦ଡିସିମିଲି, ଖାତା ନଂ.: ୩୭୦/୩୫୬, ପ୍ଲଟ୍ ନଂ.: ୧୭୯୭, ମୌଜା: ନକ୍ସାପାଲି ଟାଉନ ପ୍ଲାନିଙ୍ଗ ଏସଡିଏ ଏରିଆ, ଜିଲ୍ଲା: ସମ୍ବଲପୁର-୭୮୬୦୦୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୯୪, ଦକ୍ଷିଣ: ପ୍ଲଟ୍ ନଂ.: ୧୭୯୭/୩୫୯୧, ପୂର୍ବ: ପ୍ଲଟ୍ ନଂ.: ୧୭୯୩, ପଶ୍ଚିମ: ପ୍ଲଟ୍ ନଂ.: ୧୮୬୯ |

**ସ୍ଥାନ: ସମ୍ବଲପୁର, ତାରିଖ : ୨୩.୧୦.୨୦୨୪**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ବାୟୁସେନାରୁ ପ୍ରଶାସନିକ ଅଧିକାରୀ

ବେଲପଡ଼ା,୨୩।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ତେନ୍ତୁଳିମୁଣ୍ଡା ଗ୍ରାମ ପଞ୍ଚାୟତର ଡେବିରିପାଲି ଗ୍ରାମର ପୀତାମ୍ବର ବିଶିଙ୍କ ପୁଅ ଲଳିତ ମୋହନ ବିଶି ଓଡ଼ିଶା ସିଭିଲ ସର୍ଭିସ ୨୦୨୨ରେ ୬୧୧ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମେ ସେ ଡେବିରିପାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ପରେ ବାୟୁସେନାରେ ଯୋଗ ଦେଇଥିଲେ। ଦୀର୍ଘ ୧୦ ବର୍ଷ ବାୟୁସେନାରେ କାର୍ଯ୍ୟ କରିବା ସହ ତାଙ୍କର ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ବଳରେ ସେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଲଳିତ ମୋହନ ବିଶି

### ୨୯ରେ ଗୋପବନ୍ଧୁ ଉଦ୍ୟାନରେ ପଥ ଉତ୍ସବ

ଟିଟିଲାଗଡ,୨୩।୧୦(ଶରତ ମିଶ୍ର)

ବୁଧବାର ଟିଟିଲାଗଡ ଉପଖଣ୍ଡ ସଦରମହକୁମା ଠାରେ ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ ପ୍ରକ୍ରିୟାରେ ଯୁବ ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୨୯ ତାରିଖ ସକାଳ ସାଢେ ୭ଟା ସମୟରେ ସ୍ଥାନୀୟ ଗୋପବନ୍ଧୁ ଉଦ୍ୟାନରେ ପଥ ଉତ୍ସବ ହେବ। ଏହାଛଡା ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ତଥା ଅଧିକାରୀଙ୍କ ୱାକାଥନ ଡିଏଭି ମହାବିଦ୍ୟାଳୟଠାରୁ ଗୋପବନ୍ଧୁ ଉଦ୍ୟାନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ସମସ୍ତ ଯୁବବର୍ଗ ଅନ୍‌ଲାଇନରେ କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କ ସହାୟତାରେ ନିଜକୁ ଜଣେ ଭୋଟର ଭାବେ ପଞ୍ଜୀକୃତ କରିବା ପାଇଁ ଆବେଦନ କରିପାରିବେ। ଅଧିକ ସହାୟତା ପାଇଁ ଦେୟମୁକ୍ତ ୧୯୫୦କୁ କଲ୍ କରିପାରିବେ। ଏହି ବୈଠକରେ ଟିଟିଲାଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା, ସଇଁତଲା ବିଡିଓ ବିନୟ କୁମାର ଭୋଇ, ନିର୍ବାହୀ ଅଧିକାରୀ, ପୌରପରିଷଦ, ଟିଟିଲାଗଡ ଜୟସେନ ଧାରୁଆ, ଡେପୁଟି ଜିଲାପାଳ ହରେକ୍ରୀଷ୍ଣା ମେହେର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, ଟିଟିଲାଗଡ ତହସିଲଦାର ଶୁଭାଶୀଷ ଶତପଥୀ, ସଇଁତଲା ତହସିଲଦାର ଆଶିଷ କୁମାର ଏକ୍କା ପ୍ରମୁଖ ଯୋଗ ଦେଇଥିଲେ।

# ଅଭିଯୁକ୍ତ ବାପ ପୁଅ କୋର୍ଟ ଚାଲାଣ


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।


ଗିରଫ ବାପ ପୁଅ।

- ଜଳପାଙ୍କେଲ ଗ୍ରାମରେ ଶିଶୁବଳି ଅଭିଯୋଗ
- ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ: ଏସ୍‌ଡିପିଓ

ପାଟଣାଗଡ/ଲାଠୋର,୨୩।୧୦ (ସଚ୍ଚିଦାନନ୍ଦ ମହାକୁର/ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅର୍ନ୍ତଗତ ଜଳପାଙ୍କେଲ ଗ୍ରାମର ନାବାଳକ ସୋମନାଥ ବେମାଲ ଓରଫ ମଣ୍ଟୁଙ୍କ ମୃତଦେହ ଝଲିଆଲିଟି ବୁଢା ଡୁଙ୍ଗୁରିରୁ ପୋଲିସ ଗତ ୧୮ ତାରିଖ ଦିନ ଜବତ କରିଥିବା ବେଳେ ଏହା ଶିଶୁବଳି ବୋଲି ଅଭିଯୋଗ ହୋଇଥିଲା। ତେବେ ଏହା ଶିଶୁ ବଳି ନୁହେଁ, ଏକ ହତ୍ୟାକାଣ୍ଡ । ପୂର୍ବଶତ୍ରୁତାରୁ ଏହା ଘଟିଛି । ଏହି ଘଟଣାରେ ଜଳପାଙ୍କେଲ ଗ୍ରାମର ଡୋଲାମଣି ରଣା ଓ ତାଙ୍କ ପୁଅ ମୁକେଶ ରଣାଙ୍କୁ ଗିରଫ କରାଯାଇଛି ବୋଲି ବୁଧବାର ସନ୍ଧ୍ୟାରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଜଳପାଙ୍କେଲ ଗ୍ରାମର ତପନ ବେମାଲଙ୍କ ପୁଅ ସୋମନାଥ ଘଟଣାଦିନ ଅପରାହ୍ଣ ପ୍ରାୟ ୪ଟା ସମୟରେ ଏକ ପାଟିଲା ଆତ ଧରି ଖେଳିବା ପାଇଁ ଘରୁ ବାହାରକୁ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଗ୍ରାମର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଅଜା ଦଲ ବେମାଲ ଲାଠୋର ଥାନାରେ ସୋମନାଥ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଗତ ଶୁକ୍ରବାର ସକାଳେ ଗାଁର କେତେଜଣ ଯୁବକ ଝଲିଆଲିଟି ଡୁଙ୍ଗୁରିରେ ସୋମନାଥଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନାବାଳକ ଜଣକ ନିଖୋଜ ଥିବା ଦିନ ପୂର୍ଣ୍ଣିମା ଓ ଗର୍ଭଣା ସଂକ୍ରାନ୍ତି ଥିବାରୁ ତାଙ୍କୁ ବଳି ଦିଆଯାଇଥିବା କୁହାଯାଇଥିଲା। ଅପରପକ୍ଷରେ ୨୦୧୩ରେ ମଧ୍ୟ ଝଲିଆଲିଟି ଡୁଙ୍ଗୁରିରେ ମଧୁ ରଣା (୧୮) ନାମକ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ସେତେବେଳେ ଜବତ କରିଥିଲା। ସେହି ସମୟରେ ଏହା ମଧ୍ୟ ବଳି ବୋଲି ଚର୍ଚ୍ଚା ହୋଇଥିଲା। ସୋମନାଥଙ୍କ ମୃତଦେହ ସେହି ଡୁଙ୍ଗୁରିରୁ ମିଳିବା ପରେ ବଳି ଚର୍ଚ୍ଚା ଆହୁରି ଜୋର ଧରିଥିଲା। ସୋମନାଥଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତି ଥିବା ନେଇ ସେହି ଗାଁର ଡୋଲାମଣି ରଣାଙ୍କୁ ସନ୍ଦେହ କରାଯାଇଥିଲା। ପରିବାର ବର୍ଗଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରୁ ନାବାଳକଙ୍କ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତା ନେଇ ତଦନ୍ତ ଜାରି ରଖିଥିଲା। ତଦନ୍ତରୁ ଅଭିଯୁକ୍ତ ବାପ ପୁଅ ପୂର୍ବ ଶତ୍ରୁତାରୁ ସୋମନାଥଙ୍କୁ ଜଳପାଙ୍କେଲ ଝଲିଆଲିଟି ଡୁଙ୍ଗୁରି ପଟକୁ କୌଶଳ କ୍ରମେ ନେଇ ଯାଇଥିଲେ। ସେଠାରେ ଏକ ଶକ୍ତ ବାଡି ଓ ପଥର ଦ୍ୱାରା ପିଟି ମାରିଥିଲେ। ଏହାପରେ ସେମାନେ ମୃତ ନାବାଳକଙ୍କୁ ଏକ ଗାତ ଖୋଳି ପୋତିବାରେ ବିଫଳ ହୋଇଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ବାଡି ଓ ପଥର ଜବତ କରିଛି। ଅଭିଯୁକ୍ତ ବାପ ଡୋଲାମଣି ଓ ତାଙ୍କ ପୁଅ ମୁକେଶ ପୂର୍ବ ଶତ୍ରୁତାକୁ ନେଇ ସୋମନାଥଙ୍କୁ ମାରିଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ପୂଝାରୀ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓଙ୍କ ସମେତ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଓ ବଲାଙ୍ଗୀର ହେଡକ୍ୱାଟର ଏସଆଇ ଅଲେଖ ଗଡଡିଆ ଉପସ୍ଥିତ ଥିଲେ।

# ସଂକୀର୍ତ୍ତନ ଏକ ପବିତ୍ର, ବିଦଗ୍ଧ କଳା

ସମ୍ବଲପୁର,୨୩।୧୦(ବି.ଶଙ୍କର)

**ସଂକୀର୍ତ୍ତନରେ ଅଶ୍ଳୀଳତାକୁ ବାଦ୍ ଦିଆଯାଉ**

ସଂକୀର୍ତ୍ତନ ଏକ ପବିତ୍ର ଓ ବିଦଗ୍ଧ କଳା। ଏହି ପବିତ୍ର ଓ ବିଦଗ୍ଧ କଳାରେ ଅଶ୍ଳୀଳତାକୁ ପ୍ରଶୟ ଦେବା ଗୁରୁତର ଅପରାଧ ବୋଲି ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ସାଙ୍ଗଠନିକ ବୈଠକରେ ମତପ୍ରକାଶ ପାଇଛି। ପରିଷଦ ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରସ୍ଥିତ ପ୍ରେସ ଭବନରେ ଏକ ବୈଠକ ହୋଇଥିଲା । କୀର୍ତ୍ତନ ମନୋରଞ୍ଜନ ଆଉ ଜୀବିକାର ମାଧ୍ୟମ ନ ହେଉ। ଏଥିସହ କୌଣସି କଳାକାର କୀର୍ତ୍ତନ ପରିବେଷଣ ସମୟରେ ମାଦକ ଦ୍ରବ୍ୟ ସେବନ ନ କରିବାକୁ ବୈଠକରେ ପରିଷଦର ସାଙ୍ଗଠନିକ କର୍ମକର୍ତ୍ତାମାନେ ଆଲୋଚନା ମାଧ୍ୟରେ ପରାମର୍ଶ ଦେଇଛନ୍ତି। ବରଗଡ଼ର ବରିଷ୍ଠ କୀର୍ତ୍ତନ ଗାୟକ ରାଜେନ୍ଦ୍ର ବେହେରା, ଲଳିତ ଭୋଇ, ପ୍ରମୋଦ ଦାଶ, ବଲାଙ୍ଗୀରର ସମାଜିକକର୍ମୀ ଶ୍ରୀକାର ମିଶ୍ର ଓ ଭରତ ସାହୁ, ସୁବର୍ଣ୍ଣପୁର ଜିଲାର ଦାମୋଦର ମେହେର, ଅରକ୍ଷୀତ ସାହୁ ଏବଂ ସବିତା ପାଣିଗ୍ରାହୀ, କଳାହାଣ୍ଡିର ଧନଞ୍ଜୟ ବାରିକ, ସୁନ୍ଦରଗଡ଼ର ଲିଙ୍ଗରାଜ ନାଏକ ଏବଂ ସମ୍ବଲପୁରର ଦିଲ୍ଲୀପ ବଡ଼େଇ ଯୋଗଦେଇ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଙ୍ଗଠନକୁ ଦୃଢ଼ କରାଯିବା ସପକ୍ଷରେ ମତ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ବଲପୁର ଜିଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲା ସିଲଟି ଗାଁର କୀର୍ତ୍ତନ କଳାକାର ଭୁବନେଶ୍ୱର ସାହୁ ଏବଂ ପରିଷଦର ଅନ୍ୟତମ ଉପଦେଷ୍ଟା ପ୍ରହଲ୍ଲାଦ ହୋତାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଯୁଗ୍ମ ସମ୍ପାଦକ ମାନଭଞ୍ଜନ ନାଏକଙ୍କ ସମେତ ୧୧ଟି ଜିଲାର କୀର୍ତ୍ତନ କଳାକାର ଯୋଗ ଦେଇଥିଲେ।


ସାଙ୍ଗଠନିକ ବୈଠକରେ ଅତିଥି ଓ କର୍ମକର୍ତ୍ତାମାନେ।

# ପତ୍ରିକା ସୃଜନ ସଳିତା ନବନୀତା ଉନ୍ମୋଚିତ


ପୂଜା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର,୨୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରରୁ ପ୍ରକାଶିତ ସାହିତ୍ୟ ପତ୍ରିକା ସୃଜନ ସଳିତା ନବନୀତାର ପୂଜା ସଂଖ୍ୟା ୨୦୨୪ ମଙ୍ଗଳବାର ଉନ୍ମୋଚିତ ହୋଇଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାଳ୍ପିକା ଗାୟତ୍ରୀ ସରାଫ, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ଲେଖକ ଡ. ସଞ୍ଜୟ କୁମାର ମିଶ୍ର ଓ ପ୍ରକାଶକ ରାଜେଶ ଝାଙ୍କର ପତ୍ରିକାର ପୂଜା ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହି ସଭାରେ ଅଧ୍ୟାପକ ଡ. କୌତୁକ ପନ୍ଦର, ଡ. ଜଗନ୍ନାଥ ସାହୁ, ପରିଚାଳନା ସମ୍ପାଦକ ଯୁଧିଷ୍ଠିର ମେହେର, ଓଡିଆ ବିଭାଗ ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ ଓ ପଞ୍ଚାନନ ମିଶ୍ର ଉପସ୍ଥିତ ଥିଲେ। ପୂଜା ସଂଖ୍ୟାରେ ପ୍ରତିଷ୍ଠିତ ତଥା ଉଦୀୟମାନ ସାହିତ୍ୟିକଙ୍କ ବିଭିନ୍ନ ଉପାଦେୟ ଲେଖା ରହିଛି। ଏହି ସଂଖ୍ୟାରେ ଦିବଙ୍ଗତ ନାଟ୍ୟ ପ୍ରତିଭା ଅଟଳ ବିହାରୀ ପଣ୍ଡା, କୋଶଲୀ ସଂସ୍କୃତି ଗବେଷକ ନିମାଇଁ ପାଣିଗ୍ରାହୀଙ୍କ ସ୍ମୃତି ଆଲେଖ୍ୟ, ବିନୋଦ ପଶାୟତ, ମଣିପୁରୀ ଲେଖକ ୱାଇ ଇବୋଞ୍ଚା ସିଂ ଓ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ସାକ୍ଷାତକାର ଓ ଆଲୋଚନା ସମେତ ୧୦ଟି ଗଳ୍ପ, ୭ଟି ଆଲୋଚନା ପ୍ରବନ୍ଧ ଓ ୧୯ଟି କବିତା ସ୍ଥାନିତ ହୋଇଛି। ଏହି ପୂଜା ସଂଖ୍ୟା ପାଠକ, ଲେଖକ ତଥା ଗବେଷକଙ୍କ ଆଦୃତି ଲାଭ କରିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଜଣେ ବ୍ୟକ୍ତି, ଦୁଇଟି ପଦବୀ

ଦେଓଗାଁ,୨୩।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଧଣ୍ଡାମାଲ ପଞ୍ଚାୟତର ନାଏବ ସରପଞ୍ଚ ଦୁଇଟି ପଦବୀରେ ଥାଇ ସରକାରୀ ଅର୍ଥ ନେଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଧଣ୍ଡାମାଲ ଗାଁର ପ୍ରଶାନ୍ତ ମଲ୍ଲିକ ଦୀର୍ଘ ବର୍ଷ ହେଲା ଗାଁ ସାଥୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ସେ ଧଣ୍ଡାମାଲ ଗାଁରୁ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତିରାଜ ବିଭାଗର ନିୟମ ଅନୁସାରେ ଜଣେ ବ୍ୟକ୍ତି ଦୁଇଟି ପଦବୀରେ ଥାଇ ସରକାରୀ ଅର୍ଥ ନେବାର ନିୟମ ନାହିଁ। ଏ ସମ୍ପର୍କରେ ଧଣ୍ଡାମାଲ ପଞ୍ଚାୟତବାସୀ ବିଡିଓଙ୍କୁ ପ୍ରାୟ ୪ ମାସ ହେଲା ଲିଖିତ ଭାବେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜଣେ ବ୍ୟକ୍ତି ସରକାରଙ୍କ ଅଧୀନରେ ଥାଇ ଦୁଇଟି ପଦବୀରୁ ଅର୍ଥ ନେବା କେତେ ଯୁକ୍ତିଯୁକ୍ତ ତାହା ତଦନ୍ତ ସାପେକ୍ଷ। ଏ ଦିଗରେ ବିଡିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରେ ତଦନ୍ତ ଚାଲିଛି, ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# କୁକୁଡା ଫାର୍ମ ଜରିଆରେ ଶ୍ରମିକଙ୍କୁ ରୋଜଗାର ମିଳିବ

ବେଲପଡ଼ା,୨୩।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ନିକଟ କୁଦୋଭଟା ରାସ୍ତାରେ କେସିଶି କୁକୁଡା ଫାର୍ମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଚିଫ ମ୍ୟାନେଜର ଏସବିଆଇ ବଲାଙ୍ଗୀର ଶାଖାର ମାନସ ରଞ୍ଜନ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଏସବିଆଇର କ୍ଷେତ୍ର ପରିଚାଳକ ସିଦ୍ଧାର୍ଥ ଗୁରୁ, ଦେବୀ ପ୍ରସାଦ ଭଞ୍ଜ, ସିଡ଼ିଭିଓ ଆଲୋକ କୁମାର ନାୟକ, ଏସ୍‌ଡିଭିଓ ଡ. ପଲ୍ଲବ କୁମାର ପଣ୍ଡା , ବିଡିଓ ସମୀର କୁମାର ନନ୍ଦ, ଡା. ଅମିତ କୁମାର ଆଚାର୍ଯ୍ୟ, ରାକେଶ କୁମାର ବେଦବାଗ, ଜିଲା ପ୍ରାଣୀଧନ କୋଡିନେଟର, ବେଲପଡ଼ା ବିଡିଓ ରାଜେଶ ମେହେର, ଏବିଡିଓ ସାରଥୀ ସାହୁ ଯୋଗ ଦେଇଥିଲେ । ଏହି ଅବସରରେ କେସିଶି କୁକୁଡା ଫାର୍ମର ମାଲିକ ତଥା ମ୍ୟାନେଜିଂ ଡାଇରେକ୍ଟର କ୍ଷମାସାଗର କୁମ୍ଭାର ଉପସ୍ଥିତ ରହି ଫାର୍ମ ଜରିଆରେ ଦୈନିକ ବହୁ ଶ୍ରମିକଙ୍କୁ ରୋଜଗାରକ୍ଷମ କରାଯାଇ ପାରିବ ବୋଲି କହିଥିଲେ। ଏହି ଫାର୍ମରୁ ଦୈନିକ ୧୦ ହଜାର ଅଣ୍ଡା ଉତ୍ପାଦନ ହେବା ସହ ବ୍ରୟେଲର କୁକୁଡ଼ାର ବ୍ୟବସାୟ ହୋଇପାରିବ ବୋଲି କହିଥିଲେ। ଫାର୍ମ ଉଦ୍‌ଘାଟନ ଅବସରରେ ବେଲପଡ଼ାର ସଲଖ ବାରିକ, ଗଣେଶ କୁମ୍ଭାର, ଗଦା କୁମ୍ଭାର,ମନୋଜ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପଣ୍ଡିତ ଅଶୋକ ନାୟକ ପୂଜା କାର୍ଯ୍ୟ ତୁଲାଇ ଥିଲେ ।



କୁକୁଡା ଫାର୍ମ ଉଦ୍‌ଘାଟନ ଅବସରରେ ନିମନ୍ତ୍ରିତ ଅତିଥିମାନେ।

## ପଥ ଉତ୍ସବ, ୱାକାଥନ୍ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୩।୧୦ (ଭବାନୀ ଶଙ୍କର ଭୋଇ): ଆସନ୍ତା ୨୯ ତାରିଖରେ ସମ୍ବଲପୁର ଜିଲା ନିର୍ବାଚନ ଆୟୋଗ ତରଫରୁ ହେବାକୁ ଥିବା ପଥ ଉତ୍ସବ ଓ ୱାକାଥନ୍ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍କୁଲଠାରୁ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପର୍ଯ୍ୟନ୍ତ ଏହି ୱାକାଥନ୍ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ୨୫୦ରୁ ୩୦୦ ଜଣ କଳାକାର ଅଂଶଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ୱାକଥନ୍‌ରେ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ଲୋକ ନୃତ୍ୟ, ମାର୍ଶଲ ଆର୍ଟ, ଷ୍ଟ୍ରିଟ୍ ପ୍ଲେ, ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯିବ।

### ପୂର୍ବତନ ସରପଞ୍ଚଙ୍କ ବିୟୋଗ

ଲାଠୋର,୨୩।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତର ପୂର୍ବତନ ସରପଞ୍ଚ ହରେକୃଷ୍ଣ ଭଇଁଷାଲ(୭୯)ଙ୍କ ବୁଧବାର ଲାଠୋରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନରୁ ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ମୃତ୍ୟୁ ସମୟରେ ସ୍ତ୍ରୀ ଭାନୁମତୀ, ଝିଅ, ପୁଅ, ନାତୁଣୀ, ନାତି ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷଦର୍ଶନ କରିଥିଲେ । ଅନ୍ତିମ ସଂସ୍କାର ସମୟରେ ପୁଅ ସନ୍ତୋଷ ଭଇଁଷାଲ ମୁଖାଗ୍ନି ଦେଇଥିଲେ। ସେ ୩ ଥର ଲାଠୋର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ୩ ଥର ଲାଠୋର ସେବା ସମବାୟ ସମିତିର ସଭାପତି ଥିଲେ। ଦୀର୍ଘ ବର୍ଷ ଧରି ସେ ଝରିଆ ଯାଦବ ସମାଜ , ଦୁର୍ଗା ପୂଜା କମିଟି ଓ ଧନୁଯାତ୍ରା କମିଟିର ସଭାପତି ଦାୟିତ୍ୱ ତୁଲାଇଥିଲେ।


ହରେକୃଷ୍ଣ ଭଇଁଷାଲଙ୍କ ଫାଇଲ ଫଟୋ

# ସପ୍ତାହ ବ୍ୟାପୀ ଭାଗବତ କଥାମୃତ

ସମ୍ବଲପୁର,୨୩।୧୦(ବି.ଶଙ୍କର)

ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସମ୍ବଲପୁର ଝାଡୁଆପଡାର ଆରଣ୍ୟକ ମଞ୍ଚରେ ଆରମ୍ଭ ହୋଇଛି ଭାଗବତ କଥାମୃତ କାର୍ଯ୍ୟକ୍ରମ। ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପୁରୀର ସରୋଜିନୀ ଦେବୀ ପ୍ରତ୍ୟେହ ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମଦ ଭାଗବତ ଉପରେ ପ୍ରବଚନ ଦେଉଛନ୍ତି । ପଣ୍ଡିତ ବ୍ୟାସଦେବ ପଣ୍ଡାଙ୍କ ବେଦ ମନ୍ତ୍ରୋଚ୍ଚାରଣ ମଧ୍ୟରେ କଥାମୃତ ଶୁଭାରମ୍ଭ ହୋଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ବିଶ୍ୱାମ୍ ଚେତନା ପରିଷଦ ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।


ଆରଣ୍ୟକ ମଞ୍ଚରେ ପୁରୀର ସରୋଜିନୀ ଦେବୀ ପ୍ରବଚନ ଦେଉଛନ୍ତି।

# ଅତ୍ୟାଧୁନିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱ

ମୁରିବାହାଲ,୨୩।୧୦(ଶ୍ରୀବତ୍ସ ବେହେରା)



କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଉଦ୍ୟାନ ଓ କୃଷି ବିଭାଗର କର୍ମଶାଳା ବୁଧବାର ଦିନ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଚାଷୀମାନେ ଅତ୍ୟାଧୁନିକ ପଦ୍ଧତିରେ ଚାଷ କରିବା ଉପରେ ତାଲିମ ପ୍ରଦାନ କରାଯାଇଛି। ଏକ ଦିବସୀୟ କର୍ମଶାଳାରେ ଟିଟିଲାଗଡ଼ ଏଡିଏଚ ଶ୍ରୀୟା ଶାଶ୍ୱତୀ କର ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିବା ସହ ଚାଷୀମାନଙ୍କ ବିକାଶ ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏମପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଡା, ଆତ୍ମାର ଅଧ୍ୟକ୍ଷ ସୁରେଶ କୁମାର ଭୋଇ, ମୁରିବାହାଲ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଚକ୍ରଧର ହେର୍ଣ୍ଡା, ବରିଷ୍ଠ ଚାଷୀ ଭାଗରଥୀ ଯୁଏଡ଼ ଯୋଗଦେଇ ବ୍ଲକର ଚାଷୀମାନେ କିପରି ସରକାରୀ ଯୋଜନାର ସୁଫଳ ପାଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଉଦ୍ୟାନ ବିଭାଗର ଶ୍ରୀଚର ଦାସ ଓ ଲଲାଟ ବାଗ ତାଲିମଦାତା ଭାବରେ ଯୋଗ ଦେଇଥିଲେ। ଉଦ୍ୟାନ କୃଷି କ୍ଷେତ୍ରରେ ମହିଳା ସଶକ୍ତୀକରଣ, ସ୍ୱତନ୍ତ୍ର ଫଳ ଚାଷ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଜାତୀୟ ଉଦ୍ୟାନ କୃଷି ମିଶନ, ଜାତୀୟ ଖାଦ୍ୟ ତୈଳ ମିଶନ, ରିହାତି ଦରରେ ଫଳ ଚାରା ବିକ୍ରୟ ଓ ଅତ୍ୟାଧୁନିକ ପଦ୍ଧତିରେ ଚାଷ କରିବା ନେଇ ତାଲିମ ପ୍ରଦାନ କରାଯାଇଛି। ଅଗ୍ରଣୀ ଚାଷୀ, କୃଷକ ଉତ୍ପାଦକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କର୍ମଶାଳାରେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ସହକାରୀ ଉଦ୍ୟାନ ଅଧିକାରୀ ମନବୋଧ ମାଝୀ ପରିଚାଳନା କରିଥିବା ବେଳେ ରଘୁମଣି ପୁଟେଲ, ଜନମୁକ୍ତି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ବ୍ଲକର ସମସ୍ତ ଉଦ୍ୟାନ ସାଥୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### କରଡ଼ି ଚମ୍ପେଶ୍ୱର ମହାଦେବ ପୀଠରେ ଛଅ ଫୁଟର ନାଗମୂର୍ତ୍ତି ସ୍ଥାପନ



ହରଭଙ୍ଗା,୨୩।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମହାନଦୀ କୂଳରେ ଥିବା ପୁରାତନ ଚମ୍ପେଶ୍ୱର ମହାଦେବଙ୍କ ମନ୍ଦିରରେ ଏକ ଛଅ ଫୁଟର ନାଗମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ସମୟରେ ମନ୍ଦିର କମିଟିର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସଂପାଦକ ହରିଅର୍ଜୁନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାକୁଳ, ବିଜୟାନନ୍ଦ ପଟ୍ଟନାୟକ, ସୋରାଜ ନାୟକ, ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନାଗମୂର୍ତ୍ତି ସ୍ଥାପନ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ସ୍ଥାପନ କରାଯାଇଥିବା ବେଳେ ଏହାକୁ ଦେଖିବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା।

### କାରାଗାରରେ ୪୦ କ୍ଷମତା ବିଶିଷ୍ଟ ୱାର୍ଡ ଉଦ୍‌ଘାଟିତ



ସୋନପୁର,୨୩।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କାରାଗାର ପରିସରରେ ୪୦କ୍ଷମତା ବିଶିଷ୍ଟ ନୂତନ ୱାର୍ଡ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କାରାଗାର ଉପଆରକ୍ଷୀ ନିରୀକ୍ଷକ(ସମ୍ବଲପୁର ରେଞ୍ଜ) କୁଳମଣି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନୂତନ ୱାର୍ଡକୁ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସୋନପୁର କାରାଗାର ଅଧିକ୍ଷକ ଡିଲେଶ୍ୱର ଜେନା ଓ କାରାଗାର ମେଡିକାଲ ଅଫିସର ଡାକ୍ତର ପ୍ରସନ୍ନ କୁମାର ମିଶ୍ର ଉପସ୍ଥିତ ଥିଲେ। ପୂର୍ବରୁ କାରାଗାରରେ ଅନ୍ତେବାସୀଙ୍କ ରହିବା କ୍ଷମତା ୧୭୨ ଥିଲା ନୂତନ ୱାର୍ଡ ନିର୍ମାଣ ପରେ ଏବେ ଏହା ବୃଦ୍ଧି ପାଇ ୨୧୨ ହୋଇଛି। କାର୍ଯ୍ୟକ୍ରମ ଆୟୋଜନରେ ଉପସହକାରାପାଳ ରାଜେନ୍ଦ୍ର କୁମାର ପଣ୍ଡା, ୱାର୍ଡର କ୍ଷୀରୋଦ ବିହାରୀ ଦାଶ, ସୁବ୍ରତ କୁମାର ଆଚାର୍ଯ୍ୟ, ଶାନ୍ତନୁ କୁମାର ହୋତା, ଆଲୋକ କୁମାର ଷଡଙ୍ଗୀ, ଶ୍ରଦ୍ଧାଞ୍ଜଳି ପ୍ରଧାନ ଓ ଫାର୍ମାସିଷ୍ଟ ଅଭିଶେକ ସୁନା ସହଯୋଗ କରିଥିଲେ।

# ଶେଷ ନରସିଂହଙ୍କୁ ମାରିବାକୁ ମୁରାସୁରଙ୍କ ଯୋଜନା

ଅମରପାଲି, ୨୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀରେ ୪୨ ତମ ଗଜଲକ୍ଷ୍ମୀ ପୂଜା ଅବସରରେ ହେଉଥିବା ମୁରାସୁର ଦରବାରର ବୁଧବାର ଥିଲା ସପ୍ତମ ସନ୍ଧ୍ୟା। ମୁକ୍ତାକାଶ ରଙ୍ଗମଞ୍ଚରେ ପର୍ଯ୍ୟାୟକ୍ରମେ ପରିବେଷଣ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିନୟରେ ଦେବର୍ଷି ନାରଦଙ୍କ ମୁରାସୁରଙ୍କ ଦରବାରକୁ ଆଗମନ, ଶେଷ ନୃସିଂହଙ୍କୁ ବିଦ୍ୟଗୁରୁ ରୂପେ ବରଣ କରିବାକୁ ମୁରାସୁରଙ୍କୁ ନାରଦଙ୍କ ପରାମର୍ଶ ଏବଂ ଶେଷ ନୃସିଂହଙ୍କୁ ମାରିବାକୁ ମୁରାସୁରର ଯୋଜନା ଆଦି ପରିବେଷଣ ହୋଇଥିଲା। ଏହା ସହିତ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିଙ୍କୁ ଉତ୍ତରୀୟ,ପୁଷ୍ପମାଲ୍ୟ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗଜଲକ୍ଷ୍ମୀ ପୂଜା କମିଟି ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ କୋଷାଧ୍ୟକ୍ଷ ସତ୍ୟ ମୋହନ ବେଦପାଣି ଧନ୍ୟବାଦ ଅର୍ପଣ କରିଥିଲେ। ବଳରାମ ପଧାନ, ସହ ସମ୍ପାଦକ ବିଦ୍ୟାଧର ଖୁର୍ଡିଆ, ଗୋପୀନାଥ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକଙ୍କ ସହିତ ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, କମିରା ସରପଞ୍ଚ ଅନୁସୟା ପଧାନ, ବହଳପଦର ସରପଞ୍ଚ ନିରୂପମା ସେଠୀ, ଜଟେସିଂହା ସରପଞ୍ଚ ସୁନୀତା ପ୍ରଧାନ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ବାଗବର ସରପଞ୍ଚ ନିରୂପମା ବଗର୍ତ୍ତି, ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ ଓ ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ।



ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମୁର୍ଷୁଣ୍ଡୀ ମୁରାସୁର ଦରବାରର ସପ୍ତମ ସନ୍ଧ୍ୟା**

# ସୁବଳୟା କଲେଜ ଜାତୀୟ ସେବା ଯୋଜନା ପ୍ରବେଶ ଉତ୍ସବ

ଅମରପାଲି,୨୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ କଲେଜରେ ଜାତୀୟ ସେବା ଯୋଜନାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭୋଳାନାଥ କର୍ମୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସୋନପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ.ସୌରଭ ରଞ୍ଜନ ଖମାରୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଜାତୀୟ ସେବା ଯୋଜନାରେ ସାମିଲ ହୋଇ ନିଜକୁ ସମାଜସେବାରେ ଉତ୍ସର୍ଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ବକ୍ତାଭାବେ ଅଧ୍ୟାପକ ରମାକାନ୍ତ ପୁରୋହିତ ଜାତୀୟ ସେବା ଯୋଜନା ବିଷୟରେ କହିଥିଲେ। ଅଧ୍ୟାପକ ଦେବାଶିଷ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ପ୍ରଧାନ ସଭାର ଆଭିମୁଖ୍ୟ ଜଣାଇଥିଲେ। ଅଧ୍ୟାପିକା ପ୍ରଜ୍ଞାକଳ୍ପିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମିତା ପ୍ରଧାନ ଓ ଅର୍ପିତା ନାୟକ ଏହି ଅବସରରେ ଉପସ୍ଥିତ ଥିଲେ।



ପ୍ରବେଶ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

# ପୂର୍ତ୍ତ ବିଭାଗ ରାସ୍ତା ମଝିରେ ନଳକୂପ

ଅମରପାଲି,୨୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗରିଆମୁଣ୍ଡା ନିକଟ ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଏକ ନଳକୂପ ରହିଛି। ଉନ୍ନତୀକରଣ ଚାଲିଥିଲେ ବି ନଳକୂପକୁ ରାସ୍ତାରୁ କଢ଼ା ଯାଉନାହିଁ। ବୀରମହାରାଜପୁରରୁ ରେଢାଖୋଲ- ବୌଦ୍ଧ ରାଜପଥକୁ କଦଳୀଗଡ ନିକଟରେ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଏବେ କାମ ହେଉଛି। ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ପୁରୁଣା ପିଚୁ କାଢ଼ି ସେଠାରେ ମେଟାଲ ଓ ଗେଟି ଦେଇ ରୋଲିଂ ହୋଇସାରିଛି। ବର୍ତ୍ତମାନ ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ରାସ୍ତା ମଝିରେ ଥିବା ନଳକୂପକୁ ଏପର୍ଯ୍ୟନ୍ତ କଢାଗଲା ନାହିଁ। ଫଳରେ ଆଗକୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀମାନେ ଏଭଳି ସମସ୍ୟାକୁ ଦେଖି ସମାଧାନ କରି ନ ଥିବା ଅଭିଯୋଗ ହେଉଛି। ଏନେଇ ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦାମୋଦର କୈବର୍ତ୍ତଙ୍କୁ ପଚାରିବାରୁ ରାସ୍ତା ମଝିରୁ ନଳକୂପକୁ କାଢିବା ପାଇଁ ଆବଶ୍ୟକ ଅର୍ଥ ଆରଡବ୍ଲୁଏସଏସ ବିଭାଗକୁ ପୈଠ କରାଯାଇଛି। କିନ୍ତୁ ସେହି ବିଭାଗ ମେଶିନ ନଥିବା କହି ରାସ୍ତାରୁ ନଳକୂପକୁ କାଢୁ ନାହିଁ। ଶୀଘ୍ର ରାସ୍ତାରୁ ନଳକୂପ କଢ଼ା ଯିବାପାଇଁ ପଦକ୍ଷେପ ନିଆଯାଉଥିବା କହିଛନ୍ତି ରାସ୍ତା ନିର୍ମାଣ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ।

# ଅଭିଯୁକ୍ତ ବାପ ପୁଅ କୋର୍ଟ ଚାଲାଣ



ଗିରଫ ବାପ ପୁଅ।

**■ ଜଳପାଙ୍କେଲ ଗ୍ରାମରେ ଶିଶୁବଳି ଅଭିଯୋଗ**

**■ ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ: ଏସ୍‌ଡିପିଓ**

ପାଟଣାଗଡ/ଲାଠୋର,୨୩।୧୦ (ସଚ୍ଚିଦାନନ୍ଦ ମହାକୁର/ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅର୍ନ୍ତଗତ ଜଳପାଙ୍କେଲ ଗ୍ରାମର ନାବାଳକ ସୋମନାଥ ବେମାଲ ଓରଫ ମଣ୍ଟୁଙ୍କ ମୃତଦେହ ଝଲିଆଲିଟି ବୁଢା ଡୁଙ୍ଗୁରିରୁ ପୋଲିସ ଗତ ୧୮ ତାରିଖ ଦିନ ଜବତ କରିଥିବା ବେଳେ ଏହା ଶିଶୁବଳି ବୋଲି ଅଭିଯୋଗ ହୋଇଥିଲା। ତେବେ ଏହା ଶିଶୁ ବଳି ନୁହେଁ, ଏକ ହତ୍ୟାକାଣ୍ଡ । ପୂର୍ବଶତ୍ରୁତାରୁ ଏହା ଘଟିଛି। ଏହି ଘଟଣାରେ ଜଳପାଙ୍କେଲ ଗ୍ରାମର ଡୋଲାମଣି ରଣା ଓ ତାଙ୍କ ପୁଅ ମୁକେଶ ରଣାଙ୍କୁ ଗିରଫ କରାଯାଇଛି ବୋଲି ବୁଧବାର ସନ୍ଧ୍ୟାରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଜଳପାଙ୍କେଲ ଗ୍ରାମର ତପନ ବେମାଳଙ୍କ ପୁଅ ସୋମନାଥ ଘଟଣାଦିନ ଅପରାହ୍ଣ ପ୍ରାୟ ୪ଟା ସମୟରେ ଏକ ପାଚିଲା ଆତ ଧରି ଖେଳିବା ପାଇଁ ଘରୁ ବାହାରକୁ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଗ୍ରାମର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଅଜା ଦଲ ବେମାଲ ଲାଠୋର ଥାନାରେ ସୋମନାଥ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଗତ ଶୁକ୍ରବାର ସକାଳେ ଗାଁର କେତେଜଣ ଯୁବକ ଝଲିଆଲିଟି ଡୁଙ୍ଗୁରିରେ ସୋମନାଥଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ନାବାଳକ ଜଣକ ନିଖୋଜ ଥିବା ଦିନ ପୂର୍ଣ୍ଣିମା ଓ ଗର୍ଭଣା ସଂକ୍ରାନ୍ତି ଥିବାରୁ ତାଙ୍କୁ ବଳି ଦିଆଯାଇଥିବା କୁହାଯାଇଥିଲା। ଅପରପକ୍ଷରେ ୨୦୧୩ରେ ମଧ୍ୟ ଝଲିଆଲିଟି ଡୁଙ୍ଗୁରିରେ ମଧୁ ରଣା (୧୮) ନାମକ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ସେତେବେଳେ ଜବତ କରିଥିଲା। ସେହି ସମୟରେ ଏହା ମଧ୍ୟ ବଳି ବୋଲି ଚର୍ଚ୍ଚା ହୋଇଥିଲା। ସୋମନାଥଙ୍କ ମୃତଦେହ ସେହି ଡୁଙ୍ଗୁରିରୁ ମିଳିବା ପରେ ବଳି ଚର୍ଚ୍ଚା ଆହୁରି ଜୋର ଧରିଥିଲା। ସୋମନାଥଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତି ଥିବା ନେଇ ସେହି ଗାଁର ଡୋଲାମଣି ରଣାଙ୍କୁ ସନ୍ଦେହ କରାଯାଇଥିଲା। ପରିବାର ବର୍ଗଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରୁ ନାବାଳକଙ୍କ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତା ନେଇ ତଦନ୍ତ ଜାରି ରଖିଥିଲା। ତଦନ୍ତରୁ ଅଭିଯୁକ୍ତ ବାପ ପୁଅ ପୂର୍ବ ଶତ୍ରୁତାରୁ ସୋମନାଥଙ୍କୁ ଜଳପାଙ୍କେଲ ଝଲିଆଲିଟି ଡୁଙ୍ଗୁରି ପଟକୁ କୌଶଳ କ୍ରମେ ନେଇ ଯାଇଥିଲେ। ସେଠାରେ ଏକ ଶକ୍ତ ବାଡି ଓ ପଥର ଦ୍ୱାରା ପିଟି ମାରିଥିଲେ। ଏହାପରେ ସେମାନେ ମୃତ ନାବାଳକଙ୍କୁ ଏକ ଗାତ ଖୋଳି ପୋତିବାରେ ବିଫଳ ହୋଇଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ବାଡି ଓ ପଥର ଜବତ କରିଛି । ଅଭିଯୁକ୍ତ ବାପ ଡୋଲାମଣି ଓ ତାଙ୍କ ପୁଅ ମୁକେଶ ପୂର୍ବ ଶତ୍ରୁତାକୁ ନେଇ ସୋମନାଥଙ୍କୁ ମାରିଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ପୂଝାରୀ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓଙ୍କ ସମେତ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଓ ବଲାଙ୍ଗୀର ହେଡକ୍ୱାଟର ଏସଆଇ ଅଲେଖ ଗଡତିଆ ଉପସ୍ଥିତ ଥିଲେ।

# ବୀରମହାରାଜପୁରକୁ ହରାଇ ବୌଦ୍ଧ ସେମିରେ

**ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ**

ଅମରପାଲି,୨୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଗ୍ରାମରେ ଚାଲିଥିବା ୧୫ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ବୁଧୁବାର ତିନୋଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ସୋନପୁର ଓ ବୀରମହାରାଜପୁର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୫ ଉଇକେଟ ହରାଇ ୧୩୨ ରନ କରିଥିଲା। ଜବାବରେ ସୋନପୁର ଦଳ ୯ ଓଭରରେ ୭ ଉଇକେଟ ହରାଇ ୭୦ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବରଗଡ଼ ଓ ବୌଦ୍ଧ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ଼ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୦୨ରନ କରିଥିଲା। ଜବାବରେ ବୌଦ୍ଧ ୧୦ ଓଭରରେ ୯ ଉଇକେଟ ହରାଇ ଆବଶ୍ୟକ ୧୦୩ ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ବୀରମହାରାଜପୁର ଓ ଦିତୀୟ ମ୍ୟାଚ ବିଜେତା ବୌଦ୍ଧ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୩ ଉଇକେଟ ହରାଇ ୩୬ ରନ କରିଥିଲା। ଜବାବରେ ବୌଦ୍ଧ ଦଳ ୩୭ ରନକୁ ୧.୫ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ପାଇଁ ବୀରମହାରାଜପୁରର ଆକାଶ,ଦିତୀୟ ମ୍ୟାଚ ପାଇଁ ବୌଦ୍ଧର ରାକେଶ ଏବଂ ତୃତୀୟ ମ୍ୟାଚ ପାଇଁ ବୌଦ୍ଧର ଜଗତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

# ମଧୁମେହ ସମ୍ବନ୍ଧୀୟ ଅନ୍ଧତ୍ୱ ଦୂରୀକରଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଚକ୍ଷୁ ଚିକିତ୍ସକ ଓ ବିଶେଷଜ୍ଞ।

ଅମରପାଲି,୨୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟରେ ମଧୁମେହ ସମ୍ବନ୍ଧୀୟ ଅନ୍ଧତ୍ୱଦୂରୀକରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତର ୨ଶହ ଚକ୍ଷୁ ଚିକିତ୍ସକ ଓ ବିଶେଷଜ୍ଞ ଯୋଗଦେଇଥିଲେ। ଚାରୋଟି ପର୍ଯ୍ୟାୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ କର୍ମଶାଳାରେ ଡ.ସୁବଳ କିଶୋର କର ଅଧ୍ୟକ୍ଷତା କରିଥିଲେ। ଡ.ଏସ୍‌ସି ଦାନି, ଡ.ସୁକାନ୍ତ ପାଣିଗ୍ରାହୀ, ଡ.ଉଷାରାଣୀ ଦାସ ପେନାଲିଷ୍ଟ ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ.ଶର୍ମିଷ୍ଠା ବେହେରା କର୍ମଶାଳାକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର ଜୟଶ୍ରୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଡ.ପ୍ରଶାନ୍ତ କୁମାର ପଣ୍ଡା, ଡ.ହର୍ଷିତ ପାତ୍ର, ଡ.କଲ୍ୟାଣୀ ପାତ୍ର ମତବ୍ୟକ୍ତ କରିଥିଲେ। ତୃତୀୟ ପର୍ଯ୍ୟାୟ କର୍ମଶାଳାରେ ପ୍ରଫେସର ରାଜେନ୍ଦ୍ର ବେହେରା ଅଧ୍ୟକ୍ଷତା ଲରିଥିଲେ। କର୍ମଶାଳାରେ ପ୍ରଫେସର ଶ୍ରୀମନ୍ତ ବେହେରା, ଡ.ଶିବ ପ୍ରସାଦ ସାହୁ ଓ ଡ.ପ୍ରଣମିତା ପୂଝାରୀ ଆଲୋଚନା କରିଥିଲେ। ଡ.ଜିଜ୍ଞାଂଶୁ ଅଗ୍ନିହୋତ୍ରୀ ଉକ୍ତ କର୍ମଶାଳାକୁ ସଂଯୋଜନା କରିଥିଲେ। ଚତୁର୍ଥ ପର୍ଯ୍ୟାୟ କର୍ମଶାଳାରେ ପ୍ରଫେସର ସଚଳା ଭୋଇ ଅଧ୍ୟକ୍ଷତା କରିଥିଲେ। ଡ.ସମୀର ପାତ୍ର, ଡ.ଜୟନ୍ତି ପଟେଲ ଓ ଡ.ପ୍ରଣତି ସାହୁ ଆଲୋଚକ ଥିଲେ। ଆଲୋଚନାଚକ୍ରରେ ମଧୁମେହ ସମ୍ବନ୍ଧୀୟ ଚକ୍ଷୁ ଚିକିତ୍ସା ପ୍ରଣାଳି ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ମହାନଦୀ ନେତ୍ର ଚିକିତ୍ସାଳୟ ଅଧୀକ୍ଷକ ଡ.ଦେବେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳା ପରିଚାଳନାରେ ମହାନଦୀ ନେତ୍ର ଚିକିତ୍ସାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ସୋନପୁର,୨୩।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ଖଲିଆପାଲିଠାରେ ବିକେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ଶଙ୍କର ପ୍ରାସାଦ ସାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋନପୁର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପଦଯାତ୍ରାରେ ଯୋଗଦେଇ ବିଜେଡି ସରକାର ସମୟରେ ପ୍ରଣୟନ ହୋଇଥିବା ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହା ସହ ନବୀନ ସରକାରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ସେଥିପାଇଁ ନବୀନ ପଟ୍ଟନାୟକ ସବୁ ବେଳେ ଓଡିଶାବାସୀଙ୍କ ହୃଦୟରେ ରହିଛନ୍ତି ଓ ଆଗାମୀ ଦିନରେ ମଧ୍ୟ ରହିବେ ବୋଲି ପୂଜାରୀ କହିଥିଲେ। ବିଜେଡ଼ି ଜିଲା ସଭାପତି ସରୋଜ କମ୍ପ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ରାଜ୍ୟ ମହିଳା ବିଜେଡ଼ି ସମ୍ପାଦିକ ମିନତୀ ସାହୁ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଯୁବ ବିଜେଡ଼ି ଜିଲା ସଭାପତି ଅଶୋକ ନନ୍ଦ, ପୂର୍ବତନ ସରପଞ୍ଚ ବସୁଦେବ ରଣା, ପ୍ରାକ୍ତନ ନଗରପାଳ କଇରୁ ସୱାଇଁ, ଅଭିମନ୍ୟୁ କୁଶଳଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ କର୍ମକର୍ତ୍ତା, ସମସ୍ତ ପଞ୍ଚାୟତର ଜନପ୍ରତିନିଧିମାନେ ଖଲିଆପାଲି ପଞ୍ଚାୟତ ଛକ ଠାରୁ ଭୀମଭୋଇ ସମାଧିପୀଠ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।



ପଦଯାତ୍ରାରେ ସାମିଲ ବିଜେଡି ନେତା ଓ କର୍ମୀ।

# ଗଜଲକ୍ଷ୍ମୀ ପୂଜା ଅବସରରେ ନାଟକ ପରିବେଷଣ

ଅମରପାଲି,୨୩।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜାରେ ବୁଧବାର ରାତିରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ସାମାଜିକ ନାଟକ 'ସବୁ ପର ଏଠି ଲୁହ ନିଜର' ପରିବେଷଣ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, କମିରା ସରପଞ୍ଚ ଅନୁସୂୟା ପଧାନ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଖଣ୍ଡହତା ସମିତି ସଭ୍ୟ ବିନୋବା ନନ୍ଦ ପଧାନ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଶିକ୍ଷକ ତଥା ନାଟ୍ୟ ନିର୍ଦ୍ଦେଶକ ରଞ୍ଜିତ ମିଶ୍ର, ସ୍ୱେଚ୍ଛାସେବୀ ସପନ ପଧାନ, ପ୍ରମୋଦ ସାହୁ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନେ ଯୁବକମାନଙ୍କ ଏକତାକୁ ପ୍ରଶଂସା କରିବା ସହିତ ଏକଜୁଟ ହୋଇ କାମ କରିବାକୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଶରତ ଭୋଇ ସଭା ପରିଚାଳନା କରିଥିବା ବେଳେ ସୁଭାଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଞ୍ଚଳର କେତେକ ସ୍ୱେଚ୍ଛାସେବୀ, କଳାକାରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନାଟକରେ ବିଭିନ୍ନ ଭୂମିକାରେ ଗୋବର୍ଦ୍ଧନ ସାହୁ, ପ୍ରକାଶ ଦାସ, ହିମାଂଶୁ କର୍ମୀ, ପ୍ରକାଶ ବଢେଇ, ମୁରଲୀଧର ପ୍ରଧାନ, ତ୍ରିପୁରାରୀ ଠାକୁର, ସୁଦାମ ମେଣ୍ଡିଲି, ଆଶୁତୋଷ ପଣ୍ଡା, ନରେନ୍ଦ୍ର କର୍ଣ୍ଣ, ସୁଶୀଲ ଭୋକ୍ତା ଅଭିନୟ କରିଥିଲେ। ଗୋବର୍ଦ୍ଧନ ସାହୁ ନାଟକର ନିର୍ଦ୍ଦେଶନା ଦେଇଥିଲେ।



ପରିବେଶିତ ନାଟକର ଏକ ଦୃଶ୍ୟ।

# ଜଳିଗଲା ଟ୍ରକ୍, ବର୍ତ୍ତିଲେ ଚାଳକ



**ଲହୁଣୀପଡା,୨୩।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚମ୍ପାଝରଣ ମନ୍ଦିର ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୨ ଟାରେ ଏକ ଲୁହାପଥର ବୋଝେଇ ଚଳନ୍ତି ଟ୍ରକରେ ନିଆଁ ଲାଗିଯାଇଥିଲା। ଟ୍ରକଟି ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ସୂଚନାରୁ ପ୍ରକାଶ, ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକ ରାଉରକେଲା ପଟେ ଯାଉଥିବା ବେଳେ ଚମ୍ପାଝରଣ ନିକଟରେ ହଠାତ ଟ୍ରକ ଭିତରୁ ଧୂଆଁ ବାହାରିବା ସହ ନିଆଁ ଲାଗି ଯାଇଥିଲା। ଏହା ଜାଣିପାରି ଚାଳକ ଗାଡି ଛିଡା କରି ତଳକୁ ଓହ୍ଲେଇ ଆସିଥିଲେ। ଚାନ୍ଦିପୋଷ ପୋଲିସ ଖବର ପାଇବା ସହିତ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଜିଲ୍ଲା ବିକାଶରେ ଜନ ପ୍ରତିନିଧି, ଅଧିକାରୀ କାର୍ଯ୍ୟ କରିବା ନେଇ ଗୁରୁତ୍ୱ

ସୁନ୍ଦରଗଡ଼,୨୩।୧୦(ଜୟ ନାରାୟଣ ମେଣ୍ଟୁଳି)




ବୈଠକରେ ଏମପିଙ୍କ ସହ ଅନ୍ୟ ଅଧିକାରୀମାନେ।

ସ୍ଥାନୀୟ ବିକାଶ ଭବନଠାରେ ଷଷ୍ଠ ଜିଲା ପରିଷଦର ପଞ୍ଚମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମପି ଜୁଏଲ ଓରାମ, ଓଡ଼ିଶା ବିଧାନସଭା ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂହ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲାପାଳ ମନୋଜ ମହାଜନ, ଜିଲା ପରିଷଦ ଉପାଧକ୍ଷ କମଲ କୁମାର ଲାକ୍ରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦେଇ ଜିଲାରେ ଚାଲୁଥିବା ବିଭିନ୍ନ ବିଭାଗର ଯୋଜନା, ପ୍ରକଳ୍ପ କାର୍ଯ୍ୟ ଏବଂ ଏହାର କାର୍ଯ୍ୟକାରିତା, ଅଗ୍ରଗତି ସହ ଜିଲାର ବିକାଶ ନିମନ୍ତେ ଏହାକୁ କିପରି ତ୍ୱରାନ୍ୱିତ କରାଯିବ ତାହା ଉପରେ ଆଲୋଚନା କରିଥିଲେ। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧକ୍ଷା ପ୍ରଧାନ ନିଜ ବକ୍ତବ୍ୟ ରଖି ଜିଲାର ବିକାଶ ନିମନ୍ତେ ଜନ ପ୍ରତିନିଧି ଏବଂ ଅଧିକାରୀମାନେ ମିଳିମିଶି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସମସ୍ତ ଜନ ପ୍ରତିନିଧିମାନେ ଜିଲାର ବହୁବିଧ ସମସ୍ୟା ଉପରେ ଆଲୋକପାତ କରିବା ସହ ଏହି ସବୁ ସମସ୍ୟା ଗୁଡ଼ିକର ଉଚିତ ସମାଧାନ କରିବା ଦିଗରେ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ। ବିଶେଷ କରି ପ୍ରତ୍ୟେକ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ହେବା ସହ ସ୍ୱାସ୍ଥ୍ୟ,

**ଷଷ୍ଠ ଜିଲା ପରିଷଦର ପଞ୍ଚମ ବୈଠକ**

ଶିକ୍ଷା ଏବଂ ଗମନାଗମନ ବ୍ୟବସ୍ଥା ଉପରେ ମଧ ଧ୍ୟାନ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଲୋକମାନଙ୍କ ନିମନ୍ତେ ଉନ୍ନତ ସ୍ୱାସ୍ଥ୍ୟ ସେବା, ଉତ୍ତମ ଶିକ୍ଷା ବ୍ୟବସ୍ଥା, ଭଲ ରାସ୍ତା ଘାଟ, ବିଶୁଦ୍ଧ ପାନୀୟ, ଉନ୍ନତ ପଦ୍ଧତିରେ କୃଷି ବ୍ୟବସ୍ଥା ଆଦି ଯେଭଳି ସହଜରେ ଉପଲବ୍ଧ ହେବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲାପାଳ ମନୋଜ ମହାଜନ କହିଥିଲେ, ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସୁନ୍ଦରଗଡ଼ ଜିଲାକୁ ରାଜ୍ୟରେ ପୁରସ୍କୃତ କରାଯାଇଛି। ସେହିପରି ଜିଲାପାଳ ମହାଜନ ଜିଲା ଖଣିଜ ପାଣ୍ଠି ଦ୍ୱାରା ଜିଲାରେ ହାତକୁ ନିଆଯାଇଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ ଆଦି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବିଭାଗ ଦ୍ୱାରା ଚାଲୁ ଥିବା ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଜନ ପ୍ରତିନିଧି, ଉପଜିଲାପାଳ, ବନଖଣ୍ଡ ଅଧିକାରୀ, ସମ୍ପନିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କିରିଙ୍ଗସିରାରେ ୮୯ତମ ଇନ୍ଦ ଯାତ୍ରା

କୁତ୍ରା,୨୩।୧୦(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ କିରିଙ୍ଗସିରାରେ ୮୯ତମ ଇନ୍ଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କିରିଙ୍ଗସିରା ସରପଞ୍ଚ ମଲ୍ଲି କୁଜୁର, ଗ୍ରାମର ଗୌନ୍ତିଆ ଗଙ୍ଗାଧର ସିଂ,ପୂର୍ବତନ ସରପଞ୍ଚ ରମେଶ ଏକ୍କା, ନାଏକ ସରପଞ୍ଚ ରମେଶ ଚେରୁଆ, ବିରେନ୍ଦ୍ର କୁଜୁର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଆଦିବାସୀ,ସଂସ୍କୃତି ଭାଇଚାରାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଗାମୀ ପିଢ଼ୀ ମଧ ଏହିଭଳି ଭାବେ ଆଗେଇ ନେବା ପାଇଁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ସଭାକାର୍ଯ୍ୟକୁ ମିଶ୍ର ଗନ୍ଧା ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ପାରମ୍ପାରିକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ପରେ ଏକ ଶାଦ୍ରୀ ଅରକେଷ୍ଟ୍ରାରେ ଲୋକେ ଝୁମି ଉଠିଥିଲେ। ପ୍ରକାଶ ଥାଉକି,ଏହି ଇନ୍ଦ ଯାତ୍ରା ୧୯୩୫ ମସିହାରୁ ଆରମ୍ଭ ହୋଇଛି। ଏହାଏକ ଆଦିବାସୀ ପର୍ବ। ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀ ଭାଇମାନେ ବର୍ଷ ତମାମ କଠିନ ପରିଶ୍ରମ କରି ଗ୍ରାମଦେବୀ ଆର୍ଶୀବାଦରୁ ଗ୍ରାମର ଚତୁଃପାର୍ଶ୍ୱରେ ଧାନର ସବୁଜ ଓ ରୋଗ ବ୍ୟାଧିରୁ ରକ୍ଷା ପାଇବା ପାଇଁ କାଲୋ ଅଥବା ଗ୍ରାମର ଗୌନ୍ତିଆ ମାଧ୍ୟମରେ ପୂଜା ଅର୍ଚ୍ଚନା କରାଯାଇଥାଏ। ଏହି ଉତ୍ସବରେ ମୁଖ୍ୟ ରୂପେ ରଉତିଆ, ଭକ୍ତା, ଚିକ, ଘାସି, କିଶାନ, ଓରାମ, ଖଡ଼ିଆ, ମୁଣ୍ଡା,ବିଞ୍ଝିଆ, ଖେରୁଆ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ଯୋଗଦେଇଥାନ୍ତି। ସମସ୍ତ ସମ୍ପ୍ରଦାୟର ଲୋକମାନେ ନିଜେ ନିଜ ଭାଷାର ଝୁମରୀ, ଅଙ୍ଗନୀ, ଫଗୁଆ, ଏବଂ ବିଶେଷ କରି ଓରାମ ମାନେ କକୁରୁ ନାଚ, ମୁଣ୍ଡା ମାନେ ରାଟା ନାଚ, ଖଡ଼ିଆମାନେ ଖଡ଼ିଆ ନାଚ ଏବଂ କିସାନମାନେ କିସାନ ନାଚ ପ୍ରଦର୍ଶନ କରିଥାନ୍ତି। ଏହି ଉତ୍ସବରେ ପୂର୍ବେ ଲୋକମାନେ ହାଣ୍ଡିଆ ମଦ ପିଇ ଗ୍ରାମର ଏକ ଖୋଲା ସ୍ଥାନରେ ନାଚ ଗୀତ କରୁଥିଲେ। ତା ପର ଦିନ ଘରେ ଘରେ କୁକୁଡ଼ା ଖାସି ମାରି ଭୋଜିଭାତ କରୁଥିଲେ। କିନ୍ତୁ ଆଜି ତାହା ପରିବର୍ତ୍ତନ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଯାତ୍ରା କମିଟିର ଜଗଦେବ ସିଂ, ରମେଶ କଣ୍ଟିଆ, ସୁରଜନ ନାଏକ, ଦେବେନ୍ଦ୍ର ସିଂ, ରୋହିତ ନାଏକ, ସକୁନ୍ଦ ନାଏକ, ଦୁସାସନ ଗନ୍ଧା ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ମିଶ୍ର ଗନ୍ଧା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ କମିଟି ସମ୍ପାଦକ ବିକ୍ରମ ସିଂ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ମଞ୍ଚାସୀନ ଅତିଥିମାନେ।

# ଟ୍ରକ ମାଲିକ ସଂଘ ବୈଠକ

ସୁନ୍ଦରଗଡ,୨୩।୧୦(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ବୁଧବାର ମିଳିତଭାବେ ଟ୍ରକ ମାଲିକ ସଂଘ(ୟୁସିଟିଓଏ)ର ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମିଳିତ ଟ୍ରକ ମାଲିକ ସଂଘର କୋର୍ଡିନେଟର ବଟକିଶୋର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ (ଏସଟିଓଏ)ର ସଭାପତି ରିତେଶ ପଟେଲ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସିଂ, ସମ୍ପାଦକ ରମଣୀ ରଞ୍ଜନ ଯୋଶୀ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ(ଜେଜେଟିଏ)ଅଧକ୍ଷ ସଞ୍ଜୟ ନନ୍ଦ, ସଭାପତି ସଞ୍ଜୟ ପୋଦ୍ଦ, ଉପଦେଷ୍ଟା ଲଲାଟ ପରିଡା, ବିସ୍ଥାପିତ ଗାଡି ମାଲିକ ସଂଘ(ବିଜିଏମଏସ)ର ସଭାପତି ଗୋପାଳ ପ୍ରଧାନ, ସମ୍ପାଦକ ଯୁଧିଷ୍ଠିର ଗିଁଡିଲି, ଉପଦେଷ୍ଟା ବଷ୍ଟି ଡାଲମିଆ, ଗିରିଶ ଚନ୍ଦ୍ର ସାହୁ, ଗାଙ୍ଗପୁର ମଲ୍ଟି ଟ୍ରକ ଓନର୍ସ ଆସୋସିଏଶନ(ଜିଏମ ଟିଓଏ)ର ସୁକୁମାର ପଣ୍ଡା,ପର୍ଶୁରାମ ହରାଫଙ୍କ ସମେତ ସମସ୍ତ ସଂଘର ଉପଦେଷ୍ଟା, କର୍ମକର୍ତ୍ତାଙ୍କ ସହ ୫୦୦ରୁ ଉର୍ଦ୍ଧ୍ୱ ମାଲିକ ଓ ସଭ୍ୟ ଯୋଗ ଦେଇଥିଲେ। ବୈଠକରେ କୋଇଲା ଲୋଡିଂ ଓ ପରିବହନ ଏବଂ ସିଆରମାଲ କୋଇଲା ଖଣି ପ୍ରକଳ୍ପ ଉପରେ ଆଲୋଚନା କରି ୫୦ ପ୍ରତିଶତ ରୋଡ ସେଲ କୋଇଲା ପରିବହନ ପାଇଁ ଦାବିପତ୍ର ଖଣି କର୍ତ୍ତୃପକ୍ଷଙ୍କୁ ଦେବାକୁ ନିଷ୍ପତ୍ତି ହୋଇଛି। ଅନ୍ୟଥା ସଙ୍ଗଠନଗୁଡ଼ିକ ପକ୍ଷରୁ ଜନ ଆନ୍ଦୋଳନ ପାଇଁ ଚେତାବାନୀ ଦିଆଯାଇଛି।




ବୈଠକରେ ସଂଘ କର୍ମକର୍ତ୍ତା।

# ଡିଏଭି ଜୋନାଲ କରାଟେ ପ୍ରତିଯୋଗିତାରେ ଟେନ୍ସାକୁ ୨ ସ୍ୱର୍ଣ୍ଣ




ସ୍ୱର୍ଣ୍ଣ ପଦକ ବିଜେତା ୨ ପ୍ରତିଯୋଗୀ।

ଟେନସା,୨୩।୧୦(ସମୀର କୁମାର ପାଢ଼ୀ)

ଝାରସୁଗୁଡା ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଡିଏଭି ଜୋନାଲ ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଟେନସାର ୩ ଜଣ ଛାତ୍ରୀ ଶୁଭଶ୍ରୀ ଶୁଭ୍ରଜ୍ୟୋତି ନାଥ, ରାଧାରାଣୀ କର ଓ ସାଇଶ୍ରୀଷ୍ଟି ରଣା ପ୍ରମୁଖ ଭାଗ ନେଇଥିଲେ। ସେଥି ମଧ୍ୟରୁ ଶୁଭଶ୍ରୀ ଓ ରାଧାରାଣୀ ନିଜ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ୨ ଟି ସ୍ୱର୍ଣ୍ଣ ପଦକ ହାସଲ କରି ସ୍କୁଲ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏଥିସହିତ ଏହି ୨ ଜଣ ଛାତ୍ରୀ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଡିଏଭି ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଛାତ୍ରୀଙ୍କ ଏହି ସଫଳତା ପାଇଁ ସ୍କୁଲ ପ୍ରଶାସନ ତଥା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଏବଂ ଟେନସା ଗ୍ରାମ ପଞ୍ଚାୟତର ସରପଞ୍ଚ ଅନିତା ପୂର୍ତ୍ତୀ ପ୍ରମୁଖ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।ଏହିସମସ୍ତ ଛାତ୍ରୀ କରାଟେ ପ୍ରଶିକ୍ଷକ ତଥା ଜାତୀୟ କରାଟେ ବିଚାରକ ରଞ୍ଜନ ପାତ୍ରଙ୍କ ନିକଟରୁ କରାଟେ ଶିକ୍ଷା ଲାଭ କରୁଛନ୍ତି।

# ରୁଙ୍ଗ୍‌ଟା ପକ୍ଷରୁ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ

ଟେନସା,୨୩।୧୦(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କୁସୁମୁଣ୍ଡିଠାରେ ଥିବା ମେସର୍ସ ରୁଙ୍ଗଟା ଷ୍ଟିଲ ଲିମିଟେଡ କମଣ୍ଡ ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଖଣି ଅଞ୍ଚଳ ମହିଳାଙ୍କୁ ଆତ୍ମନିର୍ଭରଶୀଳ ସହ ସ୍ୱାବାଲମ୍ବୀ କରିବା ଦିଗରେ ପ୍ରୟାସ କରି ପ୍ଲାଣ୍ଟ ନିକଟସ୍ଥ କୁସୁମୁଣ୍ଡି ଗ୍ରାମର ମହିଳାଙ୍କୁ ସିଲେଇ ମେଶିନ ସହ ସିଲେଇ କାର୍ଯ୍ୟରେ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଛି। ଏଥିରୁ ଉପାର୍ଜନ ଓ ବ୍ୟବସାୟ ଭାବେ ଗ୍ରହଣ କରିବା ପାଇଁ ଅଭିଜ୍ଞ ପ୍ରଶିକ୍ଷକ ଦ୍ୱାରା ତାଙ୍କୁ ତାଲିମ ପ୍ରଦାନ କରାଯାଉଛି। କମଣ୍ଡ ପ୍ଲାଣ୍ଟ ପକ୍ଷରୁ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କମ୍ପାନୀ ପକ୍ଷରୁ ପ୍ରୟାସ ସବୁବେଳେ ଜାରି ରହିଛି ବୋଲି କମଣ୍ଡ ପ୍ଲାଣ୍ଟ ଉପସଭାପତି ପ୍ରଣୟ ଦେଓ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଜିଏମ ଜିତେନ୍ଦ୍ରିୟ ପ୍ରଧାନ, ବରିଷ୍ଠ ଅଧିକାରୀ ବି ଆର ମିଶ୍ର, ଅନିଲ ବାରିକ, ଅନୁପ ରଥ ପ୍ରମୁଖ ଉପସ୍ଥିତ ରହି ପରିଚଳନା କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

# ସନ୍ଦେହଜନକ ଅବସ୍ଥାରେ ନର୍ସଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା, ୨୩।୧୦(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ହୋଣ୍ଡା ସୋରୁମ ଉପରେ ନର୍ସିଂ ହଷ୍ଟେଲରୁ ବୁଧବାର ଜଣେ ନର୍ସଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ମୃତା ହେଉଛନ୍ତି ବାଲେଶ୍ୱରର ବିଜୟଲକ୍ଷ୍ମୀ ବେହେରା (୨୨)। ମୃତଦେହ ଆରଜିଏଚ୍ ମର୍ଗ ହାଉସରେ ରଖାଯାଇଥିବା ବେଳେ ପୋଲିସ ମାମଲା(ନଂ.୧୧୨/୨୪) ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବିଜୟଲକ୍ଷ୍ମୀ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟରତ ଥିଲେ। ସେ ହୋଣ୍ଡା ସୋ'ରୁମ ଉପରେ ଥିବା ହଷ୍ଟେଲରେ ରହୁଥିଲେ। ମଙ୍ଗଳବାର ରାତିରେ ତାଙ୍କ ରୁମ ମେଟ ଡ୍ୟୁଟିରେ ଯାଇଥିଲେ। ବୁଧବାର ସକାଳେ ବିଜୟଲକ୍ଷ୍ମୀଙ୍କ ଫ୍ୟାନରେ ଚୁନିରେ ଫାଶୀଲଗା ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ରୁମ୍‌ର କବାଟ ଖୋଲା ଥିଲା।

# ରାଜଗାଙ୍ଗପୁର ମହୋତ୍ସବ ଝରଝରାର ଅଫିସ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଜଗାଙ୍ଗପୁର,୨୨।୧୦(ଅଶୋକ ପାଣି)

ରାଜଗାଙ୍ଗପୁର ଲୋକ ମହୋତ୍ସବ ଝରଝରା ଡିସେମ୍ବରରେ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଥିବା ବେଳେ ମଙ୍ଗଳବାର କମ୍ୟୁନିଟି ସେଣ୍ଟରଠାରେ ଅଫିସ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଅତିଥିଭାବେ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ,ତହସିଲଦାର ଜଗବନ୍ଧୁ ମଲ୍ଲିକ ଯୋଗଦେଇଥିଲେ। ଝରଝରା କମିଟିର ସଭାପତି ଆନନ୍ଦ ଅଗ୍ରୱାଲ (ପପୁ ବାବୁ), ଉପଦେଷ୍ଟା ସୁମନ ଦତ୍ତ, ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅତିଥିଙ୍କ ସହ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସଭାପତି ସ୍ୱାଗତ ଭାଷଣ ରଖିଥିଲେ। ସମ୍ପାଦକ ଅଶୋକ ଦାସ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏସଡିପିଓ ଓ ତହସିଲଦାର ଏହି ମହୋତ୍ସବକୁ ସଫଳ ରୂପାୟନ ଦେବାପାଇଁ ସହଯୋଗ କରିବା ପାଇଁ ମତ ବ୍ୟକ୍ତ କରିଥିଲେ। ଉପଦେଷ୍ଟା ନିଜ ବକ୍ତବ୍ୟରେ ମହୋତ୍ସବ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଘଟିଥିବା ବିଭିନ୍ନ ଘଟଣାବଳୀ ଉପରେ ସୂଚନା ଦେଇଥିଲେ। ଉପସଭାପତି ଆସଫାକ ଗୁଞ୍ଜା ସମସ୍ତଙ୍କର ସହଯୋଗରେ ଚଳିତ ବର୍ଷ ମହୋତ୍ସବ ବିଗତ ବର୍ଷ ଅପେକ୍ଷା ଆହୁରି ସୁନ୍ଦର ହେବ ବୋଲି ଆଶା ରଖିଥିଲେ। କମିଟିର ସଦସ୍ୟମାନେ ମଧ ଚଳିତବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ମତାମତ ଦେଇଥିଲେ। ଶେଷରେ ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଚଳିତ ବର୍ଷ ହେବାକୁ ଥିବା ମହୋତ୍ସବ ୧୫ତମ ବର୍ଷରେ ପଦାର୍ପଣ କରିବ।

# ବାଲ୍ୟବିବାହ ବିଲୋପ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୩।୧୦(ଜୟ ନାରାୟଣ ମେଣ୍ଟୁଳି):** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ଜିତା ଅନୁଷ୍ଠାନର ଆୟୋଜନରେ ଓ କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନସ ଫାଉଣ୍ଡେଶନ ସହାୟତାରେ ବାଲ୍ୟବିବାହ ବିଲୋପ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬, ବାଲ୍ୟବିବାହର କୁ ପରିଣତି, ସମାଜରେ ନିଜକୁ କିପରି ଶିକ୍ଷା ଦ୍ୱାରା ପ୍ରତିଷ୍ଠିତ କରିବା ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବାଲ୍ୟବିବାହକୁ କିପରି ରୋକିବା, ଭବିଷ୍ୟତରେ ଅନ୍ୟମାନଙ୍କୁ ମଧ ଏ ଦିଗରେ ସଚେତନ କରାଇବା, ଆମର ଲକ୍ଷ୍ୟ ୨୦୩୦ ସୁଦ୍ଧା ଆମ ଦେଶକୁ ବାଲ୍ୟବବାହ ମୁକ୍ତ କରିବା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ଅଞ୍ଜନ କୁମାର ନାଏକ ଉପସ୍ଥିତ ଛାତ୍ରୀଛାତ୍ର, ଗୁରୁଜୀ ଗୁରୁମା ଓ ଜିତା ଅନୁଷ୍ଠାନର ମଧୁସ୍ମିତା ମହାପାତ୍ରଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଧାନ ଗୁରୁଜୀ ସୁନୀଲ ଚୌଧୁରୀ ଓ ଅନ୍ୟ ଗୁରୁଜୀ ଗୁରୁମା ମଧ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ତନୁଜା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଠକ ପରେ ଫିଟିଲାନି ସମାଧାନ ବାଟ

- ଦ୍ୱିତୀୟ ଦିନରେ ଖଣି ସମ୍ମୁଖରେ ବିକ୍ଷୋଭ ଜାରି
- ଠପ ରହିଛି ପରିବହନ, ଖଣି ଉତ୍ତୋଳନ

ଟେନସା,୨୩।୧୦(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟର ଅନ୍ତର୍ଗତ ଆର୍ସେଲ ମିତ୍ତଲ ସେଗାସାହି ମାଇନ୍ସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ କରାଯାଇଥିଲା। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁର ୫ ହଜାରରୁ ଅଧିକ କର୍ମୀ ବିଶାଳ ଧାରଣାରେ ବସିବା ସହ ପୋଷ୍ଟର, ବ୍ୟାନର୍, ପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଇପ ଲାଇନରେ କଞ୍ଚାମାଲ ପରିବହନକୁ ବନ୍ଦ କରିବା, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ୬ଟି ରେଲୱେ ସାଇଡିଂକୁ ଲୁହାପଥର ଯୋଗାଇବା, କୋଇଡାରୁ କଳମଙ୍ଗ କଂକ୍ରିଟ ରାସ୍ତା ନିର୍ମାଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଠାରୁ ଆଲୋକୀକରଣ ଆଦି ୧୨ ଦଫା ଦାବି ନେଇ ଆନ୍ଦୋଳନରେ ବସିଥିଲେ। ସମାଧାନ ପାଇଁ ବଣାଇଁ ଉପଜିଲାପାଳ କାର୍ଯ୍ୟାଳୟଠାରେ ଉପଜିଲାପାଳଙ୍କ ଅଧକ୍ଷତାରେ ବିଧାୟକ କର୍ମୀ ଓ ଖଣି ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ବହୁ ତର୍କବିତର୍କ ପରେ ମଧ ସମାଧାନର ବାଟ ଅଥବା ଲିଖିତ ପ୍ରତିଶ୍ରୁତି ନ ମିଳିବାରୁ ବୁଧବାର ହଜାର ହଜାର କର୍ମୀଙ୍କୁ ନେଇ ଖଣି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଫଳସ୍ୱରୂପ ଖଣି ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ଭାବେ ଠପ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ଜାରି ରହିବ ବୋଲି ବିଧାୟକ କହିଛନ୍ତି।



ଧାରଣାରେ ବସିଥିବା ସିଆଇଟିୟୁର କର୍ମକର୍ତ୍ତା।

# ହକି ପ୍ରତିଯୋଗିତା ଉଦ୍‌ଯାପିତ

**ସୁନ୍ଦରଗଡ଼ର ଉଭୟ ବିଭାଗରେ ବାଳିକା, ବାଳକ ଦଳ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ**

ସୁନ୍ଦରଗଡ଼,୨୩।୧୦(ଜୟ ନାରାୟଣ ମେଣ୍ଟୁଳି)



ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ ଓ ୧୪ ବର୍ଷରୁ କମ ବାଳିକା ଓ ବାଳକ ହକି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଉଭୟ ବିଭାଗରେ ବାଳିକା ଓ ବାଳକ ଦଳ ଜାତୀୟସ୍ତରରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ କୃତି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ୧୭ ବର୍ଷରୁ କମ ଏହି ବୃତାନ୍ତ ପ୍ରତିଯୋଗିତାରେ ବାଳିକା ବିଭାଗରେ ସୁନ୍ଦରଗଡ଼ ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଦଳ ୧୦-୦ ରେ ବିଜୟ ଲାଭ କରିଥିଲା। ବାଳକ ବିଭାଗରେ ସୁନ୍ଦରଗଡ଼ ଓ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ୫-୦ରେ ବିଜୟୀ ହୋଇଥିଲା। ସେହିପରି୧୪ ବର୍ଷରୁ କମ ବାଳକ ବିଭାଗ ସୁନ୍ଦରଗଡ ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଦଳ ୫-୦ରେ ବିଜୟ ଲାଭ କରିଥିଲା। ସେହିପରି ବାଳିକା ବିଭାଗ ସୁନ୍ଦରଗଡ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ସୁନ୍ଦରଗଡ ଦଳ ୧୦-୦ରେ ବିଜୟୀ ହୋଇଥିଲା। ସେହିପରି ତିରନ୍ଦାଜି ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବାଳକରେ କେନ୍ଦୁଝର ଜିଲାର ବିଜ୍ଞ୍ୟାନନ୍ଦ ମହାନ୍ତ ଓ ଦିଲ୍ଲୀପ କାନ୍ଦୁଲନା ପ୍ରଥମ ଓ ଦ୍ୱିତୀୟ, କୋରାପୁଟ ଜିଲାର କରନ ବିଶି ମାଝୀ ଓ ପ୍ରତାପ ରୂପ ମାଝୀ ଜାତୀୟସ୍ତର ପାଇଁ ଚୟନ ହୋଇଛନ୍ତି। ସେହିପରି ୧୪ ବର୍ଷରୁ କମ ବିଭାଗରେ ଭୁବନେଶ୍ୱରର ରିଷମା ମଲ୍ଲିକ ଓ ମଣିଷ ଗୁଣ୍ଡା ଯଥାକ୍ରମେ ପ୍ରଥମ ଓ ତୃତୀୟ ହୋଇଥିବା ବେଳେ ସୁନ୍ଦରଗଡ଼ କସ୍ତୁରୀ ମୁଣ୍ଡୁ ଦ୍ୱିତୀୟ ସ୍ଥାନ ଅଧିକାର କରି ଜାତୀୟ ସ୍ତର ପାଇଁ ଚୟନ ହୋଇଛନ୍ତି। ବରେଣ୍ୟ ଅତିଥିଭାବେ ସୁନ୍ଦରଗଡ ପୌରପାଳିକା ଅଧକ୍ଷା ତନୟା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ପରିଷଦ ଉପାଧକ୍ଷ କମଲ ଲାକ୍ରା, ଜିଲା କ୍ରୀଡା ଅଧିକାରୀ ବିଶ୍ୱ କେଶନ ପାଣ୍ଡେ, ସୁନ୍ଦରଗଡ଼ ଜିଲାକ୍ରୀଡା ସାଂସଦ ସମ୍ପାଦକ ପ୍ରଭାତ ଭୋଳ, ସହକାରୀ ନିର୍ଦ୍ଦେଶକ କ୍ରୀଡା ପ୍ରାଧିକାରଣ ସୁଦୀପ୍ତ ନାଏକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ରମୋହନ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ସୁନ୍ଦରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ସାହୁଙ୍କ ସମେତ ରାଜ୍ୟ ଶାରିରୀକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡା ଯୋଗଦେଇଥିଲେ। ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପଟେଲ ସମସ୍ତ ପ୍ରୋଗ୍ରାମର ପୁରୋଧା ଭାବେ କାର୍ଯ୍ୟ ନିଭାଇ ଥିଲେ। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ମଞ୍ଚ ପରିଚାଳନା କରିଥିଲେ। ଚୟନ ହେଇଥିବା ପ୍ରତିଯୋଗୀ ହରିୟାଣା ଓ ମଧ୍ୟପ୍ରଦେଶ ଯିବେ। ଶେଷରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସମସ୍ତ ବିଭାଗ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୋଲିସ ଉପସ୍ଥିତିରେ ମନ୍ଦିରରେ ପ୍ରେମୀଯୁଗଳଙ୍କ ବାହାଘର



ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ବିବାହରେ ପ୍ରତିବନ୍ଧକ ସାଜିଥିଲେ ପରିବାର। ମାତ୍ର ପୋଲିସ ଉପସ୍ଥିତିରେ ପ୍ରେମୀଯୁଗଳଙ୍କ ହେଲା ବାହାଘର। ଦେବଗଡ ପୌରାଞ୍ଚଳ ଝାଡେଶ୍ୱର ମନ୍ଦିରରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ପ୍ରେମିକା ମଥାରେ ସିନ୍ଦୁର ଦେଇ ସ୍ତ୍ରୀ ଭାବେ ଗ୍ରହଣ କଲେ ପ୍ରେମିକ। ପୋଲିସର ବୁଝାଶୁଝା ପରେ ବିବାହ ପାଇଁ ରାଜି ହେଲେ ଉଭୟଙ୍କ ପରିବାର। ଦେବଗଡ ଥାନା ଅନ୍ତର୍ଗତ ପ୍ରଭାସୁଣୀ ଗ୍ରାମର ପ୍ରିତମ ବେହେରା (୨୪) ଏବଂ ମନ୍ଦାରନାଳୀ ଗ୍ରାମର ନମିତା ଡଙ୍ଗ (୨୧)। ଉଭୟଙ୍କ ମଧ୍ୟରେ ଗତ ପ୍ରାୟ ୫ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ମାତ୍ର ପ୍ରେମିକ ଓ ପ୍ରେମିକା ଭିନ୍ନ ଜାତିର ହୋଇଥିବାରୁ ପରିବାର ଲୋକେ ବାହାଘର ପାଇଁ ରାଜି ହୋଇ ନ ଥିଲେ। ଫଳରେ ପ୍ରେମୀଯୁଗଳ ବୁଧବାର ଦେବଗଡ ଥାନା ଅଧୀନ ତିଲେଇବଣି ପୋଲିସ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଫାଣ୍ଡି ଅଧିକାରୀ ମଦନ ମୋହନ ପ୍ରଧାନ ଉଭୟଙ୍କ ପରିବାର ଲୋକଙ୍କୁ ଡାକି ବୁଝାଶୁଝା କରିବା ସହ ବିବାହ ପାଇଁ ରାଜି କରାଇଥିଲେ। ଫଳରେ ଉଭୟ ପରିବାରର ସଦସ୍ୟା ସଦସ୍ୟ ଦେବଗଡ ଝାଡେଶ୍ୱର ମନ୍ଦିରକୁ ଆସି ପୋଲିସ ଉପସ୍ଥିତିରେ ପ୍ରେମୀ ଯୁଗଳଙ୍କ ବାହାଘର କରାଇଥିବା ଜଣାପଡିଛି।

# ପଥ ଉତ୍ସବ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯିବ

**ଜିଲା ପ୍ରଶାସନ ପକ୍ଷରୁ ପାଇଁ ପ୍ରସ୍ତୁତି ବୈଠକ**

- ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଅକ୍ଟୋବର ୨୯ ରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଚାଲିବ
- ଅଧିକ ସହାୟତା ପାଇଁ ଦେୟ ମୁକ୍ତ ୧୯୫୦କୁ କଲ କରିପାରିବେ
- କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନତା ପାଇଁ ଗୁରୁତ୍ୱ

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପଥ ଉତ୍ସବ ମାଧ୍ୟମରେ ଭୋଟର ସଚେତନତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିପରି ସତ ପ୍ରତିଶତ ମତଦାନ ସାବ୍ୟସ୍ତ କରିବେ ଓ ନୂତନ ଭୋଟରମାନେ କିପରି ପଞ୍ଜୀକରଣ କରିପାରିବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୦୨୫ ଭୋଟର ତାଲିକାରେ ସଂଶୋଧନ ଓ ନୂତନ ଭୋଟର ପଞ୍ଜୀକରଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପଥ ଉତ୍ସବ ମାଧ୍ୟମରେ ଭୋଟରମାନଙ୍କୁ ସଚେତନତା କରାଯିବ ବୋଲି ଜିଲାପାଳ ସାହୁ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଅକ୍ଟୋବର ୨୯ ରୁ ୨୮ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଚାଲିବ। ସମସ୍ତ ଯୁବ ବର୍ଗ ଅଗ୍ରିମ ଭାବେ ଅନଲାଇନ କିମ୍ବା ବୁଥସ୍ତରୀୟ ଅଧିକାରୀ ସହାୟତା ଭୋଟର ଭାବେ ପଞ୍ଜୀକୃତ କରିବା ପାଇଁ ଆବେଦନ କରିପାରିବେ। ଅଧିକ ସହାୟତା ପାଇଁ ଦେୟ ମୁକ୍ତ ୧୯୫୦କୁ କଲ କରିପାରିବେ। କାର୍ଯ୍ୟକ୍ରମ ଅକ୍ଟୋବର ୨୯ ତାରିଖ ସକାଳ ୭ଟା ୩୦ ମିନିଟରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ଦେବଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ପାଳନ କରାଯିବ। ଏହି ଉପଲକ୍ଷେ ରାଲି, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ, ପଥପ୍ରାନ୍ତ ନାଟକ, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କୁ ସଚେତନତା କରାଯିବ। ବିଶେଷ କରି ନୂତନ ଭୋଟର କିମ୍ବା ବିଭିନ୍ନ କଲେଜ ଛାତ୍ରୀଛାତ୍ର ଏହି ଉତ୍ସବରେ ଯୋଗଦାନ କରି ସେମାନଙ୍କୁ ସଚେତନତା କରାଯିବା ପାଇଁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ ମହାରଣା, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିୟ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଗ୍ରାମୀଣ ବୈଷୟିକ ଉଦ୍ୟାନ ସ୍ଥାପନ ପ୍ରସ୍ତୁତି ବୈଠକ



ବୈଠକରେ ଆଲୋଚନା କରାଯାଉଛି।

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗ୍ରାମୀଣ ବୈଷୟିକ ଉଦ୍ୟାନ ସ୍ଥାପନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ରିଆମାଳ ଓ ବାରକୋଟ ବ୍ଲକଠାରେ ବୈଷୟିକ ଉଦ୍ୟାନ ସ୍ଥାପନ କରିବା ନେଇ ଜିଲାପାଳ ଆଲୋଚନା କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଗ୍ରାମୀଣ ବୈଷୟିକ ଉଦ୍ୟାନ ସ୍ଥାପନ ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଉଦ୍ୟାନ ପାଇଁ ବାରକୋଟରେ ୧୦ ଏକର ଓ ରିଆମାଳରେ ୫ ଏକର ସରକାରୀ ଜମି ଚିହ୍ନଟ କରାଯାଇ ତୁରନ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଉଦ୍ୟାନ ସ୍ଥାପନ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଦ୍ରବ୍ୟ, ମହୁ ଚାଷ, ପିଆଜ ଓ ବିଭିନ୍ନ ଔଷଧୀୟ ଦ୍ରବ୍ୟ ଉତ୍ପାଦନ କରି ଲାଭବାନ ହେବେ ବୋଲି ପ୍ରକାଶ କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଡେପୁଟି ସିଓ ରବୀନ୍ଦ୍ର କୁମାର ପ୍ରଧାନ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଜାମି ସାହୁ, ଡେପୁଟି ଡାଇରେକ୍ଟର ପ୍ଲାନିଂ ରାମଚନ୍ଦ୍ର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା 'ଦାନା'ର ମୁକାବିଲା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲା ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ବାତ୍ୟା 'ଦାନା'ର ମୁକାବିଲା ନିମନ୍ତେ ସମସ୍ତେ ସଜାଗ ରହିବା ପାଇଁ ପରାମର୍ଶ ଦେବା ସହ ସମସ୍ତ ବିଭାଗ ବ୍ଲକ ମହକୁମା ଓ ଜିଲା କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ଯେପରି ଜଣେବି ଲୋକ ଜୀବନ ପ୍ରତି ବିପଦ ସୃଷ୍ଟି ନ ହୁଏ ସେଥିପାଇଁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବିଭିନ୍ନ ବିଦ୍ୟୁତ୍ ସରୋବରାହ ତୁରନ୍ତ ସମାଧାନ ପାଇଁ ଟିପିଡବ୍ଲୁଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ, ଗଛ ଭାଙ୍ଗି ପଡିବା ପରେ କାଟିବା ବ୍ୟବସ୍ଥା ନିମନ୍ତେ ଜନସ୍ୱାସ୍ଥ୍ୟ ଅଧିକାରୀ, ବନଖଣ୍ଡ ଅଧିକାରୀ ଓ ଓଡ୍ରାଫ ଟିମଙ୍କୁ ସଜାଗ ରହିବା ସହ ମୁକାବିଲା ନିମନ୍ତେ ପରାମର୍ଶ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ସରକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଛୁଟି ବାତିଲ କରାଯିବା ସହିତ ସଦର ମହକୁମା ନ ଛାଡି ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲୁଓ ରାଜୁ ସାହା, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ସହକାରୀ ବନଖଣ୍ଡ ଅଧିକାରୀ ସ୍ୱାଧୀନତା ସାହାଣୀ, ଜିଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ, ସହକାରୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ତିନି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଫାୟାର ଷ୍ଟେଶନ ବିଭାଗ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରଶିକ୍ଷଣ ଶିବିର



ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ।

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପାରାଲିଗାଲ ଭଲ୍ୟୁଣ୍ଟିୟରମାନଙ୍କ ନିମନ୍ତେ ବୁଧବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅପୂର୍ବା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସହକାରୀ ଶ୍ରମ ଅଧିକାରୀ ଦୀପକ କୁମାର ମାଝି, ବିଶ୍ୱନାଥ କିଷାନ ଯୋଗଦେଇ ଦେବଗଡ ଜିଲାରେ କାର୍ଯ୍ୟରତ ପାରାଲିଗାଲ ଭଲ୍ୟୁଣ୍ଟିୟରମାନଙ୍କୁ ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା ଓ ଶ୍ରମିକମାନଙ୍କ ସୁରକ୍ଷା ସମ୍ପର୍କୀତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା ଓ ଶ୍ରମ ବିଭାଗ ପକ୍ଷରୁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଏଗୁଡିକର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ଜିଲା ଆଇନ ସେବା ପ୍ରାଧିକରଣର ରିମାଣ୍ଡ ଅଡଭୋକେଟ ସିଦ୍ଧେଶ୍ୱର ଗୁରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ମୃତ୍ତିକା ଓ ଜଳ ସଂରକ୍ଷଣ ସମ୍ବନ୍ଧିତ ତାଲିମ କାର୍ଯ୍ୟକ୍ରମ

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ରିୱାର୍ଡ୍ ହାଇଡ୍ରୋଲୋଜି ପ୍ରକଳ୍ପର ପ୍ରଚେଷ୍ଟାରେ ଦେବଗଡ ଜିଲାର କଣ୍ଟାବାହଲ, ପାଠରଞ୍ଜରି, ଲକ୍ଷ୍ମୀପୁର ଜଳବିଭାଜିକା ଅଞ୍ଚଳରେ ମୃତ୍ତିକା ଓ ଜଳ ସଂରକ୍ଷଣ ସମ୍ବନ୍ଧିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିୱାର୍ଡ ପ୍ରକଳ୍ପ ମାଧ୍ୟମରେ ଏହି ଜଳ ବିଭାଜିକା ଅଞ୍ଚଳରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗ ଦେବଗଡର ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବ, ଉପମୁଖ ନିର୍ଦ୍ଦେଶକ ସୁନିଲ କୁମାର ମହନ୍ତ, ଅଶେଷ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ରିୱାର୍ଡ, ହାଇଡ୍ରୋଲୋଜି, ଓୟୁଏଟି ପକ୍ଷରୁ ପୂର୍ବତନ ପ୍ରଫେସର୍ ଭାରତ ଚନ୍ଦ୍ର ସାହୁ, ବୈଷୟିକ କର୍ମଚାରୀ ଡ଼ ଜଗଦୀଶ ପଢ଼ିଆରୀ, ସଙ୍ଗୀତା ଭୂୟାଁ, ଦିକ୍ଷା ନାୟକ, ଶିବବ୍ରତ ପଟ୍ଟନାୟକ, ଦେବାଶିଷ ସାହୁ, ମାନସ ମାହାଳି, ହ୍ରିତିକ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରିୱାର୍ଡ ପ୍ରକଳ୍ପ ମାଧ୍ୟମରେ ଜଳବିଭାଜିକାର ନବୀକାରଣ କରାଯାଉଛି, ବିଭିନ୍ନ ବୈଜ୍ଞାନିକ ଜ୍ଞାନ କୌଶଳ ଓ ଉପଗ୍ରହ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଦ୍ୱାରା ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ନାଳଗୁଡ଼ିକରେ ଆଡିବନ୍ଧ, ଉପଯୁକ୍ତ ଫସଲ ପରିଚାଳନା ମାନଚିତ୍ର, ମୃତ୍ତିକାରେ ଖାଦ୍ୟସାର ପରିଚାଳନା କରିବା ମାନଚିତ୍ର ପ୍ରସ୍ତୁତି କରାଯାଉଛି, ଯାହାକି ଜଳବିଭାଜିକାର ସର୍ବାଙ୍ଗୀନ ବିକାଶରେ ସହାୟକ ହେଉଛି। ପ୍ରତି ତାଲିମ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଦେବଗଡ଼ ଜିଲାର ୧୮ କ୍ଷୁଦ୍ର ଜଳ ବିଭାଜିକାରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରିୱାର୍ଡ ହାଇଡ୍ରୋଲୋଜି ପ୍ରକଳ୍ପର ମୁଖ୍ୟ ପ୍ରବନ୍ଧକ ଡ଼ ସଞ୍ଜୟ କୁମାର ରାଉଳ ସୂଚନା ଦେଇଛନ୍ତି।

# ଅନ୍ତର୍ଜାତୀୟ ବାଳିକା ଶିଶୁ କନ୍ୟା ଦିବସ

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼ ଜିଲା ତିଲେଇବଣି ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବାଳିକା ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ତିଲେଇବଣି ସରପଞ୍ଚ ସୁସ୍ମିତା ଏକ୍କା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ତିଲେଇବଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ଏହି ଅବସରରେ ବ୍ଲକରୁ ୧୬ଟି କ୍ଲଷ୍ଟରରୁ ଚୟନ ହୋଇ ଆସିଥିବା କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଝସକେତନ ନାହାକ, ଦିଲୀପ କୁମାର ନାୟକ, ଅର୍ଚ୍ଚନାରାଣୀ ଜେନା ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ଅଶୋକ କୁମାର ସାହୁ, ପ୍ରାଣବନ୍ଧୁ ଘଡେଇ, ଛାୟାକାନ୍ତ ବିଶ୍ୱାଳ, ଅଜୟ କୁମାର ସାହୁ ସହଯୋଗ କରିଥିଲେ।

# ପଦଯାତ୍ରାରୁ ଫେରିଥିବା ଜନସଂଗ୍ରାମ ସମିତି କର୍ମକର୍ତ୍ତାଙ୍କୁ ସ୍ୱାଗତ

ଗୋଲାମୁଣ୍ଡା,୨୩।୧୦(ବଟକୃଷ୍ଣ ପଣ୍ଡା):

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ କଳାହାଣ୍ଡି ଜିଲା ଜନସଂଗ୍ରାମ ସମିତି ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ୨୫ ଜଣିଆ ଦଳ ଦୀର୍ଘ ୫୦୦ କି.ମି. ପଦଯାତ୍ରାକରି ଜିଲାର ବିଭିନ୍ନ ସମସ୍ୟା ନେଇ ଗତ ୧୮ ତାରିଖରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ଏହି ଦଳ ୨୧ ତାରିଖରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ୨୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପଦଯାତ୍ରା ସାରି ବୁଧବାର ସାଉଲ ମଙ୍ଗରାଜଙ୍କ ସହିତ ପଦଯାତ୍ରାରେ ସାମିଲ ହୋଇଥିବା ଅନିଲ କୁମାର ମଲ୍ଲିକ, ଲମ୍ବୋଦର ଜାଲ, କୁମୁଦ ଗହୀର, ରମେଶ ସାହୁ, ରଞ୍ଜନ ବେହେରା, କେଶବ ମାଝି, ଅସାରୁ ମାଝି, ପର୍ଶୁରାମ ମାଝି ପ୍ରମୁଖ ଗୋଲାମୁଣ୍ଡାଠାରେ ପହଞ୍ଚିବା ପରେ ଅଞ୍ଚଳବାସୀ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ସ୍ଥାନୀୟ କଦଳୀମୁଣ୍ଡାଠାରେ ଏକ ସଭାରେ ସମସ୍ତ ପଦଯାତ୍ରୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିପିଡିଏଫ୍ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଗ୍ରାମସଭା

ଲାଞ୍ଜିଗଡ଼,୨୩।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସାପ୍ତାହିକ ବଜାର ମିଶନ କାଫେସ୍ଥିତ ବୈଠକ ଗୃହଠାରେ ବୁଧବାର ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି (ଜିପିଡିଏଫ) ୨୦୨୫-୨୬ର ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହାସହ ବାର୍ଷିକ ଉନ୍ନୟନ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ନାଏବ ସରପଞ୍ଚ ହରେକୃଷ୍ଣ ତାଣ୍ଡି ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ବୈଠକ

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ଆଗାମୀ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅକ୍ଟୋବର ୨୯ରେ ପାଳନ ହେବ। ଏଥିପାଇଁ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସବିଶେଷ ଆଲୋଚନା ପରେ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ରାଲି ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ, ପିଏଆଇଟିଡିଏ ସନ୍ଧ୍ୟା ମାଝି, ଡେପୁଟି କଲେକ୍ଟର ଇଲେକ୍ସନ ମମତାଜ ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

# ନୂଆଁଗାଁ ଫୁଟ୍‌ବଲ କ୍ଲବକୁ ହରାଇ ତେରେଣ୍ଡାକଟା ଚାମ୍ପିୟନ

**ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼,୨୩।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ମା' ରମ୍ଭାଦେବୀ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନୂଆଁଗାଁ ଫୁଟବଲ କ୍ଲବକୁ ଟାଇବ୍ରେକର ସହାୟତାରେ ୪-୨ ଗୋଲରେ ପରାସ୍ତ କରି ତେରେଣ୍ଡାକଟା ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ସୁଶାନ୍ତ ସାହୁ, ସିପୁନ ସାହୁ ଓ ଅରୁଣ କୁମାର ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ମା' ରମ୍ଭାଦେବୀ କ୍ଲବ ସଭାପତି ହରିହର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ୟାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସୁଗୁଡା ସେବା ସମବାୟ ସମିତିର ସଭାପତି ସିଦ୍ଧେଶ୍ୱର ଗୁରୁ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଗ୍ରାମର ବରିଷ୍ଠ ନାଗରିକ କମଳ ଲୋଚନ ପ୍ରଧାନ, ବସନ୍ତ ପ୍ରଧାନ, ସୁଜ୍ଞାନୀ ପ୍ରଧାନ, ଭକ୍ତ ଚରଣ ସାହୁ, ହୃଦାନନ୍ଦ ପ୍ରଧାନ ଓ ପଦ୍ମଚରଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ ସମ୍ପାଦକ ସଞ୍ଜୟ କୁମାର ସାହୁ, ସଦସ୍ୟ ସୁପ୍ରିମ କୁମାର ସାହୁ, ସମୀର ପ୍ରଧାନ, ଶ୍ରୀତମ ସାହୁ, ବିମଳ ପ୍ରଧାନ, କୁମରମଣି ସାହୁ, ଭାଗୀରଥି ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ଅନ୍‌ଲାଇନ୍ ଓଟ ବୁକିଂ ବଞ୍ଚାଇଲା ଜୀବନ

## ମରୁଭୂମିରୁ ଉଦ୍ଧାର ହେଲେ ୨ ମହିଳା






ଦୁବାଇ

ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ୨ ଜଣ ମହିଳାଙ୍କୁ ଦୁବାଇର ଏକ ମରୁଭୂମି ମଝିରେ ଫସି ରହିଥିବା ନେଇ ଦେଖିବାକୁ ମିଳିଛି। ତେଣୁ ଉଭୟ ମହିଳା ସହାୟତା ପାଇଁ କ୍ୟାବ୍ ବୁକିଂ କରିବାକୁ ଚାହିଁଛନ୍ତି। ସେଥିପାଇଁ ସେମାନେ ଅନ୍‌ଲାଇନ ରାଇଡିଂ ପ୍ଲାଟ୍‌ଫର୍ମ ଉବର ଆପ୍ ଖୋଲିଥିଲେ। ତେବେ ଉକ୍ତ ଆପ୍ ଖୋଲିବା ପରେ ସେମାନେ ଯାହା ଦେଖିଥିଲେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଉବର ଆପ୍‌ରେ ଗ୍ରାହକଙ୍କ ଯାତାୟାତ ପାଇଁ କ୍ୟାବ୍ ସେବା ଭଳି ଓଟ ସେବାର ଅପ୍ସନ ମଧ୍ୟ ରହିଥିଲା। ଫଳରେ ସେମାନେ ମରୁଭୂମିରୁ ବାହାରିବା ପାଇଁ ଏକ ଓଟକୁ ବୁକ୍ କରିଥିଲେ। କିଛି ସମୟ ପରେ ଏକ ଓଟ ସହ ଜଣେ ବ୍ୟକ୍ତି ଆସି ସେମାନଙ୍କ ନିକଟରେ ପହଞ୍ଚିଥିଲେ। ଭିଡିଓରେ ଏକ ମରୁଭୂମି ମଧ୍ୟରେ ଜଣେ ମହିଳା ନିଜ ସମସ୍ୟା ବଖାଣୁଥିବାର ନଜରକୁ ଆସିଛନ୍ତି। ସେ କହିଛନ୍ତି, ଦୁବାଇ-ହଟ୍ଟା ରୋଡ୍‌ରେ ଥିବା ଅଲ ବଦାୟରସ୍ଥିତ ମରୁଭୂମିକୁ ସେ ଓ ତାଙ୍କ ବନ୍ଧୁ ଭ୍ରମଣ କରିବା ପାଇଁ ଆସିଥିଲେ। ତେବେ ମରୁଭୂମି ମଧ୍ୟରେ ସେମାନଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ଫଳରେ ଉଭୟେ ରାସ୍ତା ଭୁଲିଯାଇଥିଲେ। ତେଣୁ ଉବର ଆପ୍‌ର ସାହାଯ୍ୟ ନେବାକୁ ସେମାନେ ଚିନ୍ତା କରିଥିଲେ। ତେବେ ଆପ୍‌ରେ ଜନସାଧାରଣଙ୍କ ପାଇଁ କାର୍ ସେବା ଭଳି ଓଟ ସେବା ମଧ୍ୟ ଯୋଗାଇ ଦିଆଯାଉଥିବା ଜାଣି ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସେଠାରେ ଓଟ ରାଇଡିଂ ସେବା ଅର୍ଡର କରିବାର କିଛି ସମୟ ପରେ, ଜଣେ ବ୍ୟକ୍ତି ଏକ ଓଟ ସହିତ ଆସି ସେମାନଙ୍କ ନିକଟରେ ପହଞ୍ଚିଥିଲେ ବୋଲି ମହିଳା ଜଣଙ୍କ କହିଛନ୍ତି। ପରିଶେଷରେ ଉଭୟ ମହିଳା ଓଟ ଉପରେ ବସି ମରୁଭୂମିରୁ ବାହାରିଥିଲେ ଏବଂ ସୁରକ୍ଷିତ ସ୍ଥାନରେ ପହଞ୍ଚିଥିଲେ। ଓଟ ସହ ଆସିଥିବା ବ୍ୟକ୍ତି ଜଣକ କହିଛନ୍ତି, ସେ ହେଉଛନ୍ତି 'ଉବର'ର ଓଟୋ ଚାଳକ। ମୁଖ୍ୟତଃ ମରୁଭୂମି ମଧ୍ୟରେ ଫସି ରହିଥିବା ପର୍ଯ୍ୟଟକମାନଙ୍କୁ ସେ ଉଦ୍ଧାର କରିଥାନ୍ତି।

# 'ଦି ରାଜା ସାବ୍' ମୋଶନ ପୋଷ୍ଟର ଆଉଟ୍


ପ୍ରଭାସ

ହାଇଦ୍ରାବାଦ

ଦକ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଅନେକ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ରରେ ନିଜର ଚିତ୍ତାକର୍ଷକ ଅଭିନୟ ମାଧ୍ୟମରେ ସୁପରଷ୍ଟାରର ଆଖ୍ୟା ଅର୍ଜନ କରିଛନ୍ତି। ଚଳିତ ବର୍ଷ ତାଙ୍କ ଫିଲ୍ମ 'କଳ୍କି ୨୮୯୮ ଏଡି' ବକ୍ସ ଅଫିସରେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ତେବେ ପ୍ରଭାସଙ୍କର ଆଗାମୀ ଚଳଚ୍ଚିତ୍ର ହେଉଛି 'ଦି ରାଜା ସାବ୍' ତାଙ୍କ ପ୍ରଶଂସକମାନେ ଏହି ଚଳଚ୍ଚିତ୍ରକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ବୁଧବାର ପ୍ରଭାସଙ୍କ ଜନ୍ମଦିନ ଅବସରରେ 'ଦି ରାଜା ସାବ'ର ମୋଶନ ପୋଷ୍ଟରକୁ ଜାରି କରାଯାଇଛି।

'ଦି ରାଜା ସାବ୍'ର ମୋଶନ ପୋଷ୍ଟର ଅତ୍ୟନ୍ତ ପ୍ରଭାବଶାଳୀ ରହିଛି। ଏଥିରେ ପ୍ରଭାସଙ୍କ ଲୁକ୍ ସବୁଠାରୁ ଭିନ୍ନ ରହିଛି। ଏହି ମୋସନ ପୋଷ୍ଟର ପ୍ରଭାସଙ୍କୁ ରାଜା ଅବତାରରେ ସିଂହାସନ ଉପରେ ଗମ୍ଭୀର ଭାବେ ବସିଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ସବୁଠାରୁ ଭିନ୍ନ ଗେଟ୍‌ଅପ୍‌ରେ ପ୍ରଭାସ ଏହି ମୋଶନ୍ ପୋଷ୍ଟରରେ ନଜରକୁ ଆସିଛନ୍ତି। ରିଲିଜ୍ ହେବା ମାତ୍ରେ 'ଦି ରାଜା ସାବ୍'ର ମୋଶନ ପୋଷ୍ଟର ଭାଇରାଲ ହେବାରେ ଲାଗିଛି ଏବଂ ଏହି ଫିଲ୍ମ ପାଇଁ ପ୍ରଶଂସକଙ୍କ ଉତ୍ସାହ ମଧ୍ୟ ଶିଖରରେ ପହଞ୍ଚିଛି।

ଆସନ୍ତା ବର୍ଷ ଏପ୍ରିଲ ୧୦ରେ ଏହି ଚଳଚ୍ଚିତ୍ର ତେଲୁଗୁ, ହିନ୍ଦୀ, ତାମିଲ, ମାଲୟାଲମ, କନ୍ନଡ଼ ଆଦି ୫ଟି ଭାଷାରେ ମୁକ୍ତିଲାଭ କରିବ। ଫିଲ୍ମରେ ପ୍ରଭାସଙ୍କ ବ୍ୟତୀତ ଅଭିନେତ୍ରୀ ନିଧି ଅଗ୍ରୱାଲ, ମାଳବିକା ମୋହନାନ୍, ରିଦ୍ଧି କୁମାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି। ସେହିପରି ଅଭିନେତା ସଞ୍ଜୟ ଦତ୍ତଙ୍କୁ ମଧ୍ୟ ଫିଲ୍ମରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। 'ଦି ରାଜା ସାବ' ଏକ ହରର କମେଡି ଫିଲ୍ମ ହୋଇଥିବା ବେଳେ ଏଥିରେ ପ୍ରଭାସଙ୍କୁ ପ୍ରଥମଥର ପାଇଁ କମେଡି କରୁଥିବାର ମଧ୍ୟ ଦେଖିବାକୁ ମିଳିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ମାରୁଥିଙ୍କ ନିର୍ଦ୍ଦେଶିତ ଓ ଟି.ଜି. ବିଶ୍ୱ ପ୍ରସାଦଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମ ସହ ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ 'ଜଲି ଏଲ୍‌ଏଲବି ୩' ଚଳଚ୍ଚିତ୍ର ମଧ୍ୟରେ ବକ୍ସ ଅଫିସ୍ ଲଢ଼େଇ ହେବ।

# ମନ୍ଦିର ପ୍ରସାଦରେ ମିଳୁଛି ଅଳଙ୍କାର, ନଗଦ ଟଙ୍କା



ଭୋପାଳ

ମଧ୍ୟପ୍ରଦେଶର ରତ୍‌ଲାମ ଜିଲାରେ ରହିଛି ମା' ଲକ୍ଷ୍ମୀଙ୍କର ଏକ ଭବ୍ୟ ଓ ପୁରାତନ ମନ୍ଦିର। ଏହି ମନ୍ଦିର ନିଜର ଅଲୌକିକ ଶକ୍ତି ଏବଂ ପ୍ରଥା ପାଇଁ ପ୍ରସିଦ୍ଧ। ମା' ଲକ୍ଷ୍ମୀଙ୍କ ଦର୍ଶନ ପାଇବା ନିମନ୍ତେ ବର୍ଷ ତମାମ ଏଠାରେ ଭକ୍ତମାନଙ୍କର ଭିଡ଼ ଲାଗି ରହିଥାଏ। ତେବେ ଦୀପାବଳି ଉପଲକ୍ଷେ ଧନ୍‌ତେରସ୍‌ରୁ ୫ ଦିନ ପାଇଁ ଏହି ମନ୍ଦିରରେ ଆଲୋକର ପର୍ବ ଧୁମଧାମରେ ଆୟୋଜିତ ହୋଇଥାଏ। ଏହି ସମୟ ମଧ୍ୟରେ ମନ୍ଦିରକୁ ନଗଦ ଟଙ୍କା ସହ ସୁନା, ରୁପା ଆଦି ବିଭିନ୍ନ ଅଳଙ୍କାର ସହ ସୁସଜ୍ଜିତ କରାଯାଇଥାଏ। ଭକ୍ତମାନେ ବର୍ଷ ତମାମ ଏଠାକୁ ଆସି ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିବା ସହ ବହୁ ମାତ୍ରାରେ ଅଳଙ୍କାର ଏବଂ ନଗଦ ଟଙ୍କା ପ୍ରଦାନ କରିଥାନ୍ତି। ତେଣୁ ଏହି ୫ ଦିନିଆ ଦୀପାବଳି ଉତ୍ସବରେ ଉକ୍ତ ଅଳଙ୍କାର, ଗହଣା ଓ ନଗଦ ଟଙ୍କାଗୁଡ଼ିକୁ ଭକ୍ତମାନଙ୍କୁ ପ୍ରସାଦ ଭାବରେ ଦିଆଯାଇଥାଏ। ପ୍ରସାଦ ଆକାରରେ ମିଳିଥିବା ଅଳଙ୍କାର ଓ ନଗଦ ଟଙ୍କାକୁ ସାଇତି ରଖିବା ଦ୍ୱାରା ବର୍ଷଯାକ ଘରେ ଟଙ୍କାର ଅଭାବ ହୋଇ ନ ଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତେଣୁ ଶ୍ରଦ୍ଧାଳୁମାନେ ପ୍ରସାଦରେ ମିଳିଥିବା ନଗଦ ଟଙ୍କାକୁ ଶୁଭ ଭାବେ ଗ୍ରହଣ କରି ଏହାକୁ ଖର୍ଚ୍ଚ କରନ୍ତି ନାହିଁ। ଏହି ପ୍ରସାଦ ଦ୍ୱାରା ମା' ଲକ୍ଷ୍ମୀ ସେମାନଙ୍କ ଘରକୁ ଆସିଥାନ୍ତି ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି।

# ପ୍ରଶ୍ନବାଚୀରେ ଶାନ୍ତିପ୍ରତିଷ୍ଠା

## ଜାତିସଂଘର ପ୍ରତିଷ୍ଠା ଦିବସ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଅନେକ ଦେଶ ବହୁ କ୍ଷତି ସହିଥିଲେ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ଶାନ୍ତି ଏବଂ ନିରାପତ୍ତା ପ୍ରତିଷ୍ଠା, ଦେଶ ଦେଶ ମଧ୍ୟରେ ତିକ୍ତତା ଦୂର କରି ବନ୍ଧୁତ୍ୱ ସ୍ଥାପନ କରିବା ଏବଂ ଲୋକଙ୍କୁ ମାନବିକ ଅଧିକାର ଯୋଗାଇବା ପାଇଁ ଅନ୍ତର୍ଜାତୀୟ ସଂଗଠନ ମିଳିତ ଜାତିସଂଘ (ଜାତିସଂଘ) ୨୪ ଅକ୍ଟୋବର ୧୯୪୫ ରେ ପ୍ରତିଷ୍ଠା କରାଯାଇଥିଲା। ତେଣୁ ପ୍ରତିବର୍ଷ ୨୪ ଅକ୍ଟୋବର ମିଳିତ ଜାତିସଂଘ ଦିବସ ଭାବରେ ପାଳନ କରାଯାଏ।

ମିଳିତ ଜାତିସଂଘ (ଜାତିସଂଘ) ଗଠନ ସମୟରେ ପୃଥିବୀର ୫୧ ଟି ଦେଶ ଏହି ସଂଗଠନରେ ଯୋଗ ଦେଇଥିଲେ। ସେତେବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡି ରୁଜଭେଲ୍ଟ ଏହି ସଂଗଠନକୁ ମିଳିତ ଜାତିସଂଘ ଭାବରେ ନାମିତ କରିଥିଲେ। ତେବେ ବର୍ତ୍ତମାନ ଏହି ସଂଗଠନରେ ୧୯୩ ସ୍ଥାୟୀ ଏବଂ ଅସ୍ଥାୟୀ ସଦସ୍ୟ ଅଛନ୍ତି। ଭାରତ ଏପର୍ଯ୍ୟନ୍ତ ଏହି ସଂଗଠନର ସ୍ଥାୟୀ ସଦସ୍ୟ ନୁହେଁ, କିନ୍ତୁ ଅନେକ ସମୟରେ ଭାରତ ଏହାର ଅସ୍ଥାୟୀ ସଦସ୍ୟ ଭାବରେ ସଦସ୍ୟ ରହିଆସିଛି।

ସମ୍ପ୍ରତି ବିଶ୍ୱଶାନ୍ତି ସ୍ଥାପନା କରିବାରେ ମିଳିତ ଜାତିସଂଘର ଭୂମିକା ପ୍ରଶ୍ନ ଘେରରେ ରହିଛି। ଋଷ ଓ ୟୁକ୍ରେନ ଏବଂ ପାଶ୍ଚାତ୍ୟ ଦେଶ ମାନଙ୍କ ମଧ୍ୟରେ ଚାଲିଥିବା ଆକ୍ରମଣ ପ୍ରତିଆକ୍ରମଣର କୌଣସି ସମାଧାନ ପନ୍ଥା ଜାତିସଂଘ ପାଖରେ ନାହିଁ। ଏପରିକି ଭାରତ, ବ୍ରାଜିଲ ଭଳି ଗ୍ଲୋବାଲ ସାଉଥ ଦେଶମାନେ ସ୍ଥାୟୀ ସଦସ୍ୟତା ଦାବିକରି ଜାତିସଂଘର ପୁନର୍ଗଠନ କରିବାକୁ ଦାବି କରୁଛନ୍ତି।

GOVERNMENT OF ODISHA
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, BALASORE**
At/P.O.: Ishan Nagar, Karanjia, I.G. Marg, Balasore - 756001
Email ID: deibalasore-od@gov.in
Notice No. 01/2024-25 Dated; 21.10.2024
**TENDER CALL NOTICE FOR HIRING OF VEHICLE**
No. AA-14: Sealed tenders are invited in the prescribed format from reputed Travel Agencies/Tour Operators/Individuals having valid GST Registration for providing One (1) number of BS-VI emission compliant A.C. Vehicle-TUV300/Bolero/Sumo Gold/Ertiga etc. (Diesel/Petrol) having sitting capacity not more than 7 (Seven) including driver along with Driver on monthly hiring basis for official use in the office of the Superintending Engineer-cum-Deputy Electrical Inspector, Balasore.
The detail of the Tender Call Notice, proforma and its terms and conditions are available with the Office of the Superintending Engineer-cum-Deputy Electrical Inspector, Balasore at Balasore and also available in the official website of the Engineer in Chief (Electricity)-cum-P.C.E.I., Odisha, Bhubaneswar i.e. **www.eicelectricityodisha.nic.in**. All future addendum/corrigendum, if any shall be hoisted on the above website and notice board of the undersigned only.
Last date of receipt of tender is 03.00 P.M. of Dt.18.11.2024.
Sd./- Superintending Engineer-cum-Deputy Electrical Inspector, Balasore
OIPR-04058/11/0001/2425

No. B-459
GOVERNMENT OF ODISHA
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR**
e-mail: exeengsbp@rediffmail.com
**e-Procurement Notice**
BID IDENTIFICATION No.: SE/R AND B/SBP/10/2024-25
Order No. 5487 Dtd. 14.10.2024
1. The Addl. Chief Engineer (Civil), Sambalpur (R&B) Division No.-I, Sambalpur on behalf of Governor of Odisha, invites Percentage Rate bids in Single & Double Cover System in ONLINE MODE for Building (Civil+EI+PH) & Road Works as detailed in the DTCN from the eligible Class of Contractors.
2. No. of works : 08 (Eight) (Building & Road)
3. Tender Cost : Rs.10,000/- & Rs.6,000/- (Online)
4. Class of Contractor : "C" & "B" Class Contractor
5. Date and time of available in website & receipt of Bids : 11.00 Hrs. 25.10.2024 to 16.00 hrs. of 08.11.2024
6. Date of Opening of Tender : 08.11.2024 at 17.00 hrs.
7. The bidders have to participate in ONLINE bidding only. Further details can be seen from the Website.
8. Any Corrigendum/Addendum will be displayed in the website **www.tendersodisha.gov.in** only.
Sd./- Addl. Chief Engineer (Civil) Sambalpur (R&B) Division-I
OIPR-34112/11/0002/2425

**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION, AT/P.O.: ATHMALLIK, DIST.: ANGUL - 759125**
E-mail: dfoathmallikt@gmail.com, Tel.: 9437004236
Tender Notice No. 5251/2024 Date: 21.10.2024
**Short Tender Notice for Construction of F.G. Quarter at Ghodagadi under Madhapur Range, Athmallik Forest Division**
No. MM-202: Sealed tender is hereby invited by the undersigned on behalf of the Governor of Odisha, invites tender for following works from the eligible contractor as detail below
1. **Name of the Work:** Construction of F.G. Quarter at Ghodagadi under Madhapur Range, Athmallik Forest Division.
2. **Place of Work:** Athmallik Forest Division
3. **Period of Completion:** 90 Days
4. Commencement of download RFP document on website: **www.odishaforest.in** Dt.24.10.2024, Time: 11.00 A.M.
5. **Last date of bid submission** (by Messenger/Courier/Post): Dt.08.11.2024 01.00 P.M. Office of the Divisional Forest Officer, Athmallik Division, P.O./P.S.: Athmalli, PIN - 759125, Dist.: Angul
6. **Date of General & Technical and Financial Bid Opening:** Dt.08.11.2024 Time: 04.00 P.M., Office of the Divisional Forest Officer, Athmallik Division, P.O./P.S.: Athmalli, PIN - 759125, Dist.: Angul.
7. RFP document Cost (Non-refundable): Rs.6,000/- for each building by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
8. **Address for Bid Submission:** Office of the Divisional Forest Officer, Athmallik Division, At: Athmallik, Angul, PIN - 759125
9. **EMD (Refundable):** Rs.20,000/- for each building by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
10. **Bid validity period:** 3 Months from the last date of submission of Bid.
11. Latest tender document and addendum/corrignedum, if any, will be published at the websites: **www.odishaforest.in**.
12. Disclaimer: Notwithstanding anything else contained to the contrary in this tender document, DFO, Athmallik reserves the right to cancel/withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.
Sd./- Divisional Forest Officer Athmallik Division
OIPR-08125/11/0005/2425

Government of Odisha
**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**
e-mail Id: eerbkbj@rediffmail.com
**BID IDENTIFICATION No. 05/KBJ/2024-25**
No. B-461: The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Building works detailed in the table below in Single & Double Cover (Composite Tender) System ONLINE MODE from the Class of Contractors mentioned in Column-7 registered with the State Government and contractors of equivalent grade/class registered with Central Government/MES/Railways for execution of Civil, EI & PH Works. The proof of registration from the appropriate authority shall be enclosed along with the bid.
1. No. of Work : 29 Nos. (Single & Double Cover Composite
2. Nature of Work : Building Work
3. Class of Contractor : C & B Class
4. Approximate value of work : Between Rs.29.10 lakhs & Rs.90.70 lakhs
5. Tender Cost : Rs.6,000/- & Rs.10,000/-
6. Date and time of availability of Bid documents in Online : From Dt.25.10.2024, 11.00 A.M. to Dt.07.11.2024 upto 05.00 P.M.
7. Date of Opening : Dt.08.11.2024 at 11.30 A.M.
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. The bidders have to participate in ONLINE bidding only. Further details can be seen from the website: **"www.tendersodisha.gov.in"**. All future corrigendum will be available on ONLINE MODE only.
Sd./- A. Behera Additional Chief Engineer, Kantabanji (R&B) Division
OIPR-34099/11/0007/2425

**OFFICE OF THE REGULATED MARKET COMMITTEE, BARGARH**
No. 1074 Date: 19.10.2024
**TENDER CALL NOTICE FOR PURCHASE OF UNIVERSAL AUTO CALIBRATION MOISTURE METER WITH PRINTER**
No. H-21: Sealed tenders in plain paper are invited from intending registered firms/suppliers through R.P. Post with A.D. having valid GST registration number and Income Tax Clearance/Uptodate GST Clearance Certificate for supply of Universal Auto Calibration Moisture Meter with Printer for use in different Paddy Purchase Centres (Mandi) under Regulated Market Committee, Bargarh.
The intending Firm/Suppliers should have GST registered and located within the State of Odisha.
The intending bidder may download the details specification and other documents of the material from the **https://bargarh.odisha.gov.in** site from the date of issue of the Tender Call Notice and submit the tender quoting the price of the materials along with the tender application to the Office of the Regulated Market Committee, Bargarh. **As per instruction of member secretary OSAM Board vide Letter No. 3010 Dt.09.10.2024. The Digital moisture should be of latest version with compatible Bluetooth and USB connection which can be paired with any other device.**
The bidder should deposit an earnest money of Rs.10,000/- (Rupees ten thousand) only in shape of A/c Payee Bank Draft/Pay order payable to the Secretary, Regulated Market Committee, Bargarh at Bargarh which will be refunded to the bidder whose tender are not accepted.
The bidder should submit their bid in an envelope superscribing the envelope as **"Tender for supply of Universal Auto Calibration Moisture Meter with Printer"** with reference to the Tender Call Notice No. 1074 / dated 19.10.2024 of RMC, Bargarh.
The envelope containing the bid document shall be address to:
**The Secretary,
Regulated Market Committee, Bargarh
At: Gour Market, Near to Krishna Plant, Bargarh
Odisha, PIN - 768028**
The tender paper should reach the office of the Regulated Market Committee, Bargarh on or before Dt.28.10.24 till 2.00 P.M. and the same will be opened at 4.30 P.M. on Dt.28.10.2024.
The authority reserves the right to reject any or all tenders without assigning any reason thereof. The tender received incomplete or after schedule date and time and those who do not have firms within the State of Odisha shall be rejected. The approved bidder shall only deliver the material in the Office of RMC, Bargarh on receipt of orders within 07 (Seven) days. No other option of delivery of the material shall be taken into consideration. The accepted tender will be valid for a period of one year.
Sd./- ADM, Bargarh-cum-Chairman RMC, Bargarh
OIPR-01537/11/0004/2425

ODISHA
**STATE POLLUTION CONTROL BOARD, ODISHA**
(Forest, Environment & Climate Change Department, Govt. of Odisha)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012
Tel : 0674-2562368/2561909, EPABX : 2653800, E-mail: paribesh1@ospcboard.org, Web site: www.ospcboard.org
No. 16750/IND-I-ULB-37/23-24 **NOTICE** Date 21/10/2024
**Kind attention: Producers, Manufacturers, Recyclers & Refurbishers under E-Waste (Management) Rules, 2022**
**No.CAD-1420:-** It is brought to the notice of all entity such as Producers, Manufacturers, Recyclers & Refurbishers operating in the State of Odisha that MoEF&CC has notified E-Waste (Management) Rules, 2022, vide notification No. GSR 801 ( E ) dated November 02, 2022. The rules are effective from April 01, 2023 and have superseded E- Waste (M) Rules 2016. The E-Waste (M) Rules, 2022, aim to take all steps required to ensure the management of E-Waste in a scientific and Environmentally Sound Manner (ESM). They are also required to be registered in the online E-waste EPR portal of CPCB. The portal is available at URL https://eprewastecpcb.in/
As per the provisions in Rule 13 of the above-said Rules, all Producers are required to fulfill their Extended Producer Responsibility (EPR) obligations assigned to them through the purchase of an equivalent quantity of EPR Certificates from registered Recyclers only.
This notice is being issued to inform all Producers, Manufacturers, Recyclers & Refurbishers operating in the State of Odisha shall registered themselves under the online EPR portal of Central Pollution Control Board, Delhi developed under the E- waste Management Rules, 2022 with all requisite information / documents, failing which action as deemed appropriate including Environmental Compensation (EC) shall be initiated against the defaulter entities under the Environment Protection act, 1986.
OIPR-08012/11/0103/2425 Sd./- MEMBER SECRETARY

**ALL INDIA COORDINATED RESEARCH PROJECT ON LONG TERM FERTILIZER EXPERIMENTS**
DEPARTMENT OF SOIL SCIENCE AND AGRICULTURAL CHEMISTRY
COLLEGE OF AGRICULTURE, O.U.A.T. BHUBANESWAR-751003
Tel. 0674-2392970 Ext.139/150(O), 7008298545(M)
Fax No 0674-2397036,E-mail:aicrp.ltf@ouat.ac.in
भा.कृ.अनु.प ICAR
Letter No. 255 Date 22.10.2024
From: Dr. P. K. Samant, Officer In-Charge
**NOTIFICATION**
No. KK-211:- One Research Associate (RA) is required to be engaged in the project on "**ALL INDIA COORDINATED RESEARCH PROJECT ON LONG TERM FERTILIZER EXPERIMENTS**" for which selection will be made through walk in interview on 06.11.2024. Such engagement will be purely temporary and shall be terminated at any time without any notice or without assigning any reason thereof. The Research Associate shall not be entitled for any claim implicit or explicit for absorption in the University and the appointment is co terminus with the project duration.
The interested candidates may appear before the selection committee with their original certificates/mark sheets, attested photo copy of each (matriculation, +2 Science, graduation, PG/Ph.D experience) and a recent passport size photograph along with the updated Bio-data as per the schedule and qualification given below. The candidates not fulfilling eligibility criteria would not be considered for selection. The maximum age limit for the above post is 35 years by 31st October 2024 for general candidates. There is age relaxation of 5 years for SC/ST candidates. No TA/DA would be provided for attending the interview.

| Position | No. of vacancies | Essential qualification | Remuneration | Date and time/ Place of interview |
|---|---|---|---|---|
| Research Associate (RA) | 01 (One) | Master degree/ Ph.D in Soil Science/ Soil Science and Agricultural Chemistry **Desirable: Two Years** research/ teaching experience | Rs.49,000/- P.M + HRA 16 % (For Master's degree holder) Rs.54,000/- P.M + HRA 16% For (Ph.D) | 06.11.2024 at 11.00 AM in the chamber of Dean of Research, OUAT |

OIPR-01548/11/0001/2425 Sd./- Officer In-charge

See Career Appointment on every Wednesday & Saturday

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଡ଼ିଆ**
**ସାମାଜିକ ସମୀକ୍ଷା**
ବିଜ୍ଞପ୍ତି ସଂଖ୍ୟା: ୩୦୯୪ ତାରିଖ: ୨୨।୧୦।୨୪
No. i-245: ଏତଦ୍ୱାରା ପଡ଼ିଆ ପଞ୍ଚାୟତ ସମିତି ଅନ୍ତର୍ଗତ ୮ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA), ପଞ୍ଚଦଶ ଅର୍ଥ କମିଶନ (15th FC) ଓ ସମଗ୍ର ଶିକ୍ଷା (Samagra Sikshya)ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ୍ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡ଼ଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ଼ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟରରୋଲର ସଠିକତା ଯାଞ୍ଚ କରିବେ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜି.ଆର୍.ଏସ୍., ଏଡିଇଓ ଏବଂ ପିଇଓ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମ ସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ୍, ଢେଣ୍ଡୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

| କ୍ର.ନଂ. | ଗ୍ରାମପଞ୍ଚାୟତ ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ | ଉପସ୍ଥିତ ଅଧିକାର |
|---|---|---|---|---|---|---|
| ୦୧ | ବାପାନପଲ୍ଲୀ | 24.10.2024 | 04.11.2024 | 04.11.2024 | 12.02.2025 | AEE |
| ୦୨ | ଉଣ୍ଡରୁକୋଣ୍ଡା | 24.10.2024 | 05.11.2024 | 05.11.2024 | | GPDO |
| ୦୩ | ପଡ଼ିଆ | 24.10.2024 | 05.11.2024 | 05.11.2024 | | AEE |
| ୦୪ | ଗିରକାନପଲ୍ଲୀ | 24.10.2024 | 06.11.2024 | 06.11.2024 | | APO |
| ୦୫ | ଶିମିଳିବାଞ୍ଚା | 06.11.2024 | 19.11.2024 | 19.11.2024 | | WEO |
| ୦୬ | ମାଟେରୁ | 11.11.2024 | 20.11.2024 | 20.11.2024 | | GPDO |
| ୦୭ | ନିଲିଗୁଡ଼ା | 07.11.2024 | 18.11.2024 | 18.11.2024 | | APO |
| ୦୮ | କାଳଦାପଲ୍ଲୀ | 06.11.2024 | 19.11.2024 | 19.11.2024 | | APO |

୧. ବ୍ୟବହୃତ ମଷ୍ଟରରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ?
୨. ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ?
୩. ମଷ୍ଟରରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ?
୪. ମଷ୍ଟରରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ?
୫. ମଷ୍ଟରରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ?
୬. ମଷ୍ଟରରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ?
OIPR-19388/11/0006/2425 ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟକ୍ରମ ଅଧିକାରୀ, ପଡ଼ିଆ

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, WESTERN N.H.CIRCLE, SAMBALPUR**
E-mail :-senhsambalpur@gmail.com
e-Procurement Notice
IDENTIFICATION No.IFB- 02/ CCE-WNHC-SBP of 2024-25
No.3400 Dated. 19.10.2024
**No.b-09:** The Chief Construction Engineer, Western N.H.Circle, Sambalpur on behalf of Governor of Odisha invites Percentage Rate bids in Double Cover System for the construction of Road/Drain works as detailed in the table below, from the class of eligible contractors as mentioned in column-5 (five) registered with the State Governments & Contractors.

| Sl. No. | Name of the Work | Approx. value of work excl. GST (Rs in Crores) | Period of Completion | Class of Contractor | Bid Security through online transfer (online mode) (In INR) | Cost of tender document (Non refundable) (On-line) (In INR) | Last date & time of on-line receipt of Bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of R.C.C. Drain along NH-57 from Km 45/750 to Km 47/590 (BHS) for the year 2024-25 | 3.16 | 3 (Three) Months | "A" or equivalent | Rs.3,16,000 | Rs.10,000/- | 17:00 Hrs. of 14.11.2024 |

Details of Bid documents will be available in the website **https://www.tendersodisha.gov.in** from **10:00 Hrs. of 30.10.2024 to 17:00 Hrs. of 14.11.2024.**
Sd./- Manas Ranjan Sethy
Chief Construction Engineer, Western N.H.Circle, Sambalpur
OIPR-34180/11/0001/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିଜିଟାଲ ପେମେଣ୍ଟରେ ଅହେତୁକ ବୃଦ୍ଧି

■ ୩ ବର୍ଷରେ ୨ଗୁଣାରୁ ଅଧିକ କାରବାର
■ କମୁଛି ନଗଦ ଟଙ୍କାର ବ୍ୟବହାର



**ନୂଆଦିଲ୍ଲୀ,୨୩।୧୦**

କୋଭିଡ୍‌ପରଠାରୁ କ୍ରମାଗତ ଭାବେ ନଗଦ ଟଙ୍କାର କାରବାର ହ୍ରାସ ପାଉଥିବାବେଳେ ଡିଜିଟାଲ କାରବାର ଅହେତୁକ ଭାବେ ବୃଦ୍ଧି ପାଇଛି। ଏପରିକି ବିଭିନ୍ନ ପ୍ରକାର କାରବାରରେ ଉପଭୋକ୍ତାମାନେ ନଗଦ ଟଙ୍କାର ବ୍ୟବହାର ବଦଳରେ ଡିଜିଟାଲ କାରବାରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଏକ ଅନୁଧ୍ୟାନ (ଷ୍ଟଡି)ରୁ ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୧ ମାର୍ଚ୍ଚରୁ ୨୦୨୪ ମାର୍ଚ୍ଚ ମଧ୍ୟରେ ହୋଇଥିବା ଉଭୟ କାରବାର ସମ୍ପର୍କରେ ବିସ୍ତୃତ ସୂଚନା ଉକ୍ତ ଗବେଷଣା ଜରିଆରେ ପ୍ରକାଶ କରାଯାଇଛି। ଏପରିକି ୨୦୨୧ ମାର୍ଚ୍ଚରେ ଭାରତର ଡିଜିଟାଲ କାରବାର ପ୍ରାୟ ୧୪ରୁ ୧୯ % ଥିଲାବେଳେ ୨୦୨୪ ମାର୍ଚ୍ଚରେ ଏହାର ପରିମାଣ ଅହେତୁକ ଭାବେ ବୃଦ୍ଧି ପାଇ ୪୦ରୁ ୪୮% ରେ ପହଞ୍ଚିଛି। ସେହିଭଳି ୨୦୨୧ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଦେଶର ନଗଦ କାରବାର ପ୍ରାୟ ୮୧ରୁ ୮୬% ଥିଲାବେଳେ ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୫୨ରୁ ୬୦%କୁ ଖସି ଆସିଛି ବୋଲି ଆର୍‌ବିଆଇର ଗବେଷଣାରୁ ଜଣାପଡିଛି। ସେହିପରି ୨୦୧୬ରେ ସରକାର ୫୦୦ ଏବଂ ୨୦୦୦ ଟଙ୍କାର ବିମୁଦ୍ରୀକରଣ ସମ୍ପର୍କରେ ଘୋଷଣା କରିଥିଲାବେଳେ ମେକ୍ ଇନ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆକୁ ପ୍ରୋତ୍ସାହିତ କରିବା ପାଇଁ ଦେଶରେ ବିଭିନ୍ନ ଡିଜିଟାଲ ପେମେଣ୍ଟସ ସିଷ୍ଟମକୁ ଆନୁଷ୍ଠାନିକ ଭାବେ ଆର୍ଥିକ କାରବାର ପାଇଁ ଆବଶ୍ୟକ ଅନୁମତି ପ୍ରଦାନ କରିଥିଲେ। ଅପରପକ୍ଷରେ ବର୍ତ୍ତମାନ ସମୟରେ ସବୁ ବର୍ଗର ଲୋକ ଡିଜିଟାଲ କାରବାର କରୁଥିବାରୁ ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ନଗଦ କାରବାର କମିଥିବାବେଳେ ଜମା ପରିମାଣରେ ମଧ୍ୟ ବ୍ୟାପକ ଭାବେ ହ୍ରାସ ପାଇଛି ବୋଲି ବ୍ୟାଙ୍କଗୁଡିକ ପକ୍ଷରୁ ନିକଟରେ ସୂଚନା ଦିଆଯାଇଥିଲା।

# ଖସିଲା ଶେୟାର ବଜାର

**ମୁମ୍ବାଇ,୨୩।୧୦**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ପ୍ରାୟ ୧୩୯ (୧୩୮.୭୪) ପଏଣ୍ଟ କମି ୮୦,୦୮୨ (୮୦,୦୮୧.୯୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୭ (୩୬.୬୦) ପଏଣ୍ଟ ହ୍ରାସ ଘଟି ୨୪,୪୩୫ (୨୪,୪୩୫.୫୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ: ଶାଲୁ

## ସର୍ବଭାରତୀୟ ସ୍ତରରେ ସେବା ଦିବସ ପାଳିତ

**ଭୁବନେଶ୍ୱର, ୨୩।୧୦ (ଅଭୟ ଦାଶ)**


ଶାଲୁ ଜିନ୍ଦଲ

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ (ସଙ୍ଗଠନ) ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଫାଉଣ୍ଡେଶନର ଅଧ୍ୟକ୍ଷା ତଥା ବିଶିଷ୍ଟ ସାମାଜିକ କର୍ମୀ ଏବଂ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କୁଚିପୁଡ଼ି ନୃତ୍ୟାଙ୍ଗନା ଶାଲୁ ଜିନ୍ଦଲଙ୍କ ଜନ୍ମଦିବସକୁ 'ସେବା ଦିବସ' ଭାବେ ଦେଶବ୍ୟାପୀ ପାଳନ କରାଯାଇଛି। ଏପରିକି ସାମୁଦାୟିକ ବିକାଶ ପାଇଁ ଶାଲୁଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଆଧାରକରି ଜିନ୍ଦଲ ଫାଉଣ୍ଡେଶନର ଦେଶବ୍ୟାପୀ ଥିବା ସମସ୍ତ ପ୍ରତିଷ୍ଠାନ ଦ୍ୱାରା ବହୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ନେଇ ଶାଲୁ କହିଛନ୍ତି, ଆପଣମାନଙ୍କ ଶୁଭେଚ୍ଛା ଓ ମୋ ଜନ୍ମଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ମୁଁ ବାସ୍ତବରେ କୃତଜ୍ଞ। ଏପରିକି ଆପଣମାନଙ୍କ ସହଯୋଗ ସମାଜର କଲ୍ୟାଣ ପାଇଁ ଅଧିକ ଉଦ୍ୟମ କରିବାକୁ ମତେ ବହୁତ ଶକ୍ତି ଯୋଗାଉଛି। ସେହିଭଳି ଆମେମାନେ ଏକାଠି ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସାମାଜିକ ଦୁର୍ବଳ ଲୋକମାନଙ୍କ ମୁହଁରେ ହସ ଫୁଟାଇପାରିବା। ଅପରପକ୍ଷରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିୟାଣା ଭଳି ଦେଶର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟ ଶିବିର, ପଶୁ ଚିକିତ୍ସା ଶିବିରମାନ ଆୟୋଜନ ସମେତ ବୟସ୍କ, ଡାକ୍ତରଖାନାରେ ଥିବା ରୋଗୀ, ଶିଶୁଗୃହ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ ଆଦି କରାଯାଇଥିଲା।


## ଦ୍ୱାଦଶତମ ଜନ୍ମ ବାର୍ଷିକୀ



**ପ୍ରିୟଙ୍କା ପ୍ରିୟଦର୍ଶିନୀ**
ଜନ୍ମ 24.10.2013
ତୁମର ଚଲାପଥ କୁସୁମିତ ହେଉ ଏଥି ପାଇଁ ଆମେ ଶ୍ରୀଜଗନ୍ନାଥ ଓ ଦୁର୍ଗା ମାଧବଙ୍କଠାରେ ପ୍ରାର୍ଥନା କରୁଛୁ।
ବାପା: ପବିତ୍ର ପାଣିଗ୍ରାହୀ, ମାଆ: ପୁଷ୍ପାସେନୀ, ଭାଇ ଗୀତେଶ, ରିତେଶ, ବବୁଲ, ହନି, ପିନ୍ଟୁ, ଋଷି, ଖୁସି, ଦଦେଇ, ଦେଦେଇ, ଆଈ, ପିଉସା, ପିଉସୀ ଓ ଅନ୍ୟମାନେ।
ଧ-୧୭୪୨


# ୨୪କ୍ୟାରେଟ ଡିଜିଟାଲ ଗୋଲ୍ଡ ଉପରେ କ୍ୟାଶ୍‌ବ୍ୟାକ୍ ଅଫର

**ନୂଆଦିଲ୍ଲୀ,୨୩।୧୦**

ଚଳିତ ଧନ୍‌ତେରସ୍ ଏବଂ ଦୀପାବଳି ଅବସରରେ ଫୋନ୍‌ପେ ପକ୍ଷରୁ ୨୪କ୍ୟାରେଟ ଡିଜିଟାଲ ଗୋଲ୍ଡ ଉପରେ ଆକର୍ଷଣୀୟ କ୍ୟାଶ୍‌ବ୍ୟାକ୍ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫୋନ୍‌ପେରୁ ସର୍ବନିମ୍ନ ୧୫୦୦ ଟଙ୍କା ମୂଲ୍ୟର ଡିଜିଟାଲ ଗୋଲ୍ଡ କିଣିଲେ ୟୁଜରମାନେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ସୁନିଶ୍ଚିତ କ୍ୟାଶ୍‌ବ୍ୟାକ୍ ଅଫରର ଲାଭ ଉଠାଇପାରିବେ। ଏହି ଅଫର ୨୦୨୪ ଅକ୍ଟୋବର ୨୯ରୁ ନଭେମ୍ବର ୧ ପର୍ଯ୍ୟନ୍ତ ୱାନ୍-ଟାଇମ ଟ୍ରାଞ୍ଜାକ୍ସନ(ୟୁଜର ପ୍ରତି ଗୋଟିଏ ଥର ବୈଧ) ପାଇଁ ପ୍ରଯୁଜ୍ୟ ରହିଛି। ସେହିଭଳି ଫୋନ୍‌ପେ ତା'ର ୟୁଜରମାନଙ୍କୁ ୨୪ଘଣ୍ଟା ଘରେ ବସି ଆରାମରେ ୨୪କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିବାର ସୁବିଧା ପ୍ରଦାନ କରୁଛି। ଏକକାଳୀନ କିଣିବା ବ୍ୟତୀତ, ଫୋନ୍‌ପେ ପ୍ରତ୍ୟେକ ଭାରତୀୟଙ୍କୁ ଏସ୍‌ଆଇପି ମାଧ୍ୟମରେ ଡିଜିଟାଲ ଗୋଲ୍ଡରେ ବିନିଯୋଗ କରିବାର ସୁଯୋଗ ମଧ୍ୟ ପ୍ରଦାନ କରୁଛି ଏବଂ ଗ୍ରାହକଙ୍କୁ ନିୟମିତ ବ୍ୟବଧାନରେ ଦୀର୍ଘକାଳୀନ ବିନିଯୋଗ କରିବାରେ ସାହାଯ୍ୟ କରୁଛି। ଏପରିକି ଗ୍ରାହକଙ୍କୁ ନିଜ ଇଚ୍ଛା ଅନୁସାରେ ଯେକୌଣସି ପରିମାଣ ରାଶି ଦେଇ ଡିଜିଟାଲ ଗୋଲ୍ଡରେ ବିନିଯୋଗ କରିବାର ସୁବିଧା ମଧ୍ୟ ମିଳିଥାଏ। ସଂଗୃହୀତ ହୋଇଥିବା ସୁନା, ୟୁଜରଙ୍କ ଆକାଉଣ୍ଟରେ ଡିଜିଟାଲ ଭାବେ ଷ୍ଟୋର ସହିତ ସୁରକ୍ଷିତ ଭାଲ୍ଟରେ ଫିଜିକାଲ ଗୋଲ୍ଡ ମଧ୍ୟ ଷ୍ଟୋର କରାଯାଇଥାଏ। ୟୁଜରମାନେ ଜମା ହୋଇଥିବା ସୁନାକୁ ଯେକୌଣସି ସମୟରେ ବିକ୍ରି କରିପାରିବେ ଏବଂ ବିକ୍ରି ମୂଲ୍ୟ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଯିବ। ୟୁଜରମାନେ ଫୋନ୍‌ପେ ପ୍ଲାଟ୍‌ଫର୍ମରେ ଏମ୍‌ଏମ୍‌ଟିସି-ପିଏଏମ୍‌ପି, ସେଫଗୋଲ୍ଡ ଏବଂ କ୍ୟାରେଟଲେନ ପରି ଡିଜିଟାଲ ଗୋଲ୍ଡ ଜଗତର ଅଗ୍ରଣୀ ତଥା ବିଶ୍ୱସ୍ତ କମ୍ପାନୀଗୁଡ଼ିକରୁ ୯୯.୯୯% ଶୁଦ୍ଧତାର ପ୍ରମାଣପତ୍ର ସହିତ ୨୪କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିପାରିବେ।

ଉଲ୍ଲେଖଯୋଗ୍ୟ, ଭାରତରେ ୧୯,୦୦୦ରୁ ଅଧିକ ପୋଷ୍ଟାଲ କୋଡ୍‌ର ୧.୨ କୋଟିରୁ ଅଧିକ ଗ୍ରାହକ ଫୋନ୍‌ପେ ପ୍ଲାଟ୍‌ଫର୍ମରେ ପାରଦର୍ଶୀ ମୂଲ୍ୟରେ ବିନା କୌଣସି ମେକିଂ ଚାର୍ଜ ଦେଇ ଉଚ୍ଚ ଶୁଦ୍ଧତାର ୨୪ କ୍ୟାରେଟ ସୁନା କିଣିଛନ୍ତି।

# ଟିପିସିଓଡିଏଲ୍ ପକ୍ଷରୁ ବାତ୍ୟା ପ୍ରସ୍ତୁତି

**ଭୁବନେଶ୍ୱର,୨୩।୧୦**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଯୋଗାଣ ଉପରେ ବାତ୍ୟା 'ଦାନା'ର ପ୍ରଭାବକୁ ହ୍ରାସ କରିବା ଏବଂ ଗ୍ରାହକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରିକି ଏହି ଆହ୍ୱାନପୂର୍ଣ୍ଣ ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ନିରବଚ୍ଛିନ୍ନ ବିଜୁଳି ଯୋଗାଇଦେବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ଗ୍ରାହକମାନଙ୍କୁ ଟିପିସିଓଡିଏଲ୍‌ର ୨୪ଘଣ୍ଟିଆ ଦେୟମୁକ୍ତ ହେଲ୍‌ପଲାଇନ ୧୯୧୨/୧୮୦୦୩୪୫୭୧୨୨ ନମ୍ବର ମାଧ୍ୟମରେ ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରିକାଳୀନ ପରିସ୍ଥିତି ବିଷୟରେ ଜଣାଇବାକୁ ଅନୁରୋଧ କରାଯାଇଛି। ସମ୍ଭାବ୍ୟ ସମସ୍ୟାକୁ ଶୀଘ୍ର ଏବଂ ଦକ୍ଷତାର ସହ ସମାଧାନ କରିବା ପାଇଁ କମ୍ପାନୀ ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳର ଏକାଧିକ ସ୍ଥାନରେ କୁଇକ୍ ରେସ୍‌ପନ୍ସ ଟିମ୍ ମୁତୟନ କରିଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଥିଲେ, ସମ୍ଭାବ୍ୟ ବାତ୍ୟା 'ଦାନା' ପାଖେଇ ଆସୁଥିବାବେଳେ ବିଦ୍ୟୁତ୍ ଯୋଗାଣରେ ସୃଷ୍ଟି ବାଧାକୁ ସର୍ବନିମ୍ନ କରିବାକୁ ଆମେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛୁ। ଏପରିକି ନେଟ୍‌ୱର୍କ ନିରୀକ୍ଷଣ ପାଇଁ ଆମେ ବିକେନ୍ଦ୍ରୀକୃତ ସେଣ୍ଟ୍ରାଲ ରୁମ୍‌କୁ କାର୍ଯ୍ୟକାରୀ କରିଛୁ। ଆବଶ୍ୟକ କର୍ମଚାରୀ ନିଯୁକ୍ତି ଏବଂ ପର୍ଯ୍ୟାପ୍ତ ପରିମାଣର ବିଦ୍ୟୁତ୍ ଓ ମରାମତି ଉପକରଣ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛୁ। ଉଭୟ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆମେ ସରକାରୀ ଏଜେନ୍ସିଗୁଡ଼ିକ ସହ ଘନିଷ୍ଠ ଭାବେ କାର୍ଯ୍ୟ କରୁଛୁ। ଆମେ ସମସ୍ତଙ୍କୁ ନିରାପତ୍ତା ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ କରୁଛୁ ଏବଂ ଯେକୌଣସି ଜରୁରିକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ଅବଗତ କରିବାକୁ ଅନୁରୋଧ କରୁଛୁ ବୋଲି ଅରବିନ୍ଦ୍ କହିଛନ୍ତି।


# Classified Everyday
0674-2580101, 2549949


REAL ESTATE
**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1747

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Furnished Three Storied Villa Inside Gated Society At Jayadurga Nagar, Bomikhal, Bhubaneswar for 2.40 Crores. Call- 8917520527. D-1721

**5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668.** D-75999

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1746




Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

Newly open health benefits SPA special offer @ 799 Bapujinagar. 8018429809. D-76164

## LOST

I, Kunal Kishor have got my Registration Card, all grade sheets and degree mutilated by termite bearing registration No. 1101219323 D-1741

I, Lalatendu, Das from Pokhariput, BBSR, State that I have lost my Aadhaar Card, Pan Card, One ICICI Bank Cheque Book, Ac/No- 006101060510 having leaf from 000101 to 000110 and Indian Bank Cheque Book A/c No.- 874996016 while travelling for Puri to Bhubaneswar. If anybody misuse the same would be held responsible or if anybody found contact at 8249000147 D-1744

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I Harekrushan Aich, S/o- Parsuram Aich, resident of Dayanabili, P.O.-Gadanrusingh Prasad, P.S.- Bhuban, Dist.-Dhenkanal, PIN-759024, Odisha declare by this affidavit No.- 541 dtd-21.10.2024 that now onwards I shall be known as Harekrushna Aich for all future purposes. D-1739

By virtue of an affidavit before Notary Public, Kantabanji bearing No.- 1371 on 23.10.2024, before marriage I known as "DOUPADI MAJHI" and after marriage to December Samaratha of Village/P.O.- Dhamandanga, Dist.- Balangir I known as DOUPADI SAMRATH W/o- DECEMBER SAMARATHA in all purposes. D-1745

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ବୃଦ୍ଧ ମା' ୰ଉର୍ମିଳା ବେହେରା**
ସା./ପୋ.-କୋଠପଦା, ଥା.-ବସ୍ତା, ଜି.-ବାଲେଶ୍ୱର
ଆବିର୍ଭାବ-୨୮।୦୨।୧୯୫୭
ତିରୋଧାନ-୧୪।୧୦।୨୦୨୪
ତୁମର ପରିବେଶ ପ୍ରେମ, ଆଦର୍ଶ, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିର ସ୍ମରଣୀୟ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଭାଇ ଗୌରାଙ୍ଗ, କନ୍ୟା ମିନତି ଓ ପ୍ରଣତି, ଜ୍ୱାଇଁ ତପନ ଓ ସୁଧାଂଶୁ, ପୁତୁରା ରଜନୀ, ରତନ, ବନା ଓ ବାବୁ, ନାତୁଣୀନାତି, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୭୪୩

**ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି**



**୰ଉମାବତୀ ତ୍ରିପାଠୀ**
ଲକ୍ଷ୍ମୀସାଗର
ତିରୋଧାନ: ୧୮।୧୦।୨୦୨୨
(କାର୍ତ୍ତିକ କୃଷ୍ଣ ପକ୍ଷ ଅଷ୍ଟମୀ)
ଦେଖୁ ଦେଖୁ ଦୁଇବର୍ଷ ପୂରିଗଲା। ଆମେ ସମସ୍ତେ ତୋତେ ବହୁତ ମନେ ପକାଉଛୁ। ପରମେଶ୍ୱରଙ୍କ ପାଖରେ ଥାଇ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥିବୁ।
ଇତି: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୭୨୫

**ପ୍ରଥମ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି**



**କବିରାଜ ସ୍ୱର୍ଗତ ଗୌରହରି ଦାସ**
(ସଂକୀର୍ତ୍ତନ ଗୁରୁ)
ବାସୁକେରା, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ- ୧୦।୦୪।୧୯୪୪
ତିରୋଧାନ- ୦୫।୧୧।୨୦୨୩
ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:- ହତଭାଗ୍ୟ ପତ୍ନୀ- ସୁଲୋଚନା ଦାସ, ପୁତ୍ର- ରବୀନ୍ଦ୍ର, ବିରଞ୍ଚି, ପୁତ୍ରବଧୂ- ମମତା, ଚାନ୍ଦି, କନ୍ୟା- ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ଜାମାତା- ବିକ୍ରମ, ମିନ, ଗୁରୁ, ନାତି - ହାପି, ବାପିନା, ନାତୁଣୀ- ମୀରା, ଶୋକସନ୍ତପ୍ତ ଦାସ ପରିବାର ଓ ବନ୍ଧୁବର୍ଗ।
ଧ-୧୭୪୦

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଅତ୍ୟାଧୁନିକ ଜ୍ଞାନକୌଶଳରେ କୋଇଲା ପରିବହନ



**ଭୁବନେଶ୍ୱର,୨୩।୧୦**

ବେଦାନ୍ତ ଆଲୁମିନିୟମ ନିକଟରେ ଆଉ ଏକ ସଫଳତା ହାସଲ କରିଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳରେ କୋଇଲା ପରିବହନ ପାଇଁ କମ୍ପାନୀ ଓଡ଼ିଶାର ଝାରସୁଗୁଡ଼ା ଏବଂ ଛତିଶଗଡ଼ର କୋର୍ବା କାରଖାନା ପରିସରରେ 'ବଗି ଓପନ୍ ବଟମ୍ ରାପିଡ୍ ଡିସ୍‌ଚାର୍ଜ ରେଳ ୱାଗନ ଉଇଥ୍ ପେନୁମେଟିକ ଡୋର ଓପନିଂ ଆକ୍ୟୁଏଟର୍ସ (ବିଓବିଆର୍‌ଏନ୍)'କୁ ନିୟୋଜିତ କରାଯାଇଛି। ସେହିଭଳି ଭାରତୀୟ ରେଳପଥ ଦ୍ୱାରା ଆରମ୍ଭ ହୋଇଥିବା ଜେନେରାଲ ପର୍ପୋଜ୍ ୱାଗନ୍ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍ (ଜିପିଡବ୍ଲ୍ୟୁଇଏସ୍)ର ଅଂଶ ବିଶେଷ ଭାବେ ଏହି ପଦକ୍ଷେପ ନିଆଯାଇଛି। ଏପରିକି ଉନ୍ନତ କାର୍ଯ୍ୟକ୍ଷମତା ହାସଲ କରିବା ସହିତ ସ୍ଥିରତା ଲକ୍ଷ୍ୟକୁ ଆଗକୁ ବୃଦ୍ଧି କରିବାରେ ଏହା ବ୍ୟାପକ ଭାବେ ସାହାଯ୍ୟ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମ କାର୍ଯ୍ୟ ପରିସରରେ ବିଓବିଆର୍‌ଏନ୍ ରେକ୍ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିଲାବେଳେ ଏହା ଆମର ରେଳ ଗୁଣବତ୍ତାରେ ଉନ୍ନତି ଆଣିବ। ଏପରିକି ଘୂର୍ଣ୍ଣନ ସମୟ ହ୍ରାସ ଏବଂ ଅଧିକ ନିର୍ଭରଯୋଗ୍ୟ କୋଇଲା ପରିବହନକୁ ସୁନିଶ୍ଚିତ କରିବାରେ ଏହା ସାହାଯ୍ୟ କରିବ। ଏହାଦ୍ୱାରା ଖର୍ଚ୍ଚ ଏବଂ ନିର୍ଗମନ ଯଥେଷ୍ଟ ମାତ୍ରାରେ ହ୍ରାସ ହୋଇପାରିବ। ଆମେ କାର୍ଯ୍ୟକ୍ଷମ ଉତ୍କର୍ଷ ଉପରେ ଆମର ଧ୍ୟାନକୁ ଦୃଢ କରିବା ସହିତ ସ୍ଥିରତା ଏବଂ ଶକ୍ତି ଦକ୍ଷତା ବୃଦ୍ଧି ପାଇଁ ଜାତୀୟସ୍ତରରେ ବ୍ୟାପକ ଯୋଗଦାନକରି ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ବାଲ୍‌କୋ ସିଇଓ ତଥା ନିର୍ଦ୍ଦେଶକ ରାଜେଶ କୁମାର କହିଛନ୍ତି, କମ୍ପାନୀର ଏହି ପଦକ୍ଷେପ ସ୍ଥିରତା ଲକ୍ଷ୍ୟ ସହିତ ସମନ୍ୱିତ ରହି କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଆମର ପ୍ରତିବଦ୍ଧତାକୁ ଦୃଢ କରିଛି। ଏପରିକି ୨୦୫୦ ସୁଦ୍ଧା ନେଟ୍ ଶୂନ ହେବାର ଲକ୍ଷ୍ୟ ଆଡକୁ କମ୍ପାନୀ ଅଗ୍ରଗତି କରୁଥିବାବେଳେ ବିଓବିଆର୍‌ଏନ୍ ରେକ୍‌କୁ ଅନ୍ତର୍ଭୁକ୍ତ କରିବା ଏକ ଅଧିକ ଦୃଢ ଯୋଗାଣ ଶୃଙ୍ଖଳା ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

# ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ସୁବିଧା

**ନୂଆଦିଲ୍ଲୀ,୨୩।୧୦**

ପ୍ରତିବର୍ଷଭଳି ଚଳିତ ବର୍ଷ ପାର୍ବଣ ଓ ଧନ୍‌ତେରସ ଅବସରରେ ଗ୍ରାହକମାନେ ଅତ୍ୟାଧୁନିକ ଜ୍ଞାନକୌଶଳ, ଅଟୋମୋବାଇଲ, ସୁନା ଏବଂ ପାର୍ବଣୀୟ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ସୁବିଧା ସହିତ ସର୍ବୋତ୍ତମ ଡିଲ୍ ଚାହୁଁଥିବା ଗ୍ରାହକଙ୍କ ପାଇଁ ଆମାଜନ୍.ଇନ୍ ଏକ ୱାନ୍ ଷ୍ଟପ୍ ଶପିଂ ଡେଷ୍ଟିନେଶନ ପ୍ରଦାନ କରୁଛି। ଏପରିକି ଏହା ୧୦୦% ପିନ୍ କୋଡ୍‌ର ଡେଲିଭରି ସହିତ ଅତୁଳନୀୟ ଚୟନ ଏବଂ ସୁବିଧା ମାଧ୍ୟମରେ ଶପିଂ ଅଭିଜ୍ଞତାକୁ ଉନ୍ନତ କରୁଛି। ବିଶେଷକରି ସାମ୍‌ସଙ୍ଗ୍ ଗାଲାକ୍ସି ଦ୍ୱାରା ପରିଚାଳିତ ଏବଂ ଭିଡ଼ା ଦ୍ୱାରା ସହପରିଚାଳିତ ଆମାଜନ୍.ଇନ୍ ଧନ୍‌ତେରସ ଷ୍ଟୋରରେ ନୂତନ ଇଲେକ୍ଟ୍ରିକ୍ ସ୍କୁଟର, ଅତ୍ୟାଧୁନିକ ଜ୍ଞାନକୌଶଳ, ଏଥ୍‌ନିକ୍ ପୋଷାକ, ଘରୋଇ ଉପକରଣ, ଶୁଭ ସଜ୍ଜା, ସୌନ୍ଦର୍ଯ୍ୟ ଉତ୍ପାଦ ଏବଂ ସୁନା ସମେତ ବ୍ୟାପକ କଲେକ୍ସନ ସହ ଗ୍ରାହକମାନେ ଆପଲ, ସାମ୍‌ସଙ୍ଗ୍, ୱାନ୍‌ପ୍ଲସ୍, ତନିସ୍କ, ଟାଇଟନ, ବିବା, ହକିନ୍ସ, ଜିଭା, ଓଲା ଏବଂ ଭିଡା ଭଳି ଟପ୍ ବ୍ରାଣ୍ଡର ସ୍ୱତନ୍ତ୍ର ଡିଲ୍‌କୁ ଗୋଟିଏ ସ୍ଥାନରେ ଲାଭ କରିପାରିବେ। ସେହିଭଳି ଗ୍ରାହକଙ୍କ ଶପିଂ ତାଲିକାରେ ଥିବା କିଛି ଶୀର୍ଷ ଆଇଟମ୍‌କୁ ମଧ୍ୟ ଆକର୍ଷଣୀୟ ମୂଲ୍ୟରେ ପ୍ରଦାନ କରାଯାଉଛି। ସେଗୁଡ଼ିକ ମଧ୍ୟରେ କଲ୍ୟାଣ ଜୁଏଲର୍ସ ୨୪କେ ଗୋଲ୍ଡ ବାର୍, ତନିସ୍କ ଇ-ଗିଫ୍ଟ କାର୍ଡ, ଶ୍ରୀରାମ ସଲିଡ୍ ସିଲ୍‌ଭର ମୂର୍ତ୍ତି, ହକିନ୍ସ କିଚେନ୍ ଗିଫ୍ଟ ପ୍ୟାକ୍ ଭଳି ଅନେକ କିଛି ସାମିଲ ରହିଛି। ସେହିପରି ଗ୍ରାହକଙ୍କ ଫୋକସରେ ଥିବା ବ୍ରାଣ୍ଡଗୁଡିକ ମଧ୍ୟରେ ଭିଡା ହିରୋ ମୋଟୋକର୍ପ ହାଇସ୍ପିଡ୍ ଇଲେକ୍ଟ୍ରିକ୍ ସ୍କୁଟର, ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୩ ଅଲ୍ଟ୍ରା, ଷ୍ଟାଟସ୍ କଂଟ୍ରାକ୍ଟ ଲିଭିଂ ରୁମ୍ ରଗ୍ସ, ନଟରାଜ କାଜୁ ଆଦି ସାମିଲ ରହିଛି। ଚମତ୍କାର ଉତ୍ସବ ସାମଗ୍ରୀରେ ଜିଭା ୧୮କେ ୟେଲୋ ଗୋଲ୍ଡ ଡାଇମଣ୍ଡ ପେଣ୍ଡେଣ୍ଟ, ଟମି ହିଲଫାଇଗର ଲେଦର ମେନ୍ସ ୱାଲେଟ୍, ବିବା ରେଡିମେଡ୍ କିଡ୍ ଲେହେଙ୍ଗା ଚୋଲି ସେଟ୍, ଟାଇଟନ୍ କରିଷ୍ମା ଆନାଲୋଗ୍ ମେନ୍ସ ୱାଚ୍ ଇତ୍ୟାଦି ସାମିଲ ରହିଛି।

# ଅସଦାଚରଣ ନୁହେଁ ଗଣବଳାତ୍କାର ଶିକାର ହୋଇଥିଲେ ନାବାଳିକା

## ଆଉ ୨ ଅଭିଯୁକ୍ତ ଗିରଫ

## ସିଟି ଡିଏସପିଙ୍କୁ ତଦନ୍ତ ଦାୟିତ୍ୱ

କୁଚିଣ୍ଡା,୨୩।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଓ ଅସଦାଚରଣ ମାମଲା ଗଣବଳାତ୍କାରକୁ ରୂପାନ୍ତରିତ ହୋଇଛି। ପୀଡ଼ିତା ତାଙ୍କ ବୟାନ ବଦଳାଇ ତାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଏସ୍‌ପିଙ୍କଠାରେ ଅଭିଯୋଗ କରିବାରୁ ପୂର୍ବରୁ ରୁଜୁ ହୋଇଥିବା ଅପହରଣ ଓ ଅସଦାଚରଣ ମାମଲା ଗଣବଳାତ୍କାରକୁ ରୂପାନ୍ତରିତ ହୋଇଛି। ଏଥିସହ ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟର ଦଫା ୩ ଯୋଡ଼ାଯାଇଥିବା ବୁଧବାର ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। କୁଚିଣ୍ଡା ଥାନାରେ ଏକ ଖବରଦାତା ସମ୍ମିଳନୀକରି ସେ କହିଛନ୍ତି, ସମ୍ବଲପୁର ସିଟି ଡିଏସ୍‌ପି ସୁମନ ରଞ୍ଜିତା ସିଂଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ଏହି ଘଟଣାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ହରିହର ପାଣିଙ୍କୁ ମଙ୍ଗଳବାର ରାତିରେ ଅନୁଗୋଳରୁ ଓ ଶିବଦତ୍ତ ବାଘଙ୍କୁ ବୁଧବାର ତାଙ୍କ କୁଚିଣ୍ଡା ଏନ୍‌ଏସି ୫ ନଂ. ୱାର୍ଡସ୍ଥିତ ଘରୁ ଗିରଫ କରାଯାଇଛି। ପୂର୍ବରୁ ପୀଡ଼ିତା ନାବାଳିକାଙ୍କ ଅଭିଯୋଗକ୍ରମେ କୁଚିଣ୍ଡା ପୋଲିସ ଏକ ଅପହରଣ ଓ ଅସଦାଚରଣ ମାମଲା(ନଂ.୪୨୯/୨୪) ରୁଜୁକରି କାହ୍ନା ଛତ୍ରିଆ, ମୁକେଶ ବାଘ ଓ ସନ୍ତୋଷ ମୁଣ୍ଡାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଠିକ୍ ଭାବେ କରାଯାଉଛି। ଅଭିଯୁକ୍ତମାନଙ୍କ ବିରୋଧରେ କିଭଳି ଉଚିତ ଦଣ୍ଡବିଧାନ ହୋଇପାରିବ ପୋଲିସ ସେ ଦିଗରେ କାମ କରୁଛି ବୋଲି ଅତିରିକ୍ତ ଏସ୍‌ପି ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୫ତାରିଖ ରାତିରେ ନାବାଳିକା ଜଣକ ପଞ୍ଚମୁଖୀ ଛକରେ କରମା ପୂଜା ଦେଖୁଥିଲେ। ଉପରୋକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ କାହ୍ନା ଛତ୍ରିଆ ତାଙ୍କୁ ବୁଲିଯିବାକୁ କହି କାର୍‌ରେ ବସାଇ ନେଇଥିଲେ। ପୂର୍ବରୁ କାର୍ ଭିତରେ ୨ଜଣ ଥିଲେ। ପରେ ସେମାନେ ନାବାଳିକାଙ୍କୁ ମାଦକଦ୍ରବ୍ୟ ମିଶା ଥଣ୍ଡା ପାନୀୟ ପିଆଇ ଗଣବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ତାଙ୍କୁ ଏବଂ ତାଙ୍କ ବାପାଙ୍କୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଧମକ ଦେଇଥିଲେ। ୧୬ ତାରିଖରେ ପୀଡ଼ିତା କୁଚିଣ୍ଡା ଥାନାରେ ଏତଲା ଦେବାକୁ ବାପାଙ୍କ ସହ ଯାଇଥିବା ସମୟରେ ଅଭିଯୁକ୍ତ ହରିହର ପାଣି ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ। ତେଣୁ ସେ ଭୟଭୀତ ହୋଇ ଗଣବଳାତ୍କାର ରିପୋର୍ଟ କରି ନ ଥିବା ସୋମବାର ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ମାମଲାର ତଦନ୍ତ ଅଧିକାରୀ ସିଟି ଡିଏସ୍‌ପି ସୁମନ ରଞ୍ଜିତା ସିଂ, କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା, କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ରାଇକିଆ,୨୩।୧୦(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଥାନା ଅନ୍ତର୍ଗତ କରଡ଼ା ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତକ ହେଲେ କରଡ଼ା ଗ୍ରାମର ଅନିକ ପଟ୍ଟନାୟକ। ସେ ଗ୍ରାମରେ ଔଷଧପତ୍ର ବ୍ୟବସାୟ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଅନିକ ପୋଡ଼ମାରୀ ଗ୍ରାମକୁ କୌଣସି କାମରେ ଯାଇ ଫେରୁଥିବା ବେଳେ ଘରଠାରୁ ମାତ୍ର ୧୫୦ ମିଟର ଦୂରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ଅନିକଙ୍କୁ ପରିବାର ଲୋକେ ରାଇକିଆ ମେଡିକାଲ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ରାଇକିଆ ଥାନାରେ ମୃତକଙ୍କ ସ୍ତ୍ରୀ ଗୀତାରାଣୀ ପଟ୍ଟନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୪୨/୨୪ରେ ମାମଲା ରୁଜୁ କରିଛି। ଏଏସ୍‌ଆଇ ଆଶୁତୋଷ ପାଇକରାୟ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଗିରଫ

## ଜମି କିସମ ପରିବର୍ତ୍ତନ ରିପୋର୍ଟ ପାଇଁ ୨୦ ହଜାର ଲାଞ୍ଚ

ସୋନପୁର,୨୩।୧୦ (ମୃତ୍ୟୁଞ୍ଜୟ ଶତପଥୀ)

ତହସିଲଦାରଙ୍କୁ ଜମି କିସମ ପରିବର୍ତ୍ତନ ରିପୋର୍ଟ ପ୍ରଦାନ ପାଇଁ ଜଣେ ବ୍ୟକ୍ତିଙ୍କ ନିକଟରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁବର୍ଣ୍ଣପୁର ଜିଲା ବିନିକା ତହସିଲର ସିନ୍ଦୂରପୁର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ) ବିବେକାନନ୍ଦ ତ୍ରିପାଠୀ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

ସିନ୍ଦୂରପୁର ରାଜସ୍ୱ ମଣ୍ଡଳ ଅଧୀନରେ ଥିବା ବଳାରଙ୍ଗା ଗ୍ରାମର ସୂର୍ଯ୍ୟ କୁମାର ମହାକୁଡ଼ ନିଜ ଜମିର କିସମ ପରିବର୍ତ୍ତନ ପାଇଁ ବିନିକା ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଜମିର କ୍ଷେତ୍ର ପରିଦର୍ଶନକରି ରିପୋର୍ଟ ପ୍ରଦାନ ପାଇଁ ତହସିଲଦାର ସିନ୍ଦୂରପୁର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ତ୍ରିପାଠୀଙ୍କୁ ଚିଠି କରିଥିଲେ। ହେଲେ ତ୍ରିପାଠୀ ୬୦ହଜାର ଟଙ୍କା ଦେଲେ ତହସିଲଦାରଙ୍କୁ ରିପୋର୍ଟ ଦେବେ ବୋଲି ସୂର୍ଯ୍ୟଙ୍କୁ କହିଥିଲେ। ଅନନ୍ୟୋପାୟ ହୋଇ ସୂର୍ଯ୍ୟ ମଙ୍ଗଳବାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସୂର୍ଯ୍ୟ ପ୍ରଥମ ପର୍ଯ୍ୟାୟରେ ବୁଧବାର ୨୦ ହଜାର ଟଙ୍କା ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ତ୍ରିପାଠୀଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପ୍ରଧାନ ଓ ଇନ୍ସପେକ୍ଟର ଦିଲୀପ କୁମାର ପ୍ରଧାନ ତ୍ରିପାଠୀଙ୍କୁ କାବୁ କରିଥିଲେ। ତାଙ୍କଠାରୁ ୪୦ଖଣ୍ଡ ୫୦୦ଟଙ୍କିଆ ନୋଟ୍ ଜବତ କରାଯାଇଥିଲା। ପରେ ତ୍ରିପାଠୀଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟ ନିଆଯାଇ ପଚରାଉଚରା କରାଯାଇଥିଲା। ଅଭିଯୁକ୍ତଙ୍କୁ ବଲାଙ୍ଗୀର ଭିଜିଲାନ୍ସ କୋର୍ଟ ଚାଲାଣ କରାଯିବ ବୋଲି ଡିଏସ୍‌ପି ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ତ୍ରିପାଠୀ ଏଆର୍‌ଆଇ ଭାବେ ଅନୁକମ୍ପାମୂଳକ ନିଯୁକ୍ତି ପାଇଥିଲେ।


ବିବେକାନନ୍ଦ ତ୍ରିପାଠୀ


ଜବତ ଟଙ୍କା

# ବୋଲଗଡ଼ ବନଖଣ୍ଡରେ ବନ୍ୟଜନ୍ତୁ ଶିକାର

## ୨ ଶିକାରୀ ଗିରଫ, ମୃତ ବାରହା ଜବତ

ବୋଲଗଡ଼,୨୨।୧୦(ଦେବବ୍ରତ ହୋତା)

ଖୋର୍ଦ୍ଧା ରେଞ୍ଜ ଅଧୀନ ବୋଲଗଡ଼ ବନଖଣ୍ଡ ଅଞ୍ଚଳରେ ଥିବା ୬ଟି ଜଙ୍ଗଲରେ ଗତ କିଛିଦିନ ହେବ ବନ୍ୟଜନ୍ତୁ ଶିକାର ବଢିଚାଲିଛି। କର୍ମଚାରୀ ଅଭାବ କାରଣରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ଓ ଶିକାରୀଙ୍କୁ ଧରିବା ପାଇଁ ବନ ବିଭାଗ କର୍ମଚାରୀ ନାକେଦମ ହେଉଛନ୍ତି। ଏହି ବନଖଣ୍ଡ ଅଞ୍ଚଳରେ ନାଗାପଲ୍ଲୀ, ପାଞ୍ଚଗଡ଼ ଓ ମାଣିବନ୍ଧ ଆଦି ରିଜର୍ଭ ଫରେଷ୍ଟ(ଆର୍‌ଏଫ୍) ଏବଂ ଡୁବୁରୀ, ବ୍ରାହ୍ମଣୀଦେବୀ ଓ ମଣ୍ଡଳସିଂହ ଆଦି ଡିମାର୍କଡ ପ୍ରୋଟେକ୍ଟ ଫରେଷ୍ଟ (ଡିପିଏଫ୍) ଏପରି ମୋଟ ୬ଟି ଜଙ୍ଗଲ ରହିଛି। ବନୀକରଣ ପ୍ରକଳ୍ପ ମାଧ୍ୟମରେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଥିବା ବେଳେ ବାରହା, କୁତ୍ରା, ମୟୂର, ଠେକୁଆ ଆଦି ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେବେ ବନ୍ୟଜନ୍ତୁଙ୍କ ଉପରେ ଶିକାରୀଙ୍କ ଲୋଲୁପଦୃଷ୍ଟି ପଡ଼ିବା ସହ ବିଦ୍ୟୁତ ତାର ବିଛାଇ ଓ ଅନ୍ୟ ମାଧ୍ୟମରେ ଶିକାର କରିବାରେ ଲାଗିଛନ୍ତି। ସ୍ୱଳ୍ପ କର୍ମଚାରୀଙ୍କୁ ନେଇ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲେ ମଧ୍ୟ ଅଧିକାଂଶ ସମୟରେ ଶିକାରୀମାନଙ୍କୁ ଗିରଫ କରାଯାଇପାରୁନାହିଁ।

ଦୁଇଦିନ ତଳେ ବାରହା ଶିକାର ପାଇଁ ବିଛାଯାଇଥିବା ଜାଲ ଓ ତାରକୁ ବନ କର୍ମଚାରୀ ଜବତ କରିଥିଲେ। ମଙ୍ଗଳବାର ସକାଳେ ଦୁଇଜଣ ଶିକାରୀଙ୍କୁ ଗୋଟିଏ ମୃତ ବାରହା ସହ ବନ କର୍ମଚାରୀ ଧରିବାରେ ସକ୍ଷମ ହୋଇଛନ୍ତି। ଶିକାରୀ ଦ୍ୱୟ ଖଙ୍ଗୁରିଆ ପଞ୍ଚାୟତ ଯୋଡ଼ାପଡ଼ା ନିକଟସ୍ଥ ବ୍ରାହ୍ମଣୀଦେବୀ ଜଙ୍ଗଲ ତଳି ଅଞ୍ଚଳରୁ ଏକ ବାରହା ଶିକାର କରି ତାକୁ ବାଇକରେ ଲଦି ଚାଲାଣ କରୁଥିଲେ। ଗ୍ରାମବାସୀଙ୍କଠାରୁ ଏହି ଖବର ପାଇ ବନପାଳ ପ୍ରଦୀପ୍ତ ପଟ୍ଟନାୟକ ଓ ବନରକ୍ଷୀମାନେ ଖଙ୍ଗୁରିଆ ଗ୍ରାମଠାରେ ବାଙ୍କୋଇ ଗ୍ରାମର ଲକ୍ଷ୍ମଣ ଭୁଜବଳ ଓ ଠଣାପଲି ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କୁ ଗିରଫ କରିବା ସହ ମୃତ ବାରହା, ବାଇକ ଜବତ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ସହ ଉଭୟଙ୍କୁ ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଛି। ମୃତ ବାରହାର ଓଜନ ପ୍ରାୟ ଏକ କୁଇଣ୍ଟାଲ ହେବ। ସେ ଧାନକେଣ୍ଡା ଖାଇବା ପାଇଁ ପାହାଡ଼ ତଳି ଚାଷଜମିକୁ ଆସିଥିବାବେଳେ ଶିକାରୀଙ୍କ ହାବୁଡ଼ରେ ପଡ଼ିଥିଲା ବୋଲି ବନପାଳ କହିଛନ୍ତି।

# ଗର୍ଭବତୀ ସ୍ତ୍ରୀଙ୍କ ମୃତଦେହ ଜଙ୍ଗଲରେ ଫିଙ୍ଗିଦେଲେ

## ପରମ୍ପରା ଯୋଗୁ ସଂସ୍କାର କରି ନ ଥିଲୁ: ସ୍ୱାମୀ

ବଲାଙ୍ଗୀର,୨୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବିଜ୍ଞାନ, ସୂଚନା ଓ ପ୍ରଯୁକ୍ତି ଜ୍ଞାନ କୌଶଳ ଯେତେ ଆଗେଇଲେ ମଧ୍ୟ ବାସ୍ତବ ଶିକ୍ଷା ଅଭାବରୁ ମଣିଷ ମନରେ ଏବେ ବି କୁସଂସ୍କାର ଓ ଅନ୍ଧବିଶ୍ୱାସ ଲୁଚି ରହିଛି। ଫଳରେ ବିଭିନ୍ନ ସମୟରେ ଜାତି, ଧର୍ମ, ପ୍ରଥା ଓ ପରମ୍ପରା ନାଁରେ ନାରକୀୟ କାଣ୍ଡ ଘଟୁଥିବା ଦେଖିବାକୁ ମିଳୁଛି । ଚିକିତ୍ସାଧୀନ ଅବସ୍ଥାରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହେବାରୁ ଘରକୁ ନେଲେ ଅନିଷ୍ଟ ହେବ ବୋଲି ମନେ କରି ମୃତଦେହ ଦାହ ସଂସ୍କାର ନ କରି ଜଙ୍ଗଲରେ ଫିଙ୍ଗି ଦେବା ଭଳି ଏକ ଅଭାବନୀୟ ଘଟଣା ବଲାଙ୍ଗୀର ସହର ନିକଟରେ ଘଟିଯାଇଛି। ମହିଳାଙ୍କ ମୃତ୍ୟୁର ୭ ଦିନ ପରେ ଏହି ଘଟଣା ଲୋକଲୋଚନକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରସଦର ଥାନା ଅନ୍ତର୍ଗତ ବୈଦିପାଲି ଗାଁ ନିକଟ ପତ୍ରା ଜଙ୍ଗଲରେ ବୁଧବାର ସକାଳେ ଜଣେ ଗର୍ଭବତୀ ମହିଳାଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ ମହିଳାଙ୍କ ଶରୀରରେ ଚିକିତ୍ସା ଉପକରଣ ଲାଗିଥିବାରୁ ତାଙ୍କୁ କେହି ଜଙ୍ଗଲ ଭିତରେ ଫିଙ୍ଗି ଦେଇଥିବା ସନ୍ଦେହ ହୋଇଥିଲା। ଏନେଇ ଖବର ପାଇ ବଲାଙ୍ଗୀର ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ କରାଯିବାରୁ ମୃତ ମହିଳା ଜଣକ ସଦର ବ୍ଲକ ଅନ୍ତର୍ଗତ ଶିବତଲା ନିକଟ ଶ୍ରୀରାମପୁର ଗାଁର ସୂର୍ଯ୍ୟ ମାଝିଙ୍କ ସ୍ତ୍ରୀ କଲ୍ୟାଣୀ ମାଝି (୨୪) ବୋଲି ଚିହ୍ନଟ କରାଯାଇଥିଲା। ୪ ମାସର ଗର୍ଭବତୀ ଥିବା କଲ୍ୟାଣୀ କିଛିଦିନ ତଳେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୬ ତାରିଖରେ କଲ୍ୟାଣୀଙ୍କର ମୃତ୍ୟୁ ଘଟିଥିଲା । କିନ୍ତୁ ସ୍ତ୍ରୀଙ୍କ ମୃତ୍ୟୁ ହେବା ପରେ ସ୍ୱାମୀ ସୂର୍ଯ୍ୟ ଅଡୁଆରେ ପଡିଥିଲେ। ତାଙ୍କ ଜାତି ପ୍ରଥା ପରମ୍ପରା ଅନୁଯାୟୀ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହେଲେ ମୃତଦେହକୁ ଦାହ କିମ୍ବା ପୋତା ଯିବାର ନିୟମ ନାହିଁ ବୋଲି କୁହାଯାଇଥିଲା । ତେଣୁ ବୁର୍ଲାରୁ ଗାଁକୁ ଫେରିବା ବାଟରେ ବୈଦିପାଲି ଜଙ୍ଗଲ ଭିତରେ ସ୍ତ୍ରୀଙ୍କ ମୃତଦେହକୁ ଫିଙ୍ଗି ଦେଇଥିଲେ ବୋଲି ସୂର୍ଯ୍ୟ ପୋଲିସକୁ ଜଣାଇଥିଲେ। ସଦର ଥାନା ପୋଲିସ ଟିମ୍ ସୂର୍ଯ୍ୟଙ୍କୁ ଘଟଣାସ୍ଥଳକୁ ଆଣି ମୃତଦେହ ଚିହ୍ନଟ କରାଇଥିଲେ। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରେ ସୂର୍ଯ୍ୟଙ୍କ ପରିବାର ଲୋକେ ଫିଙ୍ଗି ଦେଇଥିବା ସ୍ଥାନ ନିକଟରେ କଲ୍ୟାଣୀଙ୍କ ମୃତଦେହକୁ ପୋତି ଦେଇଥିବା ଜଣାପଡିଛି। ଅନ୍ଧବିଶ୍ୱାସରୁ ମୃତଦେହ ଫିଙ୍ଗା ଘଟଣାକୁ ନେଇ ବୈଦିପାଲି ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣାର ତଦନ୍ତ କରାଯାଉଛି ଏବଂ ଏନେଇ ଜନସଚେତନତା ସୃଷ୍ଟି କରାଯିବ ବୋଲି ଏସଡିପିଓ ସାହୁ ଗଣମାଧ୍ୟମକୁ କହିଛନ୍ତି।


ମୃତଦେହ ପଡିଥିବା ସ୍ଥାନରେ ସାଇଣ୍ଟିଫିକ୍ ଟିମ୍।

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

## କଲରାପତରିଆ ବାଘଛାଲ ଜବତ ମାମଲା

ଭୁବନେଶ୍ୱର,୨୩।୧୦(ସତ୍ୟଜିତ୍ ରାଉତ)

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ପକ୍ଷରୁ କଲରାପତରିଆ ବାଘଛାଲ ଜବତ ମାମଲାର ରାୟ ଖୋର୍ଦ୍ଧା ଜିଲା ବାଣପୁର ଜେଏମ୍‌ଏଫ୍‌ସି କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ବାଣପୁର ଥାନା ଅନ୍ତର୍ଗତ ଘଷିଡିହ ଅଞ୍ଚଳର ରତ୍ନାକର ସାହୁଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ୧୦ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ସ୍ନାତକୀ ଦାସ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ରତ୍ନାକରଙ୍କ ପାଖରେ ବାଘଛାଲ ଥିବା ଜାଣି ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ୨୦୨୧ ସେପ୍ଟେମ୍ବର ୨୯ ସକାଳ ପ୍ରାୟ ୬ଟା ୩୦ରେ ଖୋର୍ଦ୍ଧା ଜିଲା ଗମ୍ଭାରିମୁଣ୍ଡାରୁ ସୁନାଖଳା ରାସ୍ତାରେ ରତ୍ନାକର ବାଘଛାଲ ଧରି ଜଣେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଅଧିକାରୀମାନେ ସେଠାରେ ଚଢ଼ାଉ କରି ରତ୍ନାକରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବାଘଛାଲ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୩୮/୨୦୨୧) ରୁଜୁ କରି ରତ୍ନାକରଙ୍କୁ କୋର୍ଟଚାଲାଣ କରିଥିଲ। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ୧୦ଜଣଙ୍କ ସାକ୍ଷ୍ୟ ଓ ୨୪ଟି ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରାଚୀ ନନ୍ଦ ଓ ଜେ. ପ୍ରଧାନ ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିଲେ।

# ୨୬ ଗାଡ଼ି ଉପରେ ୧ଲକ୍ଷ ୨୦ ହଜାର ଜରିମାନା

## ଜାତୀୟ ରାଜପଥରେ ବେଆଇନ ପାର୍କିଂ

ଛତ୍ରପୁର,୨୩।୧୦(ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ ନଂ. ରାଜପଥ ଉପରେ ବିଭିନ୍ନ ସମୟରେ ବେଆଇନ ଭାବେ ଗାଡି ପାର୍କିଂ କରାଯାଉ ଥିବାରୁ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହାକୁ ବନ୍ଦ କରିବା ପାଇଁ ଗଞ୍ଜାମ ପରିବହନ ବିଭାଗ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାତିରେ ଦୁଇ ବିଭାଗ ପକ୍ଷରୁ ମିଳିତ ଭାବେ ପୁଇଁତୋଳା ଛକରେ ଚଢ଼ାଉ କରାଯାଇଥିଲା। ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ପାର୍କିଂ କରିଥିବା ୨୬ଟି ଗାଡି ଉପରେ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ପକାଯାଇଥିବା ଏମ୍‌ଭିଆଇ ରବୀନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି। ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି କୁହାଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବୋଇଲି ଛିଚିକିଣିକି
ଛିଣ୍ଡେଇ ନ କହୁ କଥା,
ଭିତରେ ଭିତରେ ଗୁଣେଇ ହେଉ
ଏ କୋଉ ଛାର କଥା ?**

କଥା ଖୋଲିକରି କହିଲେ ସମସ୍ୟା ଅନେକାଂଶରେ କମିଯାଇଥାଏ। ଏହା ଜାଣିକରି ମଧ୍ୟ କିଛି ବ୍ୟକ୍ତି କଥାକୁ ଆଦୌ ଫିଟେଇ କହି ନ ଥାନ୍ତି। ଯେତେ ଛୋଟ ବା ମାମୁଲି କଥା ହୋଇଥିଲେ ମଧ୍ୟ ତାକୁ ଧରି ମନେ ମନେ ଗୁଣି ହୋଇ ନାନା ପ୍ରକାର ବିଭ୍ରାନ୍ତି ସୃଷ୍ଟି କରିଥାନ୍ତି। କେତେକ ମହିଳାଙ୍କ ଏପରି ସ୍ୱଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛିଇ କରିବା ତାଙ୍କରି ଗୁଣ,
ତେଲ ଦିନେ ଥିଲେ ନ ଥାଏ ଲୁଣ।**

କିଛି ବ୍ୟକ୍ତି ଅଛନ୍ତି ଘରେ କିଛି ନ ଥାଉ ପଛେ ପରର ଜିନିଷ ବା ଦରବ ପ୍ରତି କିନ୍ତୁ ନାନା ଟିକାଟିପ୍ପଣୀ ଦେବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ବଡ଼ଲୋକି ଦେଖାଇ ନିଜର ଟେକ ରଖିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପ୍ରୌଢ଼ି ବା ଚାତୁରୀ ଦେଖେଇହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# ମାଓବାଦୀ ଡମ୍ପ ଜବତ, ବୋମା ନିଷ୍କ୍ରିୟ

ମାଲାକନଗିରି, ୨୩।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଘନବେଡ଼ା ଓ ଗୁରାସେତୁ ୧୭୭ ବିଏସ୍‌ଏଫ୍ ବାଟାଲିୟନ ତରଫରୁ ମାଓବାଦୀ ଡମ୍ପ ଜବତ କରିବା ସହ ବୋମା ନିଷ୍କ୍ରିୟ କରିଛନ୍ତି। ୧୭୭ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ ବୁଧବାର କୋଣ୍ଡାକାମ୍ବେରୁ ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ସମୟରେ ଅଣ୍ଡ୍ରାପାଲ୍ଲୀ ପଞ୍ଚାୟତ ଅରାପଦର ଗ୍ରାମ ନିକଟ ଜଙ୍ଗଲରେ ଏକ ଗଛ ପାଖରେ ମାଓବାଦୀ ଡମ୍ପ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଗଛ ନିକଟରେ ଗୋଟିଏ ଡ୍ରମ୍ ଭିତରେ ଥିବା ଏହି ସାମଗ୍ରୀ ଜବତ କରିଥିଲେ। ଏହି ଡ୍ରମ୍ ଭିତରେ ଗୋଟିଏ ୩ ଲିଟର ଟିଫିନ୍ ବୋମା, ଗୋଟିଏ ୧ ଲିଟର ଟିଫିନ୍ ବୋମା, ତିନୋଟି ପାଇପ୍ ବୋମା, ୯ ଡିଟୋନେଟର, ୯ ଜିଲଟିନ୍ ଷ୍ଟିକ୍, ଗୋଟିଏ ବ୍ୟାଟେରି, ୧୦ ମିଟର ତାର, ଗୋଟିଏ ସୋଲାର ପ୍ଲେଟ୍, ଦୁଇଟି ଔଷଧ ବୋତଲ, ଗୋଟିଏ ପ୍ଲାଷ୍ଟିକ ଡ୍ରମ୍ ଜବତ କରିଛନ୍ତି। ଏଥିସହ ଉକ୍ତ ଦୁଇଟି ଟିଫିନ୍ ବୋମାକୁ ସ୍କ୍ୱାଡ୍ ସହାୟତାରେ ନିଷ୍କ୍ରିୟ କରିଛନ୍ତି।






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବ୍ରାଉନସୁଗାର ଜବତ, ୪ ଗିରଫ

ଭୁବନେଶ୍ୱର,୨୩।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର କଳିଙ୍ଗବିହାର ଛକ ନିକଟ ବସ୍‌ଷ୍ଟାଣ୍ଡରେ ବ୍ରାଉନସୁଗାର ବେପାର କରୁଥିବାବେଳେ ତମାଣ୍ଡୋ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ବାଲିଅନ୍ତା ଥାନା ଅଞ୍ଚଳର ସବିର ଅଲ୍ଲି ଖାନ, ଜଟଣୀର ଅବଦୁଲ ରହେମନ, କାହ୍ନୁ ଦାଶ ଓ ସଞ୍ଜୟ ଦାସ। ସେମାନଙ୍କଠାରୁ ୧୧ ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ତେବେ ବେଆଇନ ଭାବେ ଏହି ବେପାର କରୁଥିବାରୁ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଜବତ ମୋବାଇଲରୁ ବ୍ରାଉସୁଗାର କାରବାର ସଂକ୍ରାନ୍ତ ଅଧିକ ତଥ୍ୟ ଜାଣିବାକୁ ପୋଲିସ ଖୋଳତାଡ଼ ଚଳାଇବା ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି।

# ଜଙ୍ଗଲରୁ ନିଖୋଜ ନାବାଳକଙ୍କ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲା ପରିବାର

ଝରିଗାଁ,୨୩।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଗୁରୁସିଙ୍ଗା ଜଙ୍ଗଲରେ ଥିବା ଏକ ଶୁଷ୍କ ନାଳରୁ ବୁଧବାର ଜଣେ ନାବାଳକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଝରିଗାଁ ନିବାସୀ ସୁବାସ ପାଣ୍ଡେଙ୍କ ପୁଅ କ୍ଷୀରଧର (୧୫)। ସେ ଝରିଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବାବେଳେ ଗତ ୮ ତାରିଖରୁ ନିଖୋଜ ଥିଲେ। ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ଥାନା ଏସ୍‌ଆଇ କେ. ଲକ୍ଷ୍ମୀନାରାୟଣ ଦୋରା, ଏଏସ୍‌ଆଇ କେଦାରନାଥ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ତେବେ କ୍ଷୀରଧରଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଗତ ୮ ତାରିଖରେ କ୍ଷୀରଧର ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ଝରିଗାଁ ସମେତ ଆଖପାଖ ଗାଁ, ସମସ୍ତ ସମ୍ପର୍କୀୟ ଏବଂ ସାଙ୍ଗସାଥୀଙ୍କ ଘରେ ଖୋଜାଖୋଜି କରିଥିଲେ। କିନ୍ତୁ କ୍ଷୀରଧରଙ୍କ କୌଣସି ପତ୍ତା ମିଳିନଥିଲା। ସୁବାସ ଏନେଇ ଝରିଗାଁ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଥାନା କେସ୍ ନମ୍ବର ୧୭୪/୨୦୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ମଙ୍ଗଳବାର ଗୁରୁସିଙ୍ଗା ଜଙ୍ଗଲକୁ ଶୁଖିଲା କାଠ ସଂଗ୍ରହ ପାଇଁ ଯାଇଥିବା କେତେଜଣ ମହିଳା କିଛି ଦୁର୍ଗନ୍ଧ ହେଉଥିବା ଜାଣି ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ବୁଧବାର ସକାଳେ ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ ଏବଂ ବଞ୍ଜିଆମ୍ବା ଗ୍ରାମରେ ରହୁଥିବା ହୋମଗାର୍ଡ ପତିରାମା ମାଝୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରେ ଥିବା ଏକ ଶୁଷ୍କ ନାଳରେ ଜଣଙ୍କର ଗଳିତ ମୃତଦେହ ଦେଖି ପୋଲିସକୁ ଖବର ଦିଆଯାଇଥିଲା। ସନ୍ଦେହ କରି ପୋଲିସ ମୃତଦେହ ଚିହ୍ନଟ ପାଇଁ କ୍ଷୀରଧରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ଝରିଗାଁ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ କ୍ଷୀରଧରଙ୍କ ବଡ଼ବାପା ଦେବେନ୍ଦ୍ର ପାଣ୍ଡେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୋଷାକ, ହାତରେ ଥିବା ପ୍ଲାଷ୍ଟିକ ରିଷ୍ଟ ବ୍ୟାଣ୍ଡକୁ ଦେଖି ମୃତଦେହ କ୍ଷୀରଧରଙ୍କର ବୋଲି ଦେବେନ୍ଦ୍ର ଚିହ୍ନଟ କରିଥିବା ନେଇ ତଦନ୍ତକାରୀ ଅଫିସର କେଦାରନାଥ ରାଉତ କହିଛନ୍ତି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। କିନ୍ତୁ ପୋଲିସ କେସ୍. ନଂ ୨୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଏସ୍‌ଆଇ କେ. ଲକ୍ଷ୍ମୀ ନାରାୟଣ ଦୋରା କହିଛନ୍ତି। ଏଏସ୍‌ଆଇ କେଦାରନାଥ ରାଉତ ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି।


ଗୁରୁସିଙ୍ଗା ଜଙ୍ଗଲରେ ଏସ୍‌ଡିପିଓ, ପୋଲିସ ଅଧିକାରୀମାନେ ତଦନ୍ତ କରୁଛନ୍ତି।

# ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ

## ପନ୍ତ ଉଇକେଟ କିପିଂ କରିବେ, ଗିଲ୍ ୩ ନମ୍ବରରେ ଖେଳିବେ

ପୁଣେ, ୨୩।୧୦ (ପି.ଟି.)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଠାରେ ଗୁରୁବାର ଆରମ୍ଭ ହେବ। ପ୍ରଥମ ଟେଷ୍ଟ ହାରିଥିବାରୁ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୦-୧ରେ ପଛୁଆ ରହିଛି। ତେଣୁ ଆଗାମୀ ମ୍ୟାଚରେ ବିଜୟ ଘରୋଇ ଦଳର ମୁଖ୍ୟ ଲକ୍ଷ୍ୟ ରହିବ। ରିଷଭ ପନ୍ତ ବୁଧବାର ନେଟ୍ସରେ ଦୀର୍ଘ ସମୟ ଅଭ୍ୟାସ କରିଛନ୍ତି। ତେଣୁ ସେ ଆହତ ସମସ୍ୟାରୁ ମୁକୁଳିଛନ୍ତି ଏବଂ ଆଗାମୀ ଟେଷ୍ଟରେ ଉଇକେଟ କିପିଂ କରିବାକୁ ପ୍ରସ୍ତୁତଥିବା ଆଭାସ ମିଳିଛି। ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିବସରେ ପନ୍ତ ଆଘାତ ପାଇଥିଲେ। ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଉଇକେଟ କିପିଂ କରିଥିଲେ। ଭାରତର ଦ୍ୱିତୀୟ ଇନିଂସରେ ପନ୍ତ ପ୍ରଭାବୀ ପ୍ରଦର୍ଶନ କରି ୯୯ ରନ ସ୍କୋର କରିଥିଲେ। ମାତ୍ର ଏହାପରେ ନ୍ୟୁଜିଲାଣ୍ଡର ଦ୍ୱିତୀୟ ଇନିଂସରେ ଉଇକେଟ କିପିଂ କରିପାରି ନ ଥିଲେ। ଅନ୍ୟପକ୍ଷରେ ଏହି ଦ୍ୱିତୀୟ ଟେଷ୍ଟ ପରେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ କାର୍ଯ୍ୟଭାର ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡଠାରୁ ପରାଜୟ ଦ୍ୱାରା ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ହରାଇଛି। ତେଣୁ ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଆଗାମୀ ୨ଟି ଟେଷ୍ଟ ବିଜୟ ରୋହିତ ଶର୍ମାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ ରହିବ।

ଭାରତର ନେଟ୍ସ ସେସନରେ ପନ୍ତ ଅନେକ ସମୟ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଏହାପରେ ଗମ୍ଭୀରଙ୍କ ସହ ଉଇକେଟ କିପିଂ ଡ୍ରିଲ୍ କରିଥିଲେ। ''ପନ୍ତ ଫିଟ୍ ଅଛନ୍ତି। ତେଣୁ ସେ ଆଗାମୀ ମ୍ୟାଚରେ ଉଇକେଟ କିପିଂ କରିବାରେ ସମ୍ଭବତଃ କିଛି ଅସୁବିଧା ନାହିଁ'' ବୋଲି ଗମ୍ଭୀର ସ୍ପଷ୍ଟ କରିଛନ୍ତି। ଚଳିତ ସିଜନରେ ବୁମ୍ରା ଘରୋଇ ପରିବେଶରେ ଅନୁଷ୍ଠିତ ୩ଟି ଯାକ ଟେଷ୍ଟ ଖେଳିଛନ୍ତି। ଏକ ମାସରୁ କମ୍ ସମୟ ମଧ୍ୟରେ ଅଷ୍ଟ୍ରେଲିଆ ଟୁର୍ ଆସୁଥିବାରୁ ପୁଣେ ମ୍ୟାଚ ପରେ ତାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ ତାହା ଚିନ୍ତା କରାଯିବ। ''ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପରେ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମଧ୍ୟରେ ୧୦ରୁ ୧୨ ଦିନ ବ୍ରେକ୍ ରହୁଛି। ବୁମ୍ରାଙ୍କୁ ବିଶ୍ରାମ ନେବା ପାଇଁ ଏହା ପର୍ଯ୍ୟାପ୍ତ ହେବ। ଏହା ସତ୍ତ୍ୱେ ଆମେ ବୁମ୍ରାଙ୍କ କାର୍ଯ୍ୟଭାରକୁ ପର୍ଯ୍ୟାଲୋଚନା କରି ଯାହାକିଛି ନିଷ୍ପତ୍ତି ନେବୁ'' ବୋଲି ଗମ୍ଭୀର କହିଛନ୍ତି। ଅଷ୍ଟ୍ରେଲିଆ ଟୁର୍ ଦୀର୍ଘ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ କେବଳ ବୁମ୍ରା ନୁହନ୍ତି ସମସ୍ତ ଦ୍ରୁତ ବୋଲରଙ୍କ କାର୍ଯ୍ୟଭାରକୁ ମନିଟର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ କେତେ ସମୟ ହେଉଛି ଏବଂ ଆମ ବୋଲର କେତେ ବୋଲିଂ କରୁଛନ୍ତି ତା' ଉପରେ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ନିର୍ଭର କରିବ ବୋଲି ସେ କହିଛନ୍ତି।

ଆହତ ସମସ୍ୟା ଯୋଗୁ ବେଙ୍ଗାଲୁରୁ ଟେଷ୍ଟ ଖେଳିପାରି ନ ଥିବା ଶୁବମନ ଗିଲ୍ ଏବେ ଫିଟ୍ ହୋଇଛନ୍ତି। ତେଣୁ ସେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ତାଙ୍କର ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ। ଗିଲ୍ ପ୍ରତ୍ୟାବର୍ତ୍ତନ କରିଥିବାରୁ ଚୂଡ଼ାନ୍ତ ଏକାଦଶ ସମ୍ପର୍କରେ ଗୁରୁବାର ସକାଳେ ନିଷ୍ପତ୍ତି ନିଆଯିବ ବୋଲି ଗମ୍ଭୀର କହିଛନ୍ତି। ଗିଲ୍‌ଙ୍କ ପ୍ରତ୍ୟାବର୍ତ୍ତନ ହେଲେ ଲୋକେଶ ରାହୁଲ କିମ୍ବା ସର୍ଫରାଜ ଖାଁଙ୍କ ମଧ୍ୟରୁ ଜଣଙ୍କୁ ବସିବାକୁ ପଡ଼ିବ। ତେବେ ସର୍ଫରାଜ ପୂର୍ବ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୫୦ ରନକରି ଦଳରେ ନିଜ ଦାବିଦାରକୁ ଦୃଢ଼ କରିଛନ୍ତି। ମୁମ୍ବାଇ ପକ୍ଷରୁ ଖେଳି ସେ ଇରାନୀ କପ୍‌ରେ ୨୨୨ ରନକରି ଅପରାଜିତ ରହିଥିଲେ। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ବେଙ୍ଗାଲୁରୁରେ ୨ଟି ଯାକ ଇନିଂସରେ ବିଫଳ ହୋଇଛନ୍ତି। ତେବେ ସେ ନେଟ୍ସରେ ଅଧିକ ସମୟ ବିତାଇଥିବାରୁ ଖେଳିବା ସମ୍ଭାବନା ବଢ଼ିଛି।

ଭାରତ ସବୁବେଳେ ବିଜୟ ଲକ୍ଷ୍ୟ ନେଇ ଖେଳିଥାଏ ଏବଂ ଆଗାମୀ ମ୍ୟାଚରେ ମଧ୍ୟ ତାହା ଜାରି ରହିବ। ବେଙ୍ଗାଲୁରୁ ଟେଷ୍ଟରେ ଆମେ ୪୬ ରନରେ ଅଲ୍‌ଆଉଟ ହୋଇଥିଲେ ମଧ୍ୟ ଟେଷ୍ଟ ଜିତିବାକୁ ଉଦ୍ୟମ କରିଥିଲୁ। ତାହା ଗୁରୁତ୍ୱପୂର୍ଣ୍ଣ। ମ୍ୟାଚ ବିଜୟ ଆମର ପ୍ରଥମ ଲକ୍ଷ୍ୟ, ଦ୍ୱିତୀୟ ବିକଳ୍ପ ଡ୍ର' ବୋଲି କୋଚ୍ ସ୍ପଷ୍ଟ କରିଛନ୍ତି। ଟି୨୦ କ୍ରିକେଟ ବ୍ୟାଟରମାନଙ୍କୁ ଅଧିକ ଆକ୍ରମଣାତ୍ମକ କରିଛି। ତେଣୁ ଦୀର୍ଘ ସମୟ ବ୍ୟାଟିଂକରି ଟେଷ୍ଟ ବଞ୍ଚାଇବା ପ୍ରବୃତ୍ତି ଏବେ ନାହିଁ ବୋଲି ଗମ୍ଭୀର ପ୍ରକାଶ କରିଛନ୍ତି।

ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟରମାନେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କୁ ମୁକାବିଲାରେ ବିଫଳ ହୋଇଥିଲେ। ତେଣୁ ଦ୍ୱିତୀୟ ଟେଷ୍ଟ ପାଇଁ ଟର୍ଣ୍ଣିଂ ପିଚ୍ ପ୍ରସ୍ତୁତ କରାଯାଇପାରେ। ମାତ୍ର ପୂର୍ବରୁ ଏହା ଦୁଇଥର ଭାରତ ପାଇଁ ବୁମେରାଂ ହୋଇଛି। ୮ ବର୍ଷ ପୂର୍ବରୁ ଏଠାରେ ଟର୍ଣ୍ଣିଂ ପିଚ୍‌ରେ ଅଷ୍ଟ୍ରେଲିଆ ୩୩୩ ରନରେ ଭାରତକୁ ହରାଇଥିଲା। ସେହିପରି ଗତବର୍ଷ ଇନ୍ଦୋରରେ ଭାରତ ୯ ଉଇକେଟରେ ପରାଜିତ ହୋଇଥିଲା। ବେଙ୍ଗାଲୁରୁ ଟେଷ୍ଟରେ ମହମ୍ମଦ ସିରାଜ ଉଇକେଟଶୂନ୍ୟ ରହିଥିଲେ। ତେଣୁ ଆକାଶ ଦୀପ୍‌ଙ୍କ ଉପରେ ନଜର କେନ୍ଦ୍ରୀଭୂତ ହୋଇଛି। ୱାଶିଂଟନ ସୁନ୍ଦର ଦଳରେ ସାମିଲ ହୋଇଛନ୍ତି। ସେ ନିଜ ସ୍ପିନ୍‌ରେ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ଅସୁବିଧାରେ ପକାଇବାର ଦକ୍ଷତା ରଖିଛନ୍ତି। ଏହା ବ୍ୟତୀତ ତାଙ୍କ ଉପସ୍ଥିତିରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ଶକ୍ତିଶାଳୀ ହେବ। ତେଣୁ ଚୂଡ଼ାନ୍ତ ଦଳ ଚୟନ ସମୟରେ ସେ ମଧ୍ୟ ନଜରରେ ରହିବେ।

କେନ୍ ୱିଲିୟମସନଙ୍କ ଅନୁପସ୍ଥିତିରେ ୱିଲ ୟଙ୍ଗ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ରାଚିନ ରବୀନ୍ଦ୍ରଙ୍କ ଚମତ୍କାରିତା ଜାରି ରହିଛି। ଡାରିଲ ମିଚେଲ ଓ ଟମ୍ ବ୍ଲଣ୍ଡେଲଙ୍କ ବ୍ୟାଟରୁ ନ୍ୟୁଜିଲାଣ୍ଡ ରନ୍ ଆବଶ୍ୟକ କରୁଛି।



ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଫୁଟ୍‌ବଲ ସହ ଅଭ୍ୟାସରତ ନ୍ୟୁଜିଲାଣ୍ଡ ଖେଳାଳି।





ପୁଣେରେ ଭାରତର ନେଟ୍ସ ସେସନରେ ୱାଶିଂଟନ ସୁନ୍ଦର ଓ ଶୁବମନ ଗିଲ୍‌ଙ୍କ ଅଭ୍ୟାସ।

**ସୁଲତାନ ଅଫ ଜୋହର କପ୍**

# ଭାରତର ପ୍ରଥମ ପରାଜୟ

**ଜୋହର ବାହରୁ, ୨୩।୧୦ (ପି.ଟି.):** ଚଳିତ ସୁଲତାନ ଅଫ୍ ଜୋହର କପରେ ପ୍ରଥମ ପରାଜୟ ବରଣ କରିଛି ଭାରତ। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅଷ୍ଟ୍ରେଲିଆ ଠାରୁ ୦-୪ ଗୋଲରେପରାଜିତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଡେକିନ୍ ଷ୍ଟାଙ୍ଗର (୩୩, ୩୯ ଓ ୫୩) ମିନିଟରେ ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପ୍ୟାଟ୍ରିକ ଆଣ୍ଡ୍ର୍ୟୁ ଦଳ ପକ୍ଷରୁ ୨୯ ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଫରୱାର୍ଡ ଲାଇନ ଅଷ୍ଟ୍ରେଲୀୟ ଡିଫେନ୍ସକୁ ଅତିକ୍ରମ କରିବାରେ ବିଫଳ ହୋଇଥିଲା। ଅଷ୍ଟ୍ରେଲିଆ ନିକଟରେ ଏକାଧିକ ସ୍କୋରିଂ ସୁଯୋଗ ରହିଥିଲେ ମଧ୍ୟ ଭାରତୀୟ ଗୋଲକିପର ବିକ୍ରମଜିତ ସିଂ ଚମତ୍କାର ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ପ୍ୟାଟ୍ରିକ ଆଣ୍ଡ୍ର୍ୟୁ ପ୍ରଥମ ଗୋଲ ଦେଇଥିବା ବେଳେ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ ଡେକିନ୍ ଷ୍ଟାଙ୍ଗର। ପରାଜୟ ସତ୍ତ୍ୱେ ୯ ପଏଣ୍ଟ ସହ ଭାରତ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ନ୍ୟୁଜିଲାଣ୍ଡ ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ରହିଛି। ଭାରତର ଆଉ ଗୋଟିଏ ମ୍ୟାଚ ବାକି ରହିଥିବା ବେଳେ ଦଳ ଫାଇନାଲ ରେସ୍‌ରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ୨ ସ୍ଥାନରେ ଥିବା ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି।

# ମାର୍ଚ୍ଚରେ ଇଣ୍ଡିଆନ ଶୁଟିଂ ଲିଗ୍

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ଭାରତୀୟ ରାଇଫଲ୍ ଆସୋସିଏଶନ (ଏନ୍‌ଆଇଏଆଇ) ଇଣ୍ଡିଆନ ଶୁଟିଂ ଲିଗ୍ ସମ୍ପର୍କରେ ଘୋଷଣା କରିଛି। ଶୁଟିଂରେ ଏହା ଦେଶର ପ୍ରଥମ ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍ ହେବ। ଏନ୍‌ଆଇଏଆଇ ସଭାପତି କଳିକେଶ ନାରାୟଣ ସିଂଦେଓ ଏହି ପ୍ରସ୍ତାବ ଦେଇଥିବା ବେଳେ ବୁଧବାର ଜାତୀୟ ଫେଡେରେଶନ ପକ୍ଷରୁ ଏହାକୁ ମଞ୍ଜୁରୀ ମିଳିଛି। ଏହା ସହିତ ଅନ୍ତର୍ଜାତୀୟ ଶୁଟିଂ ଫେଡେରେଶନ ନିକଟରେ ଏହି ଟୁର୍ଣ୍ଣାମେଣ୍ଟକୁ ରୋଷ୍ଟରରେ ସ୍ଥାନ ଦେବା ପାଇଁ ଅନୁମତି ପ୍ରାର୍ଥନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୦୨୫ରେ ଏହାର ପ୍ରଥମ ସଂସ୍କରଣ ଆୟୋଜିତ ହେବ ବୋଲି ଜଣାପଡିଛି।

ପ୍ୟାରିସ୍ ଅଲିମ୍ପିକ୍ସରେ ସଫଳତା ପରେ ଭାରତରେ ଶୁଟିଂର ଲୋକପ୍ରିୟତା ଶିଖରରେ ପହଞ୍ଚିଥିବା ବେଳେ ଏଭଳି ଏକ ଲିଗ୍ ଆରମ୍ଭ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି କହିଛନ୍ତି କଳିକେଶ। ବିଭିନ୍ନ ଫ୍ରାଞ୍ଚାଇଜ ଗେମ୍ କ୍ରୀଡାକୁ ଲୋକପ୍ରିୟ କରିବା ସହିତ ଶୃଙ୍ଖଳିତ ମଧ୍ୟ କରିବାରେ ସହାୟକ ହେଉଛନ୍ତି। ଏହା ସହିତ ଶୁଟିଂ ପରି କ୍ରୀଡା ନିମନ୍ତେ ନୂତନ ଦର୍ଶକ ଆଣିବାରେ ମଧ୍ୟ ଏହି ଲିଗ୍ ଗୁଡିକ ସହାୟକ ହୋଇଥାଏ। ଏହି କ୍ରୀଡାକୁ ଆତ୍ମନିର୍ଭର ହେବାରେ ଖେଳାଳି ମାନଙ୍କର ଅବଦାନ ରହିଥିବାରୁ ଏନ୍‌ଆଇଏଆଇ ସେମାନଙ୍କ ନିକଟରେ କୃତଜ୍ଞ ବୋଲି କହିଛନ୍ତି କଳିକେଶ। ପ୍ୟାରିସ୍ ୨୦୨୪ରେ ଭାରତୀୟ ଶୁଟରମାନେ ୩ଟି ପଦକ ଜିତିବାରେ ସକ୍ଷମ ହୋଇଥିଲେ।

ଶୁଟିଂକୁ ସର୍ବଦା ଏକ ଅଲିମ୍ପିକ୍ସ କ୍ରୀଡା ଭାବରେ ବିବେଚନା କରାଯାଇଥାଏ। ଟିଭିରେ ଏହାକୁ ଦେଖିବାକୁ ବା ଦେଖାଇବାକୁ ଏତେଟା ଆଗ୍ରହ ପ୍ରକାଶ ପାଇ ନ ଥାଏ। ତେବେ ଏହା ଉପରେ ରିସର୍ଚ୍ଚ କରାଯାଇ ଏହାର ସମାଧାନର ବାଟ ବାହାର କରାଯାଇଛି ବୋଲି କଳିକେଶ ମତ ଦେଇଛନ୍ତି। ବର୍ତ୍ତମାନ ଏହି କ୍ରୀଡା ଏହାର ସର୍ବୋଚ୍ଚ ସ୍ତରରେ ରହିଥିବା ବେଳେ ଖେଳାଳିଙ୍କ ପ୍ରଦର୍ଶନ ଆଗାମୀ ଦିନରେ ଏହାକୁ ଆହୁରି ଉପରକୁ ନେବ ବୋଲି ସେ ଆଶା ରଖିଥିବା କହିଛନ୍ତି କଳିକେଶ।



# ମୋଣ୍ଡୋ ଟ୍ରାକ୍ ପାଇଁ ନୀରଜଙ୍କ ଅନୁରୋଧ

**ନ୍ୟାଶନାଲ ସ୍ପୋର୍ଟ୍ସ ଗଭର୍ନାନ୍ସ ବିଲ୍**

**ଆଥ୍‌ଲେଟ, କୋଚ୍‌ଙ୍କ ସହ ମାଣ୍ଡବ୍ୟଙ୍କ ଆଲୋଚନା**

ନୂଆଦିଲ୍ଲୀ,୨୩।୧୦(ପି.ଟି.)

ଏନ୍‌ଆଇଏସ୍ ପଟିଆଲାରେ ମୋଣ୍ଡୋ ଟ୍ରାକ୍ ପାଇଁ କ୍ରୀଡା ବିଭାଗକୁ ଅନୁରୋଧ କରିଛନ୍ତି ଅଲିମ୍ପିକ୍ସ ପଦକ ବିଜେତା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା। ବୁଧବାର ନ୍ୟାଶନାଲ ସ୍ପୋର୍ଟ୍ସ ଗଭର୍ନାନ୍ସ ବିଲ୍ ଉପରେ ଆଲୋଚନା ସମୟରେ କ୍ରୀଡା ବିଭାଗକୁ ନୀରଜ ଏହି ଅନୁରୋଧ କରିଥିଲେ। ଏହି ବିଲ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଏଲିଟ୍ ଆଥଲେଟ ଓ କୋଚ୍‌ମାନଙ୍କ ସହ ଆଲୋଚନା କରିଥିଲେ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ। ଏହି ଆଲୋଚନାରେ ବିଭିନ୍ନ କ୍ରୀଡା ନିୟାମକ ବୋର୍ଡରେ ପୂର୍ବତନ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ ଖେଳାଳି ଓ କୋଚ୍। ବର୍ତ୍ତମାନ ପଟିଆଲାରେ ମୋଣ୍ଡୋ ଟ୍ରାକ୍ ବିଛା ଯିବାର କାର୍ଯ୍ୟ ଜାରି ରହିଛି। ତେବେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନୀରଜ ଅନୁରୋଧ କରିଛନ୍ତି। ୨୦୧୮-୧୯ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ସମାପ୍ତ ହୋଇ ନାହିଁ। ବର୍ତ୍ତମାନ ସମଗ୍ର ବିଶ୍ୱର ବଡ଼ କ୍ରୀଡା ଇଭେଣ୍ଟଗୁଡିକ ମୋଣ୍ଡୋ ଟ୍ରାକରେ ହେଉଥିବା ବେଳେ ପ୍ରଥମ ଥର ମୋଣ୍ଡୋ ଟ୍ରାକ୍‌ରେ ଖେଳୁଥିବା ଭାରତୀୟଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି କହିଛନ୍ତି ନୀରଜ।

ମୋଣ୍ଡୋ ଟ୍ରାକ୍ ସ୍ୱତନ୍ତ୍ର ଭାବରେ ନିର୍ମିତ ସିନ୍ଥେଟିକ୍ ଟ୍ରାକ୍, ଯାହାଦ୍ୱାରା ଆଥ୍‌ଲେଟମାନଙ୍କ ପ୍ରଦର୍ଶନରେ ଉନ୍ନତି ଆସିଥାଏ। ଏପରିକି ଏହାଦ୍ୱାରା ଆଥଲେଟମାନଙ୍କ ଆହତ ହେବାର ସମସ୍ୟା ହ୍ରାସ ପାଇଥାଏ। ପ୍ୟାରିସ୍ ଅଲିମ୍ପିକ୍ସ ଓ ଡାଇମଣ୍ଡ ଲିଗ୍ ପରି ଟୁର୍ନାମେଣ୍ଟରେ ଏହି ଟ୍ରାକ୍ ବ୍ୟବହୃତ ହୋଇଥାଏ। ଭାରତରେ କେବଳ କଳିଙ୍ଗ ଷ୍ଟାଡିୟମରେ ନିର୍ମିତ ଇନ୍‌ଡୋର ଷ୍ଟାଡିୟମରେ ମୋଣ୍ଡୋ ଟ୍ରାକ୍ ବ୍ୟବହୃତ ହୋଇଛି। ବୁଧବାର ଅନୁଷ୍ଠିତ ବୈଠକରେ ନୀରଜ ଷ୍ଟାଡିୟମର ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। କେବଳ ଜାତୀୟ ଚାମ୍ପିୟନଶିପ୍ ଓ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ଷ୍ଟାଡିୟମର ବ୍ୟବହାର ହେଉଥିବା ବେଳେ ଏହାକୁ ପରିବର୍ତ୍ତନ କରି ସର୍ବଦା ଖେଳାଳିଙ୍କ ପାଇଁ ଉପଲବ୍ଧ କରିବାକୁ ନୀରଜ ଦାବି କରିଥିଲେ। ୨୦୩୬ରେ ଭାରତ ଅଲିମ୍ପିକ୍ସ ଆୟୋଜନ କରିବାର ଲକ୍ଷ୍ୟ ରଖିଥିବା ବେଳେ ଖେଳାଳି ମାନଙ୍କୁ ଷ୍ଟାଡିୟମର ଅନୁଭବ ମିଳିବା ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ।

# ଜର୍ମାନୀଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ,୨୩।୧୦ (ପି.ଟି.):** ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳ ଜର୍ମାନୀ ବିପକ୍ଷ ହକି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌କୁ ୦-୨ରେ ପରାଜିତ ହୋଇଛି। ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଜର୍ମାନୀ ପକ୍ଷରୁ ହେନରିକ୍ ମର୍ଟଗେନ୍ସ(୪) ଓ ଲୁକାସ୍ ୱିଣ୍ଡଫେଡର(୩୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୦୧୪ ପରେ ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମକୁ ଅନ୍ତର୍ଜାତୀୟ ହକି ଫେରିଥିବା ବେଳେ ଘରୋଇ ଦଳ ସମର୍ଥନରେ ଫ୍ୟାନମାନେ ମଧ୍ୟ ବିପୁଳ ସଂଖ୍ୟାରେ ଆସିଥିଲେ। ତେବେ ଭାରତ ପରାଜିତ ହେବା ସହ ଫ୍ୟାନ୍‌ଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅଲିମ୍ପିକ୍ସ ସେମିଫାଇନାଲ ପରେ ଉଭୟ ଦଳ ପରସ୍ପରକୁ ପ୍ରଥମ ଥର ଭେଟୁଥିଲେ। ଏପରିକି ଜର୍ମାନୀ ଏକ ଯୁବ ଦଳ ପଠାଇଥିବାରୁ ଭାରତ ବିଜୟୀ ହେବାର ସମ୍ଭାବନା ଅଧିକ ଥିଲା। ତେବେ ଅଧିନାୟକ ହରମନ୍‌ପ୍ରୀତ ସିଂଙ୍କ ପ୍ରଦର୍ଶନ ଠିକ୍ ରହି ନ ଥିବା ବେଳେ ଭାରତ ପରାଜିତ ହୋଇଥିଲା।

ମ୍ୟାଚ୍‌ର ଚତୁର୍ଥ ମିନିଟରେ ଜର୍ମାନୀକୁ ପ୍ରଥମ ପେନାଲ୍ଟି କର୍ଣ୍ଣର ମିଳିଥିଲା। ହେନରିକ୍ ମର୍ଟଗେନ୍ସ ଏହାକୁ ଗୋଲରେ ପରିଣତ କରିଥିବା ବେଳେ ଜର୍ମାନୀ ୧-୦ରେ ଆଗୁଆ ରହିଥିଲା। ଭାରତୀୟ ଦଳ ଏକାଧିକ ଥର ସର୍କଲ ପେନିଟ୍ରେଶନ କରିଥିଲେ ମଧ୍ୟ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲା। ଭାରତ ପେନାଲ୍ଟି କର୍ଣ୍ଣରରେ ସଞ୍ଜୟ ଓ ଅମିତ ରୋହିଦାସଙ୍କୁ ସୁଯୋଗ ଦେଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ୨୭ ତମ ମିନିଟରେ ଭାରତକୁ ଷଷ୍ଠ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଦିଲପ୍ରୀତଙ୍କ ଶଟ୍ ଗୋଲ ହୋଇଥିଲେ ମଧ୍ୟ ଭିଡିଓ ରେଫରାଲରୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ତେବେ ହରମନ୍‌ପ୍ରୀତ ଏହା ମିସ୍ କରିଥିଲେ। ସିରିଜର ଦ୍ୱିତୟ ତଥା ଅନ୍ତିମ ମ୍ୟାଚ୍ ଗୁରୁବାର ଖେଳାଯିବ।

# କିଟ୍‌କୁ ସର୍ବଭାରତୀୟ, ଖେଲୋ ଇଣ୍ଡିଆ ଯୋଗ୍ୟତା

**ପୂର୍ବାଞ୍ଚଳ ମହିଳା ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ପୂର୍ବାଞ୍ଚଳ ମହିଳା ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଭାବୀ ପ୍ରଦର୍ଶନ କରିଛି। ଫଳରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ବ୍ୟାଡ୍‌ମିଣ୍ଟନ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶାର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ଯୋଗ୍ୟତା ପାଇଛି। ନକ୍‌ଆଉଟ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ବୁଧବାର କିଟ୍ ଦଳ ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ୨-୦ରେ ହରାଇ ପୁଲ୍ 'ସି'ରେ ଚାମ୍ପିୟନ ହୋଇଛି। ଶୃତି ସ୍ୱାଇଁ, ହର୍ଷିତା ରାଉତ ଓ ସିମରନ ସିଂ କିଟ୍ ଦଳର ସଦସ୍ୟା ରହିଛନ୍ତି। ଲିଗ୍ ପର୍ଯ୍ୟାୟରେ ଆକର୍ଷଣୀୟ ପ୍ରଦର୍ଶନ କରି ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକ ହେଲେ ଆଡାମ୍ସ, ଭିବିଏସ୍ ପୂର୍ବାଞ୍ଚଳ ଓ ୟୁନିଭର୍ସିଟି ଅଫ୍ କୋଲକାତା।



ମ୍ୟାଚ ଅବସରରେ କିଟ୍‌ର ଦୁଇ ଖେଳାଳି।

# ପଶ୍ଚିମବଙ୍ଗକୁ ହରାଇ ଓଡ଼ିଶା ଦଳଗତ ଚାମ୍ପିୟନ

**ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)

ରେଲୱେ ଇନଡୋର ଷ୍ଟାଡିୟମରେ ଚାଲିଥିବା ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡିଶା ଚାମ୍ପିୟନ ହୋଇଛି। ଓଡ଼ିଶା ଦଳ ସେମିଫାଇନାଲରେ ମଣିପୁରକୁ ଏବଂ ଫାଇନାଲରେ ଗତବର୍ଷର ଚାମ୍ପିୟନ ପଶ୍ଚିମବଙ୍ଗକୁ ୩-୧ ପରାସ୍ତ କରିଛି । ଓଡିଶା ଦଳର କ୍ୟାପଟେନ ରଣଜିତ ବନ୍ଧା, ଜ୍ଞାନ ଚାନ୍ଦ, କାଲଗା ଜଗଦୀଶ, ଅନିର୍ବାଣ ମଣ୍ଡଳ, ଧ୍ରୁବ ରାଓତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ । ମହିଳା ଡବଲ୍ସରେ ଅନାମିକା ସିଂ ସିଶୋଦିୟା ଓ ଟିମ୍‌ରୋନ କଲିତା ପ୍ରତିପକ୍ଷ ଦେବାହୁତି ଲାହୋନ ଏବଂ ସୋମିବାଳାଙ୍କୁ ହରାଇ ଥିବାବେଳେ ସିନିୟର ପୁରୁଷ ସିଙ୍ଗଲ୍ସରେ ମୁକେଶ କୁମାରଙ୍କୁ ହରାଇ ସୌରଭ ଅଗ୍ରୱାଲ ଚାମ୍ପିୟନ ହୋଇଛନ୍ତି । ଗୁରୁବାର ପୁରୁଷ ସିଙ୍ଗଲ୍ସ, ବରିଷ୍ଠ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ସେମିଫାଇନାଲ ଅନୁଷ୍ଠିତ ହେବ । ପ୍ରଧାନ ମହାଲେଖାକାର ରାଜ କୁମାର ଓ ମହାଲେଖାକାର ବିଶ୍ୱନାଥ ସିଂ ଜାଡନ, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ବାଲକ୍ରିଷ୍ଣା ନାଲ୍ଲାମୋଥୁ, ପୂର୍ବତଟ ରେଳବାଇର ଅଡିଟ ଅଧିକାରୀ ଶଶୀରଞ୍ଜନ,ଏଜି ରିକ୍ରିଏଶନ କ୍ଲବର ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଓ ଓଡିଶା ଦଳର କୋଚ ଇନ୍ଦ୍ରପ୍ରକାଶ ଶ୍ରୀବାସ୍ତବ ଓଡିଶା ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଖେଳକୁ ସହକାରୀ ଲେଖାପରୀକ୍ଷା ଅଧିକାରୀ ସରୋଜକାନ୍ତ ସ୍ୱାଇଁ, ରମାକାନ୍ତ ମିଶ୍ର, ରାଜେଶ କୁମାର ସିଂ, ସୁରେଶ ଚନ୍ଦ୍ର ମହାନ୍ତି, ସରୋଜ ବାରିକ ଓ ଦେବଦତ୍ତ ମହାନ୍ତି ପରିଚାଳନା କରିଥଲେ ।



ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନରେ ଦଳଗତ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳି ଓ ଅନ୍ୟମାନେ।

# ସୁଇମିଂକୁ ଡର

‘ଉରି-ଦ ସର୍ଜିକାଲ ଷ୍ଟ୍ରାଇକ୍’ ଫେମ୍ ଭିକି କୌଶଲ ଇତିମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ଗୋଟିଏ ଜିନିଷକୁ ତାଙ୍କର ଭାରି ଭୟ। ଯଦି ସେକଥା ପଡ଼ିଲା ତେବେ ତାହାକୁ ବିନମ୍ରତାର ସହ ମନା କରିଥାଆନ୍ତି। ହେଲେ ଏଭଳି ଧାରଣା ତାଙ୍କର ପିଲାଦିନରୁ ରହିଛି। ହଁ, ଅସଲ କଥା ହେଲା, ସେହି ଜିନିଷଟି କ’ଣ ? ତାହା ହେଲା ସୁଇମିଂ ବା ପହଁରିବା। ପହଁରିବାକୁ ଭିକି ଭାରି ଭୟ କରନ୍ତି। ଏ ବିଷୟରେ ସେ କହନ୍ତି, ‘ସତକଥା ହେଲା ମୋତେ ପହଁରିବାକୁ ଭୟ ଲାଗେ। ପିଲାଦିନେ ସାଙ୍ଗମାନଙ୍କ ସହ ଏକଦା ନଦୀକୂଳରେ ବୁଲିବା ବେଳେ ସେମାନେ ପହଁରିବାକୁ ମୋତେ ଡାକିଥିଲେ। ହେଲେ କ’ଣ କରିବି ? ପାଣି ଯେମିତି ଦେଖିଛି ମୋ ମନରେ ଛନକା ପଶିଯାଇଥିଲା। ସେମାନେ ସେଦିନ ପହଁରିବାର ଭରପୂର ମଜା ନେଇଥିଲେ। ହେଲେ ମୁଁ କୂଳରେ ବସି କେବଳ ଉପଭୋଗ କରୁଥିଲି। ସେହି ଧାରଣା ମୋର ଏପର୍ଯ୍ୟନ୍ତ ରହିଛି। କେବଳ ସେତିକି ନୁହେଁ, ହରର୍ ଫିଲ୍ମ ମଧ୍ୟ ଦେଖିବାକୁ ଭାରି ଡରନ୍ତି ଭିକି।


ଭିକି

# ଆଲିୟାଙ୍କ ପ୍ରିୟ ଖାଦ୍ୟ

ଆଲିୟା ଭଟ୍ଟ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ହେଲେ ଏପରି ଏକ ଖାଦ୍ୟ ଅଛି, ଯାହାକୁ ସେ ଖାଇବାକୁ ଭାରି ପସନ୍ଦ କରନ୍ତି। ପ୍ରତିଦିନ ଏହାକୁ ନ ଖାଇଲେ ତାଙ୍କୁ ଯେମିତି କିଛି ହଜାଇଦେଲା ଭଳି ଲାଗେ। ହେଲେ ସେ ଖାଦ୍ୟଟି କ’ଣ ଜାଣିବେନି ? ପିଜା। ହଁ, ରଣବୀର କପୁରଙ୍କ ଧର୍ମପତ୍ନୀ ପିଲାଟିଦିନରୁ ପିଜା ପ୍ରତି ବେଶ୍ ଆଗ୍ରହ ରହିଥିଲା। ନିଜର ଏଭଳି ଅଭ୍ୟାସ ବିଷୟରେ ସେ କହନ୍ତି, ‘‘ପିଜା ଏକ ଫାଷ୍ଟଫୁଡ୍, ମୁଁ ଜାଣିଛି। ତଥାପି ଏହାକୁ ପ୍ରତିଦିନ ନ ଖାଇଲେ ମୋ ମନକୁ ଶାନ୍ତି ଆସି ନ ଥାଏ। ବେଳେବେଳେ ନିଜେ ମଧ୍ୟ ପିଜା ପ୍ରସ୍ତୁତକରି ଖାଇଥାଏ। ନିକଟରେ ମୋ ସାଙ୍ଗମାନଙ୍କୁ ଏକ ଟି’ ପାର୍ଟି ପାଇଁ ଆମନ୍ତ୍ରଣ କରିଥିଲି। ଏହି ସମୟରେ ସେମାନଙ୍କୁ ମୁଁ ମୋ ନିଜ ଦ୍ୱାରା ପ୍ରସ୍ତୁତ ପିଜା ଖୁଆଇଥିଲି। ସେମାନେ ମଧ୍ୟ ଏହି ପିଜା ଖାଇ ମୋତେ ବେଶ୍ ପ୍ରଶଂସା କରିଥିଲେ।’’ ସୂଚନାଯୋଗ୍ୟ, ଆଲିୟାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୬ ବର୍ଷ। ‘ସଂଘର୍ଷ’ ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ନାୟିକା ଭାବରେ ତାଙ୍କର ଡେବ୍ୟୁ ଫିଲ୍ମଟି ଥିଲା କରନ୍ ଜୋହରଙ୍କ ‘ଷ୍ଟୁଡେଣ୍ଟ ଅଫ୍ ଦ ଇୟର’।


ଆଲିୟା

ଛୋଟ ପରଦା

# ତୁମ ବିନା

ଓଡ଼ିଶାର ଘରେ ଘରେ ପରିଚିତ ‘ଜୀ ସାର୍ଥକ’ ଚ୍ୟାନେଲ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି। ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ନେଇ ଅନେକ ଦର୍ଶକାଦୃତ ଧାରାବାହିକ ଦର୍ଶକଙ୍କୁ ଭେଟି ଦେଇଚାଲିଛି ଏହି ଚ୍ୟାନେଲ। ଜୀ ସାର୍ଥକର ଏହି ସୂଚୀରେ ଅନ୍ୟତମ ଲୋକପ୍ରିୟ ଧାରାବାହିକ ‘ତୁମ ବିନା’ ସାମିଲ ହୋଇସାରିଛି। ଖୁବ୍ କମ୍ ଦିନରେ ଅଜସ୍ର ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି ଏହି ଧାରାବାହିକ। ‘ତୁମ ବିନା’ରେ ଦର୍ଶକେ ଅକ୍ଷୟ ଓ ଲକ୍ଷ୍ମୀଙ୍କ ଯୋଡ଼ିକୁ ଖୁବ୍ ଭଲପାଇବା ଦେଇଛନ୍ତି। ଗତିଶୀଳ କାହାଣୀ ଅନୁସାରେ ବାହାଘର ପରେ ଉଭୟଙ୍କ ଜୀବନରେ ଅନେକ ରୋଚକ ମୋଡ଼ ଆସିଛି କିନ୍ତୁ ସବୁକୁ ସାହସର ସହ ସାମ୍ନା କରିଛନ୍ତି ଉଭୟେ। ବର୍ତ୍ତମାନ ତାଙ୍କ ଜୀବନରେ କାଳ ହୋଇ ଉଭା ହୋଇଛି ରିଚା। ବାହାଘର ପରେ ରିଚା ଚକ୍ରାନ୍ତରେ ପଡ଼ି ଲକ୍ଷ୍ମୀ ଅସୁବିଧାର ସମ୍ମୁଖୀନ ହେବା ସହ ନିଜ ପ୍ରେମକୁ ତ୍ୟାଗ କରିଛି । ତେବେ ଆସୁଥିବା ‘ତୁମ ବିନା’ ଧାରାବାହିକରେ ଦର୍ଶକେ ଲକ୍ଷ୍ମୀଙ୍କ ସଂଘର୍ଷକୁ ଦେଖିବାକୁ ପାଇବେ। ନିଜ ବୈବାହିକ ଜୀବନକୁ ବଞ୍ଚାଇବା ପାଇଁ ଲକ୍ଷ୍ମୀ କ’ଣ କରିବେ ? ରିଚାର ଚକ୍ରାନ୍ତରୁ କେମିତି ମୁକୁଳିବେ ? ରିଚା ନା ଲକ୍ଷ୍ମୀ, କିଏ ମାରିବ ବାଜି ? ଏସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ଚାହୁଁଥିଲେ ନିଶ୍ଚୟ ଦେଖନ୍ତୁ ‘ତୁମ ବିନା’। ଏହାର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୮ଟା (ସୋମବାରରୁ ଶନିବାର)।


‘ତୁମ ବିନା’ ଧାରାବାହିକରେ ଆକାଶ–ପୁଣ୍ୟଶ୍ରୋତା

# କାହିଁକି ସ୍ପେଶାଲ ଶାଢ଼ି

ବିଦ୍ୟା ବାଲାନ ତାଙ୍କ ଜନ୍ମଦିନରେ ଏକ ସ୍ପେଶାଲ ଗିଫ୍ଟ ପାଇଥାଆନ୍ତି। ତାହା ପୁଣି କ’ଣ ଜାଣନ୍ତି ? ଶାଢ଼ି, ଅର୍ଥାତ୍ ପ୍ରତି ଜନ୍ମଦିନରେ ବିଦ୍ୟାଙ୍କୁ ଉପହାରସ୍ୱରୂପ ଏକ ଶାଢ଼ି ମିଳିଥାଏ। ହେଲେ ତାଙ୍କୁ ଏଭଳି ସ୍ୱତନ୍ତ୍ର ଉପହାର କିଏ ଦିଅନ୍ତି ତାହା ମଧ୍ୟ ସୂଚାଇଦେବା ଠିକ୍ ହେବ। ହଁ, ବିଦ୍ୟାଙ୍କ ଜନ୍ମଦିନରେ ତାଙ୍କର ମା’–ବାପା ଏଭଳି ଉପହାର ଦେଇଥାଆନ୍ତି। ତେଣୁ ସେହି ଦିନକୁ ସେ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଆନ୍ତି। ଏ ସମ୍ପର୍କରେ ବିଦ୍ୟା କହନ୍ତି, ‘ମୁଁ ବଡ଼ ହେବା ପରେ ମୋ ମା’–ବାପା ମୋର ପ୍ରତିଟି ଜନ୍ମଦିନରେ ଶାଢ଼ି ଉପହାର ଦେଇଥାଆନ୍ତି। ତେଣୁ ସେଭଳି ଉପହାରକୁ କିଏ କ’ଣ କେବେ ଭୁଲିପାରେ ? ତେଣୁ ଏବେ ମୁଁ ଶପିଂ କରିବା ସମୟରେ ଅଧିକ ପରିମାଣରେ ଶାଢ଼ି ହିଁ କିଣିଥାଏ। ବଜାରକୁ କୌଣସି ନୂଆ ଶାଢ଼ି ଆସିଲେ ତାହାକୁ ମୁଁ କିଣିବାକୁ ପଛାଇ ନ ଥାଏ।’ ବିଦ୍ୟାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ‘ପରିଣୀତା’ରୁ। ଏହି ଫିଲ୍ମରେ ସାଇନ୍ କରିବା ପୂର୍ବରୁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ଉକ୍ତ ସିନେମା ପାଇଁ ସେ ପ୍ରାୟ ୪୦–୫୦ ଥର ଅଡିଶନ୍ ଦେଇଥିଲେ। ପ୍ରଥମ ସିନେମା ହିଁ ତାଙ୍କୁ ନାୟିକା ଦୌଡ଼ରେ ସାମିଲ କରିଦେଇଥିଲା।


ବିଦ୍ୟା

# ହଁ-ନା’ର ଖେଳ

ଜଣେ କଳାକାର ଜୀବନରେ ଅନେକ ଘଟଣା ଘଟିଥାଏ। ତେବେ କଙ୍ଗନା ରାଣାଓ୍ୱତ୍ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ଏକ ଘଟଣାକୁ ଏପର୍ଯ୍ୟନ୍ତ ଭୁଲିପାରୁନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଥିଲା କଙ୍ଗନାଙ୍କ ପ୍ରଥମ ଅଫର ସମୟରେ। ସେତେବେଳେ ମହେଶ ଭଟ୍ଟ ତାଙ୍କର ନୂଆ ସିନେମା ‘ଗ୍ୟାଙ୍ଗଷ୍ଟର’ର କାଷ୍ଟିଂ ବିଷୟରେ ଚିନ୍ତା କରୁଥାଆନ୍ତି। ଜଣେ ୨୦–୨୧ ବର୍ଷର ଯୁବତୀ ଏଭଳି ରୋଲ୍ ପାଇଁ ଫିଟ୍ ହେବେ ବୋଲି ସେ ମାଇଣ୍ଡ ମେକ୍‌ଅପ୍ କରିନେଇଥିଲେ। ପ୍ରଥମେ ଏହି ଭୂମିକା ପାଇଁ ସେ ଚିତ୍ରାଙ୍ଗଦା ସିଂଙ୍କୁ ଯୋଗାଯୋଗ କରିଥିଲେ। ପ୍ରଥମେ ଚିତ୍ରାଙ୍ଗଦା ଏଥିରେ ଅଭିନୟ କରିବେ ବୋଲି ହଁ ଭରିଥିଲେ। ହେଲେ କିଛିଦିନ ପରେ କ’ଣ ହେଲା କେଜାଣି ସେ ମନା କରିଦେଲେ। ସେତେବେଳେ କଙ୍ଗନାଙ୍କ କଥା ମହେଶଙ୍କ ମନକୁ ଆସିଲା। ହେଲେ ସେ ଏହି ଭୂମିକାକୁ ତୁଲାଇପାରିବେ କି ନାହିଁ ସେନେଇ ଟିକେ ଦ୍ୱନ୍ଦ୍ୱରେ ଥିଲେ ମହେଶ। କିଛିଦିନ ଭଲ ଭାବେ ଚିନ୍ତା କରିବା ପରେ କଙ୍ଗନାଙ୍କୁ ଏହି ଅଫର ଦିଆଯାଇଥିଲା। ଏଭଳି ଏକ ବଡ଼ ବ୍ୟାନରରୁ ପ୍ରଥମ ଅଫର ପାଇଁ କଙ୍ଗନା ମଧ୍ୟ କି ନିଷ୍ପତ୍ତି ନେବେ ଠିକ୍ କରିପାରି ନ ଥିଲେ। ଶେଷରେ ଏ ନେଇ ନିଜର ସମ୍ମତି ପ୍ରଦାନ କରିଥିଲେ। ସେତେବେଳେ ତାଙ୍କୁ କେତେବର୍ଷ ହୋଇଥିଲା ଜାଣନ୍ତି ? ମାତ୍ର ୧୯ ବର୍ଷ। ‘ଗ୍ୟାଙ୍ଗଷ୍ଟର’ ଫିଲ୍ମର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଥିଲେ ମହେଶ। ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ସାଇନି ଆହୁଜା, ଇମ୍ରାନ୍ ହାସ୍‌ମୀ ଏବଂ ଗୁଲ୍‌ସନ ଗ୍ରୋଭର ପ୍ରମୁଖ ଅଭିନୟ କରିଥିଲେ।


କଙ୍ଗନା

# ସେହି ୧୨ ଘଣ୍ଟା...

ଥରେ ମନେପକାନ୍ତୁ ନା ଅନିଲ ଶର୍ମାଙ୍କୁ ସୁପରହିଟ୍ ଫିଲ୍ମ ‘ଗଦର–ଏକ୍ ପ୍ରେମ୍ କଥା’କୁ। ଏଥିରେ ସନି ଦେଓଲଙ୍କ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଦେଶପ୍ରେମଭିତ୍ତିକ ଏହି ଫିଲ୍ମରେ ସନିଙ୍କ ନାୟିକା ସାଜିଥିଲେ ଅମୀଷା ପଟେଲ। ହେଲେ ଏହି ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ସେନେଇ ଏକ ଅଡିଶନ ହୋଇଥିଲା। ଏହି ଅଡିଶନରେ ୫୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ହାତୀ ଅମୀଷାଙ୍କ ମୁଣ୍ଡରେ ହିଁ ସୁନାକଳସ ଢାଳିଥିଲା। ଖାସ୍ କଥା ହେଲା, ଅମୀଷାଙ୍କ ଅଡିଶନ ଦୀର୍ଘ ୧୨ ଘଣ୍ଟା ଧରି ଚାଲିଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା’ସହ କେତେକ ନାମୀ ବ୍ରାଣ୍ଡବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ ମଧ୍ୟ କାମ କରିଥିଲେ ଅମୀଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା ‘କହୋ ନା ପ୍ୟାର୍ ହେ’। ହେଲେ ନିଜର ବଲିଉଡ୍ କ୍ୟାରିୟରରେ ବେଶ୍ ଉତ୍‌ଥାନ ପତନ ଦେଇ ଗତିକରିଥିଲେ ଅମୀଷା। ‘ବଲିଉଡ୍‌ରେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ। ଦର୍ଶକମାନଙ୍କ ପାଖରେ ମୁଁ ସବୁବେଳେ ଋଣୀ ହୋଇ ରହିବି ବୋଲି କହନ୍ତି ସେ।’


ଅମୀଷା

# ଲାଫ୍ ଏକ୍ସପ୍ରେସ୍

ଓଡ଼ିଶାର ଘରୋଇ ଓ ଅଗ୍ରଣୀ ଓଟିଟି ଷ୍ଟ୍ରିମିଙ୍ଗ ପ୍ଲାଟ୍‌ଫର୍ମ ‘କଞ୍ଚାଲଙ୍କା’ରେ ଚଳିତ ମାସ ୧୮ରୁ ଷ୍ଟ୍ରିମିଙ୍ଗ ହେଉଛି କମେଡି ଶୋ’ ‘ଲାଫ୍ ଏକ୍ସପ୍ରେସ୍’। ଏହି ମଜାଦାର ଶୋ’ରେ ୮ ଜଣ ହାସ୍ୟାଭିନେତା ଅଛନ୍ତି, ଯେଉଁମାନେ ଆପଣଙ୍କୁ ହସେଇ ହସେଇ ବେଦମ୍ କରିଦେବେ। କଞ୍ଚାଲଙ୍କାର ପ୍ରତିଷ୍ଠାତା ଅକ୍ଷୟ ପରିଜା କୁହନ୍ତି, ‘‘ଲାଫ୍ ଏକ୍ସପ୍ରେସ୍ ଏକ ତାଜା ଏବଂ ମଜାଦାର ଶୋ’, ଯାହା ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଆମେ ସ୍ଥାନୀୟ ପ୍ରତିଭାକୁ ପ୍ରଦର୍ଶିତ କରିବାକୁ ଏବଂ ଯୁବ ଦର୍ଶକଙ୍କ ସହ ଅନୁସରଣିତ ହେଉଥିବା ହାସ୍ୟରସ ଆଣିବାକୁ ଉତ୍ସାହିତ ଅଛୁ। ଏହା ହସରେ ଭରପୂର ଏକ ଶୋ’ ଏବଂ ଆମେ ବିଶ୍ୱାସ କରୁଛୁ ଯେ ଏହା ସବୁ ବୟସର ଦର୍ଶକଙ୍କ ସହ ଯୋଡ଼ିହେବ। ଦର୍ଶକଙ୍କ ପାଖରେ ଏଇ ଶୋ’କୁ ପହଞ୍ଚାଇବା ପାଇଁ ଆମେ ଉତ୍ସାହିତ।’’ ସତ୍ୟବ୍ରତ ମହାପାତ୍ର, ଆଶିଷ କୁମାର, ବିବେକ ମହାପାତ୍ର, ଅଭିଜିତ୍ ମହାପାତ୍ର, ଶୁଭମ୍ କାନୁନ୍‌ଗୋ, ମଳୟ ରଞ୍ଜନ ପରିଡ଼ା, ଚିରଞ୍ଜୀବ ନାୟକ, ବିଶାଳ ମହାନ୍ତିଙ୍କ ପରି ଜଣାଶୁଣା ହାସ୍ୟାଭିନେତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଏମାନଙ୍କ ହାସ୍ୟ ଅଭିନୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।


‘ଲାଫ୍ ଏକ୍ସପ୍ରେସ୍’ର ଏକ ଦୃଶ୍ୟ

ନୂଆ ସିନେମା

# ଏକଲବ୍ୟ

ଏସ୍‌ଡି ଫିଲ୍ମସ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ଏକ ଭିନ୍ନଧରଣର ଓଡ଼ିଆ ସିନେମା ‘ଏକଲବ୍ୟ’। ଏହାର କାହାଣୀରେ ଆକ୍ସନ, ରୋମାନ୍ସ, କମେଡି ଏବଂ ଫ୍ୟାମିଲି ଡ୍ରାମା ଭରିରହିଛି। ଖାସ୍ କଥା ହେଲା, ଚିତ୍ରଟିର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବାନନ୍ଦ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ନବାଗତା ସୁନ୍ଦରୀ ଏଲିଜା। ଏଲିଜାଙ୍କ ଅଭିନୟ କ୍ୟାରିୟର ଆରମ୍ଭ ଥିଏଟରରୁ। ଏହି ଫିଲ୍ମ ବିଷୟରେ ଦେବାନନ୍ଦ କହନ୍ତି, ‘ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ତୁଲାଇବାକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିବ। ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ସମସ୍ତ ଚେଷ୍ଟା କରାଯିବ। ଆଶା ରଖିଛି, ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।’ ଏହି ଫିଲ୍ମରେ ଖଳନାୟକ ସାଜିଛନ୍ତି ସଦାଶିବ। ଏହାପୂର୍ବରୁ ଅବଶ୍ୟ ଦେବାନନ୍ଦ ଏବଂ ସଦାଶିବଙ୍କ ଯୋଡ଼ି ‘ଶଙ୍କର’ ଓ ‘ବିଗୁଲ’ ଚଳଚ୍ଚିତ୍ରରେ ଅଭିନୟ କରିସାରିଛି। ଚିତ୍ରଟିର ସହ–ପ୍ରଯୋଜନା ଭାର ସମ୍ଭାଳିଛନ୍ତି ସତ୍ୟନାରାୟଣ ବାରିକ ଏବଂ କାର୍ଯ୍ୟକାରୀ ପ୍ରଯୋଜକ ହେଉଛନ୍ତି ଅଜିତ୍ କୁମାର ପାତ୍ର। ଫିଲ୍ମର ଅବଶିଷ୍ଟ କାଷ୍ଟିଂ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଦେବାନନ୍ଦ–ଏଲିଜା

# ଫାଇନାଲ ରାଉଣ୍ଡରେ ଓଡ଼ିଶା

ଭୁବନେଶ୍ୱର, ୨୩।୧୦ (ତପନ ସ୍ୱାଇଁ)

ଆନ୍ଧ୍ର ପ୍ରଦେଶର ଅନନ୍ତପୁରସ୍ଥିତ ରୁରାଲ ଡେଭ୍‌ଲପ୍‌ମେଣ୍ଟ ଟ୍ରଷ୍ଟ ଷ୍ଟାଡିୟମରେ ରାଜମାତା ଜିଜାବାଈ ଟ୍ରଫି ପାଇଁ ଚାଲିଥିବା ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ବୁଧବାର ୧୨-୦ ଗୋଲରେ ମଧ୍ୟ ପ୍ରଦେଶକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛି।

**ରାଜମାତା ଜିଜାବାଈ ଟ୍ରଫି ଫୁଟବଲ**

**ପ୍ୟାରୀ ଖାଖାଙ୍କ ୬ ଗୋଲ**

ଲିଗ୍ ପର୍ଯ୍ୟାୟରେ ଓଡ଼ିଶାର ଏହା ତୃତୀୟ ମ୍ୟାଚ ଥିଲା। ମଧ୍ୟ ପ୍ରଦେଶ ବିପକ୍ଷରେ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ପ୍ୟାରୀ ଖାଖା ଡବଲ ହ୍ୟାଟ୍ରିକ ସହ ୧୦, ୩୫, ୫୦, ୫୨, ୫୬, ୭୩ତମ ମିନିଟରେ ଏକାକୀ ଅଧ ଡଜନେ ଗୋଲ ଦେଇଥିଲେ। ମନୀଷା ନାୟକ ୩୨ ଓ ୭୧, ସୁଭଦ୍ରା ସାହୁ ୪୦ ଓ ୬୩ ମିନିଟରେ ୨ଟି ଲେଖାଏ ଏବଂ ଦୀପା ନାୟକ ୨୬ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମଧ୍ୟ ପ୍ରଦେଶର ମୀନୁ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୪ ମିନିଟରେ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ।



ପ୍ୟାରୀ ଖାଖା

# ଜିମ୍ବାଓ୍ୱେର ସର୍ବୋଚ୍ଚ ସ୍କୋର ରେକର୍ଡ

ନାଇରୋବି, ୨୩।୧୦

ଅନ୍ତର୍ଜାତୀୟ ଟି୨୦ରେ ସର୍ବୋଚ୍ଚ ସ୍କୋର ୩୪୪ ରନ୍ ନିଜ ନାମରେ ରେକର୍ଡ କରିଛି ଜିମ୍ବାଓ୍ୱେ। ବୁଧବାର ଗାମ୍ବିଆ ବିପକ୍ଷ ବିଶ୍ୱକପ୍ ସବ ରିଜିଓନାଲ କ୍ୱାଲିଫାୟରରେ ଦଳ ଏହି ସ୍କୋର କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାଓ୍ୱେ ୨୦ ଓଭରରେ ୪ ଉଇକେଟ ବିନିମୟରେ ୩୪୪ ରନ୍ କରିଥିଲା। ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ଦଳଗତ ସ୍କୋର ୩୧୪ ରନ୍‌ର ରେକର୍ଡ ପୂର୍ବରୁ ନେପାଳ ନାମରେ ରହିଥିଲା। ସେହିପରି ପୂର୍ଣ୍ଣକାଳୀନ ଟେଷ୍ଟ ଖେଳୁଥିବା ଦେଶ ଭାବରେ ଭାରତ ୨୯୭ ରନ୍ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିଲା। ଏହା ସହ ଏହି ମ୍ୟାଚ୍‌ରେ ସର୍ବବୃହତ ବିଜୟ ରେକର୍ଡ ମଧ୍ୟ ଦଳ ନିଜ ନାମରେ କରିଛି। ଗାମ୍ବିଆ ୫୪ ରନ୍ କରିବା ସହ ୨୯୦ ରନ୍‌ରେ ପରାଜିତ ହୋଇଥିଲା। ପୂର୍ବରୁ ସର୍ବବୃହତ ବିଜୟ ରେକର୍ଡ ମଧ୍ୟ ନେପାଳ ନାମରେ ରହିଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାଓ୍ୱେ ପକ୍ଷରୁ ସିକନ୍ଦର ରାଜା ଅପରାଜିତ ୧୩୩ ରନ୍‌ର ଇନିଂସ ଖେଳିଥିଲେ। ରାଜା ମାତ୍ର ୪୩ ବଲ୍ ଖେଳି ୭ ଚୌକା ଓ ୧୫ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଟାଡିଓ୍ୱାନାଶେ ମାରୁମନି ୬୨ ଓ ବ୍ରାୟାନ ବେନେଟ୍ଟ ୫୦ ରନ ସ୍କୋର କରିଥିଲେ। ଜବାବରେ ଗାମ୍ବିଆ ୧୪.୪ ଓଭରରେ ମାତ୍ର ୫୪ ରନ୍‌ରେ ଅଲଆଉଟ ହୋଇଥିଲା। ୧୦ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ଆନ୍ଦ୍ରେ ଜାର୍ଜୁ ଦୁଇ ଅଙ୍କ ସ୍କୋରରେ ପହଞ୍ଚିଥିବା ବେଳେ ଅନ୍ୟ ୧୦ ଜଣ ଖେଳାଳି ଦୁଇ ଅଙ୍କ ସ୍କୋର କରି ପାରି ନ ଥିଲେ। ଜିମ୍ବାଓ୍ୱେ ପକ୍ଷରୁ ରିଚାର୍ଡ ଏନ୍‌ଗାରଭା, ବ୍ରାଣ୍ଡନ ମାଭୁଟା ୩ଟି ଲେଖାଏ ଉଇକେଟ ନେଇଥିଲେ। ଜିମ୍ବାଓ୍ୱେ ଇନିଂସରେ ମୋଟ ୩୦ ଚୌକା ଓ ୨୭ ଛକା ଦେଖିବାକୁ ମିଳିଥିଲା। ବିସ୍ଫୋରକ ଶତକ ହାସଲ କରିଥିବା ରାଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ମାତ୍ର ୩୩ ବଲ୍‌ରେ ରାଜା ଶତକ ପୂରଣ କରିଥିବା ବେଳେ ଦ୍ରୁତତମ ଶତକ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ସି.କେ. ନାଇଡୁ ଟ୍ରଫି: ଓଡ଼ିଶାର ଇନିଂସ ପରାଜୟ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବରଗଡ଼, ୨୩।୧୦

(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ମହାରାଷ୍ଟ୍ର ବିପକ୍ଷ ସି.କେ. ନାଇଡୁ ମ୍ୟାଚ୍‌ରେ ଇନିଂସ ଓ ୧୦୯ ରନ୍‌ରେ ପରାଜିତ ହୋଇଛି ଓଡ଼ିଶା। ତୃତୀୟ ଦିନର ଅସମାପ୍ତ ସ୍କୋର ୪୫/୩ ରନରୁ ଖେଳ ଆରମ୍ଭ କରିଥିଲା। ଦଳ ମାତ୍ର ୧୯ରନ୍ ଯୋଡି ବାକି ୭ଉଇକେଟ୍ ହରାଇଥିଲା। ଓଡ଼ିଶା ମାତ୍ର ୬୪ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଓମ୍ ଟି ମୁଣ୍ଡେ ସର୍ବାଧିକ ୨୪ରନ୍ ସଂଗ୍ରହ କରିଥିବାବେଳେ ବିଶ୍ୱ ଭୁବନ ମୁଦୁଲି ୧୮ରନ୍ କରିଥିଲେ।

ପ୍ରତିପକ୍ଷ ମହାରାଷ୍ଟ୍ର ଦଳ ପକ୍ଷରୁ ଭିକି ଓସ୍ତୱାଲ ଓ ଶୁଭମ ମେଦ ୩ଟି ଲେଖାଏ, ରାମେଶ୍ୱର ଏ ଦୌଦ ୨, ଅବଦୁସ୍ ସଲାମ ଓ ହର୍ଷଲ କାଟେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ପ୍ରଥମ ଇନିଂସରେ ୩୯୩ରନ କରିଥିବା ବେଳେ ଓଡ଼ିଶା ୨୧୮ରନ୍‌ରେ ଅଲ୍ ଆଉଟ୍ ହୋଇ ଫଲୋଅନ୍ ହୋଇଥିଲା। ଫଲୋଅନ୍ ପରେ ଓଡ଼ିଶା ମାତ୍ର ୬୪ ରନ୍‌ରେ ଅଲଆଉଟ ହୋଇଥିଲା।

ମ୍ୟାଚ ପରେ ଜିଲା କ୍ରିକେଟ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଏଥିରେ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, କ୍ରିଷ୍ଣା ବିକାଶ ଗ୍ରୁପର ନିର୍ଦ୍ଦେଶକ ଡ. ସମରେନ୍ଦ୍ରନାଥ ପଣ୍ଡା, କ୍ରିକେଟ୍ ଆସୋସିଏଶନର ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ପୂର୍ବତନ ଉପସଭାପତି ପ୍ରଭାତାଦିତ୍ୟ ମିଶ୍ର, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, କାଉନସିଲ ସଦସ୍ୟ ପ୍ରଦୀପ ସାହୁ, ରଜତ ଦାଶ, ବରିଷ୍ଠ ସଦସ୍ୟ ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ନବୀନ ଲାଠ, ଶୌର୍ଯ୍ୟରଞ୍ଜନ ରାୟ, ପୂର୍ବତନ କ୍ରିକେଟ ଖେଳାଳି ପ୍ରଫୁଲ୍ଲ ନାଏକ, କ୍ରିଷ୍ଣା ବିକାଶ ଗ୍ରୁପର କ୍ରୀଡ଼ା ବିଭାଗ ମୁଖ୍ୟ ପୀତାମ୍ବର ପ୍ରଧାନ, କୋଚ୍ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ୍ ରୂପକ ପ୍ରଧାନଙ୍କ ସମେତ ଉଭୟ ଦଳର ଖେଳାଳି, କୋଚ୍, ମ୍ୟାଚ୍ ଅଫିସିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ରୁତତମ ଦ୍ୱିଶତକ ରେକର୍ଡ କଲେ ଚାଦ୍ ବୋଓ୍ୱେସ୍

ୱେଲିଂଟନ୍, ୨୩।୧୦ (ପି.ଟି.)

ଲିଷ୍ଟ ଏ କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ରେକର୍ଡ କରିଛନ୍ତି ନ୍ୟୁଜିଲାଣ୍ଡର ଚାଦ୍ ବୋଓ୍ୱେସ୍। ବୁଧବାର ମାତ୍ର ୧୦୩ ବଲ୍‌ରେ ଦ୍ୱିଶତକ ହାସଲ କରିବା ସହ ଭାରତର ନାରାୟଣ ଜଗଦୀଶାନ ଓ ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡଙ୍କ ରେକର୍ଡ ଭାଙ୍ଗିଛନ୍ତି। ଦକ୍ଷିଣ ଆଫ୍ରିକାରେ ଜନ୍ମିତ ନ୍ୟୁଜିଲାଣ୍ଡର ଏହି କ୍ରିକେଟର ଜଣଙ୍କ ଫୋର୍ଡ ଟ୍ରଫିରେ କାଣ୍ଟରବରୀ ପକ୍ଷରୁ ଖେଳୁଥିବା ବେଳେ ଓଟାଗୋ ବିପକ୍ଷରେ ଏହି ସ୍କୋର ରେକର୍ଡ କରିଛନ୍ତି। ଉଭୟ ଜଗଦୀଶାନ ଓ ହେଡ୍ ୧୧୪ ବଲ୍‌ରେ ନିଜର ଦ୍ୱିଶତକ ପୂରଣ




କରିଥିଲେ। ଏହି ମ୍ୟାଚ୍‌ରେ ବୋଓ୍ୱେସ୍ ୧୧୦ ବଲ୍‌ରୁ ୨୦୫ ରନ୍ କରି ଆଉଟ ହୋଇଥିଲେ। ନିଜ କ୍ୟାରିୟରର ୧୦୦ତମ ଲିଷ୍ଟ ଏ ମ୍ୟାଚ୍ ଖେଳୁଥିବା ବୋଓ୍ୱେସ୍ ନିଜ ଇନିଂସରେ ୨୭ ଚୌକା ଓ ୯ ଛକା ମାରିଥିଲେ। ମାତ୍ର ୨୬ ବଲରେ ସେ ନିଜର ଅର୍ଦ୍ଧଶତକ ପୂରଣ କରିଥିବା ବେଳେ ୫୩ ବଲ୍‌ରେ ଶତକ ପୂରଣ କରିଥିଲେ। ନ୍ୟୁଜିଲାଣ୍ଡ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଥିବା ବୋଓ୍ୱେସ୍‌ଙ୍କ କ୍ୟାରିୟରର ଏହା ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୧-୨୨ରେ ଟ୍ରାଭିସ୍ ହେଡ୍ କୁଇନ୍ସଲାଣ୍ଡ ବିପକ୍ଷରେ ଦ୍ୱିଶତକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ୨୦୨୨ ବିଜୟ ହଜାରେ ଟ୍ରଫିରେ ଜଗଦୀଶାନ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୨୭୭ ରନ୍‌ର ଇନିଂସ ଖେଳିଥିଲେ।

# ସୁୟାଶଙ୍କୁ ପରାସ୍ତ କରି ଅନିକେତ ଚାମ୍ପିୟନ

**୧୬ ବର୍ଷରୁ କମ ସର୍ବଭାରତୀୟ ଟେନିସ**

କଟକ, ୨୩।୧୦ (କାର୍ତ୍ତିକ ସାହୁ)

ବାରବାଟୀ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସରେ ୧୬ ବର୍ଷରୁ କମ ସର୍ବଭାରତୀୟ ଟେନିସ ଚାମ୍ପିୟନଶିପ ବୁଧବାର ଉଦଯାପିତ ହୋଇଯାଇଛି। ଆସାମ, ତେଲେଙ୍ଗାନା ଏବଂ ଓଡ଼ିଶାର ୧୯ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷରୁ କମ ବାଳକ ସିଙ୍ଗଲ୍ସ ଅନିକେତ ସାହୁ ଓ ସୁୟାଶ ପଟ୍ଟନାୟକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନିକେତ ୬-୩, ୭-୫ ସେଟରେ ସୁୟାଶଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଯତୀନ ବସ୍ୱ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଟେନିସ ଆସୋସିଏଶନର ସମ୍ପାଦକ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ